
ପ୍ରେମରେ ଦିଶା
▶ପୃଷ୍ଠା ୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-200 ◆THURSDAY ◆15 JANUARY 2026 ◆PAGE-12 ◆₹ 7.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୨୦୦ ◆ଗୁରୁବାର ◆୧୫ ଜାନୁଆରୀ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଟ୍ରେନ୍ ଉପରେ ଖସିଲା କ୍ରେନ୍; ୨୯ ମୃତ

■ ବ୍ୟାଙ୍କକ୍, ୧୪ ।୧ (ଏଜେନ୍ସି): ଥାଇଲାଣ୍ଡରେ ବୁଧବାର ଏକ ଦ୍ରୁତଗାମୀ ଯାତ୍ରୀବାହି ଟ୍ରେନ ଉପରେ ୬୫ ଫୁଟ୍ ଉଚ୍ଚରୁ ଏକ କ୍ରେନ୍ ଖସିବା ଫଳରେ ଏକ ବଡ଼ ଦୁର୍ଘଟଣା ଘଟିଛି । ଏଥିରେ ଟ୍ରେନ୍‌ର ଏକାଧିକ ବଗି କ୍ଷତିଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ୨୯ ଜଣ ମୃତ୍ୟୁବରଣ କରିଥିବା ବେଳେ ୮୦ ଜଣ ଆହତ ହୋଇଛନ୍ତି । ଆହତଙ୍କ ମଧ୍ୟ କେତେଜଣଙ୍କ ଅବସ୍ଥା ଗୁରୁତର ବୋଲି କୁହାଯାଇଛି । ରେଳ ବ୍ରିଜ୍ ନିର୍ମାଣ ପାଇଁ ଏହି କ୍ରେନ୍‌କୁ ବ୍ୟବହାର କରାଯାଉଥିଲା । ଦୁର୍ଘଟଣା ସମୟରେ ଟ୍ରେନ୍‌ରେ ୧୯୫ଜଣ ଯାତ୍ରା କରୁଥିଲେ । ମୃତକଙ୍କ ମଧ୍ୟରେ ଅଧିକାଂଶ ସ୍କୁଲ ଛାତ୍ର ସାମିଲ ଅଛନ୍ତି ବୋଲି ଅଧିକାରୀଙ୍କ ତରଫରୁ କୁହାଯାଇଛି । ଦୁର୍ଘଟଣା ସମୟରେ ଟ୍ରେନ୍ ପାଖାପାଖି ▶ପୃଷ୍ଠା-୭

**୬୫ ଫୁଟ୍ ଉଚ୍ଚରୁ ଖସିଲା ଭଗ୍ନାବଶେଷ**

**ଟ୍ରେନ୍ ଲାଇନଚ୍ୟୁତ, ଏକାଧିକ ବଗି କ୍ଷତିଗ୍ରସ୍ତ**



## ୧୪୨ ବର୍ଷରେ ଆଖି ବୁଜିଲେ ସାଉଦିର ନାସର

■ ରିଆଦ, ୧୪।୧ (ଏଜେନ୍ସି): ସାଉଦି ଆରବର ସବୁଠୁ ବୟସ୍କ ବ୍ୟକ୍ତି ଶେଖ ନାସର ବିନ ରଦାନ ଅଲ ରସିଦ ଅଲ ୱାଦାଇଙ୍କ ପରଲୋକ ହୋଇଛି । ମୃତ୍ୟୁବେଳକୁ ତାଙ୍କୁ ୧୪୨ ବର୍ଷ ହୋଇଥିଲା । ରସିଦଙ୍କ ଅସାଧାରଣ ଜୀବନଯାତ୍ରା, ବିବାହ, ବୟସ ଆଦି ସର୍ବଦା ଚର୍ଚ୍ଚାରେ ରହିଥିଲା । ଶେଷ ଥର ପାଇଁ ସେ ୧୧୦ ବର୍ଷ ବୟସରେ ବିବାହ କରି ଚମକାଇ ଦେଇଥିଲେ । ପରେ ଏହି ବିବାହରୁ ତାଙ୍କର କନ୍ୟାସନ୍ତାନ ଜନ୍ମ ହୋଇଥିଲା । ବୟସର ଅପରାହ୍ନରେ ବିବାହ ପରେ ବାପା ହୋଇ ସେ ବିଶ୍ୱବାସୀଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ । ଡାକ୍ତର ଏବଂ ଜୀବନଶୈଳୀ ଉପରେ ଗବେଷଣା କରୁଥିବା ବ୍ୟକ୍ତିମାନେ ଶେଖ ନାସରଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ ଦୈନିକ ଜୀବନଚର୍ଯ୍ୟା ଉପରେ ଅଧ୍ୟୟନ କରିଥିଲେ । ଉତ୍ତମ ଜୀବନଶୈଳୀ, ବିଚକ୍ଷଣ ବୁଦ୍ଧିମତା ବିଶେଷ କରି ୧୧୦ ବର୍ଷ ପରେ ବାପା ହେବାର କ୍ଷମତାକୁ ନେଇ ତାଙ୍କୁ ବେଶ ପ୍ରଶଂସା କରାଯାଇଥିଲା । ସେ ବୃଦ୍ଧାବସ୍ଥାଜନିତ କାରଣରୁ ଶେଷ ▶ପୃଷ୍ଠା-୭

**୧୧୦ ବର୍ଷରେ ଶେଷ ବିବାହ କରି ବି ହୋଇଥିଲେ ବାପା**

**ମୃତ୍ୟୁ ପର୍ଯ୍ୟନ୍ତ ଛୁଁଇ ପାରିଲାନି ବ୍ୟାଧି**



# ଇରାନ ସ୍ଥିତି ସାଂଘାତିକ

### ତୁରନ୍ତ ଦେଶ ଛାଡ଼ିବାକୁ ଭାରତୀୟଙ୍କୁ ପରାମର୍ଶ

## ଆମେରିକାକୁ ଇରାନର ଧମକ: ଆକ୍ରମଣ କଲେ ଛାଡ଼ିବୁନି

■ ତେହରାନ, ୧୪।୧ (ଏଜେନ୍ସି): ଇରାନ ସ୍ଥିତି ଦିନକୁ ଦିନ ସାଂଘାତିକ ହେବାରେ ଲାଗିଛି । ରସାତଳଗାମୀ ଅର୍ଥ ବ୍ୟବସ୍ଥାରୁ ତ୍ରାହି ଏବଂ ଚରମପନ୍ଥୀ ସରକାରଙ୍କ ନିଷ୍ଠୁର ନିୟମ ବିରୋଧୀ ବିକ୍ଷୋଭ ପ୍ରଦର୍ଶନ ଜୋରଦାର ହେବାକୁ ଲାଗିଛି । ଆନ୍ଦୋଳନକାରୀ ସରକାରୀ ସଂସ୍ଥାଗୁଡ଼ିକୁ କବ୍‌ଜା କରିବାରେ ଲାଗିଛନ୍ତି । ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗୋଟିଏ ପରେ ଗୋଟିଏ ଟ୍ୱିଟ କରି ବିକ୍ଷୋଭକାରୀଙ୍କୁ ସହାୟତା ଦେବା କଥା କହୁଛନ୍ତି । ମାତ୍ର ଚରମପନ୍ଥୀ ସରକାର ଏହାକୁ ଦମନ କରିବା ପାଇଁ ଯଥାସମ୍ଭବ ପ୍ରୟାସ କରୁଛନ୍ତି । ଯେନତେନ ଉପାୟରେ ସ୍ଥିତି ନିୟନ୍ତ୍ରଣ କରିବାକୁ ଇରାନର ସର୍ବୋଚ୍ଚ ନେତା ଅୟତୁଲ୍ଲା ଅଲ ଖାମନେଇ ନିର୍ଦ୍ଦେଶ ଦେଇଛନ୍ତି । ସୁରକ୍ଷାକର୍ମୀ

ଆନ୍ଦୋଳନକାରୀଙ୍କ ଉପରକୁ ଅତର୍କିତ ଗୁଳି ମାଡ଼ କରୁଛନ୍ତି । ଏ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନରେ ସାରା ଦେଶରେ ଅତିକମ୍‌ରେ ୧୨ ହଜାର ଲୋକଙ୍କ ମୃତ୍ୟୁ



**ଆନ୍ଦୋଳନକାରୀଙ୍କ ଉପରେ ଆଖିବୁଜା ଗୁଳିମାଡ଼**

**ମୃତ୍ୟୁସଂଖ୍ୟା ୧୨ ହଜାର ଟପିଥିବା ଦାବି**

**ଆନ୍ଦୋଳନକାରୀଙ୍କୁ ମୃତ୍ୟୁଦଣ୍ଡ ଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବୁ: ଟ୍ରମ୍ପ**

ହେଲାଣି । ଗୁଳି ବାଜିବାରୁ ଅଧିକାଂଶ ପ୍ରାଣ ହରାଇଛନ୍ତି ବୋଲି ଇରାନ ଇଣ୍ଟରନ୍ୟାସନାଲ ପକ୍ଷରୁ ଦାବି କରାଯାଇଛି । ମାତ୍ର ଆମେରିକାର ଏକ ମାନବାଧିକାର ଗଣମାଧ୍ୟମ ଏଜେନ୍ସି ୨୫୫୦ରୁ ଅଧିକ ଲୋକେ ପ୍ରାଣ ହରାଇଥିବା କହିଛି । ଏମାନଙ୍କ ମଧ୍ୟରେ ୨୪୦୩ ବିକ୍ଷୋଭକାରୀ ଏବଂ ୧୪୭ ସରକାରୀ କର୍ମଚାରୀ ସାମିଲ ଅଛନ୍ତି । ଇରାନ ସ୍ଥିତିକୁ ଦେଖି ଭାରତ ସରକାର ସଜାଗ ହୋଇଯାଇଛନ୍ତି । ମାର୍ଗଦର୍ଶିକା ଜାରି କରି ଇରାନରେ ରହୁଥିବା ନିଜ ନାଗରିକଙ୍କୁ ତୁରନ୍ତ ଦେଶ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି ।

ଏବେ ଇରାନରେ ଥିବା ଛାତ୍ରଛାତ୍ରୀ, ପର୍ଯ୍ୟଟକ, ତୀର୍ଥଯାତ୍ରୀ, ବ୍ୟବସାୟୀ ଆଦିଙ୍କୁ ଫେରିଆସିବାକୁ ଭାରତ ସରକାର କହିଛନ୍ତି । ଇରାନର ପରିବର୍ତ୍ତିତ ପରିସ୍ଥିତିକୁ ଦେଖି ଏହି ପରାମର୍ଶ ଦିଆଯାଇଛି । ଭାରତୀୟ ନାଗରିକଙ୍କୁ ସତର୍କ ରହିବାକୁ ଏବଂ ଜନଗହଳିପୂର୍ଣ୍ଣ ଅଞ୍ଚଳକୁ ନ ଯିବା ପାଇଁ କୁହାଯାଇଛି । ଆବଶ୍ୟକ ସ୍ଥଳେ ଇରାନ ସ୍ଥିତ ଭାରତୀୟ ସହ ଯୋଗାଯୋଗ କରିବାକୁ ଏବଂ ସୂଚନା ଜାଣିବା ପାଇଁ ସ୍ଥାନୀୟ ଗଣମାଧ୍ୟମ ଉପରେ ନଜର ରଖିବାକୁ ପରାମର୍ଶ ଦିଆଯାଇଛି । ଏପରି ସମୟରେ ଆମେରିକା ରାଷ୍ଟ୍ରପତି ଇରାନକୁ ଧମକ ଦେଇଛନ୍ତି । ଆନ୍ଦୋଳନକାରୀଙ୍କୁ ମୃତ୍ୟୁଦଣ୍ଡ ଦେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଟ୍ରମ୍ପ କହିଛନ୍ତି । ଅନ୍ୟପଟେ ୨୬ ବର୍ଷୀୟ ପ୍ରଦର୍ଶନକାରୀ ଇର୍ଫାନ ସୋଲତାନୀଙ୍କୁ ବୁଧବାର ଇରାନ ଫାଶୀ ଦେଇପାରେ । ତାଙ୍କୁ ଗତ ୮ ତାରିଖରେ ଗିରଫ କରାଯାଇଥିଲା । ୧୧ ତାରିଖରେ ତାଙ୍କୁ ମୃତ୍ୟୁ ଦଣ୍ଡରେ ଦଣ୍ଡିତ କରାଯାଇଥିଲା । ସେ ଈଶ୍ୱରଙ୍କ ବିରୋଧରେ ଯୁଦ୍ଧ ଆରମ୍ଭ କରିଥିବା ଅଭିଯୋଗ ଲଗାଯାଇଛି । ଏହି ମାମଲାରେ ଟ୍ରାଏଲ ହେବ ନାହିଁ । ପରିବାର ସଦସ୍ୟଙ୍କୁ ଭେଟିବା ପାଇଁ ତାଙ୍କୁ ମାତ୍ର ୧୦ ମିନିଟ ସମୟ ଦିଆଯିବ । ଯଦି ଇର୍ଫାନଙ୍କୁ ଫାଶୀ ଦିଆଯିବ ତେବେ ▶ପୃଷ୍ଠା-୭

### କ୍ଷୀର ଆଉଟା ନୀତିକୁ ନେଇ ବଡ୍ଡୁ-ବ୍ରାହ୍ମଣ ନିଯୋଗ ବିବାଦ

## ମକରରେ ମହାପ୍ରଭୁ ଲିଙ୍ଗରାଜ ଖାଡ଼ା ଓପାସ

■ ଭୁବନେଶ୍ୱର, ୧୪ ।୧ (ସମିସ): ବାଟିବାଟି ସମ୍ପତ୍ତି, ହଜାର ହଜାର ସେବାୟତ । ମାତ୍ର ମକର ସଂକ୍ରାନ୍ତି ପରି ପବିତ୍ର ଦିନରେ ମହାପ୍ରଭୁ ଲିଙ୍ଗରାଜ ଖାଡ଼ା ଓପାସ ।

ଦେଢ଼ ଦିନ ହୋଇଗଲା ବନ୍ଦ ରହିଛି ନୀତିକାନ୍ତି । ମଙ୍ଗଳବାର ସନ୍ଧ୍ୟାରୁ ଦିଅଁଙ୍କର ନବାଙ୍କ ବେଢ଼ା ନୀତି ହୋଇ ନ ଥିବାବେଳେ ବୁଧବାର ଉତ୍ତରାୟଣ ପର୍ବରେ ମଧ୍ୟ ମହାପ୍ରଭୁଙ୍କୁ ଭୋଗ ଲାଗି ହୋଇ ପାରିଲା ନାହିଁ । କ୍ଷୀର ଆଉଟା ନୀତିକୁ ନେଇ ବଡ୍ଡୁ ନିଯୋଗ ଓ ବ୍ରାହ୍ମଣ ନିଯୋଗ ସେବାୟତଙ୍କ ମଧ୍ୟରେ ବିବାଦ ଯୋଗୁଁ ମହାପ୍ରଭୁଙ୍କୁ ଓପାସ ରହିବାକୁ ପଡ଼ିଛି । ମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କ ଆଇନ ବିଭାଗ ମଧ୍ୟ ଏ ସମ୍ପର୍କରେ ରହସ୍ୟମୟ ନିରବତା ଅବଲମ୍ବନ କରିଛନ୍ତି । ହଜାର ହଜାର ଶ୍ରଦ୍ଧାଳୁ ମକରସଂକ୍ରାନ୍ତିରେ ମହାପ୍ରଭୁଙ୍କୁ ଦର୍ଶନ କରିବାକୁ ଆସିଥିବାବେଳେ ଠାକୁରଙ୍କ ନୀତିକାନ୍ତି ନ ହେବା ଯୋଗୁଁ ତିକ୍ତ ମନୋଭାବ ନେଇ ଫେରିଛନ୍ତି ।

ମକର ସଂକ୍ରାନ୍ତି ପୂର୍ବଦିନ ସନ୍ଧ୍ୟାଧୂପ ପରେ ଲିଙ୍ଗରାଜଙ୍କର ଚଳନ୍ତି ପ୍ରତିମା ନବାଙ୍କ ବେଢ଼ା ପରିକ୍ରମା କରି ମକର ବେଢ଼ାରେ ବିଜେ କରିଥାନ୍ତି । ଦିଅଁ ମକର ବେଢ଼ାରେ ବିଜେ କରିବା ପରେ ବଡ୍ଡୁ ସାମନ୍ତ ଘରୁ କ୍ଷୀର ଅଣାଯାଏ । ମେଘ ଡମ୍ବରୁ ଓ ଘଣ୍ଟଘଣ୍ଟା ବଜାଇ ମଶାଳ ଜଳାଇ ଏହି କ୍ଷୀର ଆସିଥାଏ । ପରେ ସେହି କ୍ଷୀରକୁ ଆଉଟା ହୋଇ ପ୍ରସ୍ତୁତ ହୋଇଥିବା ଘିଅ ମହାପ୍ରଭୁଙ୍କୁ ଲାଗି ହୋଇଥାଏ । ଚଳିତ ବର୍ଷ ଏହି କ୍ଷୀର ଆଉଟା ନୀତିକୁ ନେଇ ବଡ୍ଡୁ ନିଯୋଗ ଓ ବ୍ରାହ୍ମଣ ନିଯୋଗ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି । ଫଳରେ



**କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ମକରରେ ଓପାସ ରହିଲେ ଦିଅଁ**

**ମନ୍ଦିର ପ୍ରଶାସନର ଦାୟିତ୍ୱହୀନତା, ପାଳନ ହେଲାନି ମକର ଯାତ୍ରା**

ନବାଙ୍କ ବେଢ଼ା ନୀତି ବନ୍ଦ ରହିଛି ଓ ମକର ସଂକ୍ରାନ୍ତରେ ବି ନୀତିକାନ୍ତି ହୋଇନାହିଁ ।

ସଂକ୍ରାନ୍ତି ଅବସରରେ ସାରା ଦିନ ରାଜ୍ୟ ତଥା ରାଜ୍ୟ ବାହାରୁ ଲିଙ୍ଗରାଜ ମନ୍ଦିରକୁ ପ୍ରବଳ ଭିଡ଼ ହୋଇଛି । ନବାଙ୍କ ବେଢ଼ା ନୀତି ଓ ଅନ୍ୟାନ୍ୟ ନୀତିକାନ୍ତି ବନ୍ଦ ରହିଥିବାରୁ ଖାଡ଼ା ଓପାସ ମହାପ୍ରଭୁ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି । ମାତ୍ର ଦୂରଦୂରାନ୍ତରୁ ପ୍ରସାଦ ପାଇବା ନିମନ୍ତେ ସଂକ୍ରାନ୍ତରେ ଠାକୁରଙ୍କୁ ଦର୍ଶନ କରିବାକୁ ଆସି ନିରାଶ ହୋଇ ପାରିଛନ୍ତି । ଭକ୍ତମାନେ ଦିଅଁଙ୍କର ପ୍ରସାଦ ମଧ୍ୟ ପାଇପାରିନଥିବା ବେଳେ ନୀତିକାନ୍ତି ବନ୍ଦ ଥିବାରୁ କୌଣସି ଅଧିକାରୀଙ୍କୁ ମନ୍ଦିରରେ ଦେଖିବାକୁ ମିଳିନାହିଁ । ସେବାୟତ, ପ୍ରଶାସନ, ସରକାର ସମସ୍ତେ ନିଜ କଥା ଚିନ୍ତା କରୁଛନ୍ତି; ମାତ୍ର ଦିଅଁଙ୍କ କଥା ▶ପୃଷ୍ଠା-୭

## ଭାଷଣରେ ଓଡ଼ିଆ; ନଥିରେ ଇଂରାଜୀ

### କାର୍ଯ୍ୟକାରୀ ହେଉନି ଓଡ଼ିଆରେ ସରକାରୀ କାର୍ଯ୍ୟ ନିର୍ଦ୍ଦେଶ

■ ଭୁବନେଶ୍ୱର, ୧୪।୧ (ସମିସ): ରାଜ୍ୟରେ ଓଡ଼ିଆ ଭାଷାରେ ସମସ୍ତ ସରକାରୀ କାର୍ଯ୍ୟ ସମ୍ପାଦନ କରିବାକୁ ବର୍ଷ ବର୍ଷ ଧରି ପ୍ରୟାସ ହୋଇ ଆସୁଛି । ବିଭିନ୍ନ ସମୟରେ ସାଧାରଣ ପ୍ରଶାସନ ବିଭାଗଠାରୁ ଆରମ୍ଭ କରି ଭାଷା-ସାହିତ୍ୟ-ସଂସ୍କୃତି ବିଭାଗ, ଏପରିକି ମୁଖ୍ୟ ସଚିବମାନେ ଓଡ଼ିଆରେ ସରକାରୀ କାର୍ଯ୍ୟ କରିବାକୁ ନିର୍ଦ୍ଦେଶନାମା ଜାରି କରିଛନ୍ତି ।

**ନିର୍ଦ୍ଦେଶ ମାନୁ ନାହାନ୍ତି ବାବୁ; ପୁଣି ସାଧାରଣ ପ୍ରଶାସନ ବିଭାଗର ତାଗିଦ୍**

**କୋହଳ ମନୋଭାବକୁ ସାଧାରଣରେ ନାପସନ୍ଦ**

ମାତ୍ର ସରକାରରେ ଉଚ୍ଚ ପଦରେ ଥିବା ବଡ଼ବଡ଼ ବାବୁମାନେ ସରକାରଙ୍କ ଏହି ନିର୍ଦ୍ଦେଶକୁ ତିଳେମାତ୍ର ଖାତିର କରୁନାହାନ୍ତି । ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବା ପରେ ମୋହନ ଚରଣ ମାଝୀ ରାଜ୍ୟବ୍ୟାପୀ ସରକାରୀସ୍ତରରେ ସବୁ ନଥିପତ୍ର ଓଡ଼ିଆ ଭାଷାରେ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଏପରିକି ଏହାକୁ କଡ଼ାକଡ଼ି ଅନୁପାଳନ ପାଇଁ ନିର୍ଦ୍ଦେଶ ▶ପୃଷ୍ଠା-୭

## ଦୁଇ ଦିନ ପରେ କମିବ ଶୀତ

■ ଭୁବନେଶ୍ୱର, ୧୪।୧ (ସମିସ): ଉତ୍ତର-ପଶ୍ଚିମ ତଥା ଉତ୍ତର ଦିଗରୁ ରାଜ୍ୟକୁ ଏବେ ଥଣ୍ଡା ଶୁଷ୍କ ବାୟୁର ପ୍ରବାହ ଜାରି ରହିଛି । ଏହି ଶକ୍ତିଶାଳୀ ଥଣ୍ଡା ବାୟୁପ୍ରଭାବରେ ରାଜ୍ୟରେ ପ୍ରବଳ ଶୀତ ଅନୁଭୂତ ହେଉଛି । ରାଜ୍ୟରେ ଲାଗି ରହିଥିବା ଶୀତ ସ୍ଥିତି ଆହୁରି ଦୁଇ ଦିନ ଜାରି ରହିବ । ୧୭ ତାରିଖ ପରେ ଏକ ପଶ୍ଚିମାଝଡ଼ ସକ୍ରିୟ ହେବ । ଏହା ପ୍ରଭାବରେ ରାଜ୍ୟରେ ତାପମାତ୍ରା ୨-୪ ଡିଗ୍ରୀ ପର୍ଯ୍ୟନ୍ତ ବୃଦ୍ଧି ହେବା ସହ ରାଜ୍ୟରେ ଶୀତ କମିବାର ସମ୍ଭାବନା ଥିବା ପାଣିପାଗ ବିଭାଗ କହିଛି । ଗତ ୨୪ ଘଣ୍ଟାରେ ରାଉରକେଲାରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ରେକର୍ଡ ହୋଇଛି । ରାଉକେଲାରେ ପାରଦ ୬ ଡିଗ୍ରୀକୁ ଖସିଥିବା ବେଳେ ଝାରସୁଗୁଡ଼ାରେ ତାପମାତ୍ରା ୬.୪, କେନ୍ଦୁଝରେ ୮.୮, ସମ୍ବଲପୁର ୧୦.୨, ହୀରାକୁଦ ୧୧.୪ ଓ ଭୁବନେଶ୍ୱର ୧୨.୧ ▶ପୃଷ୍ଠା-୭

### ଶ୍ରମ ସଂହିତାକୁ ବିରୋଧ

## ଫେବୃଆରୀ ୧୨ରେ ଦେଶବ୍ୟାପୀ ଧର୍ମଘଟ

■ ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି): ଦେଶର ବିଭିନ୍ନ ଶ୍ରମିକ ସଂଗଠନ ଫେବୃଆରୀ ୧୨ ରେ ଦେଶବ୍ୟାପୀ ଧର୍ମଘଟ କରିବାକୁ ଯାଉଛି । ଶ୍ରମ ସଂହିତାକୁ ବିରୋଧ, ଶ୍ରମିକଙ୍କ ଅଧିକାର ଏବଂ ଦେଶର ସ୍ୱାର୍ଥଜଡ଼ିତ କେତେକ ଦାବି ନେଇ ଶ୍ରମିକ ସଂଗଠନଗୁଡିକ ପକ୍ଷରୁ ଏହି ଦିନିକିଆ ଧର୍ମଘଟ ଡାକରା ଦିଆଯାଇଛି । ଏକ ବିବୃତ୍ତିରେ କେନ୍ଦ୍ରୀୟ ଟ୍ରେଡ୍ ୟୁନିଅନର ମିଳିତ ମଞ୍ଚ (ସିଟିୟୁ) କହିଛି ଯେ, ସରକାର ଏକପାଖିଆ ଭାବେ ଏହି ଶ୍ରମ ସଂହିତାର ପ୍ରବର୍ତ୍ତନ କରିଛନ୍ତି । ତାହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ । ବିରୋଧ ସତ୍ତ୍ୱେ ଯଦି କେନ୍ଦ୍ର ସରକାର ଶ୍ରମ ସଂହିତା ଅନୁଯାୟୀ ନିୟମଗୁଡ଼ିକୁ ସୂଚିତ କରିବା ଜାରି ରଖନ୍ତି ଏବଂ ସେଗୁଡ଼ିକୁ ପ୍ରତ୍ୟାହାର ନ କରନ୍ତି, ତେବେ ଆଞ୍ଚଳିକ ସ୍ତରରେ ଏହାର ପ୍ରତିରୋଧ କରାଯିବା ସହ ସଂଘ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବ । ସଂଗଠନଗୁଡ଼ିକ ଦ୍ୱାରା ଉଠାଯାଇଥିବା ମୁଖ୍ୟ ପ୍ରସଙ୍ଗ ମଧ୍ୟରୁ ଗୋଟିଏ ହେଉଛି ସମ୍ପ୍ରତି ପାରିତ ହୋଇଥିବା ସଷ୍ଟେନେବଲ୍ ହାର୍ନେସିଂ ଆଣ୍ଡ ଆଡଭାନ୍ସମେଣ୍ଟ ଅଫ୍ ନ୍ୟୁକ୍ଲିୟର ଏନର୍ଜି ଫର୍ ଟ୍ରାନ୍ସଫର୍ମିଂ ଇଣ୍ଡିଆ (ଶାନ୍ତି) ଆଇନ ।

ସଂଗଠନ କହିଛି, ଏହି ଆଇନ ଘରୋଇ ଏବଂ ବିଦେଶୀ କମ୍ପାନୀଗୁଡ଼ିକୁ ▶ପୃଷ୍ଠା-୭






## ଧାନକିଣାରୁ ବଳିଗଲାଣି ଟୋକନ୍ ଟେନ୍‌ସନ୍

■ ବଲାଙ୍ଗିର, ୧୪।୧ (ସମିସ): ବଲାଙ୍ଗିର ଜିଲ୍ଲାରେ ଧାନକିଣାର ପ୍ରଶାସନିକ ବିଧିବ୍ୟବସ୍ଥା ତଥା ଚକ୍ରବ୍ୟୁହରେ ଚାଷୀ ଫସି ଯାଇଛି । ଜିଲ୍ଲାରେ ଧାନକିଣା ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ସ୍ୱାଭାବିକ ହୋଇନି । ପ୍ରଥମ ପର୍ଯ୍ୟାୟରେ ଟୋକନ ପାଇଥିବା ଚାଷଙ୍କ ଅବଧି ସରିଯାଇଛି । ଗତ ୧୩ ତାରିଖ ସୁଦ୍ଧା ବହୁ ଚାଷୀଙ୍କ ଟୋକନ ଅବଧି ସରି ଯାଇଛି । ଆଗକୁ ଆହୁରି ଚାଷୀଙ୍କ ଏହି ସମସ୍ୟା ଲାଗିରହିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଯଦିଓ କିଛି ପେକ୍ସର ଚାଷୀଙ୍କ ଟୋକନ ଅବଧିକୁ ୧୫ ଦିନ ଲାଗି ବୃଦ୍ଧି କରାଯାଇଛି ତଥାପି ଅନେକ ଚାଷୀ ଏବେ ବି ଆଶା ଆଶଙ୍କାରେ ରହିଛନ୍ତି ।

ଡିସେମ୍ବର ୫ ତାରିଖ ଜିଲ୍ଲାରେ ଆନୁଷ୍ଠାନିକ ଭାବେ ଧାନକିଣା ଆରମ୍ଭ ହୋଇଥିଲା । ବାସ୍ତବରେ କିନ୍ତୁ ପ୍ରାୟ ୧୫ ତାରିଖରେ ଧାନକିଣା ଆରମ୍ଭ ହୋଇଥିଲା । ଏହି ଅନୁସାରେ ଗତ ମାସ ୧୦ ତାରିଖ ପରେ ହିଁ ଚାଷୀଙ୍କ ଟୋକନ ଇସ୍ୟୁ କରାଯାଇଥିଲା ।



ଏହା ପୂର୍ବରୁ ମିଲର୍ସ ଟ୍ୟାଗିଂ କରାଯାଇଥିଲା । ଟୋକନ ଜେନେରେଟ ହେବାର ମାସକ ମଧ୍ୟରେ ଜିଲ୍ଲାରେ ଯେତେ ପରିମାଣର ଧାନ କିଣା ଯିବା କଥା ସେହି ଅନୁସାରେ କିଣାଯାଇ ନ ଥିବା ଅଭିଯୋଗ ହୋଇଛି । ଆବଶ୍ୟକ ପରିମାଣଠୁ ବହୁ କମ୍ କିଣାଯାଇଛି । ଏଣୁ ଟୋକନ ପାଇଥିବା ଚାଷୀ ଏବେ ଚିନ୍ତାରେ ପଡିଛନ୍ତି । ଦିନକ ବ୍ୟବଧାନ ଭିତରେ ବହୁ ଚାଷୀଙ୍କ ଟୋକନ ଅବଧି ସଂପୂର୍ଣ୍ଣ ହେବ । ଏମିତିରେ ଚାଷୀ ସେମାନଙ୍କ ଧାନ କେମିତି ବିକ୍ରି କରିବେ ତାକୁ ନେଇ ଚିନ୍ତାରେ ପଡିଛନ୍ତି । ୧୩ ତାରିଖ ସୁଦ୍ଧା ବାଦିମୁଣ୍ଡାର ୪୪ ଜଣ, କୁଠୁର୍ଲାର ୧୮ ଜଣ, ତାଲଗଛର ୭ ଜଣ, ତୁଷୁରାର ୨ ଜଣ, ସାରସମାଲର ୨୪ ଜଣ, ବଇରାସର ୫ ଜଣ ଏହିଭଳି ଅନେକ ପେକ୍ସରେ ଚାଷୀଙ୍କ ଟୋକନ ଅବଧି ସରିଛି । ୧୪ ତାରିଖ ସନ୍ଧ୍ୟା ସୁଦ୍ଧା ସେମାନଙ୍କ ଟୋକନ ଅବଧି ବୃଦ୍ଧି ହୋଇନି । ତେବେ ଆଉ ୧୫ ଦିନ ଅବଧି ବୃଦ୍ଧି କରିବାକୁ ଯୋଜନା କରାଯାଇଛି । ଏହା କିନ୍ତୁ ସ୍ଥାୟୀ ସମାଧାନ ନୁହଁ ବୋଲି ଚାଷୀ ଅଭିଯୋଗ କରିଛନ୍ତି । ଆଗକୁ ଏହିଭଳି ଶହ ଶହ ଚାଷୀଙ୍କ ଟୋକନ ଅବଧି ସରିଯିବ । ଏଣୁ ଅନେକ ଚାଷୀ ଧାନ ବିକିବାରୁ ବାଦ ପଡିବେ । ସେମାନେ ନିଜ ଧାନ ବିକିବାରେ ଅନେକ ସମସ୍ୟାର ସମ୍ମୁଖୀନ ହେବାର ଆଶଙ୍କା ରହିଥିବା ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷରେ ଜିଲ୍ଲାରେ ଧାନକିଣା ବ୍ୟବସ୍ଥା ସଂପୂର୍ଣ୍ଣ ଭାବେ ସ୍ୱାଭାବିକ ହୋଇନାହିଁ । ଏବେ ବି ମଣ୍ଡିରେ ପୁରୁଣା ତାରିଖର ଟୋକନ ଅନୁସାରେ ଧାନକିଣା ଚାଲିଛି । ଧାନକିଣାଟାରୁ ଟୋକନ ଟେନସନ ଅଧିକ ରହିଥିବା ଚାଷୀ ଅଭିଯୋଗ କରିଛନ୍ତି । ଏହିଭଳି ଭାବେ ଯଦି ଚାଷୀ ଧାନ ବିକ୍ରି କରିବାରେ ▶ପୃଷ୍ଠା-୭

**ଅବଧି ପୂରିଗଲାଣି: ଧାନବିକ୍ରିକୁ ନେଇ ଚିନ୍ତାରେ ଚାଷୀ**

## ଆଜିର ଦିନରେ

- ୧୭୮୪- ଏସିଆଟିକ୍ ସୋସାଇଟି ଅଫ୍ ବେଙ୍ଗଲ୍‌ର ସ୍ଥାପନା।
- ୧୯୩୪- ବିହାରରେ ଆସିଥିବା ଭୂମିକମ୍ପ ଯୋଗୁଁ ପାଖାପାଖି ୨୦ହଜାର ଲୋକଙ୍କ ମୃତ୍ୟୁ।
- ୧୯୫୬-ବହୁଜନ ସମାଜ ପାର୍ଟିର ଅଧକ୍ଷା ମାୟାବତୀଙ୍କ ଜନ୍ମ।
- ୧୯୬୫- ଭାରତୀୟ ଖାଦ୍ୟ ନିଗମର ସ୍ଥାପନା।
- ୧୯୯୮- ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଗୁଲଜାରି ଲାଲ ନନ୍ଦାଙ୍କ ଦେହାନ୍ତ।
- ୨୦୦୧- ୱିକିପିଡିଆ ଲଞ୍ଚ୍ କରାଗଲା।
- ୨୦୧୩-ସିରିଆର ଏକ ବିଶ୍ୱବିଦ୍ୟାଳୟ ଉପରେ ରକେଟ୍ ଆକ୍ରମଣ ଯୋଗୁଁ ପାଖାପାଖି ୮୩ ଲୋକଙ୍କ ମୃତ,୧୫୦ ଆହତ ।




# ନିଦ କହିବ ୧୩୦ ରୋଗ

ଆମେରିକାର ଷ୍ଟାନଫର୍ଡ ବିଶ୍ୱବିଦ୍ୟାଳୟ ସହ ଆଉ କିଛି ସଂସ୍ଥାନର ବୈଜ୍ଞାନିକମାନେ ମିଶି ଗୋଟିଏ ନୂଆ ଏଆଇ ମଡେଲ ତିଆରି କରିଛନ୍ତି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁକ୍ତ ଏହି ମଡେଲ ମଣିଷର ଗୋଟିଏ ରାତିର ନିଦ ଆଧାରରେ ଭବିଷ୍ୟତରେ ହେବାକୁ ଥିବା ୧୩୦ଟି ରୋଗ ବାବଦରେ କହିପାରିବ। କେବଳ ସେତିକି ନୁହେଁ, ଏହି ଏଆଇ ମଡେଲ ଦ୍ୱାରା ମୃତ୍ୟୁ ଆଶଙ୍କାର ମଧ୍ୟ ପୂର୍ବାନୁମାନ କରିହେବ। ଏବେ ନିଦ ଜଣକର ଦିନସାରା ଥକ୍କାପଣ ମେଣ୍ଟାଇବ ତାହା ନୁହେଁ, ଏହା ଭବିଷ୍ୟତରେ ହେବାକୁ ଥିବା ରୋଗଗୁଡ଼ିକ ବିଷୟରେ ମଧ୍ୟ ପୂର୍ବାନୁମାନ କରିପାରିବ। 'ନେଚର୍ ମେଡିସିନ୍' ଜର୍ଣ୍ଣାଲରେ ପ୍ରକାଶିତ ଏହି ଗବେଷଣା ଅନୁସାରେ, ଏହି ମଡେଲରର ନାମ 'ସ୍ଲିପ୍ ଏଫ୍ଏମ୍' ରଖାଯାଇଛି। ତେବେ ପରୀକ୍ଷଣ ସମୟରେ ଏହି ମଡେଲର ପୂର୍ବାନୁମାନ ୭୫% ସଠିକ ଥିବା ଜଣାଯାଇଛି। ଏହି ଏଆଇ ମଡେଲ ପଲିସୋମ୍ନୋଗ୍ରାଫି(ପିଏସ୍‌ଜି) ଡାଟା ଆଧାରରେ କାମ କରିଥାଏ। ତେବେ ଏଥିରେ ୬୫ ହଜାର ଲୋକଙ୍କର ୫.୮୫ ଲକ୍ଷ ଘଣ୍ଟାରୁ ଅଧିକ ପିଏସ୍‌ଜି ରେକର୍ଡ କରାଯାଇଥିଲା। ସେମାନଙ୍କର ସ୍ୱାସ୍ଥ୍ୟ ସମ୍ପର୍କୀୟ ତଥ୍ୟ ଷ୍ଟାନଫର୍ଡ ସ୍ଲିପ୍ କ୍ଲିନିକ୍‌ରୁ ନିଆଯାଇଥିଲା। ଏହି ଗବେଷଣାରେ ନିଦ୍ରାବସ୍ଥାରେ ଅନେକ ସଙ୍କେତ ରେକର୍ଡ କରାଯାଇଥାଇଥିଲା। ସାଧାରଣତଃ ନିଦ୍ରାବସ୍ଥାରେ ଶରୀର ୮ ଘଣ୍ଟା ପର୍ଯ୍ୟନ୍ତ ସ୍ଥିର ଅବସ୍ଥାରେ ରହିଥାଏ। ଯେଉଁଥିରୁ ଅନେକ ଉପଯୋଗୀ ତଥ୍ୟ ମିଳିଥାଏ। ଏହି ଏଆଇ ମଡେଲ ନିଦ୍ରାବସ୍ଥାରେ ମସ୍ତିଷ୍କର ଗତିବିଧି, ହୃଦ୍‌ସ୍ପନ୍ଦନ, ମାଂସପେଶୀର ଗତିବିଧି ଏବଂ ଶ୍ୱାସକ୍ରିୟା ଦ୍ୱାରା ନିଦରେ ଲୁଚି ରହିଥିବା ଫିଜିଓଲଜି ଏବଂ ସମୟ ସହିତ ବଦଳୁଥିବା ପ୍ୟାଟର୍ଣ୍ଣକୁ ବୁଝିବାକୁ ଚେଷ୍ଟା କରିଥାଏ। ତେବେ ଗବେଷଣା ଅନୁସାରେ, ଏହି ମଡେଲ କ୍ୟାନସର ଏବଂ ଗର୍ଭଧାରଣ ଜନିତ ସମସ୍ୟା, ମାନସିକ ସମସ୍ୟା, ହୃଦ୍‌ଘାତ ବାବଦରେ ଜାଣିପାରିଥିଲା। ଏହାବାଦ୍ ଏହା ଡିମେନ୍‌ସିଆ, କିଡ୍‌ନୀ ରୋଗ ସମ୍ପର୍କରେ ମଧ୍ୟ ପୂର୍ବାନୁମାନ କରିପାରିଥିଲା। ଏହି ଗବେଷଣା ସମୟରେ ବୈଜ୍ଞାନିକମାନେ ପାଖାପାଖି ୧୦୦୦ଟି ରୋଗକୁ ନେଇ ପରୀକ୍ଷା କରିଥିଲେ। ତନ୍ମଧ୍ୟରୁ ୧୩୦ଟି ରୋଗକୁ ଏଆଇ ମଡେଲ ସଠିକ୍ ଭାବେ ଜାଣିପାରିଥିଲା।



# ସ୍ଥଳସେନା ଦିବସ

ଭାରତୀୟ ସେନାର ପରାକାଷ୍ଠା ଏବଂ ପରାକ୍ରମକୁ ସମ୍ମାନ ଜଣାଇ ପ୍ରତିବର୍ଷ ଜାନୁଆରୀ ୧୫ ତାରିଖକୁ ସ୍ଥଳସେନା ଦିବସ ରୂପେ ପାଳନ କରାଯାଏ। ଦେଶର ସୀମାରେ ମୁତୟନ ବୀର ଯବାନଙ୍କ ବୀରତ୍ୱ, ଶୌର୍ଯ୍ୟ, ପରାକ୍ରମ, ସେବା, ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇବାର ଦିନଟିଏ। ଭାରତୀୟ ସେନାର ଏକ ପ୍ରମୁଖ ଅଙ୍ଗ ହେଉଛି ସ୍ଥଳ ସେନା ବା ପଦାତିକ ବାହିନୀ। ଭାରତୀୟ ସେନା ସର୍ବଦା ଦେଶର ସୁରକ୍ଷା ପାଇଁ ପ୍ରତିବଦ୍ଧ। ସେ ଯୁଦ୍ଧ ହେଉ କି ପ୍ରାକୃତିକ ବିପର୍ଯ୍ୟୟ ପରର ଉଦ୍ଧାର କାର୍ଯ୍ୟ ଅଥବା ଜରୁରିକାଳୀନ ପରିସ୍ଥିତି, ସବୁକ୍ଷେତ୍ରରେ ଅସହାୟ ଲୋକଙ୍କୁ ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ଆଗଭର ଭାରତୀୟ ସେନା। ଦେଶପାଇଁ ବଳିଦାନ ଦେବାକୁ ସଦା ପ୍ରସ୍ତୁତ। ଖରା, ବର୍ଷା, ଶୀତକୁ ଖାତିର୍ ନ କରି ସେମାନେ ଦିନରାତି ସୀମାରେ ପଇଁତରା ମାରନ୍ତି। ସେମାନେ ସୀମାନ୍ତର ଜାଗ୍ରତ ପ୍ରହରୀ। କୌଣସି ମୁହୂର୍ତ୍ତରେ ମଧ୍ୟ ଶତ୍ରୁପକ୍ଷର ଗୁଳିରେ ସେମାନଙ୍କ ଜୀବନ ଚାଲିଯାଇପାରେ। ତଥାପି ନିଜ ଜୀବନକୁ ବାଜି ଲଗାଇ ସେମାନେ ଦେଶର ସୁରକ୍ଷା କବଚ ସାଜିଛନ୍ତି। ୧୯୪୯ ମସିହା ଆଜିର ଦିନରେ ଭାରତର ଶେଷ ବ୍ରିଟିଶ କମାଣ୍ଡର ଇନ୍ ଚିଫ୍ ସାର୍ ଫ୍ରାନସିସ୍ ବୁଚରଙ୍କଠାରୁ ଭାରତର ଫିଲ୍ଡ ମାର୍ଶଲ କେ. ଏମ୍. କରିୟପ୍ପା ଦାୟିତ୍ୱ ଗ୍ରହଣ କରିଥିଲେ। କରିୟପ୍ପା ଥିଲେ ଭାରତୀୟ ସେନାର ପ୍ରଥମ କମାଣ୍ଡର ଇନ୍ ଚିଫ୍। କରିୟପ୍ପା ୧୯୪୭ ମସିହାରେ ପାକିସ୍ତାନ ବିରୁଦ୍ଧରେ ଯୁଦ୍ଧରେ ତାଙ୍କର ଅଦମ୍ୟ ସାହସ ଓ ଦମ୍‌ଦାର ନେତୃତ୍ୱର ପରିଚୟ ଦେଇଥିଲେ। ତାଙ୍କ ନେତୃତ୍ୱରେ ଭାରତ ଜୋଜିଲା, ଦ୍ରାସ ଓ କାରଗିଲରେ ପାକିସ୍ତାନୀ ସେନାଙ୍କୁ ହରାଇଥିଲା। ସ୍ଥଳ ସେନା ଦିବସ ଅବସରରେ ଦେଶ ସୁରକ୍ଷା ପାଇଁ ପ୍ରାଣବଳୀ ଦେଇଥିବା ସହିଦଙ୍କ ଉଦ୍ଦେଶ୍ୟରେ ସମ୍ମାନ ପ୍ରଦର୍ଶନ କରାଯାଇଥାଏ। ଦେଶବ୍ୟାପୀ ବିଭିନ୍ନ ସେନା ଶିବିରରେ ଏହି ଦିବସ ପାଳନ କରାଯାଏ।



# ଗୁଡ୍ ଲୁକ୍ ପାଇଁ ଚିନ୍ତାରେ ଯୁବପିଢ଼ି

ଆଜିକାଲିର ଯୁବପିଢ଼ି ସୁନ୍ଦର ଦେଖାଯିବା ପାଇଁ ଜିମ୍ ଯାଇ ବିଭିନ୍ନ ପ୍ରକାର ବ୍ୟାୟାମ କରିବା ସହ କସ୍ମେଟିକ୍ ସର୍ଜରୀର ମଧ୍ୟ ସାହାଯ୍ୟ ନେଉଥିବା ଦେଖାଯାଉଛି। ନିକଟରେ ଏମ୍ସ ଏବଂ ଆଇସିଏମ୍ଆର୍ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଏହି ଅଧ୍ୟୟନରେ ଏବେ ଯୁବପିଢ଼ିଙ୍କଠାରେ ବଡି ଇମେଜ ଆଙ୍ଗଜାଇଟି ବଢ଼ିଥିବା ଜଣାପଡ଼ିଛି। ମୋଟାମୋଟି କହିବାକୁ ଗଲେ, ଆଜିକାଲିର ଯୁବକଯୁବତୀମାନେ ସେମାନଙ୍କ ଶାରୀରିକ ଗଠନକୁ ନେଇ ଚିନ୍ତା ଓ ଅବସାଦରେ ରହୁଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥାଟି ହେଉଛି, ଗବେଷଣାରେ ସାମିଲ ଅଧିକାଂଶ ଯୁବକଯୁବତୀ ବିଦ୍ୟାର୍ଥୀ ହେବା ସହ ସେମାନେ ସମସ୍ତେ ମଧ୍ୟବିତ୍ତ ଶ୍ରେଣୀର ଥିଲେ। ତେବେ ବଡି ଇମେଜ ଆଙ୍ଗଜାଇଟିର ଅର୍ଥ ହେଉଛି, ନିଜ ଶରୀରକୁ ନେଇ ନକାରାତ୍ମକ ଚିନ୍ତାଧାରା ମନରେ ଆଣିବା। ଏଥିରେ ଜଣେ ନିଜ ରଙ୍ଗ କିମ୍ବା ଶାରୀରିକ ଗଠନକୁ ନେଇ ଚିନ୍ତାରେ ରୁହନ୍ତି। କେବଳ ସେତିକି ନୁହେଁ, ଏହାଦ୍ୱାରା ଲୋକେ ନିଜକୁ ଅନ୍ୟମାନଙ୍କଠାରୁ ହୀନ ମନେ କରନ୍ତି। ଏହି ଅଧ୍ୟୟନରେ ସାମିଲ ମୋଟାପାରେ ପୀଡ଼ିତ ୪୯ ପ୍ରତିଶତ ଏବଂ କମ୍ ଓଜନ ଯୁକ୍ତ ୪୭ ପ୍ରତିଶତ ଯୁବପିଢ଼ି ନିଜ ଶରୀରକୁ ନେଇ ଚିନ୍ତାରେ ଥିବା ସ୍ୱୀକାର କରିଛନ୍ତି। କମ୍ ଓଜନର ଯୁବପିଢ଼ି ସାଧାରଣ ଓଜନର ଯୁବପିଢ଼ିଙ୍କ ତୁଳନାରେ ପ୍ରାୟ ଦୁଇ ଗୁଣା ଏବଂ ମୋଟାପାରେ ପୀଡ଼ିତ ଯୁବପିଢ଼ି ତିନି ଗୁଣା ବଡ଼ି ଇମେଜ ଆଙ୍ଗଜାଇଟିର ସାମ୍ନା କରିଥିବାର ଜଣାପଡ଼ିଥିଲା। ଏଥିରେ ୧୮ ରୁ ୩୦ ବର୍ଷ ବୟସ୍କ ପ୍ରାୟ ୧୦୭୧ ଏଭଳି ଯୁବପିଢ଼ିଙ୍କୁ ସାମିଲ କରାଯାଇଥିଲା, ଯେଉଁମାନେ ଏମ୍ସ ଓପିଡ଼ିରେ ଚିକିତ୍ସିତ ହେବାକୁ ଆସିଥିଲେ। ଏହି ଗବେଷଣାର ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏଥିରେ ଧନୀ ଶ୍ରେଣୀର ଯୁବକଯୁବତୀ ସାମିଲ ନ ଥିଲେ।

# ଜନଶୂନ୍ୟ ସହର

ଆଣ୍ଡିଜ୍ ପର୍ବତମାଳାର ଦୁର୍ଗମ ଅଞ୍ଚଳରେ ରହିଛି ସେୱେଲ ସହର। ଏକଦା ୧୫ ହଜାର ରହୁଥିବା ଲୋକ ରହୁଥିବା ଏହି ସହରଟି ଏବେ ଜନଶୂନ୍ୟ। ସମୁଦ୍ର ପତ୍ତନରୁ ପ୍ରାୟ ୨ ହଜାର ମିଟର ଉଚ୍ଚତାରେ ଅବସ୍ଥିତ ଏହି ସହର ଏବେ 'ଘୋଷ୍ଟ ଟାଉନ୍'ରେ ପରିଣତ ହୋଇଛି। ୧୯୦୫ ମସିହାରେ ବ୍ରାଡେନ୍ କପର କମ୍ପାନୀ ଦ୍ୱାରା ସେୱେଲ୍ ସହରକୁ ସ୍ଥାପନା କରାଯାଇଥିଲା। ଏହି ସହର ସ୍ଥାପନାର ମୁଖ୍ୟ ଉଦ୍ଦେଶ୍ୟ ଥିଲା, ବିଶ୍ୱର ସର୍ବବୃହତ ଭୂତଳ ତମ୍ବା ଖଣି 'ଏଲ୍ ଟେନିଏଣ୍ଟେ'ରେ କାମ କରୁଥିବା ଶ୍ରମିକ ଏବଂ ସେମାନଙ୍କ ପରିବାରକୁ ରହିବାର ସୁବିଧା ସୁଯୋଗ ଯୋଗାଇବା।



ସେୱେଲର ସବୁଠାରୁ ଆକର୍ଷଣୀୟ ବୈଶିଷ୍ଟ୍ୟ ଥିଲା ଏହାର ଅବସ୍ଥିତି। ଆଣ୍ଡିଜ୍ ପର୍ବତମାଳାର ଶିଖରରେ ଅବସ୍ଥିତ ଥିବାରୁ ଏଠାରେ କୌଣସି ସମତଳ ରାସ୍ତା ନିର୍ମାଣ କରିବା ସମ୍ଭବ ନ ଥିଲା। ତେଣୁ ଏଭଳି ସ୍ଥିତିରେ ଗମନାଗମନ ପାଇଁ ଶିଢ଼ି ତିଆରି କରାଗଲା। ଏହି ଶିଢ଼ିଗୁଡ଼ିକ ରେଳ ଷ୍ଟେସନରୁ ଆରମ୍ଭ ହୋଇ ସହରର ସବୁଠୁ ଉପରିଭାଗ ପର୍ଯ୍ୟନ୍ତ ଯାଉଥିଲା। ସେହିପରି ସହରର ମୁଖ୍ୟ ଗତିବିଧି ଏହି ଶିଢ଼ିର ଆଖପାଖରେ ହିଁ ହେଉଥିଲା। ଏହି ରାସ୍ତାକୁ ସୁନ୍ଦର ଓ ଆକର୍ଷଣୀୟ ଲାଗିବା ପାଇଁ ଗଛ ମଧ୍ୟ ଲଗାଯାଇଥିଲା। ସହରରେ ଥିବା ଘରଗୁଡ଼ିକ କାଠରେ ତିଆରି କରାଯାଇଥିଲା। ଘର ସବୁକୁ ଉଜ୍ଜ୍ୱଳ ସବୁଜ, ହଳଦିଆ, ଲାଲ ଏବଂ ନୀଳ ରଙ୍ଗରେ ରଙ୍ଗ କରାଯାଇଥିଲା। ତେବେ ୧୯୧୫ ମସିହାରେ ବ୍ରାଡେନଙ୍କ ପାର୍ଟନର ବାର୍ଟନ ସେୱେଲଙ୍କ ସମ୍ମାନରେ ଏହାର ନାଁ 'ସେୱେଲ' ରଖାଗଲା। ଏହା ପରେ ସହରର ଭିତ୍ତିଭୂମି ଦ୍ରୁତ ଗତିରେ ବିକଶିତ ହେଲା। ସହରରେ ଏକ ରେଳ ଲାଇନ ତିଆରି କରାଗଲା ଏବଂ ଏହାକୁ ରଙ୍କାଗୁଆ ସହର ସହିତ ସଂଯୋଗ କରାଗଲା। ସେତେବେଳେ ଏହି ସହରର ଜନସଂଖ୍ୟା ଥିଲା ୧୫ ହଜାର। ତା'ସହ ସହରରେ ସମସ୍ତ ସୁବିଧା ସୁଯୋଗ ବି ମହଜୁଦ ଥିଲା। ଏଥିରେ ହସ୍‌ପିଟାଲ, ଚର୍ଚ୍ଚ, ସ୍କୁଲ, ସୋସାଲ କ୍ଲବ୍, ଥିଏଟର ଏପରିକି ଗରମ ପାଣି ଯୁକ୍ତ ସୁଇମିଂ ପୁଲ୍‌ର ବ୍ୟବସ୍ଥା କରାଯାଇ ଥିଲା। ସେ ସମୟରେ ଏହି ସହର ସର୍ବୋତ୍ତମ ଖଣି ପ୍ରଯୁକ୍ତିବିଦ୍ୟା ଏବଂ ସ୍ଥାପତ୍ୟର ମିଳିନସ୍ଥଳ ଥିଲା। ସେହିପରି ୧୯୬୦ ମସିହାର ଶେଷ ସୁଦ୍ଧା ଚିଲିର ତମ୍ବା ଶିଳ୍ପ ଜାତୀୟକରଣ ହେବା ସହ ଏହା ସରକାରୀ ସମ୍ପତ୍ତିରେ ପରିଣତ ହୋଇଥିଲା। ସେହି ସମୟରେ ସରକାର ଏହି ଦୁର୍ଗମ ପାର୍ବତ୍ୟାଞ୍ଚଳରୁ ଲୋକଙ୍କୁ ସ୍ଥାନାନ୍ତରିତ କରି ରଙ୍ଗଗୁଆରେ ରଖିବାର ନିଷ୍ପତ୍ତି ନେଲେ। ଫଳରେ ଧୀରେ ଧୀରେ ସହରର ଖାଲି ହେବାକୁ ଲାଗିଲା। ଧୀରେ ଧୀରେ ପୁରୁଣା କୋଠାଗୁଡ଼ିକ ଭାଙ୍ଗି ଦିଆଗଲା। ଅବଶ୍ୟ ୧୯୮୦ ମସିହା ଶେଷଆଡ଼କୁ ଭଙ୍ଗା କାର୍ଯ୍ୟ ବନ୍ଦ କରାଯାଇଥିଲା ଏବଂ ୧୯୯୮ ମସିହାରେ ଏହାକୁ ଜାତୀୟ ସ୍ମାରକୀ ଭାବେ ଘୋଷଣା କରାଯାଇଥିଲା। କେବଳ ସେତିକି ନୁହେଁ, ୨୦୦୬ ମସିହାରେ ୟୁନେସ୍କୋ ଏହାକୁ ବିଶ୍ୱ ଐତିହ୍ୟ ସ୍ଥଳ ଭାବେ ଘୋଷଣା କରିଥିଲା।

# ଘୁଷୁରି ଧରା ପ୍ରତିଯୋଗିତା



ନିକଟରେ ଚୀନ୍‌ର ଗୁଇଝୋଉର ମାଜିୟାଙ୍ଗ କାଉଣ୍ଟିରେ ଏକ ନିଆରା ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଯାହାକି ଏବେ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଛି। ୱେନ୍ ଫେଙ୍ଗଛିନ୍ ନାମ୍ନୀ ଜଣେ ୩୧ ବର୍ଷୀୟା ମହିଳା ଗୋଟିଏ ବର୍ଷରେ ୨୬ଟି ଘୁଷୁରି ଧରିବା ପ୍ରତିଯୋଗିତାରେ ଅଂଶଗ୍ରହଣ କରି ୨୨ଟି ଧରି ଏହାର ବିଜେତା ହୋଇଛନ୍ତି। ତେବେ ସେ ଧରିଥିବା ଘୁଷୁରିଗୁଡ଼ିକ ମଧ୍ୟରେ ଗୋଟିଏ ୭୩ କେଜିର ଘୁଷୁରି ଥିଲା। ମାଜିୟାଙ୍ଗରେ ସରକାରୀ ଅଧିକାରୀମାନେ ଏଭଳି ପ୍ରତିଯୋଗିତା ଚାଷୀଙ୍କ ଲାଗି ନିୟମିତ ବ୍ୟବଧାନରେ ଆୟୋଜନ କରିଥାନ୍ତି। ତନ୍ମଧ୍ୟରେ ଘୁଷୁରି ଧରିବା ପ୍ରତିଯୋଗିତା ଖୁବ୍ ଲୋକପ୍ରିୟ। ଏହି ପ୍ରତିଯୋଗିତାରେ ମହିଳା ଏବଂ ପିଲାଙ୍କ ଲାଗି ଅଲଗା ଅଲଗା ବର୍ଗ ଥାଏ। ତା'ସହ ଏଥିରେ ଅଂଶଗ୍ରହଣ କରୁଥିବା ପ୍ରତିଯୋଗୀ ଘୁଷୁରି ଧରିବାରେ ସଫଳ ହେଲେ ସେ ପୁରସ୍କାର ସ୍ୱରୂପ ଘରକୁ ସେହି ଘୁଷୁରିକୁ ସାଙ୍ଗରେ ନେବାର ଅନୁମତି ଅଛି। ନିକଟରେ ସେ ଏକ ୩୮ କେଜି ଘୁଷୁରି ଧରି ଏହାକୁ ଘରକୁ ସାଙ୍ଗରେ ନେଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ 'ପିଗ୍ କ୍ୟାଚିଂ ଏକ୍ସପର୍ଟ' ନାଁରେ ଜାଣନ୍ତି। ଏହାର ଏକ ଭିଡିଓ ବି ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହୋଇଥିଲା। ଏଥିରେ ଦେଖିବାକୁ ମିଳିଛି, ଅନେକ ମହିଳା ଏକସଙ୍ଗରେ ମଇଦାନରେ ଥିବା ଘୁଷୁରି ପଛରେ ଦୌଡ଼ୁଛନ୍ତି। ତେବେ ୱେନ୍ ସର୍ବପ୍ରଥମେ ଘୁଷୁରିକୁ କାବୁ କରିବାକୁ ସଫଳ ହୋଇଥିଲେ। ଏହାକୁ ଉଠାଇ ସେ ପଡ଼ିଆରୁ ନେଇ ଯାଇଛନ୍ତି ଏବଂ ଦର୍ଶକେ ତାଳି ମାରି ତାଙ୍କୁ ଖୁବ୍ ଉତ୍ସାହିତ କରୁଛନ୍ତି। ୱେନ୍ ପିଲାବେଳୁ ବାସ୍କେଟ୍‌ବଲ, ସର୍ଟପୁଟ୍, ଦୌଡ଼ରେ ଭଲ ପ୍ରଦର୍ଶନ କରୁଥିବା କହିଛନ୍ତି। ତେଣୁ ଏ ଦୃଷ୍ଟିରୁ ଘୁଷୁରି ଧରିବା ତାଙ୍କ ପାଇଁ କୌଣସି ବଡ଼ କାମ ନୁହେଁ ବୋଲି ସେ କହିଛନ୍ତି। ୭୩ କେଜି ଓଜନର ଏକ ଘୁଷୁରିକୁ ଧରିବା ତାଙ୍କ ପାଇଁ ବେଶ୍ ସ୍ମରଣୀୟ ମୁହୂର୍ତ୍ତ ଥିଲା ବୋଲି ୱେନ୍ କହିଛନ୍ତି। ଏହାକୁ ପାଞ୍ଚ ସେକେଣ୍ଡରେ ଧରିବାର ଥିଲା କିନ୍ତୁ ଏହାକୁ ସେ ୨୦ ସେକେଣ୍ଡରେ ଧରିଲେ। ଘୁଷୁରିକୁ ଧରିବାର କୌଶଳ ଏହାର ବେଗ ଉପରେ ନିର୍ଭର କରେ ବୋଲି ସେ କହନ୍ତି। ସେହିପରି ଏହିବର୍ଷ ସେ ଧରିଥିବା ୨୨ଟି ଘୁଷୁରି ମଧ୍ୟରୁ ୱେନ୍ ୧୨ଟିକୁ ବିକ୍ରି କରିଦେଇଛନ୍ତି। ଏବେ ତାଙ୍କ ପାଖରେ ୧୦ଟି ଘୁଷୁରି ଅଛନ୍ତି।



# ପ୍ରେମରେ ଦିଶା !

ବଲିଉଡ୍ ଅଭିନେତ୍ରୀ ଦିଶା ପଟାନି ଫିଲ୍ମ କ୍ୟାରିୟର ଅପେକ୍ଷା ତାଙ୍କ ବଡ଼ି ଫିଟ୍‌ନେସ୍‌କୁ ନେଇ ଅଧିକ ଚର୍ଚ୍ଚିତ। ଟାଇଗର ସ୍ରଫ୍‌ଙ୍କଠାରୁ ଅଲଗା ହେବା ପରେ ଦିଶା ପୁଣିଥରେ ପ୍ରେମରେ ପଡ଼ିଥିବା ଚର୍ଚ୍ଚା ହେଉଛି। ଉଦୟପୁରରେ କ୍ରିତି ସାନନ୍‌ଙ୍କ ଭଉଣୀ ନୁପୁର ସାନନ୍ ଓ ଷ୍ଟେବିନ ବେନଙ୍କ ବିବାହ ସମୟରେ ଦିଶାଙ୍କର କିଛି ଫଟୋ ଓ ଭିଡିଓ ଭାଇରାଲ ହୋଇଛି। ଏଥିରେ ସେ ମାସ୍କ ପିନ୍ଧିଥିବା ଜଣେ ଯୁବକ ସହ ଦେଖାଯାଇଛନ୍ତି। ଏହି ଯୁବକ ଜଣକ ପଞ୍ଜାବୀ ଗାୟକ ତଲବିନ୍ଦର ସିଂହ ବୋଲି କୁହାଯାଉଛି। ଭାଇରାଲ ଭିଡିଓରେ ଦିଶା ଏବଂ ତଲବିନ୍ଦର ହାତ ଧରି ମୌନି ରୟଙ୍କ ସ୍ୱାମୀ ସୂରଜ ନାମ୍ବିଆରଙ୍କ ସହ କଥା ହେଉଥିବାର ଦେଖାଯାଉଛି। ପରେ, ଦୁହେଁ ମୁମ୍ବାଇ ଯାଉଥିବା ସମୟରେ ଉଦୟପୁର ବିମାନବନ୍ଦରରେ ମଧ୍ୟ ଏକାଠି ଦେଖାଯାଇଥିଲେ। ଏହି ଭିଡିଓ ଭାଇରାଲ ହେବା ପରେ ଉଭୟଙ୍କ ପ୍ରେମ ସମ୍ପର୍କକୁ ନେଇ ଜୋରଦାର ଚର୍ଚ୍ଚା ହେଉଛି। ଅବଶ୍ୟ ଦିଶା କି ତଲବିନ୍ଦର ଏନେଇ କିଛି ମନ୍ତବ୍ୟ ଦେଇ ନାହାନ୍ତି। ତଲବିନ୍ଦର ଜଣେ ପଞ୍ଜାବୀ ଗାୟକ ଓ ସଙ୍ଗୀତ ପ୍ରଯୋଜକ। ସେ ସବୁବେଳେ ମୁହଁରେ ମାସ୍କ ପିନ୍ଧି ମଞ୍ଚରେ ପ୍ରଦର୍ଶନ କରନ୍ତି। ଏଭଳି କରି ସେ ବ୍ୟକ୍ତିଗତ ଜୀବନକୁ ଗଣମାଧ୍ୟମଠାରୁ ଦୂରେଇ ରଖିବାକୁ ଚେଷ୍ଟା କରିଥାନ୍ତି ବୋଲି ଚର୍ଚ୍ଚା ହୁଏ। ଦିଶାଙ୍କ କାମ କଥା କହିବାକୁ ଗଲେ, ସେ ଶେଷ ଥର ପାଇଁ 'କଲ୍‌କି ୨୮ ୯୮ ଏଡି'ରେ ନଜର ଆସିଥିଲେ। ତାଙ୍କର ଆଗାମୀ ଫିଲ୍ମ ମଧ୍ୟରେ 'ୱେଲକମ୍ ଟୁ ଦ ଜଙ୍ଗଲ' ରହିଛି।

## ଆଜିର ରାଶିଫଳ

**ମେଷ:** ଅଟକି ଥିବା କାର୍ଯ୍ୟ ପୂରଣ କରିବେ। ଆପଣଙ୍କ ପାଇଁ ସମୟ ବହୁତ ଭଲ। ନୂତନ ବନ୍ଧୁଙ୍କ ସହ ସାକ୍ଷାତ ହେବ। ପତି-ପତ୍ନୀଙ୍କ ମଧ୍ୟରେ ସୁସମ୍ପର୍କ ରହିବ। ଧନ ପ୍ରାପ୍ତି ହେବ। ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଅନ୍ତୁ।

**ବୃଷ:** ନୂତନ ବ୍ୟବସାୟରେ ନିବେଶ କରନ୍ତୁ, ସମୟ ଅନୁକୂଳ ରହିଛି। କାର୍ଯ୍ୟକ୍ଷେତ୍ରରେ ଉଚ୍ଚପଦସ୍ଥଙ୍କ ଠାରୁ ପ୍ରଶଂସିତ ହେବେ। ମହିଳାମାନେ ସନ୍ତାନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିବେ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ପ୍ରଶଂସିତ ହେବେ। ଆର୍ଥିକ ମାମଲାରେ ସାବଧାନ ରହିବେ। କଥା କହିବା ସମୟରେ ସଂଯମତା ରକ୍ଷା କରନ୍ତୁ। ବିଦ୍ୟାର୍ଥୀମାନେ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଭଲ ପ୍ରଦର୍ଶନ କରିବେ।

**ସିଂହ:** ଅକସ୍ମାତ୍ ଧନ ଲାଭ ଯୋଗ ରହିଛି। ନିର୍ଦ୍ଧାରିତ ଯୋଜନା ମୁତାବକ କାମ ହେବ। ବିଦ୍ୟାର୍ଥୀମାନେ ପଢ଼ାମନସ୍କ ହେବେ। ଜୀବନସାଥୀଙ୍କ ଠାରୁ ମୂଲ୍ୟବାନ ଉପହାର ପାଇପାରନ୍ତି।

**କର୍କଟ:** ମନ ଭିତରେ ଯାହା କିଛି ଭାବୁଛନ୍ତି ତାହାକୁ ପ୍ରକାଶ କରନ୍ତୁ। ସାହିତ୍ୟ ସମାବେଶରେ ପ୍ରଶଂସିତ ହେବେ। ସମୟର ସଦୁପଯୋଗ କରନ୍ତୁ। ମାତାପିତାଙ୍କ କଥାକୁ ପାଳନ କରନ୍ତୁ।

**କନ୍ୟା:** କାର୍ଯ୍ୟକ୍ଷେତ୍ରରେ ନିଜ ଟାର୍ଗେଟ୍‌କୁ ପୂରା କରନ୍ତୁ। ନୂତନ ଯାନବାହନ କ୍ରୟ କରିପାରନ୍ତି। ଅଯଥାରେ କାହା ସହିତ ଯୁକ୍ତିତର୍କ କରନ୍ତୁନି। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ।

**ତୁଳା:** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ। ନିଜ ବ୍ୟକ୍ତିଗତ ମାମଲା ବିଷୟରେ ପରିବାର ଲୋକଙ୍କ ସହ ଆଲୋଚନା କରନ୍ତୁ। ପ୍ରତିକୂଳ ପରିସ୍ଥିତିରେ ଭାଙ୍ଗି ପଡ଼ନ୍ତୁନି।

**ବିଛା:** ଅଟକି ଥିବା ଦିଗରୁ ଧନ ମିଳିପାରେ। ପରିବାରର ଚାପ ଆପଣଙ୍କ ଉପରେ ଅଧିକ ରହିବ। ପିଲାମାନେ ଖେଳକୁଦରେ ସମୟ ବିତାଇବେ। ମହିଳାମାନଙ୍କୁ ମୁଖ୍ୟ ଦାୟିତ୍ୱ ମିଳିବ।

**ଧନୁ:** ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କଠିନ ପରିଶ୍ରମ କରିବେ। ଆଜି ଭାଗ୍ୟ ଆପଣଙ୍କ ସାଥ୍ ଦେବ। କର୍ମକ୍ଷେତ୍ରରେ ବଡ଼ ଦାୟିତ୍ୱ ପାଇପାରନ୍ତି। ସନ୍ତାନଙ୍କ କ୍ୟାରିୟରକୁ ନେଇ ଅଭିଭାବକ ଚିନ୍ତାରେ ରହିବେ।

**ମକର:** ଆପଣଙ୍କ ପ୍ରତିଭା ପ୍ରସ୍ଫୁଟିତ ହେବ। ସରକାରୀ ଚାକିରିଆଙ୍କ ପାଇଁ ଆଜିର ଦିନଟି ବହୁତ ଭଲ। ବନ୍ଧୁଙ୍କ ସହିତ ମନୋରଞ୍ଜନ କରିବେ। ପିଲାମାନେ ପଢ଼ା ପ୍ରତି ଅଧିକ ଧ୍ୟାନ ଦେବେ।

**କୁମ୍ଭ:** ଅଚାନକ ଆପଣଙ୍କ ମନ ଭିତରେ ପରିବର୍ତ୍ତନ ଆସିବ। ଆର୍ଥିକ ସମସ୍ୟା ରହିବନି। ଅନ୍ୟକୁ ଉଧାର ଦେଇ ଠକିପାରନ୍ତି। ଆୟ ଅନୁସାରେ ଅଧିକ ବ୍ୟୟ ହେବ। ଭଗବାନଙ୍କ ପୂଜାର୍ଚ୍ଚନା କରନ୍ତୁ।

**ମୀନ:** ପାରିବାରିକ ମତଭେଦ ଦେଖା ଦେବ। ଅନ୍ୟକୁ ଅଧିକ ବିଶ୍ୱାସ କରନ୍ତୁ ନାହିଁ। ମହିଳାମାନେ ଅଯଥା ଖର୍ଚ୍ଚରେ କରିବେ। କ୍ୟାରିୟରରେ ଉନ୍ନତି ହେବ।

## ଧରାପଡ଼ିଲା ଆଇଏମ୍ଏରେ ବ୍ୟାପକ ଅନିୟମିତତା

# କୁଳ ସଚିବଙ୍କଠାରୁ ଆଦାୟ ହେବ ୨୨ ଲକ୍ଷ

ଭୁବନେଶ୍ୱର, ୧୪।୧(ସମିସ): ଭୁବନେଶ୍ୱର ଅନ୍ଧାରୁଆସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ (ଆଇଏମ୍ଏ) ରେ ହୋଇଛି ବ୍ୟାପକ ଅନିୟମିତତା। କୁଳସଚିବ ତଞ୍ଚକତା କରି ୧୧ ମାସରେ ଅଧିକ ୨୨ ଲକ୍ଷ ଟଙ୍କା ନେଇ ଯାଇଥିବା ଅଭିଯୋଗ ସହ ସମ୍ପୃକ୍ତ ଅର୍ଥ ଭରଣା କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛି ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ବିଭାଗ। ଏପରିକି ତାଙ୍କ ନିଯୁକ୍ତିକୁ ମଧ୍ୟ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ବେଆଇନ ବୋଲି ଦର୍ଶାଇଛି । କୁହାଯାଇଛି। ଡ୍ରାଫ୍ଟ ନୋଟ ଅନୁସାରେ ପ୍ରତିଷ୍ଠାନର କୁଳସଚିବ ପଦରେ ନୂତନ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପରେ ଏଥିପାଇଁ ୩ ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ଡ. ରାୟଙ୍କୁ ପ୍ରତିଷ୍ଠାନର କୁଳସଚିବ ଭାବେ ନିଯୁକ୍ତି ପାଇଁ ବିଜ୍ଞାନ ଓ ବୈଷୟିକ ଶିକ୍ଷା ବିଭାଗ ଅନୁମୋଦନ କରିବା ସହ ବେତନ ବାବଦରେ ମାସିକ ୪୬ ହଜାର ଟଙ୍କା ଦରମା ଦିଆଯିବ ବୋଲି ମଧ୍ୟ ସ୍ପଷ୍ଟ କଲା। ହେଲେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ

■ ଅର୍ଥ ଆଦାୟ କରିବାକୁ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ନିର୍ଦ୍ଦେଶ
■ ତଞ୍ଚକତାରେ ସହଯୋଗୀଙ୍କ ବିରୋଧରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଦାବି

ଆଇଏମ୍ଏରେ କୁଳସଚିବ ଭାବେ ଡ. ଅଳକା ରାୟଙ୍କୁ ବେଆଇନ୍ ଭାବେ ନିଯୁକ୍ତ ଦିଆଯାଇଥିବା ସଂକ୍ରାନ୍ତରେ ଅଭିଯୋଗ ହୋଇଥିଲା। ଅଡିଟ୍‌ରେ ତଞ୍ଚକତା ଧରା ପଡ଼ିଥିଲେ ମଧ୍ୟ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଗତ ଜୁନ୍ ୮ ତାରିଖରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ବିଭାଗ ପକ୍ଷରୁ ଏହାର ପୁନଃ ଅଡିଟ୍ କରିବାକୁ କୁହାଯାଇଥିଲା। ଏହାପରେ ଡେପୁଟି ଆକାଉଣ୍ଟାଣ୍ଟ ଜେନେରାଲ୍ ପ୍ରସ୍ତୁତ କରିଥିବା ଡ୍ରାଫ୍ଟ ନୋଟରେ କୁଳସଚିବଙ୍କ ନିଯୁକ୍ତି ବେଆଇନ ବୋଲି ଡ. ରାୟ ତାଙ୍କ ଦରମାକୁ ପୁନଃବିଚାର କରିବାକୁ ଏକ ପ୍ରସ୍ତାବ ଦେଲେ। ପୂର୍ବରୁ ଦିଲ୍ଲୀର ଏକ ଘରୋଇ ଶିକ୍ଷାନୁଷ୍ଠାନରେ ସହକାରୀ-କୁଳସଚିବ ଭାବେ କାର୍ଯ୍ୟ କରିଥିବାରୁ ତଦନୁଯାୟୀ ଦରମା ପ୍ରଦାନ କରିବାକୁ ଅନୁରୋଧ କଲେ। ଏହାପରେ ଆଇଏମ୍ଏ ତାଙ୍କ ଦରମା ୧,୫୧,୧୦୦ ଟଙ୍କା ସ୍ଥିର କରିଥିବା କୁହାଯାଇଥିଲେ ହେଁ ଏ ସମ୍ପର୍କରେ କୌଣସି ନିର୍ଦ୍ଦେଶନାମା ପ୍ରକାଶ ପାଇ ନ ଥିଲା।

ଅପରପକ୍ଷରେ ଆଇଏମ୍ଏରେ ନିଯୁକ୍ତି ପାଇଁ ଆବେଦନ କରିବା ସମୟରେ ସେ ଘରୋଇ ଶିକ୍ଷାନୁଷ୍ଠାନରେ କାର୍ଯ୍ୟରତ ଥିଲେ ମଧ୍ୟ ତାହା ଦର୍ଶାଇ ନଥିଲେ। ଚତୁରତାର ସହିତ କେବଳ ସ୍ୱେଚ୍ଛାକୃତ ଅବସର ପାଇଁ ଆବେଦନ କରିଥିବା ଦର୍ଶାଇ ତଞ୍ଚକତା କରିଥିଲେ। ସେ ଅନ୍ୟ ସ୍ଥାନରେ ଚାକିରି କରୁଥାଇ ମଧ୍ୟ ଆଇଏମ୍ଏରେ କୁଳସଚିବ ପଦ ପାଇଁ ଆବେଦନ କରିଥିବା ଦର୍ଶାଇ ତାଙ୍କ ନିଯୁକ୍ତିକୁ ଡେପୁଟୀ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଡ୍ରାଫ୍ଟ ନୋଟ(ରେ ଅବୈଧ ବୋଲି ଦର୍ଶାଯାଇଛି। ଡ. ରାୟ ଜଣେ ଅବସରପ୍ରାପ୍ତ ଅଧିକାରୀଭାବେ ସେହି ପଦରେ ନିଯୁକ୍ତି ପାଇଥିବାରୁ ସେ ମଧ୍ୟ ୪୬ହଜାର ଟଙ୍କା ହିଁ ପାଇବାକୁ ଯୋଗ୍ୟ ଏବଂ ଡିଏ ଓ ଏଚ୍ଆର୍ଏ ପାଇଁ ଯୋଗ୍ୟ ନୁହନ୍ତି । ତେଣୁ ଡ. ରାୟଙ୍କ ନିଯୁକ୍ତିକୁ ସମ୍ପୂର୍ଣ୍ଣ ବେଆଇନ୍ ଦର୍ଶାଇବା ସହ ସେ ଦରମା ବାବଦରେ ଅଧିକ ନେଇଥିବା ୨୨ ଲକ୍ଷ ୩ ହଜାର ୬୯୫ ଟଙ୍କା ଭରଣା କରିବାକୁ ସୁପାରିଶ କରାଯାଇଛି। ଏହି ରିପୋର୍ଟ ପାଇବା ପରେ ସମସ୍ତ ଅର୍ଥ ଡ. ରାୟଙ୍କ ଠାରୁ ଭରଣା କରିବା ପାଇଁ ଆଇଏମ୍ଏ ଦାୟିତ୍ୱରେ ଥିବା ଅତିରିକ୍ତ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ତେବେ ଡ. ରାୟ ଇତିମଧ୍ୟରେ ନିଜ ପଦରୁ ଇସ୍ତଫା ଦେଇ ସାରିଥିବାରୁ କିପରି ତାଙ୍କଠାରୁ ଅର୍ଥ ଭରଣା ହେବ ତାହା ଏଯାଏ ସ୍ପଷ୍ଟ ହୋଇନାହିଁ। ଅନ୍ୟପକ୍ଷରେ ତାଙ୍କୁ ନିଯୁକ୍ତି ଦେଇଥିବା ଅଧିକାରୀ ଓ ଆଇଏମ୍ଏ ଅଧ୍ୟକ୍ଷଙ୍କ ବିରୋଧରେ କୌଣସି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯାଇ ନାହିଁ।

## ମକରରେ ମହକୁଛି ମୟୂରଭଞ୍ଜ


# ଟୁସୁ ନାଚରେ କମ୍ପୁଛି ଗାଁ ଦାଣ୍ଡ



# ଓଏସ୍ଏସ୍ଏସ୍‌ସି ୱେବସାଇଟ୍ ଅଚଳ; ହେଉନି ଆବେଦନ

ଭୁବନେଶ୍ୱର, ୧୪।୧(ସମିସ): ଓଡ଼ିଶା ଅଧସ୍ତନ କର୍ମଚାରୀ ଚୟନ ଆୟୋଗ (ଓଏସ୍ଏସ୍ଏସ୍‌ସି) ପକ୍ଷରୁ ୩୨୫୦ ପଦରେ ନିଯୁକ୍ତି ପାଇଁ ଆବେଦନ ଆରମ୍ଭ ହୋଇଛି। ମାତ୍ର ଆବେଦନ ଆରମ୍ଭରୁ ହିଁ ଓେବେବସାଇଟ୍ ଖୋଲୁନାହିଁ। ବହୁ ଆଶାୟୀ ଆବେଦନ କରିବାକୁ ଦୀର୍ଘ ସମୟ ପ୍ରୟାସ କରି ମଧ୍ୟ ବିଫଳ ହେଉଛନ୍ତି। ୱେବସାଇଟ୍ ଆଦୌ ଖୋଲୁ ନ ଥିବାରୁ ଆବେଦନ କରିପାରିବା ନେଇ ଆଶାୟୀଙ୍କ ମନରେ ଆଶଙ୍କା ସୃଷ୍ଟି ହୋଇଛି। ଆର୍‌ଆଇ, ଅମିନ, ଆଇସିଡିଏସ୍ ସୁପରଭାଇଜର୍ ସମେତ ବିଭିନ୍ନ ପଦରେ ନିଯୁକ୍ତି ପାଇଁ ଗତ ୭ ତାରିଖରୁ ଆବେଦନ ଆରମ୍ଭ ହୋଇଛି। ଆବେଦନ ଆରମ୍ଭକୁ ସପ୍ତାହେ ଅତିକ୍ରମ କରିଥିଲେ ମଧ୍ୟ ଓଏସ୍ଏସ୍ଏସ୍‌ସି ୱେବସାଇଟ୍ ମୂଳରୁ ହିଁ ଖୋଲୁ ନାହିଁ। ଆଜି ଅର୍ଥାତ୍ ବୁଧବାର କିଛି ସମୟ ପାଇଁ ଖୋଲିଥିଲେ ମଧ୍ୟ ମାତ୍ରାଧିକ ଧୀମା କାରଣରୁ ଆବେଦନ ହୋଇପାରୁନାହିଁ। ପୂର୍ବରୁ ପଞ୍ଜିକରଣ କରିଥିବା ଆଶାୟୀମାନେ ଲଗ୍‌ଇନ୍ କରୁଥିଲେ ମଧ୍ୟ ଆଗକୁ ବଢ଼ିପାରୁ ନାହାନ୍ତି। ଅପରପକ୍ଷରେ ନୂତନ ଭାବେ ପଞ୍ଜିକରଣ କରିବାକୁ ଆଗ୍ରହୀ ପ୍ରାର୍ଥୀମାନେ ଅନାଇ ରହିଛନ୍ତି। ପଞ୍ଜିକରଣ ପ୍ରକ୍ରିୟା ପାଇଁ ପ୍ରମାଣପତ୍ର ଅପଲୋଡ୍ କରୁଥିଲେ ମଧ୍ୟ ତାହା ସମୟ ନେଉଥିବାରୁ ଟାଇମ୍ ଲିମିଟ୍ ସରି ଯାଉଛି। ଫଳରେ ନୂତନ ପଞ୍ଜିକରଣ ହୋଇପାରୁନାହିଁ। ପୂର୍ବରୁ ମଧ୍ୟ ଅନ୍ୟ ପଦ ପାଇଁ ଆବେଦନ ସମୟରେ ୱେବସାଇଟ୍‌ର ଏପରି ଅଚଳାବସ୍ଥା ଲାଗି ରହିଥିବାବେଳେ କର୍ତ୍ତୃପକ୍ଷ ଏହାର ସ୍ଥାୟୀ ସମାଧାନ ପାଇଁ ପଦକ୍ଷେପ ନ ନେବା ଆଶାୟୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

**ସ୍ଥାୟୀ ସମାଧାନ କରୁ ନାହାନ୍ତି କର୍ତ୍ତୃପକ୍ଷ**




## 'ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର' ପ୍ରହସନ

# ମିଳୁନି ଅର୍ଥରାଶି; ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଛାତ୍ରୀ

ଭୁବନେଶ୍ୱର, ୧୪।୧(ସମିସ): ୨୦୨୪ରେ ରାଜ୍ୟ ସ୍ତରରେ ମେଧାବୀ ବିଦ୍ୟାର୍ଥୀ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ସମ୍ମାନୀତ ହେବା ସହ ଅର୍ଥରାଶି ପୁରସ୍କାର ପାଇଁ ଯୋଗ୍ୟ ହୋଇଥିଲେ। ୨୦୨୫ ବର୍ଷରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଁ ଆବେଦନ ଆରମ୍ଭ ହୋଇଥିଲେ ମଧ୍ୟ ମେଧାବୀ ବିଦ୍ୟାର୍ଥୀ ଅର୍ଥରାଶି ପାଇ ନାହାନ୍ତି। କେବେ ପାଇବେ ମଧ୍ୟ ଅଧିକାରୀମାନେ ମୁହଁ ଖୋଲୁ ନାହାନ୍ତି। ଏଣୁ ପୁରସ୍କାର ରାଶି ପାଇବା ପାଇଁ ପୁରୀ ଜିଲ୍ଲା ନିମାପଡ଼ା ଅନ୍ତର୍ଗତ ଜେବିଆର୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ରିୟା ମିଶ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଚିଠି ଲେଖିଛନ୍ତି।

୨୦୨୩-୨୪ ଶିକ୍ଷା ବର୍ଷରେ ମାଟ୍ରିକ୍ ପରୀକ୍ଷାରେ ୫୫୨ ନମ୍ବର ରଖି ଛାତ୍ରୀ ରିୟା କୃତକାର୍ଯ୍ୟ ହୋଇଥିଲେ। ଏହି ସଫଳତା ପାଇଁ ୨୦୨୪ରେ ରାଜ୍ୟ ସ୍ତରୀୟ ମେଧାବୀ ବିଦ୍ୟାର୍ଥୀ ପୁରସ୍କାର ପାଇବାକୁ ମନୋନୀତ ହୋଇଥିଲେ। ତାଙ୍କର ସଫଳତାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପୁସ୍ତକ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା। ମାତ୍ର ପୁରସ୍କାର ରାଶି ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ନେଉ ନାହାନ୍ତି। ପ୍ରାୟ ବର୍ଷେ ତଳେ ତାଙ୍କୁ ପୁରସ୍କୃତ କରାଯାଇଥିଲେ ମଧ୍ୟ ପୁରସ୍କାର ରାଶି ପ୍ରଦାନ ନ କରିବାକୁ ଛାତ୍ରୀ ଜଣକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ସେ ଦର୍ଶାଇଛନ୍ତି ଯେ କେଉଁ କାରଣରୁ ଅର୍ଥରାଶି ପ୍ରଦାନ କରିବାରେ ବିଳମ୍ବ ହେଉଛି ବୋଲି ଅଧିକାରୀଙ୍କୁ ପଚାରିଲେ କେହି ସନ୍ତୋଷଜନକ ଉତ୍ତର ଦେଉ ନାହାନ୍ତି। ଅର୍ଥରାଶି ପ୍ରଦାନ କରିବାକୁ ମଧ୍ୟ କୌଣସି ପଦକ୍ଷେପ ନେଉ ନାହାନ୍ତି। ତାଙ୍କ ଅଭିଯୋଗକୁ ଗୁରୁତ୍ୱର ସହ ବିଚାର କରି ତୁରନ୍ତ ଅର୍ଥରାଶି ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି।

ରିୟାଙ୍କ ଚିଠି ପରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରେ ଚାଲିଥିବା ମନମୁଖୀ କାର୍ଯ୍ୟ ପଦାରେ ପଡ଼ିଛି। ରିୟାଙ୍କ ପରି ବହୁ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ପୁରସ୍କାର ପାଇଁ ଯୋଗ୍ୟ ହୋଇଥିଲେ ମଧ୍ୟ ଅର୍ଥରାଶି ପୁରସ୍କାର ପାଇ ନାହାନ୍ତି। ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ବକେୟା ଅର୍ଥରାଶି ତୁରନ୍ତ ପ୍ରଦାନ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି।

# ବାଣଭିଡୁଥିବା ବେଳେ ବିସ୍ଫୋରଣ; ୪ ଆହତ

ରାୟଗଡ଼ା,୧୪।୧(ସମିସ): ପୋଙ୍ଗଲ ପର୍ବ ପାଇଁ ବାଣ ଭିଡୁଥିବା ବେଳେ ଅସାବଧାନତା ହେତୁ ବିସ୍ଫୋରଣ ହେବାରୁ ୪ ଜଣ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ଖବରପାଇ ଜିଲ୍ଲା ଅତିରିକ୍ତ ଏସ୍‌ପିଙ୍କ ସମେତ ପୁଲିସ ଅଧିକାରୀମାନେ ପହଞ୍ଚି ଘଟଣାର ତଦନ୍ତ କରୁଛନ୍ତି।

ସୂଚନା ଅନୁଯାୟୀ, ସହରର ଯେଦୁ ସାହିରେ ତେଲୁଗୁ ସମ୍ପ୍ରଦାୟର ଲୋକେ ଭୋଗୀ ଉତ୍ସବ ପାଇଁ ନିଆଁ ଲଗାଇ ଖୁସି ମନାଉଥିବା ବେଳେ ଉକ୍ତ ସାହିରେ ଭଡା ଘରେ ରହୁଥିବା ଗୌରୀ ଶଙ୍କରଙ୍କ ବାରଣ୍ଡାରେ ବିଳମ୍ବିତ ରାତ୍ରରେ ନିଖିଲ ରେ‡ (୧୧), ଡି.ବନ୍ନି (୧୫), ଏସ.କିଶୋର ଦୋରା (୨୫) ଓ ବି.ଯୋଗେଶ ଚରଣ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ହୋଇଥିଲା। ବୋମା ବିସ୍ଫୋରଣ ଏତେ ଜୋରରେ ହୋଇଥିଲା ଯେ, ଗୌରୀଶଙ୍କର ଘରର କବାଟ ଓ ଝରକା ଭାଙ୍ଗି ନଷ୍ଟ ହୋଇଥିବା ବେଳେ ଘର ସମ୍ମୁଖ ଭାଗ ଛାତର କଙ୍କ୍ରିଟ୍ ଭୁଶୁଡ଼ି ପଡିଥିଲା। ଏପରିକି ବାରଣ୍ଡାକୁ ଲାଗି ରହିଥିବା ରାସ୍ତା ଉପରେ ଥିବା ଏକ ଅଟୋରିକ୍ସା ଦଶଫୁଟ ଉପରକୁ ଉଡ଼ି ତଳେ କଚାଡି ହୋଇ ଭାଙ୍ଗି ଚୁରମାର ହୋଇଥିବା ଜଣାପଡିଛି। ପ୍ରଚଣ୍ଡ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଘଟଣାସ୍ଥଳକୁ ଆସି ଆହତଙ୍କୁ ଉଦ୍ଧାର କରି ପ୍ରଥମେ ରାୟଗଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ।



**ଅତିରିକ୍ତ ଏସ୍‌ପିଙ୍କ ତଦନ୍ତ**

ଡାକ୍ତର ପରାମର୍ଶ କ୍ରମେ ପରିବାର ଲୋକେ ସେମାନଙ୍କୁ ବିଶାଖାପାଟଣମ୍‌କୁ ସ୍ଥାନାନ୍ତର କରିଥିଲେ। ତେବେ ଏସ.କିଶୋରଙ୍କ ଅବସ୍ଥା ଗୁରୁତର ଥିବା ପୋଲିସ ସୂତ୍ରରୁ ଜଣାପଡିଛି। ଖବର ପାଇ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅମୂଲ୍ୟ କୁମାର ଧର, ରାୟଗଡ଼ା ଏସଡିପିଓ ଗୌରହରୀ ସାହୁ, ଆରକ୍ଷୀ ନିରୀକ୍ଷକ ପ୍ରଶନ୍ନ କୁମାର ବେହେରାଙ୍କ ସମେତ ଅନ୍ୟ ପୁଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି।

## ସେଲ୍ଫି ନେବା ହେଲା କାଳ

# ଜଳପ୍ରପାତକୁ ଖସି ଯୁବକଙ୍କ ମୃତ୍ୟୁ



କାକିରିଗୁମା/ଲକ୍ଷ୍ମୀପୁର,୧୪।୧(ସମିସ): କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଅନ୍ତର୍ଗତ ଗୌଡଗୁଡ଼ା ପଞ୍ଚାୟତର ତଳମିଟିଙ୍ଗି ଜଳପ୍ରପାତରେ ଖସି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ଦଶମନ୍ତପୁର ବ୍ଲକ ଗାଦିଆଗୁଡା ପଞ୍ଚାୟତ ପାଇକପୁଳି ଗ୍ରାମର ବାବୁଲା ଖରା ବୋଲି ଜଣାପଡିଛି। ବାବୁଲା ଅନ୍ୟ ୫ ଜଣ ବନ୍ଧୁଙ୍କ ସହିତ ବୁଧବାର ଅପରାହ୍ନରେ ୩ ମଟରସାଇକେଲରେ ତଳମିଟିଙ୍ଗି ଜଳପ୍ରପାତକୁ ବୁଲିବା ପାଇଁ ଯାଇଥିଲେ। ଏକ ପଥର ଉପରେ ଛିଡ଼ା ହୋଇ ଫୋଟ ଉଠାଇବା ସମୟରେ ହଠାତ୍ ବାବୁଲା ୨୦ ଫୁଟ ତଳକୁ ଖସି ପଡ଼ିଥିଲେ ଓ ଘଟଣା ସ୍ଥଳରେ ହିଁ ତାଙ୍କର ମୃତ୍ୟୁ ହୋଇଥିଲା। ଲକ୍ଷ୍ମୀପୁର ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କର ତଦନ୍ତ କରୁଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ମୃତ ବାବୁଲା ସେମିଳିଗୁଡାର ଏକ ହୋଟେଲରେ କାମ କରୁଥିଲେ।

# ନରସିଂହପୁର ବନାଞ୍ଚଳରେ ମାଈ ହାତୀର ମୃତ୍ୟୁ



ନରସିଂହପୁର,୧୪।୧(ସମିସ): କଟକ ଜିଲ୍ଲା ନରସିଂହପୁର ପଶ୍ଚିମ ବନାଞ୍ଚଳ ଅଧୀନସ୍ଥ ଚତରାପଦା ଗ୍ରାମ ନିକଟରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ବୁଧବାର ବନବିଭାଗ କର୍ମଚାରୀମାନେ ଅଞ୍ଚଳରେ ପଇଁତରା ମାରୁଥିବା ସମୟରେ ଚତରାପଦା ଗ୍ରାମଠାରୁ କିଛି ଦୂରରେ ଥିବା ଏକ ନାଳ ନିକଟରେ ହାତୀଟି ଅଚେତ ଅବସ୍ଥାରେ ପଡ଼ିଥଲା। ଏ ସମ୍ପର୍କରେ ପଶ୍ଚିମାଞ୍ଚଳ ବନ ଅଧିକାରୀ ପ୍ରଦୀପ କୁମାର ନାୟକଙ୍କୁ ଅବଗତ କରାଇଥିଲେ। ଶ୍ରୀ ନାୟକ ସ୍ଥାନୀୟ ପ୍ରାଣୀ ଚିକିତ୍ସାଧିକାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପରୀକ୍ଷା ପରେ ଜଣାପଡ଼ିଥିଲା ଯେ ପ୍ରାୟ ୫୦ ବର୍ଷ ବୟସ୍କ ଏହି ବୃଦ୍ଧା ମାଈ ହାତୀଟିର ମୃତ୍ୟୁ ହୋଇସାରିଛି। ବାର୍ଦ୍ଧକ୍ୟ ଜନିତ କାରଣରୁ କିମ୍ବା ଅନ୍ୟ କୌଣସି ଅସୁସ୍ଥତା ଯୋଗୁଁ ହାତୀଟିର ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ପ୍ରାଣୀ ଚିକିତ୍ସକଙ୍କ ଦ୍ୱାରା ହାତୀର ଶବ ବ୍ୟବଚ୍ଛେଦ କରାଯିବା ପରେ ସେହି ସ୍ଥାନରେ ଏକ ବିରାଟ ଗର୍ତ୍ତ କରାଯାଇ ଶବକୁ ପୋତି ଦିଆଯାଇଛି।

# ୫.୬ କୋଟି ଟଙ୍କା ଠକେଇ ଅଭିଯୁକ୍ତର ଜାମିନ୍ ଖାରଜ

କଟକ,୧୪।୧(ସମିସ): ଜାଲ୍ କାଗଜପତ୍ର ଦେଖାଇ ୫.୬କୋଟି ଟଙ୍କା ଠକେଇ କରିଥିବା ଅଭିଯୁକ୍ତ କୁଶ ଓରଫ ରମେଶଚନ୍ଦ୍ର ମାଝୀର ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି ହାଇକୋର୍ଟ। ଆର୍ଥିକ ଅପରାଧ କେବଳ ଜଣେ ବ୍ୟକ୍ତିବିଶେଷଙ୍କୁ କ୍ଷତି ପହଞ୍ଚାଏ ନାହିଁ, ବରଂ ଏହା ସମାଜର ଆର୍ଥିକ ସ୍ଥିରତା ଏବଂ ଦେଶର ଅର୍ଥନୈତିକ ଅଭିବୃଦ୍ଧିକୁ ମଧ୍ୟ ପ୍ରଭାବିତ କରିଥାଏ। ଆର୍ଥିକ ଅପରାଧଗୁଡ଼ିକୁ ଏକ 'ସ୍ୱତନ୍ତ୍ର ଶ୍ରେଣୀ' ଭାବେ ବିବେଚନା କରାଯିବା ଉଚିତ ଏବଂ ଜାମିନ ପ୍ରଦାନ କ୍ଷେତ୍ରରେ ଏକ ଭିନ୍ନ ଆଭିମୁଖ୍ୟ ଗ୍ରହଣ କରିବା ଆବଶ୍ୟକ ବୋଲି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଜାମିନ ଖାରଜ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ଏବଂ ତାଙ୍କ ପତ୍ନୀ ଅନିଶା ସୁବୁଦ୍ଧି ମିଶି 'ଷ୍ଟେୟାରୱେ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପ୍ରାଇଭେଟ ଲିମିଟେଡ'ର ପରିଚାଳନା ନିର୍ଦ୍ଦେଶକଙ୍କୁ ଆରବିଆଇର ଜାଲ୍ ଚିଠି ଦେଖାଇ ସୁନା ବ୍ୟବସାୟରେ ସେମାନେ ପ୍ରାଧିକୃତ ବୋଲି କହିଥଲେ। ଅଧିକ ଲାଭର ପ୍ରଲୋଭନ ଦେଖାଇ ସେମାନେ ଅଭିଯୋଗକାରୀଙ୍କଠାରୁ ବିଭିନ୍ନ ସମୟରେ ୫.୬କୋଟି ଟଙ୍କା ଠକିଥିଲେ।

# ପ୍ରତି ଜିଲ୍ଲାରେ ଡ୍ରାଇଭର ତାଲିମ କେନ୍ଦ୍ର

ଭୁବନେଶ୍ୱର,୧୪।୧(ସମିସ): ରାଜ୍ୟରେ ଡ୍ରାଇଭର ତାଲିମ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ପରାମର୍ଶ ଦେଇଛନ୍ତି କେନ୍ଦ୍ର ସରକାର। ଡ୍ରାଇଭରମାନଙ୍କର ଉନ୍ନତ ଜ୍ଞାନକୌଶଳ ସହିତ ପରିବହନ କ୍ଷେତ୍ରରେ ଦକ୍ଷତା ବଢ଼ାଇବାର ଆବଶ୍ୟକତା ରହିଛି। ତେଣୁ ଓଡ଼ିଶାରେ ଅଧିକ ସଂଖ୍ୟକ ଡ୍ରାଇଭର ତାଲିମ କେନ୍ଦ୍ର (ଡିଟିସି) ଖୋଲିବା ପାଇଁ କେନ୍ଦ୍ର ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ପରାମର୍ଶ ଦେଇଛି। ଓଡ଼ିଶାର ପ୍ରତି ଜିଲ୍ଲାରେ ଅନ୍ୟୂନ ଗୋଟିଏ ଲେଖାଏଁ ତାଲିମ କେନ୍ଦ୍ର ଖୋଲିବାର ଆବଶ୍ୟକତା ରହିଛି ଓ ଅଧିକ ଜନସଂଖ୍ୟା ଥିବା ଜିଲ୍ଲାଗୁଡ଼ିକରେ ଏହି ସଂଖ୍ୟା ବୃଦ୍ଧି କରିବାକୁ ପରାମର୍ଶ ଦିଆଯାଇଛି।

ସୂଚନା ଅନୁଯାୟୀ ୧୦ ଲକ୍ଷରୁ ଅଧିକ ଜନସଂଖ୍ୟା ଥିବା ଜିଲ୍ଲାଗୁଡ଼ିକରେ ଏହିପରି ଅଧିକ କେନ୍ଦ୍ର ଖୋଲିବା ପାଇଁ କେନ୍ଦ୍ର ସରକାର ଅନୁମୋଦନ ଦେଇପାରିବେ। ତେଣୁ ଓଡ଼ିଶାରେ ଅତିକମରେ ୩୦ଟି କେନ୍ଦ୍ର ଖୋଲାଯାଇ ପାରିବ। ବର୍ତ୍ତମାନ ଯାଜପୁରର ଛତିଆ, ଗଞ୍ଜାମର ପାଲୁର, କେନ୍ଦୁଝରର ଏବଂ ବଣାଇଁରେ ୪ ଟି ଇନଷ୍ଟିଚ୍ୟୁଟ୍ ଅଫ୍ ଡ୍ରାଇଭିଂ ଟ୍ରେନିଂ ଆଣ୍ଡ ରିସର୍ଚ୍ଚ (ଆଇଡିଟିଆର) ଅଛି। ମାତ୍ର ଏହାର ଗୋଟିଏ ବି ଡ୍ରାଇଭର ତାଲିମ କେନ୍ଦ୍ର (ଡିଟିସି) କିମ୍ବା ଆଞ୍ଚଳିକ ଡ୍ରାଇଭର ତାଲିମ କେନ୍ଦ୍ର (ଆରଡିଟିସି) ନାହିଁ। ରାଜ୍ୟ ସରକାର ପୂର୍ବରୁ ଓଡ଼ିଶାରେ ଆଉ ୪ ଟି ଆଇଡିଟିଆର ଏବଂ ଗୋଟିଏ ଆରଡିଟିସି ସ୍ଥାପନ ପାଇଁ ପ୍ରସ୍ତାବ ଦେଇଥିଲେ। କେନ୍ଦ୍ରୀୟ ମୋଟର ଯାନ ନିୟମ, ୧୯୮୯ରେ ଏଭଳି କେନ୍ଦ୍ର ପ୍ରତିଷ୍ଠା କରିବା ବାଧ୍ୟତାମୂଳକ ରହିଛି। ଡ୍ରାଇଭରମାନଙ୍କ ମଧ୍ୟରେ ଉତ୍ତମ ଡ୍ରାଇଭିଂ ଦକ୍ଷତା ଏବଂ ସଡ଼କ ସୁରକ୍ଷା ବିଷୟରେ ଜ୍ଞାନ ବର୍ଦ୍ଧନ କରିବାରେ ଏହା ସହାୟକ ହୋଇଥାଏ। ମାତ୍ର ଡିଟିସି ପ୍ରତିଷ୍ଠାନ ଦ୍ୱାରା ତୃଣମୂଳ ସ୍ତରରେ ଡ୍ରାଇଭରମାନଙ୍କ ଦକ୍ଷତା ବୃଦ୍ଧି ହୋଇପାରିବାର ସମ୍ଭାବନା ଥିବାରୁ ଏହା ଉପରେ ଗୁରୁତ୍ୱ ଦେଇବାକୁ କୁହାଯାଇଛି।

ଅନ୍ୟପଟେ ଓଡ଼ିଶାରେ ଆଉ ଦୁଇଟି ଆଇଡିଟିଆର ଏବଂ ୪ଟି ଆରଡିଟିସି ପ୍ରତିଷ୍ଠା ପାଇଁ ରାଜ୍ୟ ଯୋଗ୍ୟ ବିବେଚିତ ହୋଇଛି। ମାତ୍ର ତାଲିମପ୍ରାପ୍ତ ଡ୍ରାଇଭରଙ୍କ ଅଧିକ ଚାହିଦାକୁ ପୂରଣ କରିବା ପାଇଁ ବିଭାଗୀୟ ରାଜ୍ୟ ସରକାର ନିର୍ଦ୍ଧାରିତ ଯୋଗ୍ୟତା ମାନଦଣ୍ଡ ଅନୁଯାୟୀ ଗୋଟିଏ ଅତିରିକ୍ତ ଆଇଡିଟିଆର, ୪ ଟି ଆରଡିଟିସି ଏବଂ ୨୯ କିମ୍ବା ଅଧିକ ଡିଟିସିର ଅନୁମୋଦନ ପାଇଁ ଏକ ପ୍ରାଥମିକତା ପ୍ରସ୍ତାବ ପଠାଇବାକୁ ବିଭାଗୀୟ ମନ୍ତ୍ରୀ ନିତିନ ଗଡ଼କରୀ ରାଜ୍ୟକୁ ପରାମର୍ଶ ଦେଇଥିବା ଜଣାପଡ଼ିଛି। ପରିବହନ ବିଭାଗ ସୂତ୍ର ଅନୁଯାୟୀ କେନ୍ଦ୍ର ମନ୍ତ୍ରୀଙ୍କ ପରାମର୍ଶକୁ ଆଧାର କରି ପରିବହନ କମିଶନର ଅମିତାଭ ଠାକୁରଙ୍କୁ ଏକ ନୂତନ ପ୍ରସ୍ତାବ ପ୍ରସ୍ତୁତ କରିବାକୁ କୁହାଯାଇଛି।

**ପରିବହନ ଦକ୍ଷତା ବୃଦ୍ଧି ପାଇଁ କେନ୍ଦ୍ରର ନିର୍ଦ୍ଦେଶ**

# ଉପକଣ୍ଠ ଅଞ୍ଚଳକୁ ମହାନଗରରେ ସାମିଲକୁ ବିରୋଧ

## ସାମ୍ବିଧାନିକ ଅଧିକାର ଓ ଗ୍ରାମୀଣ ହିତକୁ ନେଇ ତେଜୁଛି ଅସନ୍ତୋଷ

ବ୍ରହ୍ମପୁର,୧୪।୧(ସମିସ): ବ୍ରହ୍ମପୁର ମହାନଗର ନିଗମରେ ସହରତଳି ଗ୍ରାମଗୁଡିକର ସାମିଲକୁ ନେଇ ଚର୍ଚ୍ଚା ତୀବ୍ର ହେଉଥିବା ବେଳେ, ବିଭିନ୍ନ ଗ୍ରାମ ପଞ୍ଚାୟତରେ ଏକ ଭିନ୍ନମତ ଦେଖିବାକୁ ମିଳୁଛି। ସହରର ଚମକ ଓ ସୁବିଧା ସତ୍ତ୍ୱେ ଅନେକ ଗ୍ରାମବାସୀ ବିକଶିତ ଗ୍ରାମୀଣ ସଂସ୍କୃତି ପରମ୍ପରା ଏବଂ ସରକାରୀ ଗ୍ରାମାଞ୍ଚଳ ଯୋଜନାରେ ଲାଭାର୍ଥୀ ହୋଇ ଗ୍ରାମରେ ରହିବାକୁ ପସନ୍ଦ କରୁଛନ୍ତି। ଏହାର ପଛରେ କୌଣସି ଭାବନା ନୁହେଁ, ବରଂ ଜୀବନ ସହ ଜଡିତ କେତେକ ବ୍ୟବହାରିକ କାରଣ ଥିବା ଦର୍ଶାଉଛନ୍ତି। ଏଠାରେ ମୌଳିକ ପ୍ରଶ୍ନ ଉଠୁଛି, ଏହି ସହରୀକରଣ କାହା ପାଇଁ ଏବଂ କେଉଁ ମୂଲ୍ୟରେ? ବ୍ରହ୍ମପୁର ମହାନଗର ନିଗମରେ ସାମିଲ କରିବା ପାଇଁ ସରକାରଙ୍କ ନିଷ୍ପତ୍ତି ଜଣାପଡିବା ପରେ ଉଭୟ ରଙ୍ଗେଇଲୁଣ୍ଡା ଓ କୁକୁଡାଖଣ୍ଡି ବ୍ଲକ୍‌ର ୩୪ଟି ଗାଁ ମଧ୍ୟରୁ ୧୧ଟି ଗାଁରେ ଏନେଇ ବିରୋଧାଭାଷ ରହିଥିବା ଅଭିଯୋଗ ହୋଇଛି। ଯାହା ସହରୀକରଣ ପ୍ରକ୍ରିୟାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ଆଶଙ୍କା, ଅନିଶ୍ଚିତତା ସହ ସହମତି ନଥିବା ଭଳି ମନେ ହେଉଛି। ଲାଠି ଏବଂ ବେଦାଳିଆ ଗ୍ରାମର ଅଧିକାଂଶ ପରିବାରର ନିଜସ୍ୱ ଜମି ଓ ଘର ରହିଛି। କୃଷି, ପଶୁପାଳନ, ମତ୍ସ୍ୟପାଳନ ଭଳି ପାରମ୍ପରିକ ଜୀବିକା ସହ ମନରେଗା ଭଳି ସରକାରୀ ଯୋଜନା ଗ୍ରାମୀଣ ଜୀବନକୁ ଆର୍ଥିକ ଭାବେ ସ୍ଥିରତା ପ୍ରଦାନ କରୁଛି। ଖାଦ୍ୟସୁରକ୍ଷା ମଧ୍ୟ ଏମାନଙ୍କ ପାଇଁ ଏକ




ଗୁରୁତ୍ୱପୂର୍ଣ୍ଣ ଦିଗ। ଗ୍ରାମୀଣ ଅଞ୍ଚଳରେ ସରକାରୀ କଲ୍ୟାଣ ଯୋଜନାର ଉପଲବ୍ଧ ସହଜ। ବୃଦ୍ଧ, ବିଧବା ଓ ଦିବ୍ୟାଙ୍ଗ ଭତ୍ତା, ଗ୍ରାମୀଣ ଆବାସ ଯୋଜନା, ମାଗଣା କିମ୍ବା ରିହାତି ସ୍ୱାସ୍ଥ୍ୟସେବା ଗ୍ରାମବାସୀଙ୍କ ଦୈନନ୍ଦିନ ଜୀବନକୁ ସମର୍ଥନ ଦେଉଛି। ତାହା ସହ ହୋଲ୍ଡିଂ ଟ୍ୟାକ୍ସ, ପାଣି କର, ଡ୍ରେନେଜ୍ ଶୁଳ୍କ, ଟ୍ରେଡ ଲାଇସେନ୍ସ, ବିବାହ ପଞ୍ଜିକରଣ, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ରର ଉଚ୍ଚ ଆର୍ଥିକ ଶୁଳ୍କ ଦ୍ୱାରା ଆର୍ଥିକ ବୋଝ ବଢିଯିବାର ଆଶଙ୍କା ରହିଛି। ସେପଟେ ସ୍ୱଚ୍ଛ ପରିବେଶ ଓ ଶୁଦ୍ଧ ବାୟୁ ଗ୍ରାମୀଣ ଜୀବନର ଆଉ ଏକ ବଡ଼ ସୁବିଧା। କମ୍ ପ୍ରଦୂଷଣ ଓ ଖୋଲା ସ୍ଥାନ ଗ୍ରାମବାସୀଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବାରେ ସହାୟକ ହେଉଛି। ଗ୍ରାମସଭା ଓ ପଞ୍ଚାୟତ ମାଧ୍ୟମରେ ଗ୍ରାମବାସୀ ନିଜ ମତ ରଖି ପାରୁଛନ୍ତି ଓ ସ୍ଥାନୀୟ ନିଷ୍ପତ୍ତିରେ ଅଂଶ ନେଉଛନ୍ତି। ଏହି ଲୋକତାନ୍ତ୍ରିକ ଅଧିକାର ସହରୀ ବ୍ୟବସ୍ଥାରେ ସାଧାରଣତଃ କମ୍ ଦେଖାଯାଏ। ବ୍ରହ୍ମପୁର ମହାନଗର ନିଗମ ଅଧୀନରେ ଅନେକ ମୌଳିକ ସମସ୍ୟା ଯଥା ପାନୀୟଜଳ ସଂକଟ, ରାସ୍ତାଘାଟ, ଡ୍ରେନେଜ୍ ବ୍ୟବସ୍ଥା ଓ ଆବର୍ଜନା ପରିଚାଳନାର ସମାଧାନ ହୋଇନଥିବା ଉପରେ ବି ଆଙ୍ଗୁଠି ଉଠାଯାଇଛି। ଏଭଳି ସ୍ଥିତିରେ ମହାନଗର ନିଗମର ସୀମା ବିସ୍ତାର ଏକ ଅପରିପକ୍ୱ ନିଷ୍ପତ୍ତି ବୋଲି ଆଲୋଚନା ହେଉଛି। ବ୍ରହ୍ମପୁର ମହାନଗର ନିଗମ ଯଦି ସହର ତଳି ଅଞ୍ଚଳ ଗୁଡ଼ିକର ମିଶ୍ରଣ ପାଇଁ ଜିଲ୍ଲା ପ୍ରଶାସନ, ପଞ୍ଚାୟତର ସହଯୋଗରେ ପ୍ରତ୍ୟେକ ଗାଁରେ ଏସମ୍ପର୍କିତ ଜନସଭା ଡ଼ାକି ଜନମତ ସଂଗ୍ରହ କରୁ ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଏଣୁ ସରକାର ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ନିଷ୍ପତ୍ତିର ପୁନଃବିଚାର କରି ଉଭୟ ଲାଠି ଓ ବେଦାଳିଆ ଗାଁକୁ ଗାଁର ମାନ୍ୟତା ଦେଇ ବ୍ରହ୍ମପୁର ମହାନଗର ନିଗମରେ ସାମିଲ ନକରିବାକୁ ଦାବି ହୋଇଛି। ଏପରିକି ସମସ୍ୟାର ସମାଧାନ ନହେଲେ ବିରୋଧ ଜାରି ରହିବ ବୋଲି ମଧ୍ୟ ସତର୍କ କରିଛନ୍ତି ବେଦାଳିଆ ବସିନ୍ଦା। ସେପଟେ ବର୍ତ୍ତମାନ ମହାନଗର ଅଞ୍ଚଳର ଆର୍ଥିକ ଅଭାବ ଯୋଗୁଁ ବିକାଶରେ ବାଧା ଏବଂ ପ୍ରଶାସନିକ ଅବ୍ୟବସ୍ଥା ନେଇ ନିକଟରେ ଖୋଦ୍ ମେୟରଙ୍କ ସମେତ କର୍ପୋରେଟରମାନେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଣୁ ଏଭଳି ନିଷ୍ପତ୍ତିର ପୁନଃବିଚାର ଜରୁରୀ ବୋଲି ମତ ଦେଇଛନ୍ତି ଆଇନଜୀବୀ ଅନନ୍ତ ନାରାୟଣ ମହାନ୍ତି।

## ଶିକ୍ଷା, ସ୍ୱାସ୍ଥ୍ୟ, ବିଜୁଳି, ପାନୀୟ ଜଳ ଓ ଗମନାଗମନ ସ୍ୱପ୍ନ

# ବିକାଶ ଖୋଜୁଛି ମାଟିଖଳା ଗାଁ

**ଲାଞ୍ଜିଗଡ଼, ୧୪।୧(ସମିସ)**

କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଏବେବି ଅନେକ ଗାଁକୁ ସରକାରଙ୍କ ମୌଳିକ ସୁବିଧା ପହଞ୍ଚି ପାରିନାହିଁ। ହେଲେ ଉଭୟ ସରକାର ମାଳମାଳ ଯୋଜନା ପ୍ରସ୍ତୁତ କରୁଛନ୍ତି ଓ ପାଣି ଭଳି ଟଙ୍କା ମଧ୍ୟ ଖର୍ଚ୍ଚ କରୁଛନ୍ତି। ହେଲେ କାହାପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ପ୍ରଶ୍ନବାଛି ସୃଷ୍ଟି କରୁଛି। ଏପଟେ ସରକାର ସବୁ କ୍ଷେତ୍ରରେ ବିକାଶର ନାରା ଦେଉଥିବା ବେଳେ କିନ୍ତୁ ବାସ୍ତବିକ ଚିତ୍ର ଦେଖିଲେ ଓଲଟା ଦେଖାଯାଉଛି। ଲୋକେ ସରକାରଙ୍କ ମୌଳିକ ସୁବିଧା କହିଲେ କ'ଣ ଜାଣି ନାହାନ୍ତି। କିନ୍ତୁ ଆଦିବାସୀଙ୍କ ପାଇଁ ନାନାଦି ଯୋଜନା କରି ପାଣି ଭଳି କୋଟିକୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ କାଗଜକଲମରେ ବିକାଶର ଗୋଲାପୀ ଚିତ୍ର ଆଙ୍କି ଦେଇ ନିରବ ରହୁଥିବା ଅଭିଯୋଗ ହେଉଛି। ଏହି ଭଳି ଅଭିଯୋଗ ହେଉଛି ବନ୍ଧପାରୀ ପଞ୍ଚାୟତ ଅନ୍ତର୍ଗତ ପଞ୍ଚକୁଡ଼ିର ପାଳି ଗାଁ ମାଟିଖଳାରୁ। ଉକ୍ତ ଗାଁରେ ୧୮ ଘର ଆଦିବାସୀ କୁଟିଆକନ୍ଧ ସମ୍ପ୍ରଦାୟର ଲୋକେ ବସବାସ କରି ଆସୁଥିବାବେଳେ ଏମାନଙ୍କ ପାଇଁ ଏଯାଏଁ ରାସ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, ପାନୀୟଜଳ ଓ ବିଜୁଳି ଭଳି ଅନେକ ମୌଳିକ ସମସ୍ୟା ଲାଗିରହିଛି। ଏଠିକାର ମୁଖ୍ୟ ସମସ୍ୟା ହେଉଛି ଗମନା ଗମନ ପାଇଁ ରାସ୍ତା। ସ୍ୱଳ୍ପ ବର୍ଷା ହେଲେ ଉକ୍ତ ରାସ୍ତାରେ ଯାତାୟତ ପାଇଁ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଗର୍ଭବତୀ ବା ଗୁରୁତର ରୋଗୀଙ୍କ ହାରାହାରି ୩କିଲୋମିଟର ଖଟିଆରେ ବୋହିକି ପ୍ରତିବେଡା ଗାଁକୁ ନେଲାପରେ ଆମ୍ବୁଲାନ୍ସ ସେବା ମିଳିଥାଏ।



ସେଠାରୁ ବିଶ୍ୱନାଥପୁର ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଁ ଚିକିତ୍ସା ହୋଇଥାନ୍ତି। ଶିକ୍ଷା କଥା କହିଲେ ବଣ ପାହାଡ଼ ଘେରା ଘଞ୍ଚ ଜଙ୍ଗଲ ତିନି କିଲୋମିଟର ପାଦଚଲା ରାସ୍ତା ଦେଇ ପ୍ରତିବେଡା ଓ ବଡବାନିଗାଁ ପ୍ରାଥମିକ ସ୍କୁଲକୁ ଯାଉଥିବାବେଳେ ଗାଁରେ ଅଙ୍ଗନାୱାଡି କେନ୍ଦ୍ର ଟିଏ ମଧ୍ୟ ନାହିଁ। ଯାହାଦ୍ୱାରା ଅନେକ କୋମଳ ମତି ଶିଶୁ ପ୍ରାକଶିକ୍ଷା ଓ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ରହୁଛନ୍ତି। ତେବେ ବଣ ପାହାଡ଼ ରାସ୍ତା ଓ ଜଙ୍ଗଲୀ ଜନ୍ତୁଙ୍କ ଭୟ ଯୋଗୁଁ ପିଲାମାନଙ୍କୁ ସ୍କୁଲ ଏବଂ ଅଙ୍ଗନବାଡି କେନ୍ଦ୍ରକୁ ଛାଡିବାକୁ ଉଚିତ ମନେ କରୁନାହାନ୍ତି ପରିବାର ଲୋକେ। ତେବେ ଉକ୍ତ ଗାଁରେ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ନିର୍ମାଣର ଆବଶ୍ୟକ ରହିଥିବାବେଳେ ଅନେକ ଥର ଅଭିଯୋଗ ସତ୍ୱେ ମଧ୍ୟ କୌଣସି ଫଳପ୍ରଦ ହେଉନାହିଁ ବୋଲି ଗ୍ରାମବାସୀ ମତପ୍ରକାଶ କରିଛନ୍ତି। ଗାଁରେ ପାନୀୟଜଳ କଥା କହିଲେ ଏକମାତ୍ର ନଳକୂପ ରହିଛି ହେଲେ ତାହା ଗ୍ରୀଷ୍ମ ଋତୁରେ ୧୮ ଘର ପରିବାରକୁ ପାଣି ନିଅଣ୍ଟ ହେଉଥିବା ବେଳେ ଲୋକେ ଝରଣା ପାଣିକୁ ମଧ୍ୟ ବ୍ୟବହାର କରୁଛୁ ବୋଲି ଗଣମାଧ୍ୟମ ସମ୍ମୁଖରେ ପ୍ରକାଶ କରିଛନ୍ତି। ସେପଟେ ବିଜୁଳି କଥା କହିଲେ ସୂଚନା ଅନୁସାରେ ଦୀର୍ଘ ୩ମାସ ହେଲା ବିଦ୍ୟୁତ୍ ଟ୍ରାନ୍ସଫରମର ଅଚଳ ଅବସ୍ଥାରେ ପଡ଼ି ରହିଛି। ଏବେ ଯାଏଁ ମରାମତି ହୋଇପାରିନାହିଁ। ଏପଟେ ଜଙ୍ଗଲୀ ହାତିର କୋକୁଆ ଭୟ ସୃଷ୍ଟି କରୁଥିବାବେଳେ ଲୋକେ ସଞ୍ଜ ହେଲେ ଭୟରେ ଘରୁ ପଦାକୁ ପାଦ କାଢି ପାରୁନାହାନ୍ତି। ଟ୍ରାନ୍ସଫର୍ମର ମରାମତି ପାଇଁ ଅନେକ ଥର ବିଦ୍ୟୁତ ବିଭାଗକୁ ଜଣେଇ ଥିଲେ ସୁଦ୍ଧା ମରାମତି କରି ଦେଉନାହାନ୍ତି ବୋଲି ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି। ତେବେ ଉକ୍ତ ଗାଁର ସମସ୍ୟା ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ମୀନକେତନ ମାଝୀ, ରାଜୁ ମାଝୀ, ତୀର୍ମେ ମାଝୀ, ଭଦ୍ର ମାଝୀ, ମଧୁ ମାଝୀ, ଗୁଦାଡ଼ି ମାଝୀ, ତୁଳା ମାଝୀ, ସିଙ୍ଗାରି ମାଝୀ, ରତ୍ନୀ ମାଝୀ, ସାନ୍ଧୁ ମାଝୀଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି।

## ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ ପାଳନ

# ଜଳର ସୁବିନିଯୋଗ କଲେ ଚାଷ କାର୍ଯ୍ୟ ଆଗକୁ ଯିବ




**ନୂଆପଡ଼ା, ୧୪।୧(ସମିସ):** ନୂଆପଡ଼ା ଜଳ ସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-ସ୍ଥାନୀୟ ପୁଲିସ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ନୂଆପଡ଼ା ଜିଲ୍ଲା ପରିଷଦ ଅଧ୍ୟକ୍ଷା ଡଲି ମାଝୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବରିଷ୍ଠ ଅଧିବକ୍ତା ପ୍ରସନ୍ନ କୁମାର ପାଢ଼ୀ, ନୂଆପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, କୋମନା ପଞ୍ଚାୟତ ସମିତି ଅଧ୍ୟକ୍ଷା ଅନୁସୁୟା କୁମ୍ଭାର, ଜିଲ୍ଲା ପରିଷଦ ସଭ୍ୟ ଭରତ ଲାଲ ରାଉତ, ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଆପେକ୍ସ କମିଟି ସଭାପତି ମିଳନ ଯାଦବ, ଡୁମେରବାହାଲ ଆପେକ୍ସ କମିଟି ସଭାପତି ରାଧେଶ୍ୟାମ ସାନ୍ତା, ଜିଲ୍ଲାମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନାୟକ, ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ରଶ୍ମି ରଞ୍ଜନ ପାତ୍ର ପ୍ରମୁଖ ଯୋଗ ଦେଇଥିଲେ ଓ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ପ୍ରେମାନନ୍ଦ ମାଝୀ ସମସ୍ତଙ୍କୁ ସମାରୋହରେ ସ୍ୱାଗତ କରି ସମ୍ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥିମାନେ ଉଦ୍‌ବୋଧନ ଦେଇ ଜଳର ସୁପରିଚାଳନା ଓ ସୁବିନିଯୋଗ କରିବା ପାଇଁ ଆହ୍ୱାନ ଦେଇଥିଲେ। ପକ୍ଷ ପାଳନର ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜଳର ସୁପରିଚାଳନା ସୁବିନିଯୋଗ ଏବଂ ଚାଷୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ ଚାଷ କାର୍ଯ୍ୟକୁ ଆଗକୁ ନେଇଯିବା। ପକ୍ଷ ପାଳନ ଅବସରରେ ଆୟୋଜିତ କୁଇଜ, ଚିତ୍ରାଙ୍କନ, ନିବନ୍ଧ, ବିତର୍କ ଓ ପ୍ରଦର୍ଶନୀ ଇତ୍ୟାଦି ପ୍ରତିଯୋଗିତାରେ ବିଜୟୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ପ୍ରଥମ ପୁରସ୍କାର ରାଶି ଥିଲା ୨୫୦୦ ଟଙ୍କା, ଦ୍ୱିତୀୟ ୨୦୦୦ ଟଙ୍କା ଓ ତୃତୀୟ ୧୫୦୦ ଟଙ୍କା ଓ ନୂଆପଡ଼ା ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉଜ୍ଜଳ ଜାନୀ ଏବଂ ଲୋୟର ଇନ୍ଦ୍ର ଜଳସେଚନ ପ୍ରକଳ୍ପର ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ ପ୍ରମୁଖ ସମାରୋହ ପରିଚାଳନା କରିଥିଲେ।

# ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ପ୍ରତିଷ୍ଠା ଦିବସ

**ଭବାନୀପାଟଣା, ୧୪।୧(ସମିସ):** ସ୍ଥାନୀୟ ପ୍ରାଥମିକ ଶିକ୍ଷକ ଭବନରେ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନର ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତପିମଣି ଜାନୀ, ବରିଷ୍ଠ ସାମ୍ବାଦିକ ଦେବେନ୍ଦ୍ର ବିଶି, ଫେଡେରେସନର ରାଜ୍ୟ ସଭାପତି ତଥା ଜିଲ୍ଲା ସାଧାରଣ ସମ୍ପାଦକ ଧୀରେନ୍ଦ୍ର କୁମାର ପଟ୍ଟନାୟକ, ଉପସଭାପତି ଦୀପକ ରଞ୍ଜନ ଦାସ ପ୍ରମୁଖ ଯୋଗ ଦେଇଥିବା ବେଳେ ଜିଲ୍ଲା ସଭାପତି ବୀରେନ୍ଦ୍ର ବାଗ ଅଧ୍ୟକ୍ଷତା କରିଥିଲେ। ପ୍ରାରମ୍ଭରେ ଅତିଥିମାନେ ସଂଘର ପତାକା ଉତ୍ତୋଳନ କରିଥିଲେ। ଶ୍ରୀଗଣେଶ ଓ ସରସ୍ୱତୀଙ୍କ ଫଟୋଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ଏବଂ ସଂଘର ପ୍ରତିଷ୍ଠାତା ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଭଜନ ପରିବେଷଣ କରିଥିଲେ ଜିଲ୍ଲା ଉପସଭାନେତ୍ରୀ ଅର୍ଚ୍ଚନା ମିଶ୍ର। ଦିବଂଗତ ସଂଘ କର୍ମକର୍ତ୍ତା ଅଚ୍ୟୁତ ନାଏକ ଓ କୁଞ୍ଜବିହାରୀ ମିଶ୍ରଙ୍କ ଆତ୍ମାର ସଦଗତି ଲାଗି ନିରବ ପ୍ରାର୍ଥନା କରାଯାଇଥିଲା। ଏହି ଅବସରରେ



ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତପିମଣି ଜାନୀ ଏବଂ ଯୁବ ଶିକ୍ଷକ ତଥା ସାହିତ୍ୟିକ ସୁଧୀର କୁମାର ଧଙ୍ଗଡ଼ାମାଝୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମାନପତ୍ର ପାଠ କରିଥିଲେ ଥୁଆମୂଳ ରାମପୁର ବ୍ଲକ ସଭାପତି ଅଜିତ କୁମାର ନାୟକ ଓ ସଦର ବ୍ଲକ ଉପସଭାନେତ୍ରୀ ବସୁମତୀ ସାହୁ। ସଦର ବ୍ଲକ ସଭାପତି ମଧୁସୂଦନ ପ୍ରଧାନ ସଭା ପରିଚାଳନା କରିଥିବା ବେଳେ ଜିଲ୍ଲା ସଂଗଠନ ସମ୍ପାଦକ ପଦ୍ମଲୋଚନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା ଉପଦେଷ୍ଟା ମଣ୍ଡଳୀର ସଦସ୍ୟମାନଙ୍କ ସମେତ ସଂଘର ସହସମ୍ପାଦକ ଉପେନ୍ଦ୍ର ପଧାନ, ପୂର୍ଣ୍ଣଚନ୍ଦ୍ର ପୁଝାରୀ, ଲଳିତ କୁମାର ନାଏକ, କୋଷାଧ୍ୟକ୍ଷ ଶିବପ୍ରସାଦ ଦାଶ କୋର କମିଟି ସଦସ୍ୟ ଯୋଗେଶ୍ୱର ମିଶ୍ର, ଦିଲ୍ଲୀପ ଖାନସାମା, ଶ୍ରୀନିବାସ ଆଚାରୀ, ବେଣୁଧର ବିଶ୍ୱାଳ, ସୁବାଷଚନ୍ଦ୍ର ବିଶ୍ୱାଳ ତପନ କୁମାର ବେହେରା, ଅମରେନ୍ଦ୍ର ପଟ୍ଟନାୟକ, ତ୍ରିନାଥଶ୍ୟାମ କୁମାର, ରାମେଶ୍ୱର ନାଏକ ସମେତ ସମସ୍ତ ବ୍ଲକ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଘରେ ପଶି ଟଙ୍କା, ସୁନା ଲୁଟିନେଲେ

**ଧର୍ମଗଡ଼, ୧୪।୧(ସମିସ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ଥାନା ଧର୍ମଗଡ଼ କଲେଜ ନିକଟସ୍ଥ ହୁକୁମଚନ୍ଦ୍ର ଅଗ୍ରୱାଲଙ୍କ ଘରୁ କବାଟ ଭାଙ୍ଗି ଦୁର୍ବୃତ୍ତ ଘରେ ଥିବା ସୁନା, ରୁପା ଓ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ପ୍ରମାଣ ନଷ୍ଟ ପାଇଁ ଘରେ ଲାଗିଥିବା ସିସିଟିଭି ହାର୍ଡ ଡିସ୍କ ମଧ୍ୟ ଦୁର୍ବୃତ୍ତ ନେଇଯାଇଛନ୍ତି। ଘଟଣାରେ ପୁଲିସ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅଭିଯୋଗ ଅନୁସାରେ ସୋମବାର ଦିନ ହୁକୁମ ଚନ୍ଦ୍ର ଅଗ୍ରୱାଲଙ୍କ ପଞ୍ଚାୟତ କଲେଜ ନିକଟସ୍ଥ ଘରେ କେହି ନ ଥିବା ବେଳେ ବିଳମ୍ବିତ ରାତ୍ରିରେ ଘରର କବାଟ ଭାଙ୍ଗି ୨ଲକ୍ଷ ଟଙ୍କା, ରୁପା ଓ ସୁନା ଗହଣା ହରି ଲୁଟ କରିଥିବା ପରିବାର ପକ୍ଷରୁ ଆଜି ଧର୍ମଗଡ଼ ଥାନାରେ ଏତଲା ଦେଇଛନ୍ତି। ଏତଲାକୁ ଭିତ୍ତି କରି ଧର୍ମଗଡ଼ ଥାନାରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଥିବା ବେଳେ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଘଟଣା ସମ୍ପର୍କରେ ପୁଲିସକୁ ପଚାରିବାରୁ ପୁଲିସ ଠାରୁ ସ୍ପଷ୍ଟ ଉତ୍ତର ମିଳିପାରି ନାହିଁ।

# କୋମନା ବ୍ଲକସ୍ତରୀୟ ଠିକାଦାର ସଂଘ ଗଠିତ

**କୋମନା, ୧୪।୧(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକସ୍ତରୀୟ ଠିକାଦାର ସଂଘର ବୈଠକ ଗତ ମଙ୍ଗଳବାର ଦିନ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକର ସମସ୍ତ ବର୍ଗର ଠିକାଦାରମାନେ ଉପସ୍ଥିତ ରହି ସଂଘର ସୁଦୃଢ଼ୀକରଣ ଏବଂ ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ। ବୈଠକରେ ନୂଆପଡ଼ା ଏବଂ ଖଡ଼ିଆଳ ବ୍ଲକର ବରିଷ୍ଠ ଠିକାଦାରଙ୍କୁ ସ୍ୱତନ୍ତ୍ର ଭାବେ ନିମନ୍ତ୍ରଣ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସଭାପତି ଭାବେ ନବୀନ କୁମାର ଠାକୁର, ଉପସଭାପତି ଭାବେ ନରେଶ କୁମାର ଜୈନ୍, ସନ୍ତୋଷ କୁମାର ସୂପକାର ଏବଂ ମହାବୀର ପ୍ରସାଦ ସାହୁ, ସମ୍ପାଦକ ଭାବେ ମନୋରଞ୍ଜନ ପାଣିଗ୍ରାହୀ ଏବଂ ବିନୟ କୁମାର ଜୈନ୍, କୋଷାଧ୍ୟକ୍ଷ ଭାବେ ଗୁଣବନ୍ତ ରଥ ସର୍ବସାମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସଭାକୁ ମାନସ ରଞ୍ଜନ ପାଢ଼ୀ ସୁଚାରୁରୂପେ ପରିଚାଳନା କରିଥିଲେ। ସଂଘର ଗଠନ ପ୍ରକ୍ରିୟାରେ ଶେଖର ସିନ୍ହା, ସଲିଲ ପାଲ, ରାଜୀବ କୁମାର ହୋତା, ସଞ୍ଜୀବ ପ୍ରଧାନ ଏବଂ ଅବଦୁଲ ରିଆଜ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ। ଆଗାମୀ ଦିନରେ ବ୍ଲକର ସମସ୍ତ ଠିକାଦାରଙ୍କ ସ୍ୱାର୍ଥ ରକ୍ଷା ଏବଂ ବିକାଶମୂଳକ କାର୍ଯ୍ୟରେ ସଂଘ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ନବନିର୍ବାଚିତ ସଭାପତି ପ୍ରକାଶ କରିଛନ୍ତି।

# ବୁଥ୍‌ସ୍ତରୀୟ ସଚେତନତା ଶୋଭାଯାତ୍ରା

**ନୂଆପଡ଼ା, ୧୪।୧(ସମିସ):** ବୁଧବାର ମକର ସଂକ୍ରାନ୍ତି ଅବସରରେ ଆସନ୍ତା ଜାତୀୟ ମତଦାତା ଦିବସ ଉପଲକ୍ଷେ ସ୍ଥାନୀୟ ସିଲଦା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ନୂତନ ଭାବେ ପଞ୍ଜିକୃତ (୧୮ରୁ ୨୦) ବର୍ଷ ଆୟୁବର୍ଗର ଭୋଟରଙ୍କ ମଧ୍ୟରେ ବୁଥ୍ ସ୍ତରୀୟ ଭୋଟର ସଚେତନତା ଶୋଭାଯାତ୍ରା, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ କରାଯାଇଛି। ଶୋଭାଯାତ୍ରାରେ ନୂତନ ଭୋଟର, ବୁଥ୍ ସ୍ତରୀୟ ଅଧିକାରୀ, ଅଙ୍ଗନବାଡ଼ି କର୍ମୀ, ଆଶାକର୍ମୀ, ଗ୍ରାମର ସଚେତନ ଯୁବକ ଯୋଗଦାନ କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୯ଜଣ ଓ କୁଇଜ ପ୍ରତିଯୋଗିତାର ୧୫ଜଣ ଭୋଟର ଅଂଶ ଗ୍ରହଣ କରିଥିଲେ। ବୁଥସ୍ତରୀୟ ଅଧିକାରୀ ପ୍ରଦିପ୍ତ କୁମାର ରଥ ଓ ଶିଶିର କୁମାର ଭୋଇ




କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚିତ୍ରାଙ୍କନ ପ୍ରତିଯୋଗିତାରେ ଲିଲେଶ୍ୱରୀ ପାଣ୍ଡେ, ଭୁନେଶ୍ୱରୀ ରଣା ଓ ନିକି ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। କୁଇଜ୍ ପ୍ରତିଯୋଗିତାରେ ନିକି ସାହୁ, ଅନୁସୟା ପାଣ୍ଡେ ଓ ଲିଳାବାଇ ପାଣ୍ଡେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଆସନ୍ତା ୨୫ ତାରିଖରେ ଜାତୀୟ ମତଦାତା ଦିବସରେ ପୁରସ୍କାର ବିତରଣ କରାଯିବ ବୋଲି ଘୋଷଣା କରି ସମସ୍ତଙ୍କୁ ଧନ୍ୟବାଦ ଦେଇ କାର୍ଯ୍ୟକ୍ରମ ସମାପ୍ତ କରାଯାଇଥିଲା।

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ମୋତି ସେନାପତି
ତେନ୍ତୁଳି ପାଟଣା, ଦଶପଲ୍ଲା

ଆମ ମୁଣ୍ଡ ଉପରୁ ଆପଣଙ୍କ ହାତ ଉଠିଗଲା। ଆଜି ଏକାଦଶାହରେ ମହାପ୍ରଭୁଙ୍କ ପାଦପଦ୍ମରେ ଆମର ଏତିକି ପ୍ରାର୍ଥନା ଆପଣ ଯେଉଁଠି ଥାଆନ୍ତୁ ଭଲରେ ଥାଆନ୍ତୁ, ସଦାସର୍ବଦା ଆମକୁ ଆଶୀର୍ବାଦ କରୁଥାନ୍ତୁ।

ଶୋକସନ୍ତପ୍ତ:
ମାମା ଗିଫ୍ଟ ହାଉସ ଓ ସେନାପତି ପରିବାର

# ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ପରଲୋକ

**କର୍ଲାମୁଣ୍ଡା, ୧୪।୧ (ସମିସ)** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ କର୍ଲାମୁଣ୍ଡା ବସ୍ତିପଡ଼ା ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାଏକଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ



ବେଳକୁ ତାଙ୍କୁ ୫୦ ବୟସ ହୋଇଥିଲା। ମୃତ୍ୟୁ ଶର୍ଯା ନିକଟରେ ବଡ଼ ପୁଅ ଶୁଭମ ନାଏକ, ସୁମିତ, ବଡ଼ ଭାଇ ସୁଶାନ୍ତ ମଲ୍ଲିକ, ବଡ଼ ଝିଅ ସର୍ମିଷ୍ଠା, ସୁଦେଷ୍ଣା ସମେତ ବନ୍ଧୁବର୍ଗ ଉପସ୍ଥିତ ଥିଲେ। ସ୍ଥାନୀୟ ଶ୍ମଶାନ ରେ ଅନ୍ତିମ ସଂସ୍କାର କରାଯାଇଥିଲା। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକପ୍ରକାଶ ପାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହ ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେଇଥିଲେ।

# ଅମୃତଧାରା ଓ ଗୋଷ୍ଠୀ ଶୌଚାଳୟ ଉଦ୍‌ଘାଟିତ



**କେସିଙ୍ଗା, ୧୪।୧(ସମିସ):** କଳାହାଣ୍ଡି ଜିଲ୍ଲା କେସିଙ୍ଗା ବ୍ଲକରେ ୨୬ଟିପଞ୍ଚାୟତ ମଧ୍ୟରୁ ତୁଣ୍ଡଲା ପଞ୍ଚାୟତ ର ବନ୍ଧପଡ଼ା ଗ୍ରାମରେ କେସିଙ୍ଗା ବ୍ଲକ ପକ୍ଷରୁ ସୌରଶକ୍ତି ଦ୍ୱାରା ପରିଚାଳିତ ଏକ ଅମୃତଧାରା ଓ ଗୋଷ୍ଠୀ ଶୌଚାଳୟ ମଙ୍ଗଳବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଏହା ସହ ତୁଣ୍ଡଲା ବଜାର ଛକରେ ଗୋଷ୍ଠୀ ଶୌଚାଳୟ ଲୋକଙ୍କ ସେବାରେ ସମର୍ପିତ କରାଯାଇଛି। ଉକ୍ତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର ସିଂହଦେଓ, ସମ୍ମାନିତ ଅତିଥି ଭାବରେ କେସିଙ୍ଗା ବିଡିଓ ଜନ୍ମେଜୟ ସ୍ୱାଇଁ ଯୋଗ ଦେଇଥିଲେ। ଅତିଥି ମାନେ ଆଗାମୀ ଦିନରେ କେସିଙ୍ଗା ବ୍ଲକର ଯେ କୌଣସି ପଞ୍ଚାୟତରେ ନୂତନ ଗୋଷ୍ଠି ଶୌଚାଳୟ କିମ୍ବା ଅମୃତଧାରା ନିର୍ମାଣ ହେଲେ ବିଜୁଳି ବ୍ୟବସ୍ଥା ସୌରଚଳିତ ହେବ ବୋଲି ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତୁଣ୍ଡଲା ସରପଞ୍ଚ ସରୋଜ ସେଠ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପାର୍ଥ ରଣା ଓ ବହୁ ସଂଖ୍ୟାରେ ଅଞ୍ଚଳବାସୀ ଉପସ୍ଥିତ ଥିଲେ।

# କଲମପୁର ବାର୍ ଆସୋସିଏସନର ବନ ବିହାର

**କଲମପୁର, ୧୪।୧(ସମିସ):** କଳାହାଣ୍ଡି ଜିଲ୍ଲା କଲମପୁର ବାର ଆସୋସିଏସନର ବନ ବିହାର କାର୍ଯ୍ୟକ୍ରମ ସିଂଘାରିଘାଟି ପାଦଦେଶରେ ଅନୁଷ୍ଠିତ ହୋଇଯାଇଛି। ସାଂଗଠାନିକ ବିଷୟ ବସ୍ତୁ ଉପରେ ଆଲୋଚନା ହୋଇଥିଲା। ସଭାପତି ଭାବେ କଲମପୁର ବାର ଆସୋସିଏସନର ସଭାପତି ଆଇନଜୀବୀ ସୁଶିଲ କୁମାର ରାଉତ ଅଧ୍ୟକ୍ଷତା କରିଥିଲେ, ଆସୋସିଏସନର ସମ୍ପାଦକ ଆଇନଜୀବୀ ଲୋକ ନାଥ ନାଏକ ବିଗତ ବର୍ଷର ଆୟବ୍ୟୟ ଉପରେ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମର ପୁରୋଧା ଭାବେ ଆଇନଜୀବୀ ଶଷଦେବ ନାଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଆଲୋଚନାରେ ବାର ଆସୋସିଏସନର ରେଜିଷ୍ଟ୍ରେସନ କିପରି ଶିଘ୍ର ହୋଇ ପାରିବ, ଜେଏମ୍‌ଏଫସି କୋର୍ଟ ଶିଘ୍ର ଉଦ୍‌ଘାଟନ ଲାଗି ପଦକ୍ଷେପ ଗ୍ରହଣ କରିବାକୁ ସର୍ବସମ୍ମତିକ୍ରମେ ପ୍ରସ୍ତାବ ପାରିତ ହୋଇଥିଲା। ବରିଷ୍ଠ ଆଇନଜୀବୀ ଜୟନ୍ତ ନାଏକ ମଞ୍ଚ ପରିଚାଳନା କରିଥିବା ବେଳେ ଆଇନଜୀବୀ ଉପେନ୍ଦ୍ର ବିହାରୀ, ଜିତେନ୍ଦ୍ର ପଟେଲ, ମାନସ ରଞ୍ଜନ ବାଗ, ଟିକେ ମଣି ଶବର, ଗୋପାଳ ସାହୁ, ଘଣ୍ଟେଶ୍ୱର ବାଗ ଉପସ୍ଥିତ ଥିଲେ। ଓକିଲ କିରାଣୀର ବ୍ଲକ ସଭାପତି ନକୁଳ ରଣାଙ୍କ ଅନୁପସ୍ଥିତରେ ପ୍ରତିନିଧି ଭାବେ ବରିଷ୍ଠ ଓକିଲ କିରାଣୀ ଦେବୀ ପ୍ରସାଦ ଚିନ୍ଦା ଉପସ୍ଥିତ ରହି ତାଙ୍କ ମତ ପ୍ରକାଶ କରିଥିଲେ। ଓକିଲ କିରାଣୀ ଚିତ୍ତ ରଞ୍ଜନ ନାଏକ, ନିଧନ ନାଗ, ଧନଞ୍ଜୟ ନାଏକ, ପ୍ରମୋଦ ନିମୁଲିଆ, ଶ୍ୟାମ ନାଗ, ଶଙ୍କର ପ୍ରସାଦ ସୁନାନୀ ପ୍ରମୁଖ ଉପସ୍ଥିତ ଥିଲେ।

# ସିପିଏସ୍‌ଡବ୍ଲ୍ୟୁର ବାର୍ଷିକ ସମ୍ମିଳନୀ

**ନୂଆପଡ଼ା, ୧୪।୧(ସମିସ):** ନୂଆପଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ସିପିଏସଡବ୍ଲ୍ୟୁର ବାର୍ଷିକ ସମ୍ମିଳନୀ ପାତୋରା ଶୈବ ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ସମ୍ମିଳନୀରେ ନୂଆପଡ଼ା ୟୁକୋ ବ୍ୟାଙ୍କର ଶାଖା ପରିଚାଳକ ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ। ସମ୍ମାନୀୟ ଅତିଥିମାନଙ୍କ ମଧ୍ୟରେ ଅନୁଷ୍ଠାନର ଟ୍ରଷ୍ଟି ମେମ୍ବର ସମ୍ବିତ ନନ୍ଦ, ରମେଶ ଚନ୍ଦ୍ର ସିଂହ ଉପସ୍ଥିତ ଥିଲେ। ଅନୁଷ୍ଠାନର କାର୍ଯ୍ୟକାରୀ ସମ୍ପାଦକ ବିରଞ୍ଚି ନାରାୟଣ ମହାପାତ୍ର ସଭାପତିତ୍ୱ କରିଥିଲେ। ଶେଷ ଏକ ବର୍ଷରେ ସଂଗଠନ ଅଞ୍ଚଳରେ କଣ ସବୁ କାମ କରିଛି ଆଲୋଚନା ହୋଇଥିଲା ଓ ବିଭିନ୍ନ ଚାଷରେ ଉଲ୍ଲେଖନୀୟ ସଫଳତା ପାଇଥିବା ୯ ଜଣ ଚାଷୀଙ୍କୁ ଅନୁଷ୍ଠାନ ତରଫରୁ ସମ୍ମାନିତ କରା ଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ସମସ୍ତ କର୍ମୀ ତଥା ଅଗ୍ରଣୀ ଚାଷୀମାନେ ଉପସ୍ଥିତ ଥିଲେ।




ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂ ବାସୁଦେବ ନାୟକ
ଆବିର୍ଭାବ: ୦୭.୦୮.୧୯୫୩
ତିରୋଧାନ: ୦୫.୦୧.୨୦୨୬

ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା

ତୁମ ପରି ଜଣେ ଜୁଏଲକୁ ହରାଇ ମର୍ମାହତ

ଶୋକ ସନ୍ତପ୍ତ : ପତ୍ନୀ କୌଶଲ୍ୟା, ସାନଭଉଣୀ ଲକ୍ଷ୍ମୀ, ସାନଭାଇ କାଳିଆ, ସାନବୋହୂ ପ୍ରତିମା, ପୁଅ ଚନ୍ଦନ, ପବନ୍, ଝିଅ ମୁନି, ବୋହୂ ରୀତା, ବିଷ୍ଣୁପ୍ରିୟା, ଭାଇ ଜସ୍‌କୃଷ୍ଣ, ଭାଇ -ସୁନୀଲ ପୁତୁରା ଶେଷଦେବ ପ୍ରମେଶ, ବୁଲୁ, ଝିଆରୀ ରୀତା, ଭଣଜା ଟୁନା ବୀର, ମଦନ, ମୋହନ, ଭାଣେଜି ରମା, ନାତି ବିପିନ, ବୁଟି ଓ ବନ୍ଧୁବାନ୍ଧବ ବର୍ଗ

ଏକ ପ୍ରତିଭାସମ୍ପନ୍ନ ଉଦ୍ୟମୀଙ୍କ ସ୍ମୃତିରେ



ଂ ଶୁଭଜ୍ୟୋତି ହୋତା
ଆବିର୍ଭାବ: ୨୫.୦୬.୧୯୯୩
ତିରୋଧାନ: ୦୧.୦୧.୨୦୨୬

ଶ୍ରୀ ଶୁଭଜ୍ୟୋତି ହୋତା, ପ୍ରୋପାଇଟର - Mamata Foods and Beverages ଏବଂ ଡାଏରେକ୍ଟର - Intravenous Healthcare Pvt. Ltd., ଙ୍କର ଦୁଃଖଦ ଦେହାନ୍ତ ୧ ଜାନୁଆରୀ ୨୦୨୬ ରେ ଘଟିଛି। ଏକ Mechanical Engineer ଏବଂ MBA ହୋଇ, ସେ ତାଙ୍କ ଜୀବନର ପ୍ରାରମ୍ଭିକ ଅବସ୍ଥାରେ କିଛି ପ୍ରସିଦ୍ଧ MNC ରେ କାର୍ଯ୍ୟରତ ଥିଲେ। ମାତ୍ର ୨୮ ବର୍ଷ ବୟସରେ ସେ ଉଦ୍ୟମୀତାର ଯାତ୍ରା ଆରମ୍ଭ କରି, ନିଜ ଦକ୍ଷତା, ଦୃଢ଼ ସଙ୍କଳ୍ପ ଏବଂ ପରିଶ୍ରମରେ ନିଜ ବ୍ୟବସାୟକୁ ସ୍ଥାପନ କରିଥିଲେ । ପିତା Retd. DFO ଶ୍ରୀ ସୁରେଶ ଚନ୍ଦ୍ର ହୋତା ଏବଂ ପ୍ରିୟଜନମାନେ ତାଙ୍କ ଅପରାହ୍ନକୁ ଅପୂରଣୀୟ କ୍ଷତି ବୋଲି ମନୁଅଛନ୍ତି । ଅତ୍ୟନ୍ତ ଅଳ୍ପ ବୟସରେ ଅକାଳ ବିୟୋଗ କରିଥିଲେ ସେ, କିନ୍ତୁ ତାଙ୍କ ସଫଳତା ଓ ପାରମ୍ପରିକତା ସବୁବେଳେ ପ୍ରେରଣା ଦେବ। ତାଙ୍କ ପବିତ୍ର ଆତ୍ମା ଶାନ୍ତିଲାଭ କରୁ।

Plot no - 778/1351, Mamata, Lane 2, Durgamadhabnagar

## ବିଧାନସଭା ନିର୍ବାଚନ ମଣ୍ଡଳୀ ପୁନଃଗଠନ ପ୍ରସଙ୍ଗ

# କୋକସରା କ୍ଷେତ୍ର ପୁଣି ମାନ୍ୟତା ପାଇପାରେ

**କୋକସରା, ୧୪।୧(ସମିସ)**

କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀର ସର୍ବ ପୁରାତନ ବିଧାନସଭା କ୍ଷେତ୍ର ଥିଲା କୋକସରା। ତେବେ ୨୦୦୯ ମସିହାରେ ଏହାକୁ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ବିଳିନ କରି ଦିଆଗଲା। ୧୨ ଥର ନିର୍ବାଚନକୁ ଆଖି ଆଗରେ ଦେଖିଥିବା କୋକସରା ନିର୍ବାଚନ ମଣ୍ଡଳୀକୁ ହଠାତ୍ ଉଚ୍ଛେଦ୍ କରି ଦିଆଯାଇଥିବାରୁ ସେହି ସମୟରେ ଅଞ୍ଚଳବାସୀ ତିବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଜିଲ୍ଲାର କେତେକ ରାଜନୈତିଜ୍ଞ ନିଜର ସ୍ୱାର୍ଥ ଦୃଷ୍ଟିରୁ କୋକସରା ନିର୍ବାଚନ ମଣ୍ଡଳୀକୁ ଜାଣିଶୁଣି ଉଚ୍ଛେଦ କରାଇ ଥିବା ଆଲୋଚନା ହୋଇଥିଲା। ସେହି ସମୟରେ ପ୍ରବଳ ଦାବି ସତ୍ତ୍ୱେ ମଧ୍ୟ କୋକସରା ପୁନର୍ବାର ବିଧାନସଭା ନିର୍ବାଚନ ମଣ୍ଡଳୀର ମାନ୍ୟତା ପାଇ ପାରିଲା ନାହିଁ। ବର୍ତ୍ତମାନ ରାଜ୍ୟରେ ବିଧାନସଭା ଓ ଲୋକସଭା ଆସନର ସୀମା ପୁନଃନିର୍ଦ୍ଧାରଣ (ଡିଲେମିଟେସନ) ପରେ ବିଧାନସଭା ଆସନ ସଂଖ୍ୟା ପ୍ରାୟ ୨୦୦ ଛୁଇଁ ପାରେ। ମୁଖ୍ୟମନ୍ତ୍ରୀ ଏ ସମ୍ପର୍କରେ ସୂଚନା ଦେଇଥିବା ଖବର ଗଣମାଧ୍ୟମରେ ପ୍ରକାଶିତ ହେବାପରେ ଉଚ୍ଛେଦ ହୋଇଥିବା ଲୋକସଭା ଓ ବିଧାନସଭା ନିର୍ବାଚନ ମଣ୍ଡଳୀ ଗୁଡ଼ିକ ପୁନଃନିର୍ଦ୍ଧାରଣକୁ ନେଇ ଆଶା ଉଜ୍ଜୀବିତ ହୋଇଛି। କଳାହାଣ୍ଡି ଲୋକସଭା ନିର୍ବାଚନ ମଣ୍ଡଳୀର କୋକସରା କ୍ଷେତ୍ର ପୁଣି ନିର୍ବାଚନ ମଣ୍ଡଳୀର ମାନ୍ୟତା ପାଇପାରେ ବୋଲି ଅଞ୍ଚଳରେ ଗୁଞ୍ଜରଣ ଆରମ୍ଭ ହେଲାଣି। ପ୍ରକାଶ ଯେ, ୧୯୫୬ ମସିହାରେ କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ପ୍ରଥମ କରି ଗଠନ ହୋଇଥିଲା। ଏବଂ କୋକସରା ବ୍ଲକ ସମେତ ଧର୍ମଗଡ଼ ବ୍ଲକର ଦଣ୍ଡପାଟ ଅଞ୍ଚଳ ଓ ଜୁନାଗଡ଼ ବ୍ଲକର ଚାରବାହାଲ ଅଞ୍ଚଳ ବ୍ୟତିତ ଥୁଆମୂଳ ରାମପୁରର କିଛି ଅଞ୍ଚଳ ଏବଂ ଜୟପାଟଣା ବ୍ଲକ ସହିତ କୋକସରା ନିର୍ବାଚନ ମଣ୍ଡଳୀ ଗଠିତ ହୋଇଥିଲା। ଏହି ନିର୍ବାଚନ ମଣ୍ଡଳୀରେ ୧୨ ଥରେ ନିର୍ବାଚନ ହୋଇଥିବା ବେଳେ ୧୯୭୧ ମସିହାରେ ଥରେ ଉପନିର୍ବାଚନ ହୋଇଥିଲା। ତେବେ ୧୨ ଥର ନିର୍ବାଚନ ଓ ଥରେ ଉପନିର୍ବାଚନ କୁ ଆଖି ଆଗରେ ଦେଖିଥିବା କୋକସରା ନିର୍ବାଚନ ମଣ୍ଡଳୀକୁ ୨୦୦୯ ମସିହାରେ ସୀମା ପୁନଃଗଠନ ହେତୁ ହଠାତ ଉଚ୍ଛେଦ କରି ଧର୍ମଗଡ଼ ନିର୍ବାଚନ ମଣ୍ଡଳୀରେ ଅନ୍ତର୍ଭୁକ୍ତ କରିଦିଆ ଗଲା। କୋକସରା ନିର୍ବାଚନ ମଣ୍ଡଳୀର ପ୍ରଥମ ବିଧାୟକ ଭାବେ କିଶୋର ଚନ୍ଦ୍ର ସିଂ ଦେଓ ନିର୍ବାଚିତ ହୋଇଥିବା ବେଳେ ଶେଷ ବିଧାୟକ ଭାବେ ପୁଷ୍ପେନ୍ଦ୍ର ସିଂ ଦେଓ ନିର୍ବାଚିତ ହୋଇଥିଲେ। ସେହି ସମୟରେ ସୀମା ପୁନଃ ଗଠନ ପାଇଁ କୋକସରା ବିଧାନସଭା ନିର୍ବାଚନ ମଣ୍ଡଳୀ ଭାଙ୍ଗି ଯାଇଥିଲା। ଏହାପର ଠାରୁ ଜୟପାଟଣା ବ୍ଲକ ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳିକୁ ଚାଲିଗଲା ଏବଂ ବର୍ତ୍ତମାନ ଧର୍ମଗଡ଼, କୋକସରା, କଳମପୁର ବ୍ଲକ ଓ ଜୟପାଟଣା ବ୍ଲକର ୪ ପଞ୍ଚାୟତକୁ ନେଇ ଧର୍ମଗଡ଼ ନିର୍ବଚାନ ମଣ୍ଡଳୀ ଗଠିତ ହୋଇଛି। କୋକସରା ବ୍ଲକର ମୋଟ ଜନସଂଖ୍ୟା ୧ ଲକ୍ଷ ୧୯ ହଜାର ୩୦୪ ରହିଥିବାବେଳେ, କଲମପୁର ବ୍ଲକର ଜନସଂଖ୍ୟା ୬୦ ହଜାର ୭୫ ଓ ଜୟପାଟଣା ବ୍ଲକର ଜନସଂଖ୍ୟା ୧ ଲକ୍ଷ ୩୦ ହଜାର ୨୩୪ ରହିଥିବା ଜଣାପଡ଼ିଛି। ତେଣୁ ପୁନର୍ବାର ଏହି ବିଧାନସଭା ନିର୍ବାଚନ ମଣ୍ଡଳୀ ଗଠନ କରିବା ପାଇଁ ଦାବି ଉଠିଛି। ଅନ୍ୟପଟେ କୋକସରା ସମେତ ଜିଲ୍ଲାର ବୁଦ୍ଧିଜୀବୀଙ୍କ ମତ ହେଉଛି ପୂର୍ବରୁ ଯେଉଁ ସବୁ ନିର୍ବାଚନ କ୍ଷେତ୍ର ଥିଲା ସେସବୁକୁ ପୁନର୍ବାର ନିର୍ବାଚନ ମଣ୍ଡଳୀର ମାନ୍ୟତା ଦିଆଯାଉ। ଏପରି ହେଲେ ବିଲିନ ହୋଇଯାଇଥିବା ନିର୍ବାଚନ ମଣ୍ଡଳୀ ଗୁଡ଼ିକ ପୁନଃ ନିଜସ୍ୱ ପରିଚୟ ପାଇବେ ଏବଂ ସମ୍ପୃକ୍ତ ଅଞ୍ଚଳର ଜନ ସାଧାରଣ ମଧ୍ୟ ଉପକୃତ ହୋଇପାରିବେ।

# ସ୍ୱତନ୍ତ୍ର ମାର୍ଗଦର୍ଶନ ଶିବିର 'ପ୍ରକାଶ' ଉଦ୍‌ଯାପିତ

**ଭବାନୀପାଟଣା, ୧୪।୧ (ସମିସ):** ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ କଳାହାଣ୍ଡି ତରଫରୁ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଠାରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ଲାଗି ଦ୍ୱିତୀୟ ପର୍ଯ୍ୟାୟ ଚାରିଦିନିଆ ଆବାସିକ ହାଇ ଏଟିଭର ସ୍ୱତନ୍ତ୍ର ମାର୍ଗଦର୍ଶନ ଶିବିର 'ପ୍ରକାଶ'ଉଦ୍‌ଯାପିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାର ୧୩ଟି ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୮୦ ଜଣ ଛାତ୍ରଛାତ୍ରୀ ଯୋଗଦାନ କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୩୬ ଜଣ ସାଧନ ଶିକ୍ଷକ ଶିକ୍ଷୟିତ୍ରୀ ଶିବିରରେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ସନ୍ଦେହ ମୋଚନ କରିଥିଲେ। ଜିଲ୍ଲାରେ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା ଫଳାଫଳରେ ଉନ୍ନତି ଆଣିବା ପାଇଁ ଓ ଅଧିକ ସଂଖ୍ୟାରେ ଏ-ୱାନ୍ ଗ୍ରେଡ୍ ହାସଲ କରିବା ପାଇଁ ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ତରଫରୁ ଅଭିନବ କାର୍ଯ୍ୟକ୍ରମ 'ପ୍ରକାଶ'ଗ୍ରହଣ କରାଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ, ତପିମଣି ଜାନି, ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁସିଆ ମେହେର, ତପନ ମାଝୀ, ଆଚାରୀ ଶବର, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ, ପ୍ରଧାନଶିକ୍ଷୟିତ୍ରୀ ଦୀନକୃଷ୍ଣ ଯୋଶୀ, ବୀରେନ୍ଦ୍ର ଆଚାର୍ଯ୍ୟ, ପ୍ରଶାନ୍ତ ନନ୍ଦ, ଜ୍ୟୋତି ମହାନନ୍ଦ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଲେବଲିଂ ନ କରି ଛାଡ଼ିଦେଲେ ଠିକାଦାର



ସଇଁତଲା, ୧୪ ।୧(ସମିସ): ସଇଁତଲା ବ୍ଲକ କେରମେଲି ପଞ୍ଚାୟତରେ ୨୬ନମ୍ବର ଜାତୀୟ ରାଜପଥରୁ ବନାରସ ପର୍ଯ୍ୟନ୍ତ ପିଚୁ କାମ ସରିଛି; ହେଲେ ରାସ୍ତାଟି ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଛି। ପିଚୁ କାମ ୫ ଦିନ ହେଲା ସମ୍ପୂର୍ଣ୍ଣ ହୋଇଛି। ରାସ୍ତାର ଦୁଇ ପାର୍ଶ୍ୱରେ ମୋରମ, ମାଟି ଠିକ୍ ହିସାବରେ ନ ପକାଇ ଠିକାଦାର କାମ ବନ୍ଦ କରି ଦେଇଛନ୍ତି। ଏହାଫଳରେ ରାସ୍ତାରେ ଯିବାଆସିବା ବହୁତ କଷ୍ଟ ହେଉଛି। ପିଚୁ ରାସ୍ତା ସହ ମାଟି ରାସ୍ତାର ଉଚ୍ଚତା ସମାନ ନ ଥିବାରୁ ପ୍ରତିଦିନ ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ରାସ୍ତା ସୃଦୃଢ ତଥା ଲେବଲିଂ ପାଇଁ ପାର୍ଶ୍ୱରେ ମାଟି ବା ମୋରମ ଭର୍ତ୍ତି କରି ରୋଲିଂ କରିବା ନିୟମ ରହିଛି। ଏହା କରିବା ଯୋଗୁଁ ପିଚୁ ଭାଙ୍ଗିବା ତଥା ଫାଟିବାରୁ ରକ୍ଷା ମିଳିଥାଏ। ଏହି ରାସ୍ତାରେ କିନ୍ତୁ ଏହି ନିମୟ ପାଳନ ହୋଇନି। ସ୍ଥାନୀୟ ଠିକାଦାର ଓ ଯନ୍ତ୍ରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଯୋଗୁଁ ଏହି ପରି ନିମ୍ନମାନର କାମ ହେଉଥିବା ଅଭିଯୋଗ ହୋଇଛି। କାମଟି ସମ୍ପୂର୍ଣ୍ଣ ନ ହୋଇ ମଧ୍ୟ ଯନ୍ତ୍ରୀ ବିଲ୍ କରିଥିବା ଅଭିଯୋଗ ହୋଇଛି। କାମର ଭିଜିଲାନ୍ସ ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। କାମ ସମ୍ପୂର୍ଣ୍ଣ ନ ହେଲେ ରାସ୍ତା ଅବରୋଧ କରିବା ପାଇଁ ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

## ଆବାସ ପାଇଁ ରାସନ ଓ ଭତ୍ତା ବନ୍ଦ ଘଟଣା

# ସବୁ ଜାଣି ମଧ୍ୟ ଚୁପ୍ ଜିଲ୍ଲା ପ୍ରଶାସନ

- ଖବର ପ୍ରକାଶ ପରେ ବାଣ୍ଟିଦେଇ ଖସିଗଲା ବ୍ଲକ ପ୍ରଶାସନ
- ଗରିବଙ୍କ ପେଟକୁ ଭୋକିଲା ରଖିଥିଲେ ସରକାରୀ ଅଧିକାରୀ
- ବାବୁଙ୍କ ବିରୋଧରେ ନା ତଦନ୍ତ ହେଲା ନା କାର୍ଯ୍ୟାନୁଷ୍ଠାନ ହେଲା

ବଲାଙ୍ଗିର, ୧୪।୧(ସମିସ)

ପ୍ରଶାସନିକ ବିଧି ବ୍ୟବସ୍ଥା ଭିତରେ ଭୁଲ୍ କରୁଥିବା କର୍ମଚାରୀ ହୁଅନ୍ତୁ କି ଅଧିକାରୀ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ; କିନ୍ତୁ ବଲାଙ୍ଗିର ଜିଲ୍ଲାରେ ଏହି ବ୍ୟବସ୍ଥା ଓଲଟା ରାସ୍ତାରେ ଗତି କରୁଥିବା ଅଭିଯୋଗ ହୋଇଛି। କିଛି ଦିନ ଭିତରେ ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମୌଖିକ ନିର୍ଦ୍ଦେଶ ଯୋଗୁଁ ଶତାଧିକ ହିତାଧିକାରୀ ରାସନ ସାମଗ୍ରୀ ଓ ଭତ୍ତା ପାଇବାରୁ ବଞ୍ଚିତ ହୋଇଥିଲେ। ଦୁଇ ଜଣ ଶିଶୁ ରାସନ ନ ପାଇବାର ପ୍ରଭାବ ତାଙ୍କ ଜୀବନ ଉପରେ କିଭଳି ପଡ଼ିଥିଲା ସେନେଇ ପ୍ରତିକ୍ରିୟା ମଧ୍ୟ ରଖିଥିଲେ। ତେବେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରୁ ହିତାଧିକାରୀଙ୍କୁ ବଞ୍ଚିତ କରାଯିବା ଘଟଣାକୁ ନେଇ ଜିଲ୍ଲା ପରିଷଦ ଅଧ୍ୟକ୍ଷା କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିଶ କରିଥିଲେ; କିନ୍ତୁ ଆଶ୍ଚର୍ଯ୍ୟ ଆଜି ପର୍ଯ୍ୟନ୍ତ ସମ୍ପୃକ୍ତ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ କିମ୍ବା ମୌଖିକ ନିର୍ଦ୍ଦେଶ ମାନି ହିତାଧିକାରୀଙ୍କୁ ଚାଉଳ ଦେଇ ନ ଥିବା ପଞ୍ଚାୟତ ନିର୍ବାହୀ ଅଧିକାରୀ, ଯୋଗାଣ ସହାୟକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହୋଇନାହିଁ।

ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ମନମୁଖୀ କାରବାର କିଛି ଦିନ ପୂର୍ବରୁ ପଦାରେ ପଡ଼ିଥିଲା। ଏହି ବ୍ଲକର ବିଭିନ୍ନ ପଞ୍ଚାୟତର ଶତାଧିକ ହିତାଧିକାରୀଙ୍କ ରାସନ ସାମଗ୍ରୀ ଓ ଭତ୍ତାକୁ ବନ୍ଦ କରି ଦିଆଯାଇଥିଲା। ଏନେଇ ହିତାଧିକାରୀ ପ୍ରଶ୍ନ ଉଠାଇବା ପରେ ଆବାସ ଘର ତିଆରି କରି ନ ଥିବାରୁ ଏହିଭଳି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଜଣାପଡ଼ିବା ପରେ ବଲାଙ୍ଗିର ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ ଅସନ୍ତୋଷ ପ୍ରକାଶ କରିଥିଲେ। କିଭଳି ଜଣେ ଅଧିକାରୀ ଆବାସ ଯୋଜନା ପାଇଁ ଗରିବଙ୍କୁ ଭୋକିଲା ରଖିବ ବୋଲି ତାଙ୍କ ମନରେ ପ୍ରଶ୍ନ ଆସିଥିଲା। ଏଥିପାଇଁ କୌଣସି ବ୍ୟବସ୍ଥା ନ ଥିବା ସତ୍ତ୍ୱେ ଏହିଭଳି କାର୍ଯ୍ୟାନୁଷ୍ଠାନ ବିରୋଧରେ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଜଣାଇଥିଲେ। ତେବେ ଏହି ଘଟଣା ପ୍ରଥମେ ଦୈନିକ 'ସକାଳ'ରେ ପ୍ରକାଶ ପାଇବା ପରେ ସଙ୍ଗେ ସଙ୍ଗେ ତରବରିଆ ଭାବେ ହିତାଧିକାରୀଙ୍କୁ ଖୋଜାଖୋଜି କରି ଘରକୁ ଯାଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ଓ ଯୋଗାଣ ସହାୟକମାନେ ରାସନ ସାମଗ୍ରୀ ଓ ଭତ୍ତା ବାଣ୍ଟିଥିବା ଜଣାପଡ଼ିଥିଲା। ଏହି ସମୟରେ ବିଡିଓ କୁଳଦୀପ ମହାନ୍ତିଙ୍କୁ ପଚାରିବାରୁ ସେ ଏହିଭଳି କୌଣସି ନିର୍ଦ୍ଦେଶ ଦେଇଥିବା ମନା କରିଥିଲେ। ଏପରିକି କୌଣସି ଲୋକଙ୍କ ରାସନ କିମ୍ବା ଭତ୍ତା ବନ୍ଦ ହୋଇ ନ ଥିବା କହିଥିଲେ; କିନ୍ତୁ ସେହି ସମୟରେ ବିଭିନ୍ନ ପଞ୍ଚାୟତର ଯୋଗାଣ ସହାୟକମାନେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ କହିବା ଅନୁସାରେ କିଛି ହିତାଧିକାରୀଙ୍କ ରାସନ ସାମଗ୍ରୀ ଓ ଭତ୍ତା ବନ୍ଦ କରାଯାଇଥିବା କହିଥିଲେ। ସେହିପରି ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ କହିବା ଅନୁସାରେ ଏନେଇ ବୈଠକରେ ଆଲୋଚନା ହୋଇଥିବା ସ୍ପଷ୍ଟ କରିଥିଲେ; କିନ୍ତୁ ଏହି କାର୍ଯ୍ୟାନୁଷ୍ଠାନ ପାଇଁ ବିଡିଓଙ୍କ କୌଣସି ଲିଖିତ ନିର୍ଦ୍ଦେଶ ନ ଥିବା ନିର୍ବାହୀ ଅଧିକାରୀ କହିଥିଲେ। ତେବେ ଏଠି ପ୍ରଶ୍ନ ଉଠୁଛି କାହା ନିର୍ଦ୍ଦେଶ ଓ କାହାର ଭୁଲ୍ ଯୋଗୁଁ ଗରିବଙ୍କ ପେଟକୁ ବ୍ଲକ ପ୍ରଶାସନ ଭୋକିଲା ରଖିଥିଲା। ସିଧାସଳଖ ଭାବେ ବିଡିଓଙ୍କ ବିରୋଧରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଭିଯୋଗ ଆଣିଥିଲେ; କିନ୍ତୁ ଆଶ୍ଚର୍ଯ୍ୟ ଏଭଳି ଏକ ସମ୍ବେଦନଶୀଳ ଘଟଣାରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଭାବେ ଚୁପ୍ ରହିଛି। ସମ୍ପୃକ୍ତ ବିଡିଓଙ୍କ ଉପରେ ନା ତଦନ୍ତ କରାଯାଇଛି ନା ରାସନ ସାମଗ୍ରୀ ଓ ଭତ୍ତା ବନ୍ଦ କରିଥିବା ନିର୍ବାହୀ ଅଧିକାରୀ ଓ ଯୋଗାଣ ସହାୟକଙ୍କ ବିରୋଧରେ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାରୁ ପ୍ରଶ୍ନ ଉଠୁଛି ଯେ କ'ଣ ଜଣେ ପ୍ରଶାସନିକ ଅଧିକାରୀ ଅନ୍ୟ ଏକ ଯୋଜନା ପାଇଁ ଗରିବଙ୍କ ରାସନ ସାମଗ୍ରୀ ବନ୍ଦ କରିପାରିବ। ଯଦି ହଁ ତେବେ ବଞ୍ଚିତ ଥିବା ହିତାଧିକାରୀଙ୍କୁ କାହିଁକି ସାମଗ୍ରୀ ବଣ୍ଟନ କରାଗଲା। ଯଦି ନା ତେବେ ଏହି କାର୍ଯ୍ୟାନୁଷ୍ଠାନ ନେଇଥିବା ଅଧିକାରୀ ଓ କର୍ମଚାରୀ ବିରୋଧରେ କ'ଣ କାର୍ଯ୍ୟାନୁଷ୍ଠାନର ନିୟମ ରହିଛି।

## ● ସର୍ବଭାରତୀୟ ପାଟଣା କପ୍

# ପଶ୍ଚିମବଙ୍ଗକୁ ହରାଇ ଫାଇନାଲରେ କଟକ

ପାଟଣାଗଡ଼, ୧୪ ।୧(ସମିସ): ସ୍ଥାନୀୟ ରମାଇ ହାଇସ୍କୁଲ ପଡ଼ିଆରେ ଚାଲିଥିବା ୨୧ତମ ସର୍ବଭାରତୀୟପାଟଣାକପ୍‌କ୍ରିକେଟଟୁର୍ଣ୍ଣାମେଣ୍ଟରେବୁଧବାରପୁଲଏରପ୍ରଥମସେମିଫାଇନାଲ ମ୍ୟାଚ ପଶ୍ଚିମବଙ୍ଗ ରାଜ୍ୟର ଆସାନସୋଲ ଓ କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଆସାନସୋଲ ଦଳ ଟସ୍ ଜିତି ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୩୨ ଓଭରରେ କଟକ ରାଇଜିଙ୍ଗ ଷ୍ଟୁଡେଣ୍ଟ ୮ ୱିକେଟ ରାଇ ୨୬୨ ରନ୍ ସଂଗ୍ରହ କରିଥିଲା। ଜବାବରେ ଆସାନସୋଲ ଦଳ ୨୭.୪ ଓଭରରେ




ସମସ୍ତ ୱିକେଟ ହରାଇ ୧୭ ୯ ରନ୍ କରିଥିଲା। ଫଳରେ କଟକ ରାଇଜିଂ ଷ୍ଟୁଡେଣ୍ଟ ବିଜୟୀ ହୋଇ ପୁଲ ଏରୁ ଫାଇନାଲରେ ପ୍ରବେଶ କରିଛି। କଟକ ଦଳର ରାଜେଶ ଧୂପର ୬୩ ବଲରେ ୮ ୭ ରନ୍ କରି ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ବିଡ଼ିଓ ସୁମନ ମିଞ୍ଜ ଓ ଦିଲୀପ ଦାସ ଯୋଗଦେଇ କୃତୀ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ। ସୁରେଶ ମେହେର, ଅଂଶୁମାନ ମିଶ୍ର, ଲିଟନ କର, ଅଜିତ ପଟ୍ଟନାୟକ, ପୃଥ୍ୱିରାଜ ମିଶ୍ର ପ୍ରମୁଖ ବିଭିନ୍ନ ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କମିଟି ସଭାପତି ମୁନା ମହାନ୍ତି, ଆୟୋଜକ ସମ୍ପାଦକ ନନ୍ଦନ ଠାକୁର, ସମ୍ପାଦକ ରାଜେନ୍ଦ୍ର ସେଠ, ସହ ସମ୍ପାଦକ ରାଣା ଚିନ୍ଦାଙ୍କ ସହ କମିଟିର କର୍ମକର୍ତ୍ତା ସହଯୋଗ କରିଥିଲେ। ଗୁରୁବାର ପୁଲ ବିର ପ୍ରଥମ ମ୍ୟାଚ କଟକ ୟୁନିୟନ ସ୍ପୋର୍ଟିଂ ଓ ରାଞ୍ଚିର ସେରସା ଦଳ ମଧ୍ୟରେ ଅନୁଷ୍ଠିତ ହେବ।

# ଜରାସିଂହା, ରାମଚନ୍ଦ୍ରପୁରରେ ପିଏମ୍‌ଶ୍ରୀ ଉତ୍ସବ



ଦେଓଗାଁ, ୧୪।୧(ସମିସ): ଜରାସିଂହା ପିଏମ୍‌ଶ୍ରୀ ନେତ୍ରଭାନୁ ହାଇସ୍କୁଲ ଓ ରାମଚନ୍ଦ୍ରପୁର ପିଏମଶ୍ରୀ ଏସଏସଡି ହାଇସ୍କୁଲଠରେ ପିଏମଶ୍ରୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରିୟ ରଞ୍ଜନ କୁମାର, ପୂର୍ବତନ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ ମେହେର, ଜିଲ୍ଲାପରିଷଦ ସଭ୍ୟା ସୁମତୀ ସେଠ, ସ୍ଥାନୀୟ ବିଏନଏଏର ସମ୍ପାଦକ ରାଜ କିଶୋର ସେଠ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା। ଏକ ପ୍ରାଚିର ପତ୍ରିକା ଉନ୍ମୋଚିତ ହୋଇଥିଲା। ତେବେ ପିଏମଶ୍ରୀ ଘୋଷିତ ହୋଇଥିବା ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବା ଉଦ୍ଦେଶ୍ୟରେ ବ୍ୟାପକ ଅର୍ଥ ବ୍ୟୟରେ ଏହି କାର୍ଯ୍ୟକ୍ରମ ହାତକୁ ନେଇଛି। ସରକାରୀ ଅର୍ଥ ବ୍ୟୟବରାଦ ଅନୁସାରେ କିନ୍ତୁ ଠିକ୍ ରୂପେ ମେଳା ଆୟୋଜନ ହେଉନି। ଏ ନେଇ ନେତ୍ରଭାନୁ ହାଇସ୍କୁଲର ପ୍ରଧାନ ଶିକ୍ଷକ ଦଣ୍ଡସେନାଙ୍କୁ ପଚାରିବାରୁ ମେଳା ପାଇଁ ସାଢ଼େ ୩ ଲକ୍ଷଟଙ୍କା ଅନୁଦାନ ଆସିଥିଲା। ଗାଇଡଲାଇନ ଅନୁସାରେ ମେଳା ଅନୁଷ୍ଠିତ ହୋଇଛି ବୋଲି କହିଥିଲେ।

# ଖପ୍ରାଖୋଲ ବ୍ଲକ୍‌ରେ ୧୬ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ

ଖପ୍ରାଖୋଲ, ୧୪ ।୧(ସମିସ): ଖପ୍ରାଖୋଲ ବ୍ଲକରେ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବୁଧବାର ୧୬ଟି ପ୍ରକଳ୍ପର ଶିଳାନ୍ୟାସ ସହ ଉଦ୍‌ଘାଟନ କରିଛନ୍ତି। ବାଘମୁଣ୍ଡରେ ନୂତନ ରାଜସ୍ୱ ନିରୀକ୍ଷଙ୍କ କାର୍ଯ୍ୟାଳୟ ଉଦଘାଟନ କରିଥିବା ବେଳେ ପରେ ନୂତନ ସାପ୍ତାହିକ ବଜାର ଲାଗି ଶୁଭ ଦେଇଥିଲେ। ଯୁରିଆ ଗାଁରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ପତ୍ରାପାଲି ଗାଁରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଲୋକାର୍ପଣ କରିଥିଲେ। ପତ୍ରାପାଲିରୁ ବଞ୍ଜିପାଲି ଭାୟା ପଡ଼ିଆବାହଲ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଧଣ୍ଡାମୁଣ୍ଡା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏକ ସେବା କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ସୁଖାଯୋରରେ ବନମାଲ, ଡୁଡୁକିପଦର ଓ ନାନ୍ଦୁପଲା ନାଳ ଓ ହରିଶଙ୍କର ନାଳରେ ଚେକ୍ ଡ୍ୟାମ୍ ଲାଗି ଶିଳାନ୍ୟାସ କରିଥିଲେ। ବଡଗୁର୍ଜିଭଟାରୁ ଘୁନସର ରାସ୍ତା ଲାଗି ଶିଳାନ୍ୟାସ କରିଥିଲେ। ସୁନାମୁଦିରୁ ବରଗଡ଼ ଜିଲ୍ଲା ଲୁହୁରେନ୍ ବାହାଲିକୁ ସଂଯୋଗ କରୁଥିବା ଅଙ୍ଗ ନଦୀ ଉପରେ ସେତୁ ନିର୍ମାଣ ଲାଗି ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ମହୁରୁଣ୍ଡି ଗାଁରେ ଅତିରିକ୍ତ ଶ୍ରେଣୀ ଗୃହ, ଶିବ ମନ୍ଦିର ଭୋଗ ମଣ୍ଡପ, ଖପ୍ରାଖୋଲ ଓ ଲାଠୋରରେ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟର ନୂତନ କୋଠାର ଉଦ୍‌ଘାଟନ କରିଥିଲେ। ରାଜସ୍ୱ ବିଭାଗ ତରଫରୁ ଭୂମିହୀନ ପରିବାରକୁ ୪ ଡିସିମିଲ ଲେଖାଏଁ ଜମିର ପଟ୍ଟା ବଣ୍ଟନ କରିଥିଲେ। ଏହି ଅବସରରେ ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ ମେହେର, ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ତହସିଲଦାର ଆନନ୍ଦ ପଣ୍ଡା, ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ବୁଦ୍ଧେଶ୍ୱର୍ ମହାପାତ୍ର, କ୍ଷୁଦ୍ର ଜଳସେଚନ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ରବୀନ୍ଦ୍ର କୁମାର ସେଠୀ, ନିର୍ବାହୀ ଯନ୍ତ୍ରୀ ମୁରଲିଧର ମହାଳିକ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ଗଗନ ବିହାରୀ କିଶାନ, ସହକାରୀ ଯନ୍ତ୍ରୀ ରାଜକିଶୋର ନାଏକ, ପଦ୍ମ କୁମାର ସିଂ ବରିହା, ସାଂସଦଙ୍କ ବ୍ଲକ ପ୍ରତିନିଧି ସନ୍ତୋଷ ଭଇଁସାଲ, ବିଜେପି ମଣ୍ଡଳ ସଭାପତି ଉମାକାନ୍ତ ପ୍ରଧାନ, ବିକାଶ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ




ଟିଟିଲାଗଡ଼, ୧୪ ।୧(ସମିସ): ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମ ପରିସରରେ ୩ ଦିନିଆ ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଛି। ପ୍ରଥମ ଦିବସରେ ସ୍ୱରାଜ ଏଣ୍ଡ ପାର୍ଟନର ଓ ଆଶୁତୋଷ ଏଣ୍ଡ ପାର୍ଟନର ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଆଶୁତୋଷ ଏଣ୍ଡ ପାର୍ଟନର ବିଜୟୀ ହୋଇଥିଲା।

ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ମୁଖ୍ୟଅତିଥି ଓ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାଜ୍ୟ ଓ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ୍ ଦ୍ୱାରା ଅନୁମୋଦିତ ଏହି ପ୍ରତିଯୋଗିତାରେ ୩୨ଟି ଦଳ ଅଂଶଗ୍ରହଣ କରିଛନ୍ତି। ନକ ଆଉଟ୍ ପ୍ରଣାଳୀରେ ହେବାକୁ ଥିବା ଏହି ପ୍ରତିଯୋଗିତାରେ ବିଜେତାଙ୍କୁ ଟ୍ରଫି ସହ ୨୨, ୨୨୨ ଟଙ୍କା ଓ ଉପ ବିଜେତାଙ୍କୁ ଟ୍ରଫି ସହ ୧୧, ୧୧୧ ଟଙ୍କା ଆର୍ଥିକ ପୁରସ୍କାର ରାଶି ଘୋଷଣା କରାଯାଇଛି। ତେବେ ଟିଟିଲାଗଡ଼ରେ ଏହି ପ୍ରତିଯୋଗିତାର ମୂଳଦୁଆ ପକାଇଥିବା ବିଶିଷ୍ଟ କ୍ରୀଡାବିତ୍ ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କ ଏକ ପ୍ରତିମୂର୍ତ୍ତି ଷ୍ଟାଡିୟମ ପରିସରରେ ସ୍ଥାପିତ କରିବାକୁ ମୁଖ୍ୟ ଅତିଥି ପ୍ରସ୍ତାବ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଟୁକୁନି ସାହୁ ତାଙ୍କ ସରକାର ଅମଳରେ ଟିଟିଲାଗଡ଼ରେ ଏକ ଅତ୍ୟାଧୁନିକ ଇଣ୍ଡୋର ଷ୍ଟାଡିୟମ ନିର୍ମାଣ ପାଇଁ ୧୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ଜଣାଇଥିଲେ। ଏହାସହ ଯଥାଶୀଘ୍ର ସେହି ପ୍ରକଳ୍ପ ଆରମ୍ଭ କରିବାକୁ ସରକାରଙ୍କ ନିକଟରେ ଦାବି ରଖିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଟିଟିଲାଗଡ଼ ବ୍ୟାଡମିଣ୍ଟନ ଆସୋସିଏସନ୍ ଅଧ୍ୟକ୍ଷ ପ୍ରମୋଦ ପ୍ରଧାନ, ଲାୟନ୍ସ କ୍ଲବ୍ ଅଧ୍ୟକ୍ଷ ସଞ୍ଜୟ ସୋନି, ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଯମୁନା ପ୍ରସାଦ ଗୋୟଲ, ଲିଓ କ୍ଲବ୍ ଅଧ୍ୟକ୍ଷ ପ୍ରତ୍ୟୁଷ ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ନିରୋଜ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

# ଘୁଚିପାଲି ବଡଦେଓ ପୀଠରେ ମକରମେଳା

ଦେଓଗାଁ, ୧୪।୧(ସମିସ): ଗାଇବାହାଲ ପଞ୍ଚାୟତ ଘୁଚିପାଲି ବଡଦେଓ ପୀଠରେ ବୁଧବାର ୨୦ତମ ମକରମେଳା ତଥା ବଡଦେଓଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଦେହେରୀ, ପୂଜକଙ୍କ ଗହଣରେ ବୁଢ଼ାଦେଓଙ୍କ ପୀଠରେ ପୂଜାର୍ଚ୍ଚନା କରାଯାଇଥିଲା। ସୁରଥ ଧରୁଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ସୁଦାମ ଚରଣ ଭୋଇ, ଜିଲ୍ଲା ଉପସଭାପତି ମହେନ୍ଦ୍ର ମଲ୍ଲିକ, ଜିଲ୍ଲା ସଚିବ ଦାଶରଥି ଭୋଇ, ରାଜ୍ୟ ସଭ୍ୟ ହେମସାଗର ଭୋଇ, ଜିଏସୟୁ ଜିଲ୍ଲା ଉପ ସଭାପତି ଟିକେଲାଲ ଧରୁଆ, ଗାଇବାହାଲ ପଲ୍ଲି ସଭାପତି ସୁବଳ ଚରଣ ଭୋଇ, ସମ୍ପାଦକ ସନ୍ତୋଷ ମାଝୀ, ଦେଷଣ୍ଡ ପଲ୍ଲି ସମ୍ପାଦକ କୁବେର ଧରୁଆ, ଡୁମେରପିଟା ସମ୍ପାଦକ ଯଶୋବନ୍ତ ମାଝୀ, ସିଂହାମୁଣ୍ଡା ସଭାପତି ଈଶ୍ୱର ଭୋଇ, ସାଲେପାଲି ସଭାପତି କୁଳମଣି ପୁଟା, ମହଲାଇ ସମ୍ପାଦକ ରମେଶ ଧରୁଆ, ସଭ୍ୟ ବରୁଣ ଭୋଇ, ବଡବାହାଲ ସଭ୍ୟ ହୀରାଧର ମାଝୀ, ରାମଚନ୍ଦ୍ରପୁର ସଭ୍ୟ ଯଦୁମଣି ପୁଟା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ଏହି ଅବସରରେ ଶିବତଲାର ମାଁ ସମଲେଶ୍ୱରୀ ଦଣ୍ଡନୃତ୍ୟ ପରିବେଷିତ ହୋଇଥିଲା।

# ଟିଟିଲାଗଡ଼ ଅଟଳ ବସଷ୍ଟାଣ୍ଡ ଲୋକାର୍ପିତ



ଟିଟିଲାଗଡ଼, ୧୪ ।୧(ସମିସ): ଟିଟିଲାଗଡ଼ ଚାରଭଟ୍ଟାରେ ନବ ନିର୍ମିତ ଅଟଳ ବସଷ୍ଟାଣ୍ଡ ଉଦ୍‌ଘାଟିତ ହୋଇଛି। ୧୧ କୋଟି ୫୦ ଲକ୍ଷ ବ୍ୟୟ ଅଟକଳରେ ନିର୍ମିତ ଏହି ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଭାସୀ ଜରିଆରେ ଉଦ୍‌ଘାଟନ କରିବା ସହ ଲୋକାର୍ପିତ କରିଥିଲେ। ତେବେ ଏଠାରେ ଅନୁଷ୍ଠିତ ଏହି ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ବିଧାୟକ ନବୀନ ଜୈନ, ପୌରାଧ୍ୟକ୍ଷା ମମତା ଦେବୀ ଜୈନ, ପୌର ନିର୍ବାହୀ ଅଧିକାରୀ ଚନ୍ଦନ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

# ମକର ସଂକ୍ରାନ୍ତି ଉପଲକ୍ଷେ ମିଷ୍ଟାନ୍ନ, କମ୍ବଳ ବଣ୍ଟନ

ସଇଁତଲା, ୧୪ ।୧(ସମିସ): ସଇଁତଲା ଗୋପବନ୍ଧୁପଡ଼ାସ୍ଥିତ ରାମ ମନ୍ଦିର ପରିସରରେ ମକର ସଂକ୍ରାନ୍ତି ଉପଲକ୍ଷେ ଗରିବ ଲୋକଙ୍କୁ କମ୍ବଳ ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଛି। ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂଭୋଇ, ମଦନଲାଲ ଅଗ୍ରୱାଲ, ଅର୍ଜୁନ ଲାଲ ଅଗ୍ରୱାଲ, ତୁଳସୀରାମ ଅଗ୍ରୱାଲ, ରାଜକୁମାର ଅଗ୍ରୱାଲ, ସଞ୍ଜୟ ଅଗ୍ରୱାଲ, ଦୁର୍ଗେଶ ସାହୁ, ନନ୍ଦକିଶୋର ଅଗ୍ରୱାଲ, ଭୂପେଶ ମୋରୋଡ଼ିଆ, ପବନ ଅଗ୍ରୱାଲ, ସର୍ଜନ ଅଗ୍ରୱାଲ, ନିରଞ୍ଜନ ଲାଲ ଗୁପ୍ତା, ବିଶାଲ ଅଗ୍ରୱାଲ, ମୁକେଶ ଅଗ୍ରୱାଲ, ରାଧେ ସାହୁ, ସତ୍ୟବ୍ରତ ଜେନା, କପିଳ ପ୍ରସାଦ ଅଗ୍ରୱାଲ, ଆନନ୍ଦ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।

## ● ଚଉଷଠି ଯୋଗିନୀ ସାହିତ୍ୟ କଳା ପରିଷଦ ପକ୍ଷରୁ ମକର ମିଳନ

# ଲୋକକଳାର ପୁନରୁଦ୍ଧାର ପାଇଁ ଆହ୍ୱାନ



ବଙ୍ଗୋମୁଣ୍ଡା, ୧୪ ।୧(ସମିସ): ସ୍ଥାନୀୟ ଦିବ୍ୟ ଚେତନା ମହିମା ସନ୍ଥ ଭୀମ ଭୋଇ ଗୁରୁକୁଳ ଆଶ୍ରମରେ ବଙ୍ଗୋମୁଣ୍ଡା ଚଉଷଠି ଯୋଗିନୀ ସାହିତ୍ୟ କଳା ପରିଷଦ ପକ୍ଷରୁ ୯ମ ମକର ମିଳନ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ବିଜେପି ଉପସଭାପତି ବେଦବ୍ୟାସ ନାଗ, କପିଲାଭଟା ପଞ୍ଚାୟତ ସମିତି ସଭ୍ୟ କେଦାର ଭୋଇ, ବିଶିଷ୍ଟ କବି ସୁଧାକର ସାହୁ, ମଠାଧୀଶ କପିଳେନ୍ଦ୍ର ବାବା, ରାଷ୍ଟ୍ରଭାରତୀର ପ୍ରତିଷ୍ଠାତା ସୁରଥ ବେହେରା, ବଙ୍ଗୋମୁଣ୍ଡା ବ୍ଲକ ସାମ୍ବାଦିକ ସଂଘ ସଭାପତି ରଶ୍ମିରଞ୍ଜନ ପୁଟେଲ, ବଲାଙ୍ଗୀର ଜିଲ୍ଲା ପେଷାଦାର ସାମ୍ବାଦିକ ସଂଘର ସଂଗଠନ ସମ୍ପାଦକ ହୁଲେଶ୍ୱର ହଂସ, ବିଜେପି ନେତା ଥବୀର ଚନ୍ଦ୍ର ବାଗ, ବରିଷ୍ଠ ଆଇନଜୀବୀ ତଥା ଭାରତୀୟ ଦଳିତ ସାହିତ୍ୟ ଏକାଡେମୀ ଓଡ଼ିଶ ଶାଖାର ସାଧାରଣ ସମ୍ପାଦକ ଭବାନୀ ଶଙ୍କର ରାଓ, ସାମ୍ବାଦିକ ପୁଷ୍ପକେତୁ ବେହେରା, ସାମ୍ବାଦିକ ରାଧେଶ୍ୟାମ ମେହେର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅଞ୍ଚଳରେ ଲୁଚି ଯାଉଥିବା ଲୋକକଳା, ଲୋକଗୀତ, ଲୋକନାଚର ପୁନରୁଦ୍ଧାର ପାଇଁ ଅତିଥିଗଣ ଆହ୍ୱାନ ଦେଇଥିଲେ। ଏହି ଅବସରରେ କୀର୍ତ୍ତନ, ପାଲା, ଦାସକାଠିଆ, ଡାପ, ଖଞ୍ଜଣି, ଆଦିବାସୀ ନୃତ୍ୟ ପରିବେଷଣ ସହ କବିତା ପାଠ କରାଯାଇଥିଲା। ବିଭିନ୍ନ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାହିତ୍ୟ କଳା ପରିଷଦର ସଭାପତି ଡ. ନାରାୟଣ ମିଶ୍ର ସଭାପତିତ୍ୱ କରିଥିଲେ। ଅନୁଷ୍ଠାନର ସମ୍ପାଦକ ନିଗମାନନ୍ଦ ଦାସ ବାର୍ଷିକ ବିବରଣୀ ପଠନ କରିବା ସହ ମଞ୍ଚ ସଂଯୋଜନା କରିଥିଲେ। ସାମ୍ବାଦିକ ଅଶୋକ ନାରାୟଣ ଭୋଇ, ଦୀପକ ଯାଦବ, ସୁଶାନ୍ତ ବେହେରା, ପ୍ରଭୁଲାଲ ବେହେରା, ଭକ୍ତବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବୌଦ୍ଧ ମର୍ଜାକୁଦରେ ହିନ୍ଦୁ ସମ୍ମିଳନୀ




ବୌଦ୍ଧ, ୧୪ ।୧(ସମିସ): ବୌଦ୍ଧ ନଗର ହନୁମାନ ବସତିର ମର୍ଜାକୁଦ ଶିବ ମନ୍ଦିରରେ ବୁଧବାର ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗୌନ୍ତିଆ ଉପେନ୍ଦ୍ର ମାଝି ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ ଅଲେଖ ମହିମାଧର୍ମୀ ସାଧୁ ଅନନ୍ତ ମେହେର, ପ୍ରଣବ ନାୟକ, ହେମନ୍ତ ମେହେର ଅତିଥି ଭାବେ ଯୋଗ ଦେଇଥିଲେ। ରାଷ୍ଟ୍ରର ସୁରକ୍ଷା ପାଇଁ ସମସ୍ତ ହିନ୍ଦୁ ଏକତ୍ରିତ ରହିବାକୁ ଅତିଥିଗଣ ଆହ୍ୱାନ ଦେଇଥିଲେ। ପଦ୍ମଚରଣ ମେହେର ମଞ୍ଚ ପରିଚାଳନା କରିଥିଲେ। ଶିବରାମ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଗାୟତ୍ରୀ ପରିବାର ପକ୍ଷରୁ ହୋମଯଜ୍ଞ ହୋଇଥିଲା। ସ୍ଥାନୀୟ ସଂକୀର୍ତ୍ତନ ମଣ୍ଡଳୀ ଦ୍ୱାରା ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ସାର ପ୍ରଧାନ ଯୋଗ ଦେଇଥିଲେ।

## ଚୋରଙ୍କ ଚରାଭୂଇଁ ଲୋଇସିଂହା

# ମାତିଛନ୍ତି ଚୋର; ଧରିପାରୁନି ପୁଲିସ

- ମାସକ ଭିତରେ ୪ରୁ ଅଧିକ ଚୋରି
- ଗୋଟିଏ ସୁନା ଦୋକାନ, ୩ ମନ୍ଦିରରୁ ଚୋରି ଅଭିଯୋଗ

ବଲାଙ୍ଗିର, ୧୪।୧(ସମିସ)




ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଞ୍ଚଳରେ ଚୋର ମାତିଛନ୍ତି। ପୁଲିସ କିନ୍ତୁ ଚୋରକୁ ଧରିପାରୁନି। ଗତ କିଛି ମାସ ଭିତରେ ହୋଇଥିବା ଅନେକ ଚୋରି ମାମଲାରେ ପୁଲିସ ହାତ ଖାଲି ପଡ଼ିଛି। ଲୋଇସିଂହା ବସଷ୍ଟାଣ୍ଡ ସୁନା ଦୋକାନ ଚୋରି ଘଟଣା ହେଉ କି ସାଲେଭଟା ଅଞ୍ଚଳରେ ମନ୍ଦିର ଚୋରି ଘଟଣା ହେଉ ପ୍ରାୟ ସମସ୍ତ ଘଟଣାରେ ପୁଲିସର ବିଫଳତା ଏବେ ସ୍ଥାନୀୟ ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଗୋଟିଏ ପଟେ ପୁଲିସକୁ ଚୋରମାନେ ଖୋଲା ଚ୍ୟାଲେଞ୍ଜ କରିବା ଭଳି ପରିସ୍ଥିତି ସୃଷ୍ଟି କରିଛି। ଅନ୍ୟପଟେ ଲୋଇସିଂହା ପୁଲିସର କାର୍ଯ୍ୟାଦକ୍ଷତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏଭଳି ପରିସ୍ଥିତିରେ ଲୋଇସିଂହା ପୁଲିସ ଉପରୁ ଲୋକଙ୍କ ଆସ୍ଥା ତୁଟୁଛି। ଏହିଭଳି ଭାବେ ଲାଗି ରହିଲେ ଥାନା କିମ୍ବା ଏସ୍‌ପି ଅଫିସ ଘେରଉ କରାଯିବ ବୋଲି ସ୍ଥାନୀୟ ବାସିନ୍ଦା ଚେତାବନୀ ଦେଇଛନ୍ତି।

ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନା ଅଞ୍ଚଳରେ ଗତ କିଛି ମାସ ହେଲା ଚୋରଙ୍କ ପ୍ରାଦୁର୍ଭାବ ଅଧିକ ମାତ୍ରାରେ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି। ସୋମବାର ରାତିରେ ରାଜପଥ କଡରେ ଥିବା ସାଲେଭଟା ଚଣ୍ଡୀ ମନ୍ଦିରରେ ଚୋର ପଶି ବିଭିନ୍ନ ସାମଗ୍ରୀ ଚୋରି କରି କରିନେଇଥିବା ମନ୍ଦିର ପୂଜକ ଓ ମନ୍ଦିର କମିଟି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୁଲିସ ତତକ୍ଷଣାତ ତଦନ୍ତ ଆରମ୍ଭ କରିବା ବଦଳରେ ଜାଣିଶୁଣି ଦୀର୍ଘ ଘଣ୍ଟା ଧରି ଚୁପ୍ ରହିଥଲା। ବିଳମ୍ବରେ ମନ୍ଦିରକୁ ଯାଇ ତଦନ୍ତ କରିଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସେହିପରି ଗତ ଡିସେମ୍ବର ୨୭ ତାରିଖରେ ଏହି ଫାଣ୍ଡି ଅଧୀନରେ ଥିବା ହରଭଙ୍ଗା ଶିବ ମନ୍ଦିର ଓ ସେମେଲମୁଣ୍ଡା ଶିବ ମନ୍ଦିରରେ ଚୋରି ହୋଇଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ମଧ୍ୟ ଆଜି ପର୍ଯ୍ୟନ୍ତ ପୁଲିସ କାହାକୁ ଧରିବାରେ ସଫଳ ହୋଇନାହିଁ। ଏହି ମାମଲାରେ ମଧ୍ୟ ବିଳମ୍ବ ହେଉଛି। ତଦନ୍ତରେ ବିଳମ୍ବ ଯୋଗୁଁ ପୁଲିସକୁ ସଫଳତା ମିଳି ନ ଥିବା ଅଭିଯୋଗ ହୋଇଥିଲା। ତେବେ ଏହାର କିଛି ଦିନ ପୂର୍ବରୁ ଡିସେମ୍ବର ୧୮ ତାରିଖରେ ଲୋଇସିଂହା ଥାନାର ମାତ୍ର ୨ ଶହ ମିଟର ଦୂରରେ ଥିବା ଏକ ସୁନା ଗହଣା ଦୋକାନରୁ ଚୋରି ହୋଇଥିଲା। ପ୍ରାୟ ୨୫ ଲକ୍ଷ ଟଙ୍କାର ସୁନା ଓ ରୂପା ଗହଣା ଚୋରି ହୋଇଥିବା ବ୍ୟବସାୟୀ ଜଣକ ଅଭିଯୋଗ କରିଥଲେ। ଥାନାରେ କିନ୍ତୁ ମୂଲ୍ୟ କମ୍ ଦର୍ଶାଇ ମାମଲା ରୁଜୁ କରାଯାଇଥିଲା;। ଏହି ମାମଲାରେ ମଧ୍ୟ ଆଜି ପର୍ଯ୍ୟନ୍ତ ପୁଲିସ ହାତ ଖାଲି ରହିଛି। ଏହା ପୂର୍ବରୁ ବିଭିନ୍ନ ସ୍ଥାନରେ ଥିବା ମନ୍ଦିରରେ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପ୍ରାୟ ସମସ୍ତ ଘଟଣାରେ ପୁଲିସ ହାତ ଖାଲି ରହିଛି। ଏହ ପଛରେ କେବଳ ପୁଲିସର ଅବହେଳା ହିଁ ଦାୟୀ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏହି କିଛି ମାସ ଭିତରେ ଲୋଇସିଂହା ଅଞ୍ଚଳର ପୁଟାପାଲି, କର୍ଲିପାଟ ଏପରିକି ଲୋଇସିଂହା ବସ୍ତିରୁ ବାଇକ୍ ଚୋରି ଓ ଘର ଭିତରେ ପଶି ଚୋରି ଉଦ୍ୟମ ହୋଇଥିବା ନେଇ ଅଭିଯୋଗ ହୋଇଛି; କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ପୁଲିସ ଜଣେ ବି ଚୋରକୁ ଧରିବାରେ ସଫଳ ହୋଇନାହିଁ। ଏହା ହିଁ ସ୍ପଷ୍ଟ କରୁଛି ପୁଲିସ ନଜରରୁ ଚୋର ବହୁତ ଆଗରେ ରହିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ କୁହୁଳୁଛି। ଏହା ଯେ କେତେବେଳେ ଆନ୍ଦୋଳନର ରୂପ ନେବ ତାହା କହିବା ମୁସ୍କିଲ। ଚୋରିକୁ ଛାଡିଦେଲେ ଅନ୍ଧାରରେ ଲୋଇସିଂହା ଥାନା ଅଧୀନରେ ଥିବା ଭିନ୍ନ ଭିନ୍ନ ନିଛାଟିଆ ରାସ୍ତାରେ ଯାତ୍ରୀଙ୍କୁ ଅଟକାଇ ଆକ୍ରମଣ ଓ ଲୁଟ୍ କରାଯାଉଛି। ଏଭଳି ମାମଲା ମଧ୍ୟ ବଢ଼ିଚାଲିଛି। ପୁଲିସ ପକ୍ଷରୁ ଆବଶ୍ୟକ ପାଟ୍ରୋଲିଂ କରାଯାଉନି। ଏଣୁ ଏହିଭଳି ମାମଲା ବୃଦ୍ଧି ପାଉଛି। ଅଞ୍ଚଳବାସୀ ଅସୁରକ୍ଷିତ ମନେ କରୁଥିବା ଅଭିଯୋଗ କରିଛନ୍ତି। ତେବେ ଏହି ସବୁ ଚୋରି ମାମଲାରେ ସମ୍ପୃକ୍ତ ଥିବା ଚୋରଙ୍କୁ ଧରିବା, ଚୋରି ସାମଗ୍ରୀ ଉଦ୍ଧାର କରା ନ ଗଲେ ପୁଲିସ ନିଷ୍କ୍ରିୟତାକୁ ନେଇ ଥାନା ଘେରଉ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ଏନେଇ ବଲାଙ୍ଗିର ସଦର ଏସ୍‌ଡିପିଓ ସରୋଜ ଉପାଧ୍ୟାୟଙ୍କ କହିବା ଅନୁସାରେ ଥାନାରେ ଅଧିକାରୀସ୍ତରରେ ଅସ୍ଥିରତା ଲାଗି ରହିଥିଲା। ଏହା ଏହି ସବୁ ମାମଲାକୁ ପ୍ରଭାବିତ କରିଥିଲା। ଏବେ ଥାନାରେ ନୂତନ ଅଧିକାରୀଙ୍କ ନେତୃତ୍ୱରେ ତଦନ୍ତ ଚାଲିଛି। ଖୁବଶୀଘ୍ର ସଫଳତା ମିଳିବ ବୋଲି ଶ୍ରୀ ଉପାଧ୍ୟାୟ କହିଛନ୍ତି।

ସକାଳ
THE SAKALA

# ସମ୍ପାଦକୀୟ



ସଫଳ ରାଜନୈତିକ ବିତର୍କର ରହସ୍ୟ ହେଲା, ନିଜକୁ ଅଧିକ ଶକ୍ତିଶାଳୀ ବୋଲି ଦେଖାଇବା, ଯଦିଓ ତାହା ବାସ୍ତବତା ନୁହେଁ।

- ସୁଭାଷ ଚନ୍ଦ୍ର ବୋଷ

## ସୀମା ପୁନଃନିର୍ଦ୍ଧାରଣ ଭୂତ

ରାଜ୍ୟରେ ନୂଆ ବିଧାନସଭା ଭବନ ନିର୍ମାଣ ପ୍ରେକ୍ଷପଟରେ ମୁଖ୍ୟମନ୍ତ୍ରୀ ଜନଗଣନା ପରେ ରାଜ୍ୟରେ ବିଧାୟକଙ୍କ ସଂଖ୍ୟା ଦୁଇଶହ ଛୁଇଁବ ବୋଲି ଯେଉଁ ସୂଚନା ଦେଇଛନ୍ତି ସେଥିରେ ବିବାଦୀୟ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପ୍ରସଙ୍ଗକୁ ଉଜାଗର କରିଛନ୍ତି। ଜନସଂଖ୍ୟା ଆଧାରରେ ଯଦି ଲୋକସଭା ଓ ବିଧାନସଭା ଆସନର ସୀମା ପୁନଃ ନିର୍ଦ୍ଧାରଣ କରାଯାଏ ତେବେ ଓଡ଼ିଶା ସମେତ ଦକ୍ଷିଣ ଭାରତର ଅଧିକାଂଶ ରାଜ୍ୟ କ୍ଷତିଗ୍ରସ୍ତ ହେବେ। କାରଣ ସଂପୃକ୍ତ ରାଜ୍ୟଗୁଡ଼ିକର ଲୋକସଭାରେ ପ୍ରତିନିଧିତ୍ୱ ହ୍ରାସ ପାଇବ। ଜାତୀୟସ୍ତରରେ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାକୁ ପ୍ରଭାବିତ କଲା ଭଳି ସଭ୍ୟ ସଂଖ୍ୟା ଅଭାବରୁ ସଂପୃକ୍ତ ରାଜ୍ୟର ସ୍ୱାର୍ଥ ହାନି ଘଟିବାର ଆଶଙ୍କା ଦୃଷ୍ଟିରୁ ସୀମା ପୁନଃନିର୍ଦ୍ଧାରଣ ପ୍ରସ୍ତାବ ବିରୋଧରେ ମିଳିତ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। କେନ୍ଦ୍ର ସରକାରଙ୍କ ଜନସଂଖ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମର ସଫଳ ରୂପାୟନ କରିଥିବା ରାଜ୍ୟର ଆଭିମୁଖ୍ୟ ପ୍ରତି ଏହି ନିଷ୍ପତ୍ତି କୁଠାରଘାତ କରିବ। ରାଜନୈତିକ ସ୍ୱାର୍ଥ ହାସଲକୁ ଦୃଷ୍ଟିରେ ରଖି ଜନଗଣନା ପୂର୍ବରୁ ଏହି ଯେଉଁ ଗୋଟିଚାଳନା ଆରମ୍ଭ ହୋଇଛି ସେଥିରେ ଓଡ଼ିଶା କ୍ଷତିଗ୍ରସ୍ତ ହେଲେ ମଧ୍ୟ ପରିବର୍ତ୍ତିତ ସରକାର ପରୋକ୍ଷରେ ସ୍ୱୀକୃତି ଦେଇଥିବା ମୁଖ୍ୟମନ୍ତ୍ରୀଙ୍କ ସୂଚନାରୁ ସ୍ପଷ୍ଟ ହୋଇଛି।

ସମ୍ବିଧାନର ଅନୁଚ୍ଛେଦ ୮୨ (ଲୋକସଭା ) ଓ ୧୭୦ (ବିଧାନସଭା) ଅନୁଯାୟୀ ପ୍ରତ୍ୟେକ ଜନଗଣନା ପରେ ସୀମା ପୁନଃନିର୍ଦ୍ଧାରଣର ବ୍ୟବସ୍ଥା ରହିଛି। ୧୯୭୧ ଜନଗଣନା ପରେ ଶେଷଥର ସକାଶେ ଦେଶର ଲୋକସଭା ଓ ବିଧାନସଭା ଆସନର ସୀମା ପୁନଃନିର୍ଦ୍ଧାରଣ ହୋଇଥିଲା। ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହେଉଥିଲେ ମଧ୍ୟ ଏହି ଆସନ ସଂଖ୍ୟା ବୃଦ୍ଧି ନିଷ୍ପତ୍ତିକୁ ବିଭିନ୍ନ କାରଣରୁ ସ୍ଥଗିତ ରଖାଯାଇଛି। ତେଣୁ ସାମ୍ବିଧାନିକ ବ୍ୟବସ୍ଥା ସତ୍ତ୍ୱେ ଅତୀତରେ ଯେଉଁ ସବୁ କାରଣରୁ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା କାର୍ଯ୍ୟକାରୀ ହୋଇପାରିନାହିଁ ତାହାର ପର୍ଯ୍ୟାଲୋଚନା ହେବା ଉଚିତ। ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ବେଳେ ଜନସଂଖ୍ୟା ଏକମାତ୍ର ମାନଦଣ୍ଡ ହେଲେ ଦକ୍ଷିଣ ଭାରତୀୟ ରାଜ୍ୟ ସମେତ ଓଡ଼ିଶା ମଧ୍ୟ କ୍ଷତିଗ୍ରସ୍ତ ହେବ। ଏକଥା ଉଲ୍ଲେଖ କଲା ବେଳେ ଆମକୁ କହିବାକୁ ପଡୁଛି ଯେ ଦଳୀୟ ନିଷ୍ପତ୍ତିରୁ ଉର୍ଦ୍ଧ୍ୱକୁ ଉଠି ରାଜ୍ୟର ବୃହତ୍ତର ସ୍ୱାର୍ଥ ପ୍ରତି ଦୃଷ୍ଟିଦେବା ଆବଶ୍ୟକ। ୨୦୨୭ ମାର୍ଚ୍ଚ ମାସରୁ ଜନଗଣନା କାର୍ଯ୍ୟକ୍ରମ ଆରମ୍ଭ ହେଉଥିବାରୁ ସମ୍ଭାବ୍ୟ ବିଧାନସଭା ଆସନ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି ପରିବର୍ଦ୍ଧିତ ନୂତନ ବିଧାନସଭା ଭବନ ନିର୍ମାଣକୁ ମୁଖ୍ୟମନ୍ତ୍ରୀ ଅଗ୍ରାଧିକାର ଦେଇଥିବା ଭଳି ମନେ ହୁଏ। ଏଥିରୁ ସ୍ପଷ୍ଟ ଯେ ପ୍ରସ୍ତାବିତ ସୀମା ପୁନଃ ନିର୍ଦ୍ଧାରଣକୁ ଆମ ରାଜ୍ୟ ସରକାର ଅନୁମୋଦନ କରିସାରିଛନ୍ତି। ଏଠାରେ ସୂଚାଇ ଦିଆଯାଇ ପାରେ କି ଅନ୍ୟ ଉତ୍ତର ଭାରତୀୟ ରାଜ୍ୟଙ୍କ ତୁଳନାରେ ଆନୁପାତିକ ଦୃଷ୍ଟିରୁ ବିଚାର କଲେ ଲୋକସଭାରେ ଓଡ଼ିଶାର ପ୍ରତିନିଧିତ୍ୱ ହ୍ରାସ ପାଇବ। ସଂଖ୍ୟା ଗଣିତରେ ନିର୍ଭର କରୁଥିବା ଗଣତାନ୍ତ୍ରିକ ବ୍ୟବସ୍ଥାରେ ଆମ ସ୍ଥାନ ଆଗକୁ ନ୍ୟୂନହେବା ଥୟ।

ପରବର୍ତ୍ତୀ ସାଧାରଣ ନିର୍ବାଚନ ୨୦୨୯ରେ ହେଉଥିବା ବେଳେ ତାହା ପୂର୍ବରୁ ନିର୍ବାଚନ ମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପ୍ରକ୍ରିୟା ଯେ ଶେଷ ହୋଇପାରିବ ସେ ନେଇ ସନ୍ଦେହ ରହିଛି। କାରଣ ଜନଗଣନାର ସଂପୂର୍ଣ ତଥ୍ୟ ପ୍ରକାଶ ପାଇବାକୁ ୨ ବର୍ଷ ସମୟ ନେଉଥିବା ଦୃଷ୍ଟିରୁ ପୂର୍ବ ନିର୍ଦ୍ଧାରିତ ଆସନ ଭିତ୍ତିରେ ନିର୍ବାଚନ ହେବାର ସମ୍ଭାବନା ଅଧିକ। ତେଣୁ ରାଜ୍ୟ ସରକାରଙ୍କ ପାଇଁ ଏକାଧିକ ଆହ୍ୱାନ ଆଗକୁ ଥିବା ବେଳେ ୩୮୭.୯୪ କୋଟି ଟଙ୍କା ବ୍ୟୟରେ ବିଧାନସଭା ଭବନ ନିର୍ମାଣକୁ ଅଗ୍ରାଧିକାର ଦେବାର ସେଭଳି ଯଥାର୍ଥତା ଥିବାର ମନେ ହୁଏନା। ●

## ମର୍ଜ-ମୋଦୀ କୂଟନୀତି

ବାଣିଜ୍ୟିକ ସଂପର୍କ ଦୃଷ୍ଟିରୁ ଅନିଶ୍ଚିତତା ଜାରି ରହିବା ସହ ଭୂ-ରାଜନୈତିକ ସ୍ଥିତିର ଦିଗ ପରିବର୍ତ୍ତନ କେବଳ ଭାରତକୁ ନୁହେଁ ଏକାଧିକ ୟୁରୋପୀୟ ରାଷ୍ଟ୍ରକୁ ମଧ୍ୟ ବିବ୍ରତ କରିଛି। ରପ୍ତାନି ବାଣିଜ୍ୟ ଦୃଷ୍ଟିରୁ ଭାରତ ଆମେରିକା ଆକ୍ରୋଶର ସମ୍ମୁଖୀନ ହୋଇଥିଲେ ମଧ୍ୟ ୭.୪ ଜିଡିପି ହାରରେ ଦେଶର ଅର୍ଥନୀତି ଅଗ୍ରଗତି କରୁଥିବାରୁ ବିଶ୍ୱରେ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇ ରହିଛି। ତେବେ ଭାରତ ଏହି ପରିବର୍ତ୍ତିତ ପରିସ୍ଥିତିରେ ନିଜର ବିଶାଳ ବଜାର ଓ ସାମର୍ଥ୍ୟକୁ ଆଧାର କରି ଭୂ-ରାଜନୈତିକ ସ୍ତରରେ ଯେଉଁ ଗତି ପରିବର୍ତ୍ତନ କରିଛି ତାହା ଅନେକଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ଫ୍ରେଡେରିକ ମର୍ଜ ଜର୍ମାନୀର ଚାନସେଲର ଦାୟିତ୍ୱ ଗ୍ରହଣ କରିବା ପରେ ଏସିଆକୁ ପ୍ରଥମ ଗସ୍ତରେ ଆସି ଭାରତରେ ପହଞ୍ଚିଛନ୍ତି। ୟୁରୋପୀୟ ରାଷ୍ଟ୍ର ସଂଘ (ଇୟୁ) ର ଜର୍ମାନୀ ସହ ଭାରତର ବାଣିଜ୍ୟ କାରବାର ସବୁଠାରୁ ଅଧିକ। ମର୍ଜଙ୍କ ଏହି ଦୁଇଦିନିଆ ଗସ୍ତକ୍ରମ ବେଳେ ପ୍ରତିରକ୍ଷା, ପ୍ରଯୁକ୍ତି, ସ୍ୱାସ୍ଥ୍ୟ, ଶକ୍ତି ଓ ମାନବ ସମ୍ବଳ ସମେତ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଭାରତ ସହ ୧୯ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଆଲୋଚନା ପ୍ରସଙ୍ଗରେ ସେ କହିଛନ୍ତି ଯେ ଚଳିତ ମାସ ଶେଷସୁଦ୍ଧା ଭାରତ – ଇୟୁ ମୁକ୍ତ ବାଣିଜ୍ୟ ରାଜିନାମା ସ୍ୱାକ୍ଷର ହେବ।

ଭାରତ-ଆମେରିକା ବାଣିଜ୍ୟ ସଂପର୍କକୁ ନେଇ ସୃଷ୍ଟି ହୋଇଥିବା ତିକ୍ତତା ଦୃଷ୍ଟିରୁ କୂଟନୈତିକ ସ୍ତରରେ ନୂଆଦିଲ୍ଲୀର ମସ୍କୋ ଓ ବେଜିଂ ପ୍ରତି ପରିଲକ୍ଷିତ ଆଭିମୁଖ୍ୟଗତ ପରିବର୍ତ୍ତନ ନେଇ ଜର୍ମାନୀ ଯେ ବିବ୍ରତ ତାହା ମର୍ଜଙ୍କ ଆଲୋଚନାରୁ ସ୍ପଷ୍ଟ ହୋଇଛି। ତେଣୁ ମିଳିତ ଘୋଷଣାନାମାରେ ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି ପ୍ରମୁଖତା ପାଇଥିବାର ଲକ୍ଷ୍ୟ କରାଯାଇଛି। ପରୋକ୍ଷରେ ତୈଳ, ବାଷ୍ପ ଓ ପ୍ରତିରକ୍ଷା ସାମଗ୍ରୀ କ୍ଷେତ୍ରରେ ରୁଷ ଉପରେ ଭାରତର ନିର୍ଭରଶୀଳତା ହ୍ରାସକୁ ପ୍ରାଧାନ୍ୟ ଦିଆଯାଇଛି। ରଣନୀତିକ ଓ ଅର୍ଥନୈତିକ ସ୍ତରରେ ଦ୍ୱିପାକ୍ଷିକ ସଂପର୍କ ଆଗାମୀ ଦିନରେ ଅଧିକ ସୁଦୃଢ଼ ହେବାର ସୂଚନା ମିଳିଛି। ପ୍ରତିନିଧି ଦଳରେ ଆସିଥିବା ବିଭିନ୍ନ ଶିଳ୍ପ ସଂସ୍ଥାର ୨୩ ଜଣ ସିଇଓ କୃତ୍ରିମ ବୁଦ୍ଧିମତା (ଏଆଇ) ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ବୈଷୟିକ କ୍ଷେତ୍ରରେ ସହଭାଗିତା ଓ ଆବଶ୍ୟକ ସ୍ଥଳେ ନିବେଶ ସକାଶେ ଆଗ୍ରହ ପ୍ରକାଶ କରିଛନ୍ତି। ଉଲ୍ଲେଖ୍ୟଯୋଗ୍ୟ କି ୨୦୨୪ ରେ ଜର୍ମାନୀ ସହ ବିଭିନ୍ନ ସାମଗ୍ରୀ ଓ ସେବା କ୍ଷେତ୍ରରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାର ୫୦ ବିଲିୟନ ଡଲାର ଅତିକ୍ରମ କରିଥିଲା। ଏହା ଇୟୁ ସହ ମୋଟ ବାଣିଜ୍ୟ କାରବାରର ୨୫ ପ୍ରତିଶତ। ଆଲୋଚନା ପ୍ରସଙ୍ଗରେ ମର୍ଜ ଭାରତୀୟ ନାଗରିକଙ୍କ ପାଇଁ ଜର୍ମାନୀରେ ଭିସାମୁକ୍ତ ଟ୍ରାନ୍‌ଜିଟ୍ ସୁବିଧା ଯୋଗାଇ ଦେବାକୁ ଘୋଷଣା କରିଛନ୍ତି। ଏଥିସହ ଉର୍ଜା ନବୀକରଣ ପ୍ରକଳ୍ପ ରେ ୧.୨୪ ବିଲିୟନ ୟୁରୋ ବିନିଯୋଗର ପ୍ରତିଶ୍ରୁତି ଦେଇଛି ଜର୍ମାନୀ।

ସୁଯୋଗ ଓ ସୁବିଧା ହାସଲ ପାଇଁ ନୂଆ କ୍ଷେତ୍ର ଓ ପରିସର ସନ୍ଧାନରେ ଥିବା ପକ୍ଷ ବଜାର ଅନୁକୂଳତାକୁ ପ୍ରାଧାନ୍ୟ ଦେବା ସ୍ୱାଭାବିକ। ତେଣୁ ଭାରତର ମୁକ୍ତ ବାଣିଜ୍ୟ କ୍ଷେତ୍ର ଦିନକୁ ଦିନ ସଂପ୍ରସାରିତ ହେବାରେ ଲାଗିଛି। ●

# ଦୁର୍ନୀତି ଓ ଏହାର ନିରାକରଣ

ଜୟ ନାରାୟଣ ମହାପାତ୍ର

ଦୁର୍ନୀତି ଆମ ଭାରତରେ ଏକ ସାଧାରଣ ଶବ୍ଦ ହୋଇସାରିଲାଣି। ଏ ସମ୍ପର୍କରେ ପ୍ରତ୍ୟେକ ନାଗରିକଙ୍କର କିଛି ନା କିଛି ଅନୁଭୂତି ଅଛି। ପ୍ରତିଦିନ ଦେଶରେ ବିଭିନ୍ନ କ୍ଷେତ୍ରରେ ନିଶ୍ଚିତ କିଛି ନା କିଛି ଦୁର୍ନୀତି ଘଟୁଛି, ଯାହାଫଳରେ ଦେଶର ସାଧାରଣ ଜନତା ଅକଥନୀୟ କଷ୍ଟ ପାଉଛନ୍ତି। କ୍ଷମତାସୀନ ବ୍ୟକ୍ତିବିଶେଷ ନିରବ, ଉତ୍ତରଦାୟିତ୍ୱ ନେବା ପାଇଁ ନାରାଜ। ଦୁର୍ନୀତି ହେଉଛି ନୀତି ନିୟମ ନ ମାନିବା ଏବଂ ନୀତି ନିୟମକୁ ମାନୁ ନଥିବା ସଂସ୍ଥା ବା ବ୍ୟକ୍ତିବିଶେଷଙ୍କୁ ଦଣ୍ଡିତ ନ କରିବା। କେବଳ କ୍ଷମା ମାଗିଦେଲେ କ୍ଷତିଗ୍ରସ୍ତ ମଣିଷର କଷ୍ଟ ଲିଭିଯାଏନି। ଯେଉଁମାନଙ୍କ ଭୁଲ ନିଷ୍ପତ୍ତି ପାଇଁ ବହୁଲୋକ ବିଭିନ୍ନପ୍ରକାର କଷ୍ଟ ପାଆନ୍ତି ସେମାନେ ହୁଏତ କେବେ ଏଭଳି କଷ୍ଟ ଅନୁଭବ କରିନାହାନ୍ତି କିମ୍ବା କରିବାର ସମ୍ଭାବନା ଅନ୍ତତଃ ଏ ଜନ୍ମରେ ନାହିଁ। ଯଦିବା ପରବର୍ତ୍ତୀ ସମୟରେ କିଛି କାର୍ଯ୍ୟାନୁଷ୍ଠାନ କରାଯାଏ, ସେଥିରୁ ସହଜରେ ମୁକୁଳି ଆସିବାର ସମସ୍ତ ସାଧନ ସେମାନଙ୍କ ନିକଟରେ ଅଛି। ତେଣୁ ସେମାନେ ସାଧାରଣ ଜନତାର କଷ୍ଟକୁ ଏକପ୍ରକାର ହେୟଜ୍ଞାନ କରନ୍ତି ଏବଂ ସାଧାରଣ ଲୋକେ ମଧ୍ୟ ସେସବୁକୁ ଅଳ୍ପଦିନ ମଧ୍ୟରେ ଭୁଲିଯାଆନ୍ତି।

ସବୁଠି ଦୁର୍ନୀତିର ଗନ୍ଧରେ ସାଧାରଣ ମଣିଷ ତ୍ରସ୍ତ ମାତ୍ର ନିରବ। କେତେ ବା ବିଦ୍ରୋହ କରିବେ, କିଏ ବା ଶୁଣିବ ତାଙ୍କ ହାରିଗୁହାରି? ଗଣତନ୍ତ୍ରରେ ସବୁପ୍ରକାର ସୁବିଧା ଅଛି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାର। ମାତ୍ର ସେ ସ୍ୱରକୁ ଦମନ କରିଦିଆଯାଏ। ସମାଜର ୯୦ ଭାଗ ଲୋକ ଆଜି ଦୁର୍ନୀତି ରାକ୍ଷସ କବଳରେ କବଳିତ। ଆର୍ଥିକ ଦୃଷ୍ଟିରୁ ସୁବିଧାଜନକ ସ୍ଥିତିରେ ଓ ଉଚ୍ଚ ପଦପଦବୀରେ ଥିବା ଏବଂ ଦୁର୍ନୀତି କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଭାରତ ଏକ ଭୂସ୍ୱର୍ଗ। ଧାନ ମଣ୍ଡିରେ ଚାଷୀମାନଙ୍କ ଧାନର କଟନିଛଟ୍‌ନି ହେଉ କି ପରୀକ୍ଷାରେ ପ୍ରଶ୍ନପତ୍ର ବିଭ୍ରାଟ ହେଉ, ଚାକିରି ପାଇଁ ଲାଞ୍ଚ କାରବାର ହେଉ କି ସଂସଦରେ ପ୍ରଶ୍ନ ପଚାରିବା ପାଇଁ ହେଉ, ଘର ଖଣ୍ଡେ ପାଇବା ପାଇଁ ପଞ୍ଚାୟତରେ ନାମ ପଞ୍ଜିକରଣ ପାଇଁ ହେଉ କି ଭୋଟରଙ୍କଠାରୁ ଭୋଟ ଆଦାୟ ହେଉ, ସବୁଠିଁ ଅନ୍ୟାୟ ଓ ଦୁର୍ନୀତି। ଦେଶର ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରପତିଙ୍କ ଦ୍ୱାରା ଅମାପ ସମ୍ପତ୍ତିର ପର୍ଦ୍ଦାଫାଶ ହେଲା ପରେ ବି ଉଚିତ୍ କାର୍ଯ୍ୟାନୁଷ୍ଠାନ ନ ହେବା, ବ୍ୟାଙ୍କ୍‌ମାନଙ୍କରୁ ହଜାର ହଜାର କୋଟି ଟଙ୍କା ହଡ଼ପ ହେଉଥିଲେ ବି ଆଖି ବନ୍ଦ୍ କରିଦେବା ମୂଳରେ କ'ଣ ଉଦ୍ଦେଶ୍ୟ ଅଛି ସମସ୍ତେ ସବୁ ବୁଝି ପାରୁଥିଲେ ବି ନିରବଦ୍ରଷ୍ଟା। ଦେଶର ଶାସନ ବ୍ୟବସ୍ଥାରେ ଜନସାଧାରଣଙ୍କୁ ସୁଶାସନ ପ୍ରଦାନ କରିବା ପାଇଁ ଅନେକ ମେଧାବୀ ଛାତ୍ରଛାତ୍ରୀ ବିଭିନ୍ନ ପଦବୀରେ ଆସୀନ। ତଥାପି କାହିଁକି ଲୋକଙ୍କୁ ଉଚିତ୍ ନ୍ୟାୟ ମିଳୁନି ତାହା ଆଜି ସମସ୍ତଙ୍କୁ ଆନ୍ଦୋଳିତ କରୁଛି। ଅନେକ ସ୍ୱାଧୀନଚେତା, ଦେଶପ୍ରେମୀ, ସଚେତନ, ନିଷ୍ପାପର ମଣିଷ ବିଭିନ୍ନ ସାମାଜିକ ଅନୁଷ୍ଠାନ ଜରିଆରେ ସାଧାରଣ ମଣିଷର ନ୍ୟାୟିକ ଅଧିକାର ପାଇଁ ଆନ୍ଦୋଳନ କରୁଥିଲେ ବି ସେ ସବୁକୁ ଅତି ନିର୍ଦ୍ଦୟ ଭାବେ ପ୍ରତିହତ କରାଯାଉଛି।

ତେଣୁ ଆଜି ସମୟ ଆସିଛି ଦେଶର ବୁଦ୍ଧିଜୀବୀ, ଚିନ୍ତାଶୀଳ, ଶିକ୍ଷିତ ଯୁବବର୍ଗ ଦେଶର ବାସ୍ତବ ସମସ୍ୟାକୁ ଉପଲବ୍ଧି କରି ସେସବୁର ସମାଧାନ ଓ ଦୁର୍ନୀତି ନିରାକରଣ ପାଇଁ ସତତ ଚେଷ୍ଟିତ ହେବା ଉଚିତ। ଦେଶରେ ପ୍ରଚଳିତ ବ୍ୟୟବହୁଳ ନିର୍ବାଚନ ବ୍ୟବସ୍ଥା ଦୁର୍ନୀତିର ମୂଳକାରଣ ବୋଲି ସମସ୍ତେ ଉପଲବ୍ଧି କଲେଣି। ତେଣୁ ଅଚିରେ ଏକ ସଶକ୍ତ ନିର୍ବାଚନ ସଂସ୍କାର ପାଇଁ ସରକାରଙ୍କ ଉପରେ ଚାପ ପ୍ରୟୋଗ ପାଇଁ ଦେଶବାସୀ ଆଗେଇ ଆସିବା ଆବଶ୍ୟକ। ନିର୍ବାଚନ ସଂସ୍କାର ସହିତ ଶାସନ ପରିଚାଳନା କ୍ଷେତ୍ରରେ, ନ୍ୟାୟିକ ବ୍ୟବସ୍ଥାରେ ଓ ଗଣମାଧ୍ୟମ ଭୂମିକାରେ ମଧ୍ୟ ବିଶେଷସଂସ୍କାରର ଆବଶ୍ୟକତା ବହୁଳ ଅନୁଭୂତ ହୁଏ।

ନିର୍ବାଚନ ସଂସ୍କାରକ୍ରମରେ ଲୋକସଭା ପାଇଁ ଦେଶର ମୁଖ୍ୟ ବିଚାରପତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ ଅନୁଷ୍ଠିତ ହେବା ସହିତ ବିଧାନ ପରିଷଦ ଉଚ୍ଛେଦ, ପ୍ରାର୍ଥୀମାନଙ୍କର ଶିକ୍ଷାଗତ ଯୋଗ୍ୟତା ନିର୍ଦ୍ଧାରଣ, ପ୍ରତ୍ୟେକ ସଦସ୍ୟ ସର୍ବାଧିକ ୨ଥର ରହିପାରିବେ, ଜଣେ ସଦସ୍ୟ କେବଳ ଗୋଟିଏ ପେନସନ୍ ପାଇବେ, ଗୃହରେ ଭୋଟଦାନରୁ ଅନୁପସ୍ଥିତ ରହିପାରିବେନି, ଦଳବଦଳ ଅସିଦ୍ଧ ହେବ ଏବଂ କେବେ ବି କୌଣସି ନିର୍ବାଚନ ଲଢ଼ି ପାରିବେନି, ଅବଧି ପୂର୍ବରୁ ଇସ୍ତଫା ଦେଇ ପାରିବେନି, ନିର୍ବାଚନ ସମୟରେ ମିଥ୍ୟା ଅଭିଯୋଗ କରିପାରିବେନି, ପ୍ରତିଶ୍ରୁତି ପୂରଣ ପାଇଁ ସମୟ ନିର୍ଦ୍ଧାରିତ ହେବ, ପ୍ରତ୍ୟେକ ମାସର କାର୍ଯ୍ୟ ବିବରଣୀ ପରବର୍ତ୍ତୀ ମାସର ୧୦ ତାରିଖ ସୁଦ୍ଧା ଗୃହର ଅଧ୍ୟକ୍ଷ/ଅଧ୍ୟକ୍ଷାଙ୍କୁ ପ୍ରଦାନ ପରେ ମାସିକ ଭତ୍ତା/ଦରମା ପ୍ରଦାନ, ୭୦ ବର୍ଷ ବୟସ ପରେ ନିର୍ବାଚନ ଲଢ଼ିବା ନିଷିଦ୍ଧ, ନିର୍ବାଚନ ମଣ୍ଡଳୀରେ ସର୍ବପ୍ରକାର ଉନ୍ନତି ଓ ଆଇନଶୃଙ୍ଖଳାର ଅବନତି ପାଇଁ ଜନପ୍ରତିନିଧି ଉତ୍ତରଦାୟୀ ରହିବେ, ରାଜ୍ୟର ଲୋକସଭା ଆସନ ସଂଖ୍ୟା ଅନୁଯାୟୀ ଜିଲ୍ଲା ସଂଖ୍ୟା ହେବ, ନିର୍ବାଚନ ପ୍ରାର୍ଥିପତ୍ର ଦାଖଲ ଓ ବିଜୟ ଉତ୍ସବ ପାଇଁ କୌଣସି ପ୍ରକାର ରାଲି/ଶୋଭାଯାତ୍ରା ନିଷିଦ୍ଧ, ପ୍ରତି ବର୍ଷ ସଦସ୍ୟମାନେ ନିଜର ସମ୍ପତ୍ତି ତାଲିକା ପ୍ରକାଶ କରିବେ, କୌଣସି କାର୍ଯ୍ୟ ପାଇଁ ଲାଞ୍ଚ ନେଲେ କିମ୍ବା ଧରାପଡ଼ିଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ଏବଂ ସଦସ୍ୟତାରୁ ବହିଷ୍କୃତ ହେବେ, ନିର୍ବାଚନ ଅଦାଲତରେ ନିର୍ବାଚନ ମୋକଦ୍ଦମା ତିନି ମାସ ଭିତରେ ନିଷ୍ପତ୍ତି ହେବ, ଗୋଟିଏ ପଦରେ ଥାଇ ଅନ୍ୟ ଏକ ପଦ ପାଇଁ ନିର୍ବାଚନ ଲଢ଼ିବା ନିଷିଦ୍ଧ ଆଦି ବହୁବିଧ କାର୍ଯ୍ୟାନୁଷ୍ଠାନ ସଂସ୍କାରର ପରିସରଭୁକ୍ତ ହେବ।

ସେହିପରି ଶାସନ ବ୍ୟବସ୍ଥାରେ ସଂସ୍କାର ପାଇଁ ୧ମ ଓ ୨ୟ ଶ୍ରେଣୀ କର୍ମଚାରୀମାନଙ୍କ ଚାକିରି ପ୍ରତି ୫ବର୍ଷରେ ଏବଂ ଅନ୍ୟ ସରକାରୀ କର୍ମଚାରୀଙ୍କ ଚାକିରି ପ୍ରତି ୧୦ ବର୍ଷରେ ସମୀକ୍ଷା, ପ୍ରତ୍ୟେକ ପରିବାରରୁ ଯୋଗ୍ୟତା ଅନୁଯାୟୀ ଜଣକୁ ଚାକିରି, ଦୁର୍ନୀତିଗ୍ରସ୍ତଙ୍କୁ ଆଜୀବନ ଜେଲଦଣ୍ଡ ଓ ସମ୍ପତ୍ତି ବ୍ୟାଜ୍ୟାପ୍ତି, ଦୈନନ୍ଦିନ କାର୍ଯ୍ୟର ବିବରଣୀ ସେହିଦିନ ଉପରିସ୍ଥ ଅଧିକାରୀଙ୍କୁ ଲେଖି ଜଣାଇବା, ସମସ୍ତ କର୍ମଚାରୀ ବର୍ଷଶେଷରେ ସମ୍ପତ୍ତି ବିବରଣୀ ନ ଦେଲେ ଚାକିରିରୁ ବହିଷ୍କୃତ ହେବା, ସରକାରୀ ଅପବ୍ୟୟ ପାଇଁ ଜୋରିମାନା ଆଦାୟ ଓ ପଦୋନ୍ନତିରେ କଟକଣା, ସରକାରୀ ଅର୍ଥ ଠିକ୍ ସମୟରେ ବ୍ୟୟ ନ କରି ନିଜ ପାଖରେ ରଖିବା ଓ ବ୍ୟବହୃତ ପ୍ରମାଣପତ୍ର ଠିକ୍ ସମୟରେ ନ ଦେଲେ ଚାକିରିରୁ ବହିଷ୍କାର ଇତ୍ୟାଦି କଠୋର ନିୟମ ପ୍ରଣୟନ ଦୁର୍ନୀତି ନିରାକରଣରେ ସହାୟକ ହେବ। ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ଓ ଅଭିଜ୍ଞ ବ୍ୟକ୍ତିବିଶେଷଙ୍କର ଏକ ତାଲିକା (ପ୍ରଜ୍ଞା ଗୋଷ୍ଠୀ) ପ୍ରସ୍ତୁତ କରି ସମୟ ସମୟରେ ସେମାନଙ୍କର ପରାମର୍ଶ ନିଆଯିବା ଦରକାର, ଯାହାଦ୍ୱାରା ପ୍ରଶାସନର ସୁଫଳ ଜନସାଧାରଣ ପାଇପାରିବେ। ନ୍ୟାୟିକ ସଂସ୍କାରକ୍ରମରେ ପ୍ରତ୍ୟେକ ବ୍ଲକରେ ଦେୱାନୀ ଓ ଫୌଜଦାରୀ ଅଦାଲତ ଅଲଗା ପ୍ରତିଷ୍ଠା କରିବା, ନିର୍ବାଚନ ଅଦାଲତରେ ସମସ୍ତ ନିର୍ବାଚନ ଅଭିଯୋଗ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଶେଷ କରିବା, ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନର ସଦସ୍ୟମାନଙ୍କର ମୋକଦ୍ଦମା ବିଚାର ପାଇଁ ଜିଲ୍ଲାପାଳଙ୍କୁ ଦାୟିତ୍ୱମୁକ୍ତ କରିବା, ବିଭିନ୍ନ ସ୍ତରରେ ବିଚାରପତି ନିଯୁକ୍ତି ପାଇଁ ଚୟନ କମିଟି ଗଠନ, ବିଚାରପତି ଭାବେ କାର୍ଯ୍ୟାରମ୍ଭ ବୟସ ୪୦ ବର୍ଷ ଓ ସର୍ବୋଚ୍ଚ ବୟସ ସୀମା ୭୦ବର୍ଷ ରଖିବା ଦ୍ୱାରା ସାଧାରଣ ଜନତା ଅନେକ ସୁଫଳ ପାଇପାରନ୍ତେ ବୋଲି ଆଶା କରାଯାଏ। ଏଥିସହିତ ପ୍ରତ୍ୟେକ ରାଜ୍ୟ ଓ ଦେଶ ପାଇଁ ଗୋଟିଏ କରି ସରକାରୀ ଖବରକାଗଜ(ଦୈନିକ) ପ୍ରକାଶନର ବ୍ୟବସ୍ଥା ହେବା ଆବଶ୍ୟକ, ଯେଉଁଥିରେ କେବଳ ସରକାରୀ ଯୋଜନା, ସରକାରୀ କାର୍ଯ୍ୟକ୍ରମ, ଯୋଜନାର ସମୀକ୍ଷା ସମ୍ବଳିତ ସମ୍ବାଦ ଇତ୍ୟାଦି ସ୍ଥାନ ପାଇବ ଏବଂ ସରକାରୀ ଦୂରଦର୍ଶନରେ ବିଭିନ୍ନ ଯୋଜନା, ପ୍ରତ୍ୟେକ ମାସରେ ହାସଲ ହୋଇଥିବା କାର୍ଯ୍ୟ, ବିଭିନ୍ନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଯଥା ସ୍ୱଚ୍ଛତା, ରୋଗ, ଆଇନ ସେବା, ପୁଲିସ ସେବା, ଭୂରାଜସ୍ୱ, ସଡ଼କ ସୁରକ୍ଷା ଇତ୍ୟାଦି ବିଭିନ୍ନ ସରକାରୀ କାର୍ଯ୍ୟକ୍ରମର ପ୍ରସାରଣ ଦ୍ୱାରା ସାଧାରଣ ଜନତା ଅନେକ ସୂଚନା ପାଇପାରିବେ। ଅନେକ ଲୁପ୍ତ ପ୍ରତିଭାର ବିକାଶ ମଧ୍ୟ ହୋଇପାରିବ। ପ୍ରତ୍ୟେକ ରାଜ୍ୟରେ ଲୋକସଂଖ୍ୟା ଅନୁପାତରେ ପ୍ରତି ୫୦ ଲକ୍ଷ ଲୋକଙ୍କ ପାଇଁ ଆଞ୍ଚଳିକ ଭାଷାରେ ଗୋଟିଏ ଖବରକାଗଜ ଓ ଜିଲ୍ଲା ସ୍ତରରେ ସର୍ବାଧିକ ୨ଟି ଖବରକାଗଜ ରହିବା ଆବଶ୍ୟକ, ଯେଉଁଥିରେ ପେଶାଦାର ସାମ୍ବାଦିକମାନଙ୍କୁ ଦରମା ଓ ସରକାରଙ୍କ ଦ୍ୱାରା ପେନଶନ୍ ଦେବାର ବ୍ୟବସ୍ଥା ଥିବ। ପେଶାଦାର ସାମ୍ବାଦିକମାନେ ସାମ୍ବାଦିକତାରେ ସ୍ନାତକ ଡିଗ୍ରୀ ହାସଲ କରିଥିଲେ ସରକାରୀ ୨ୟ ଶ୍ରେଣୀ ବର୍ଗର ଅଧିକାରୀଙ୍କ ଭଳି ଦରମା ଦିଆଯାଉ। ସବୁ ସମ୍ବାଦପତ୍ର ନିରପେକ୍ଷ ଓ ସତ୍ୟ ସମ୍ବାଦ ପରିବେଷଣ କରିବାର ବିଧି ବ୍ୟବସ୍ଥା ହେଉ। ଅସତ୍ୟ ଓ ମନଗଢ଼ା ସମ୍ବାଦ ପରିବେଷଣ କରିବାର ପ୍ରମାଣ ମିଳିଲେ ପ୍ରକାଶନ ବନ୍ଦ ସହିତ ଉଚିତ୍ କାର୍ଯ୍ୟାନୁଷ୍ଠାନ କରାଯାଉ। ଦୈନିକ ସମ୍ବାଦପତ୍ରର ମୂଲ୍ୟ ନିର୍ଦ୍ଧାରଣ ଏକ ରାଜ୍ୟସ୍ତରୀୟ କମିଟି କରୁ। ସାମାଜିକ ଗଣମାଧ୍ୟମରେ ଅସତ୍ୟ, ଅବାନ୍ତର, ଅରୁଚିକର ସମ୍ବାଦ ଓ ଫଟୋ ପ୍ରସାରଣକୁ ବନ୍ଦ କରିବାର ବ୍ୟବସ୍ଥା ହେଉ ଏବଂ ଏ ସବୁ ଜରିଆରେ କିଛି ବିଷୟ ପ୍ରସାରଣ ପାଇଁ ଚାହୁଁଥିଲେ ନିର୍ଦ୍ଦିଷ୍ଟ ଦେୟ ସରକାରଙ୍କୁ ପୈଠ କରିବାର ବ୍ୟବସ୍ଥା ରହୁ। ଏକ ବିକଶିତ ଦେଶର ପରିକଳ୍ପନା କରିବା ପୂର୍ବରୁ ଦୁର୍ନୀତିର କାୟାବିସ୍ତାରକୁ ବିଭିନ୍ନ ସଂସ୍କାର ଜରିଆରେ ଲୁପ୍ତ କରାଯାଉ। ●

ରୂପସା(ବାଲେଶ୍ୱର),
ମୋ: ୯୪୩୮୧୭୭୬୩୪.

# ବଡ଼ଜହ୍ନ-ନୀଳଜହ୍ନ-ଲାଲ୍‌ଜହ୍ନ

ବିଜୟ କେତନ ପଟ୍ଟନାୟକ

ପିଲାଟି ଦିନରୁ ଆକାଶରେ ଚନ୍ଦ୍ର ସହିତ ଆମର ପରିଚୟ। ମା' ବା ଆଇମା'ମାନେ ଆକାଶରେ ଚନ୍ଦ୍ରକୁ ଦେଖେଇ ଚିହ୍ନେଇ ଦିଅନ୍ତି - ଇଏ ହେଉଛି ଜହ୍ନମାମୁ। ବାଘମାମୁ ପରି ଜହ୍ନ ମଧ୍ୟ ପିଲାମାନଙ୍କର ମାମୁ। କିନ୍ତୁ ବାସ୍ତବରେ ଚନ୍ଦ୍ର, ପୃଥିବୀ ଗ୍ରହର ଏକ ଉପଗ୍ରହ। ଚନ୍ଦ୍ର ଉପଗ୍ରହ ତା'ର ଅଣ୍ଡାକୃତି କକ୍ଷପଥରେ ୨୭.୩ ଦିନରେ ପୃଥିବୀ ଚାରିପଟେ ପ୍ରଦକ୍ଷିଣ କରିଥାଏ। କିନ୍ତୁ ବାସ୍ତବରେ ଗୋଟିଏ ଚନ୍ଦ୍ରମାସ ସଂପୂର୍ଣ୍ଣ ହେବା ପାଇଁ ୨୯.୫ ଦିନ ଲାଗିଥାଏ। ଅର୍ଥାତ୍ ଗୋଟିଏ ପୂର୍ଣ୍ଣିମା ବା ପୂର୍ଣ୍ଣ ଚନ୍ଦ୍ରଠାରୁ ଅନ୍ୟ ଏକ ପୂର୍ଣ୍ଣଚନ୍ଦ୍ର ପର୍ଯ୍ୟନ୍ତ ଦୁଇଦିନ ସମୟ ଅଧିକ ଲାଗିଥାଏ। ଏହାର କାରଣ ହେଲା, ଚନ୍ଦ୍ର ଯେପରି ପୃଥିବୀ ଚାରିପଟେ ଘୁରୁଛି। ପୃଥିବୀ ମଧ୍ୟ ସେହି ଏକା ସମୟରେ, ନିଜର ଅଣ୍ଡାକୃତି କକ୍ଷ ପଥରେ ସୂର୍ଯ୍ୟ ଚାରିପଟେ ପ୍ରଦକ୍ଷିଣ କରୁଛି। ଚନ୍ଦ୍ର ଥରେ ପୃଥିବୀ ଚାରିପଟେ ବୁଲି ଆସିଲା ବେଳକୁ ପୃଥିବୀ ତା' ନିଜ କକ୍ଷ ପଥରେ କିଛି ବାଟ ଆଗେଇ ଯାଇଥାଏ। ପୃଥିବୀ ସୂର୍ଯ୍ୟ ଚାରିପଟେ ଥରେ ପ୍ରଦକ୍ଷିଣ କରିବା ପାଇଁ ପାଖାପାଖି ୩୬୫.୨୫ ଦିନ ସମୟ ନେଇଥାଏ। ପୃଥିବୀ ଆଗେଇ ଯାଇଥିବା ଦୂରତାକୁ ଅତିକ୍ରମ କରିବାକୁ ଚନ୍ଦ୍ରକୁ ଆଉ ଦୁଇ ଦିନ ସମୟ ଲାଗେ।

ଚଳିତ ଜାନୁଆରୀ ମାସ ୩ ତାରିଖ ପୌଷ ପୂର୍ଣ୍ଣିମା ରାତିରେ ଏକ ବିରଳ ମହାଜାଗତିକ ଦୃଶ୍ୟ ଦେଖିବାକୁ ମିଳିଥିଲା। ତାହା ଥିଲା ବଡ଼ ଜହ୍ନ। ଇଂରାଜୀରେ କୁହାଯାଏ 'ସୁପର ମୁନ'। ୧୯୭୯ ମସିହାରେ ଆମେରିକାର ଜ୍ୟୋତିଷଶାସ୍ତ୍ରୀ ରିଚାର୍ଡ ନଲ ପ୍ରଥମେ 'ସୁପରମୁନ୍' ଶବ୍ଦର ପ୍ରୟୋଗ କରିଥିଲେ। ଅଣ୍ଡାକୃତି ପଥରେ ଘୂରିଲା ବେଳେ ପୃଥିବୀ ନିକଟରୁ ଚନ୍ଦ୍ରର ସର୍ବନିମ୍ନ ଦୂରତା ହେଉଛି ୩, ୬୩, ୩୦୦ କିଲୋମିଟର। ଏହାକୁ 'ପେରିଜି' କୁହାଯାଏ। ଏହିସମୟରେ ଚନ୍ଦ୍ର ପୃଥିବୀର ସବୁଠାରୁ ନିକଟରେ ଥାଏ। ପୃଥିବୀଠାରୁ ଚନ୍ଦ୍ରର ସର୍ବାଧିକ ଦୂରତା ହେଉଛି ପ୍ରାୟ ୪, ୦୫, ୬୯୬ କିଲୋମିଟର। ଏହି ଦୂରତମ ବ୍ୟବଧାନକୁ କୁହାଯାଏ 'ଆପୋଜି'। ରିଚାର୍ଡ ନଲଙ୍କ ମତରେ ଯଦି ପୂର୍ଣ୍ଣମୀ ତିଥିରେ ଚନ୍ଦ୍ର ପୃଥିବୀର ନିକଟତମ ଦୂରତାରେ ଥାଏ, ତେବେ ଚନ୍ଦ୍ରର ଆକାର ଓ ଉଜ୍ଜ୍ୱଳତା ଅଧିକ ହେବ। ନିର୍ମଳ ଆକାଶରେ ଦେଖାଯାଉଥିବା ଗୋଲାକୃତି ଚନ୍ଦ୍ରର ଆକାର ୧୪ ପ୍ରତିଶତ ବଡ଼ ହେବ। ଉଜ୍ଜ୍ୱଳତା ମଧ୍ୟ ୩୦ ପ୍ରତିଶତ ବୃଦ୍ଧି ପାଇବ। ସେଥିପାଇଁ ଚନ୍ଦ୍ରକୁ କୁହାଯାଏ 'ବଡ଼ଜହ୍ନ' ବା 'ସୁପରମୁନ୍'।

ଜାନୁୟାରୀ ୩ ତାରିଖ ଦିନ ଆକାଶରେ ଦେଖାଯାଇଥିଲା ୨୦୨୬ ମସିହାର ପ୍ରଥମ 'ସୁପରମୁନ୍'। ଗଣନା କରି କୁହାଯାଇଛି, ଚଳିତ ବର୍ଷ ନଭେମ୍ବର ୨୪ ତାରିଖ ଓ ଡିସେମ୍ବର ୨୩ ରେ ଆଉ ଦୁଇଟି 'ସୁପରମୁନ' ବା 'ବଡ଼ଜହ୍ନ' ଆକାଶରେ ଦେଖାଯିବ। ଯେବେ ଗୋଟିଏ ଇଂରାଜୀ ମାସରେ ଦୁଇଟି ପୂର୍ଣ୍ଣମୀ ପଡ଼େ ଏବଂ ଦୁଇଟି 'ସୁପରମୁନ' ଦେଖାଯାଏ, ତେବେ ତାହାକୁ କୁହାଯାଏ 'ବ୍ଲୁମୁନ' ବା 'ନୀଳଜହ୍ନ'। ଏମିତି ଏକ ମହାଜାଗତିକ ଦୃଶ୍ୟ ବହୁବର୍ଷ ବ୍ୟବଧାନରେ ଦେଖିବାକୁ ମିଳେ। ସେଥିପାଇଁ ଅନେକଦିନ ପରେ ଅଚାନକ ପହଞ୍ଚି ଯାଇଥିବା ବନ୍ଧୁ ବା କୁଣିଆଙ୍କୁ ଲକ୍ଷ୍ୟ କରି କୁହାଯାଏ 'ୱାନସ ଇନ ବ୍ଲୁ ମୁନ'। ୨୦୧୮ ମସିହା ଜାନୁଆରୀ ମାସ ୨ ତାରିଖ ଓ ୩୧ ତାରିଖ ଦିନ ଦୁଇଟି ପୂର୍ଣ୍ଣିମା ପଡ଼ିଥିଲା। ଗୋଟିଏ ଇଂରାଜୀ ମାସର ଏହି ଦୁଇପୂର୍ଣ୍ଣମୀରେ ଦୁଇଟି 'ସୁପରମୁନ' ଦୃଶ୍ୟମାନ ହୋଇଥିଲା। ସେହିବର୍ଷର 'ବଡ଼ଜହ୍ନ'କୁ କୁହାଗଲା 'ନୀଳଜହ୍ନ' ବା 'ବ୍ଲୁମନ'।

'ସୁପରମୁନ' ଦେଖାଯାଉ ଥିବା ଦିନ ଯଦି ରାହୁଗ୍ରସ୍ତ ବା କେତୁଗ୍ରସ୍ତ ପୂର୍ଣ୍ଣ ଚନ୍ଦ୍ରଗ୍ରହଣ ହୁଏ ତେବେ ସେ ସମୟରେ ଚନ୍ଦ୍ରର ବାହାର ବଳୟର ରଂଗ ଲାଲ ବା ନାରଂଗୀ ଦେଖାଯାଏ। ଏହାର କାରଣ ହେଲା 'ରାଲି'ଙ୍କ ବିଚ୍ଛୁରଣ ନିୟମ। ପୂର୍ଣ୍ଣଗ୍ରହଣ ସମୟରେ ସୂର୍ଯ୍ୟ, ପୃଥିବୀ ଓ ଚନ୍ଦ୍ର ଏକ ସରଳରେଖାରେ ଥା'ନ୍ତି। ସୂର୍ଯ୍ୟ କିରଣ ପୃଥିବୀର ବାୟୁମଣ୍ଡଳ ଦେଇ ଚନ୍ଦ୍ରରେ ପ୍ରବେଶ କଲା ବେଳେ ବିଚ୍ଛୁରିତ ହୋଇଥାଏ। ଏହାର ନୀଳ ରଂଗ ବିଚ୍ଛୁରିତ ହୋଇ ବାହାରକୁ ଚାଲିଯାଏ। ଲାଲ ଓ ନାରଂଗୀ ରଂଗ ବିଚ୍ଛୁରଣ ପ୍ରକ୍ରିୟାରେ ଚନ୍ଦ୍ର ଆଡ଼କୁ ବଙ୍କେଇଯାଏ। ତେଣୁ ଚନ୍ଦ୍ରର ବାହ୍ୟବଳୟ ଲାଲ ଦେଖାଯାଏ। ଏହାକୁ କୁହାଯାଏ 'ରେଡମୁନ', 'ବ୍ଲଡମୁନ' ବା 'ଲାଲଜହ୍ନ'।

ଚନ୍ଦ୍ର ଆପୋଜି ପାଖାପାଖି ଥିଲା ବେଳେ ଯେଉଁ ତିନୋଟି ପୂର୍ଣ୍ଣମୀ ଚଳିତ ବର୍ଷ (୨୦୨୬) ପଡ଼ିବ, ସେ ସମୟରେ ଚନ୍ଦ୍ରର ଆକୃତି ଅପେକ୍ଷାକୃତ ଛୋଟ ଦେଖାଯିବ ଏବଂ ଉଜ୍ଜ୍ୱଳତା ମଧ୍ୟ କମ୍ ପ୍ରତୀୟମାନ ହେବ। ଚଳିତ ବର୍ଷ ମେ ୧, ମେ ୩୧ ଓ ଜୁନ ୨୯ ତାରିଖରେ ଏହା ଘଟିବ। ଏହି ସମୟରେ ଛୋଟ ଦେଖାଯାଉଥିବା ଚନ୍ଦ୍ରକୁ 'ମାଇକ୍ରୋମୁନ୍' ବା 'ଛୋଟଚନ୍ଦ୍ର' କୁହାଯାଏ। ଏବର୍ଷ ନଭେମ୍ବର ଓ ଡିସେମ୍ବର ମାସରେ ଅନ୍ୟ ଦୁଇଟି 'ସୁପରମୁନ' ଦେଖିବାର ସୁଯୋଗ ମିଳୁଥିଲେ ମଧ୍ୟ ଏହ ଏକ ଇଂରାଜୀ ମାସରେ ପଡୁନଥିବାରୁ 'ବ୍ଲୁମୁନ୍' ବା 'ନୀଳଜହ୍ନ' କୁହାଯିବ ନାହିଁ।

ପୂର୍ଣ୍ଣମୀର ଗୋଲାକୃତି ଜହ୍ନକୁ ନେଇ ଯେଉଁସବୁ ବର୍ଣ୍ଣନା କରାଯାଇଛି ତାହା ଗୋଟିଏ ଗୋଟିଏ ବିରଳ ଜାଗତିକ ଦୃଶ୍ୟ। ଏହାସହିତ କୁସଂସ୍କାର ବା ଅନ୍ଧବିଶ୍ୱାସକୁ ଯୋଡ଼ିବା ଉଚିତ୍ ନୁହେଁ। କାରଣ ଚନ୍ଦ୍ର ଆମଠାରୁ ଆଉ ଅପହଞ୍ଚ ଦୂରତାରେ ନାହିଁ। ମନୁଷ୍ୟ ଚନ୍ଦ୍ର ଉପରେ ପାଦ ଥାପି ବସତି ସ୍ଥାପନ କରିବାର ସ୍ୱପ୍ନ ଦେଖୁଛି। ●

(ପୂର୍ବତନ ଓଡ଼ିଶା ପ୍ରଧାନ ମୁଖ୍ୟ ବନ୍ୟ ପ୍ରାଣୀ ସଂରକ୍ଷକ)
ଭୁବନେଶ୍ୱର, ମୋ: ୯୪୩୭୦୦୦୯୦୪

# ଅପରାଜିତ ହାସ୍ୟସ୍ରଷ୍ଟା ଫତୁରାନନ୍ଦ

ସାହିତ୍ୟ ସରିତ୍

ପ୍ରଫେସର ମଣୀନ୍ଦ୍ର କୁମାର ମେହେର

ହସିବା ଓ ଅନ୍ୟମାନଙ୍କୁ ହସାଇପାରିବା ନିଶ୍ଚୟ ଏକ ଦୁର୍ଲଭ କଳା। କିନ୍ତୁ ଯାହାଙ୍କ ଜୀବନ ଅପଦେବତାର ଅଭିଶାପରେ ହୋଇଯାଏ ମହାବ୍ୟାଧିଗ୍ରସ୍ତ ସିଏ ନିଜ ଯନ୍ତ୍ରଣାସିକ୍ତ ଅବସ୍ଥା ସତ୍ତ୍ୱେ ଅନ୍ୟମାନଙ୍କ ଜୀବନକୁ କିପରି ଆଶିଷ-ସ୍ନାତ କରିଦେଇ ପାରନ୍ତି ତାହାର ଏକ ଶ୍ରେଷ୍ଠ ଦୃଷ୍ଟାନ୍ତ ହେଉଛନ୍ତି ଓଡ଼ିଆ ସାହିତ୍ୟ ଜଗତର ହାସ୍ୟସମ୍ରାଟ ଫତୁରାନନ୍ଦ। କେଉଁ ଚଳଚ୍ଚିତ୍ର ଦର୍ଶକ ବା ଜାଣିନାହାନ୍ତି ପ୍ରଖ୍ୟାତ ଅଭିନେତା ଚାର୍ଲି ଚାପ୍‌ଲିନ୍‌ଙ୍କ ହାସ୍ୟତରଙ୍ଗ ଅନ୍ତରାଳର କାରୁଣ୍ୟବ୍ୟଞ୍ଜକ ଆର୍ତ୍ତସ୍ୱରର ବ୍ୟଥାପୂର୍ଣ୍ଣ ଗାଥା? ମନେହୁଏ, ଯାହାଙ୍କ ଜୀବନରେ ଦୁଃଖର ଗଭୀର ରେଖାଙ୍କିତ ହୋଇ ପାରିନାହିଁ ସେ କେବେ ହୃଦୟପୂର୍ଣ୍ଣ କରି କାହାକୁ ହସାଇପାରିବା ସମ୍ଭବ ହୋଇ ନପାରେ। ହସରେ ହସରେ ଭିଜାଇ ଦେଇ କଠିନ ମନଟିକୁ ସେ କ'ଣ ଲହୁଣୀରେ ପରିଣତ କରିଦେଇପାରିବେ କେବେ? ଶ୍ରଦ୍ଧା ଓ ସଦିଚ୍ଛାର ହସଟିଏ ବି ସୃଷ୍ଟି ହୁଏ ଓଷ୍ଠାଧାରରେ ସେତିକିବେଳେ, ଯେତେବେଳେ ଦୁଃଖର ଦେବୀ ଉପସ୍ଥିତ ଥା'ନ୍ତି ଆଶୀର୍ବାଦ ବର୍ଷଣରେ ଆପ୍ଳୁତ କରିଦେବା ପାଇଁ।

ଫତୁରାନନ୍ଦ ନିଜ ସମୟର ମଣିଷମାନଙ୍କ ନିକଟରେ ଲକ୍ଷ୍ୟ କରିଛନ୍ତି କେତେ ତ୍ରୁଟି, ବିଚ୍ୟୁତି। ଏପରି କି କବି ଲେଖକଙ୍କ ମଧ୍ୟରେ ଅହଂକାରର ପ୍ରେତ କିପରି ନର୍ତ୍ତନ କରୁଛି ତାହା ବି ଦେଖିଛନ୍ତି। ରାଜନୈତିକ ଚରିତ୍ର ମଧ୍ୟରେ ଆବିଷ୍କାର କରିପାରିଛନ୍ତି କେତେ ଆବିଳତା। କିନ୍ତୁ ସେସବୁକୁ ପରିଶୁଦ୍ଧ ହାସ୍ୟ ଓ ବ୍ୟଙ୍ଗର ଫୁତ୍କାରରେ ଯେ ଉଡ଼ାଇ ଦିଆଯାଇପାରେ ଦୂରଦୂରାନ୍ତର ଏହା ସ୍ୱକୀୟ ଅନ୍ତର୍ଶକ୍ତି ଦ୍ୱାରା ଉପଲବ୍ଧି କରିଛନ୍ତି। କାହାରି ପ୍ରତି ବ୍ୟକ୍ତିଗତ ବିଦ୍ୱେଷରୁ ତାଙ୍କ ବ୍ୟଙ୍ଗ ଉଦ୍ଭୁତ ନୁହେଁ। ସେ ଆନ୍ତରିକ ଭାବରେ ଆକାଂକ୍ଷା ପୋଷଣ କରିଛନ୍ତି ସଂସ୍କୃତି-ସମ୍ପନ୍ନ ଏକ ଶୁଭଙ୍କର ସମାଜର। ସେଥିପାଇଁ ବ୍ୟଙ୍ଗାସ୍ତ୍ର ଧାରଣ କରିଛନ୍ତି। ତାହାର ପ୍ରୟୋଗରେ କାହା ଛାତିରୁ ରକ୍ତ ଝରେନା। ବରଂ ଝରି ଆସେ ଅସମ୍ଭାଳ ହସର ନିର୍ଝର। ତାଙ୍କ ଦ୍ୱାରା ରଚିତ 'ମଙ୍ଗଳବାରିଆ ସାହିତ୍ୟ ସଂସଦ', 'ହେରେସା', 'ସାହିତ୍ୟ ଚାଷ', 'ସାହିତ୍ୟ ବେଉଷଣ', 'ହସକୁରା', 'ଫମାଲୋଚନା' ଆଦି ପୁସ୍ତକରେ ହାସ୍ୟରସର ଧାରା-ଶ୍ରାବଣ ପ୍ରବାହିତ। 'ନାକଟା ଚିତ୍ରକର' ବହିର ଅନ୍ତଃପ୍ରବାହରେ କାରୁଣ୍ୟର ସ୍ପର୍ଶ ପାଠକକୁ ଉଦବେଳିତ କରିଦିଏ। 'ଡଗର' ପତ୍ରିକାର ସମ୍ପାଦନାରେ ନିଜକୁ ଉତ୍ସର୍ଗ କରିଦିଅନ୍ତି ସେ। ସାହିତ୍ୟ ସୃଜନ ଦ୍ୱାରା ଅନ୍ୟମାନଙ୍କ ଅନ୍ତରକୁ ପରିଷ୍କାର କରିଦେବାର ପ୍ରୟାସ କରିଛନ୍ତି ସେ କେତେ ସୁଦୃଢ଼ ପ୍ରତ୍ୟୟ ନେଇ!

ତାଙ୍କ ଆତ୍ମଜୀବନୀ 'ମୋ ଫୁଟା ଡଙ୍ଗାର କାହାଣୀ'ର ଉତ୍ସର୍ଗ ପୃଷ୍ଠାରେ ସେ ଲେଖିଛନ୍ତି, 'ବୋଉ, ଏ ପିଣ୍ଡରେ ତୁ ଜୀବନ ଦେଇଥିଲୁ ଓ ଜୀବନ -ବାରିଧିକୁ ଡେଇଁ ଯିବା ଲାଗି ହାତଗୋଡ଼ରେ ତାକତ ଦେଇଥିଲୁ। କିନ୍ତୁ ଭାଗ୍ୟ ଦେଇ ନଥିଲୁ। ତାହା ତୋର ଅକ୍ତିଆରରେ ନ ଥିଲା। ଜୀବନ-ବାରିଧି ଅତିକ୍ରମ କରିବା ପାଇଁ ମୁଁ ଏକ ପାଲଟଣା ଡଙ୍ଗା ସଂଗ୍ରହ କଲି, ସେଥିରେ ଏକୁଟିଆ ଯାତ୍ରା ଆରମ୍ଭ କଲି। ମୋ ଭାଗ୍ୟକୁ ଯେ, ଡଙ୍ଗାଟା ଫୁଟା ପଡ଼ିଲା। ମୋ ଡଙ୍ଗା ବୁଡ଼ିବା ପୂର୍ବରୁ ତୁ ଚାଲିଗଲୁ। ଭଲ ହେଲା। ତୁ କାହିଁକି ମୋ କାଲୁବାଲୁ ଦେଖି ନିଜେ କଷ୍ଟ ପାଇଥା'ନ୍ତୁ? ତୋର ଜଣା ଅଜଣା ସବୁତକ ଏକାଠି କରି ଏ ମୋ ଫୁଟା ଡଙ୍ଗାର କାହାଣୀ। ବହିଟିକୁ ତୋ ପାଦତଳେ ନୈବେଦ୍ୟ ରୂପେ ଅର୍ପଣ କଲି।'

ଫତୁରାନନ୍ଦଙ୍କ ଆତ୍ମଜୀବନୀରେ ଲିପିବଦ୍ଧ ହୋଇଛି ତାଙ୍କ ଜୀବନ ସଂଗ୍ରାମର ଅସରନ୍ତି ଅନ୍ତର୍ବ୍ୟଥା। ତେବେ ସେ କେବେ ପରାଜୟ ବରଣ କରିନାହାନ୍ତି। ଏକୁଟିଆ ସବୁ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ତାରି ଭିତରେ ଯେଉଁମାନଙ୍କଠାରୁ ଲାଭ କରିଛନ୍ତି ଆନ୍ତରିକ ସହାନୁଭୂତି ସେମାନଙ୍କ ନିକଟରେ ରହିଛନ୍ତି କୃତଜ୍ଞ ହୋଇ। ନିଜ ସାହିତ୍ୟ ସାଧନା ପାଇଁ ସମାଜଠାରୁ କୌଣସି ସ୍ୱୀକୃତି ବା ସମର୍ଥନ ଚାହିଁ ନାହାନ୍ତି। ସେ ଜାଣିଥିଲେ ଗୋଟିଏ ପାଖରେ ଦୁଃଖ ଓ ଯାତନାରେ ତାଙ୍କ ଜୀବନ ବିଦୀର୍ଣ୍ଣ। ଆଉ ଅନ୍ୟପାଖରେ ଦେବୀ ବୀଣାପାଣିଙ୍କ ବରଦାନ ତାଙ୍କ ଉଦ୍ଦେଶ୍ୟରେ ସଦା ଉନ୍ମୁକ୍ତ। ମେଡିକାଲ କଲେଜରେ ଡାକ୍ତରୀ ପାଠ ସେ ପଢୁଥିଲେ। ଅନ୍ତର ଭିତରେ ବିଦ୍ୟାଦାତ୍ରୀ ତାଙ୍କୁ ପ୍ରସ୍ତୁତ କରୁଥିଲେ ସମଗ୍ର ମାନବ ସମାଜର ମନୋଚିକିତ୍ସକ ଭାବରେ ଅଫୁରନ୍ତ ହାସ୍ୟକଳାର ଐଶ୍ୱର୍ଯ୍ୟ ଦାନ କରି। ସେହି ଐଶୀଶକ୍ତି ବଳରେ ପାଠକକୁ ହସି ହସି ବେଦମ କରିଦେବାର ବନ୍ୟା ସ୍ରୋତ ପ୍ରବାହିତ କରିଦେଲେ ଫତୁରାନନ୍ଦ। ସେଇସବୁ ମୁହୂର୍ତ୍ତରେ ସେ ଯେଉଁ ଅନାବିଳ ଆନନ୍ଦ ଲାଭ କରିଥିବେ ଦୁର୍ଭାଗ୍ୟର ଦେବତା ତାହା ଦେଖି ନିଜ ପରାଜୟ ସ୍ୱୀକାର କରିଥିବେ ନିଶ୍ଚୟ। କାରଣ ଫତୁରାନନ୍ଦଙ୍କ ଲେଖା ପଢ଼ି ସେ ବି କ'ଣ ଭୂଇଁ ତଳେ ଗଡ଼ିଯାଉ ନ ଥିବେ ହସି ହସି? ଯେଉଁ ପାଠକମାନେ ତାଙ୍କ ସମଗ୍ର ସାହିତ୍ୟ କୃତି ଅଧ୍ୟୟନ କରିବେ ସେମାନଙ୍କ ମିଥ୍ୟା ଅହମିକା ଯେ କେତେବେଳେ ହସର ତୋଫାନରେ ହୋଇଯାଇଛି ଅନ୍ତର୍ହିତ ତାହା ଅନୁଭବ କରିପାରିବେ। ହସି ହସି ପେଟ ଫାଟିଯିବା ବେଳେ ଦେଖିବେ ଫତୁରାନନ୍ଦ ତାଙ୍କୁ ଦେଇସାରିଛନ୍ତି ପୁନର୍ଜନ୍ମର ଅପୂର୍ବ ଲାଳିତ୍ୟ ଓ ସୌକୁମାର୍ଯ୍ୟ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।

୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।

୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।

୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।

୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।

୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।

୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

■ ଜାତୀୟ ସିନିଅର ଖୋ ଖୋ

## ଫାଇନାଲରେ ଓଡ଼ିଶା ମହିଳା

ଭୁବନେଶ୍ୱର, ୧୪।୧ (ସମିସ): ତେଲଙ୍ଗାନାର କାଜିପେଟ୍‌ସ୍ଥିତ ରେଲୱେ ଷ୍ଟାଡିୟମରେ ଚାଲିଥିବା ଜାତୀୟ ସିନିଅର ଖୋ ଖୋ ଚାମ୍ପିଅନସିପ୍‌ରେ ଓଡ଼ିଶା ବାଳିକା ଦଳ ଫାଇନାଲରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ସେମିଫାଇନାଲରେ ଏୟାର ପୋର୍ଟ ଅଥରିଟି ଅଫ୍ ଇଣ୍ଡିଆକୁ ଓଡ଼ିଶା ଦଳ ପରାସ୍ତ କରି କ୍ରମାଗତ ଫାଇନାଲରେ ପହଞ୍ଚିଛି। ଗୁରୁବାର ଫାଇନାଲ ମୁକାବିଲା ଅନୁଷ୍ଠିତ ହେବ। ଗତ ସଂସ୍କରଣରେ ଓଡ଼ିଶା ବାଳିକା ଦଳ ଫାଇନାଲରେ ପହଞ୍ଚିଥିଲେ ମଧ୍ୟ ମହାରାଷ୍ଟ୍ର ନିକଟରୁ ହାରି ରନର୍ସଅପ୍ ହୋଇଥିଲା। ଏଥର କିନ୍ତୁ ଦଳ ଟାଇଟଲ୍ ହାସଲ ଲକ୍ଷ୍ୟରେ ରହିଛି।

## ଫେଡେରେସନ କପ୍ ତାଏକ୍ୱାଣ୍ଡୋରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର,୧୪।୧(ସମିସ): ରାଜସ୍ଥାନର ଜୟପୁରରେ ଜାନୁଆରୀ ୧୮ରୁ ୨୩ ତାରିଖଯାଏ ଫେଡେରେସନ କପ୍ ତାଏକ୍ୱାଣ୍ଡୋ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରୁ ବିଭିନ୍ନ ଅନ୍ତର୍ଜାତୀୟ ଟୁର୍ଣ୍ଣାମେଣ୍ଟ ଲାଗି ଖେଳାଳି ଚୟନ କରାଯିବ ବୋଲି ଜାତୀୟ ତାଏକ୍ୱାଣ୍ଡୋ ମହାସଂଘ ନିଷ୍ପତ୍ତି ନେଇଛି। ଏଥିରେ ଉଭୟ କ୍ୟୁରୋଗୀ ଓ ପୁମ୍‌ସେ ବିଭାଗରେ ପ୍ରତିଯୋଗିତା ହେବ। ଓଡ଼ିଶାରୁ ବିଭିନ୍ନ କାଟାଗୋରୀରେ ୧୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଓଡ଼ିଶା ତାଏକ୍ୱାଣ୍ଡୋ ସଂଘ ସମ୍ପାଦକ ଚିନ୍ମୟ ବେହେରା ପ୍ରକାଶ କରିଛନ୍ତି। ପ୍ରତିଯୋଗୀମାନଙ୍କୁ ଓଡ଼ିଶା ତାଏକ୍ୱାଣ୍ଡୋ ସଂଘ ଅଧ୍ୟକ୍ଷ ହରିପ୍ରସାଦ ପଟ୍ଟନାୟକ, ପ୍ୟାଟ୍ରନ ଦେବେନ୍ଦ୍ର ସାହୁ ଓ ଉପଦେଷ୍ଟା ରଞ୍ଜିତା ସ୍ୱାଇଁ ଶୁଭେଚ୍ଛା ଜଣାଇଛନ୍ତି।

## ଅସ୍ମିତା ଖେଲୋ ଇଣ୍ଡିଆ ସଫ୍ଟ ଟେନିସ ଲାଗି ଓଡ଼ିଶା ଦଳ

ଭୁବନେଶ୍ୱର,୧୪।୧(ସମିସ): ଆନ୍ଧ୍ରପ୍ରଦେଶର ବିଜୟୱାଡାଠାରେ ଶୁକ୍ରବାରଠାରୁ ଖେଳାଯିବାକୁ ଥିବା ଅସ୍ମିତା ଖେଲୋ ଇଣ୍ଡିଆ ସଫ୍‌ଟ ଟେନିସ ଲାଗି ଓଡ଼ିଶା ଦଳ ଘୋଷଣା କରାଯାଇଛି। ଏହି ଦଳରେ ଅର୍ଚ୍ଚନା ମହାପାତ୍ର, ପ୍ରତୀକ୍ଷା ସିହ୍ନା, ଲୋପା ଲିପସୋସିଂ ଜାନି, ଆସିକା ଆଦିଶ୍ରୀ, ସୁଶ୍ରୀ ଶ୍ରଦ୍ଧାଞ୍ଜଳି ମାର୍ଥା, ତନୁସ୍କା ନାୟକ, ମନସ୍ୱିନୀ ହରିଚନ୍ଦନ ମନୋନୀତ ହୋଇଛନ୍ତି। ମହମ୍ମଦ୍ ଅମନ କୋଚ୍ ଓ ଆରତି ପଣ୍ଡା ମ୍ୟାନେଜର ଭାବେ ଦଳର ସହ ବିଜୟୱାଡା ଯାତ୍ରା କରିଛନ୍ତି ବୋଲି ଓଡ଼ିଶା ସଫ୍ଟ ଟେନିସ ସଂଘ ସମ୍ପାଦକ ମହମ୍ମଦ୍ ଆଜମ ଜଣାଇଛନ୍ତି।

## ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ବିଜେପି ପ୍ରଭାରୀ ବୈଠକ ନିଷ୍ପତ୍ତି ନିନ୍ଦନୀୟ: ବିଜେଡି

■ ସରକାରୀ କାର୍ଯ୍ୟାଳୟକୁ ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବାକୁ ଉଦ୍ୟମ
■ ବୈଠକରେ ସରକାରୀ ଅଧିକାରୀଙ୍କୁ ଉପସ୍ଥିତ ରହିବା ନିର୍ଦ୍ଦେଶ ଗ୍ରହଣୀୟ ନୁହେଁ
■ ସରକାରୀ କାର୍ଯ୍ୟାଳୟରେ ବିଜେପି ନେତା କର୍ମୀଙ୍କ ଉତ୍ପାତ ରାଜ୍ୟବାସୀଙ୍କୁ ଅତିଷ୍ଠ କଲାଣି

ଭୁବନେଶ୍ୱର,୧୪।୧(ସମିସ): ରାଜ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ସମ୍ବଲପୁର ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମରେ ପ୍ରଭାରୀ ବୈଠକକୁ ସାମିଲ କରାଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବ ବୋଲି ମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମରେ ଉଲ୍ଲେଖ କରାଯାଇଥିବା ବେଳେ ଜିଲ୍ଲାପାଳଙ୍କୁ ଜିଲ୍ଲାର ସମସ୍ତ ସରକାରୀ ଅଧିକାରୀମାନଙ୍କୁ ଏହି ପ୍ରଭାରୀ ବୈଠକରେ ଉପସ୍ଥିତ ରହିବାକୁ କହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ଏପରି ନିଷ୍ପତ୍ତିର କଡ଼ା ସମାଲୋଚନା କରିଛି ବିଜେଡି। ରାଜ୍ୟରେ ବିଜେପି କ୍ଷମତାସୀନ ହେବା ପରଠାରୁ ଶାସନ ବ୍ୟବସ୍ଥା ଭୁଷୁଡ଼ିବାରେ ଲାଗିଛି। ଏବେ ସରକାରୀ କାର୍ଯ୍ୟାଳୟଗୁଡ଼ିକୁ ନିଜ ଦଳୀୟ କାର୍ଯ୍ୟାଳୟ ଭାବେ ପରିଣତ କରିବା ଯେଉଁ ଉଦ୍ୟମ ଆରମ୍ଭ ହୋଇଛି, ତାହା ଅତ୍ୟନ୍ତ ନିନ୍ଦନୀୟ ବୋଲି ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି।

ବିଜେଡି ପକ୍ଷରୁ ଜାରି ଏକ ପ୍ରେସ ରିଲିଜରେ ଡଃ ମହାନ୍ତି କହିଛନ୍ତି ଯେ ବିଜେପିର ଦଳୀୟ ପ୍ରଭାରୀ ଓ ଅନ୍ୟ କର୍ମକର୍ତ୍ତା ବୈଠକ କିପରି ଭାବେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବ ଓ ଏଥିରେ ସରକାରୀ ଅଧିକାରୀ ମାନେ କାହିଁକି ଯୋଗ ଦେବେ? ସରକାରୀ କାର୍ଯ୍ୟାଳୟ ଗୁଡ଼ିକୁ ବିଜେପି ନିଜ ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବାକୁ ଉଦ୍ୟମ କରୁଛି ବୋଲି ଏଥିରୁ ସ୍ପଷ୍ଟ ହେଉଛି। ରାଜ୍ୟବ୍ୟାପୀ ସରକାରୀ କାର୍ଯ୍ୟାଳୟ ଗୁଡ଼ିକରେ ବିଜେପି ନେତା ଓ କର୍ମୀମାନଙ୍କ ଉତ୍ପାତ ଓ ସରକାରୀ ଅଧିକାରୀମାନଙ୍କ ଉପରେ ଆକ୍ରମଣ ବିଜେପି ଶାସନରେ ଏକ ନିତି ଦିନିଆ ଘଟଣାରେ ପରିଣତ ହୋଇଛି। ଏବେ ସରକାରୀ କାର୍ଯ୍ୟାଳୟରେ ଦଳୀୟ କର୍ମକର୍ତ୍ତାଙ୍କ ବୈଠକ ଆୟୋଜନ କରି ବିଜେପି ସରକାରୀ ଅଧିକାରୀମାନଙ୍କୁ ଚାପଗ୍ରସ୍ତ କରିବା ସହିତ କର୍ମୀଙ୍କ ସ୍ୱାର୍ଥ ହାସଲ ପାଇଁ ଉଦ୍ୟମ କରାଯାଉଛି। ବିଜେପିର ଏହି ଉଦ୍ୟମକୁ ବିଜେଡି ତୀବ୍ର ନିନ୍ଦା କରୁଛି। ଶାସନ ବ୍ୟବସ୍ଥା ଭୁଶୁଡ଼ିବା ସ୍ଥିତିରେ ପହଞ୍ଚିଲାଣି, ଯେଉଥିପାଇଁ ରାଜ୍ୟବାସୀ ଅତିଷ୍ଠ ହେଲେଣି। ତେଣୁ ବିଜେପି ସରକାରୀ କାର୍ଯ୍ୟାଳୟକୁ ଦଳୀୟ କାର୍ଯ୍ୟାଳୟରେ ପରିଣତ କରିବା ଉଦ୍ୟମରୁ କ୍ଷାନ୍ତ ରୁହନ୍ତୁ। ଅନ୍ୟଥା ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

**ଗଞ୍ଜେଇ ଚାଲାଣ ସନ୍ଦେହରେ ଗୋଡ଼ାଉଥିଲା ବୌଦ୍ଧ ପୁଲିସ**

## କାର୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର

■ ଛିଣ୍ଡିଗଲା ଜଣଙ୍କ ଗୋଡ଼
■ ଘଟଣାସ୍ଥଳରେ ଉତ୍ତେଜନା
■ ଟାୟାର ଜାଳି ରାସ୍ତାରୋକ

ଆଠମଲ୍ଲିକ/କିଶୋରନଗର/ବୌଦ୍ଧ, ୧୪।୧(ସମିସ): ଅନୁଗୋଳ ଜିଲ୍ଲା କିଆକଟା ଥାନା ଅନ୍ତର୍ଗତ ଶଙ୍ଖାମାଳ ନିକଟରେ ବୁଧବାର ସକାଳେ ଏକ କାର୍ ଧକ୍କାରେ ୨ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଜଣଙ୍କ ଗୋଡ଼ ଶରୀରରୁ ସମ୍ପୂର୍ଣ୍ଣ ଅଲଗା ହୋଇଯାଇଛି। ସେମାନେ ହେଲେ ଶଙ୍ଖାମାଳ ଗ୍ରାମର ପପୁନ ସାହୁ ଓ ଅନ୍ତର୍ଯ୍ୟାମୀ ନାୟକ। ଉଭୟଙ୍କୁ ପ୍ରଥମେ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏକ କାରରେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ସନ୍ଦେହ କରି ବୌଦ୍ଧ ପୁଲିସ ଉକ୍ତ କାର୍‌କୁ ପିଛା କରିଥିଲା। ତେବେ କାର୍ ଆଠମଲ୍ଲିକ ଉପଖଣ୍ଡ କିଆକଟା ଥାନା ଅଞ୍ଚଳକୁ ପଶି ଆସିଥିଲା। ପୁଲିସ ପିଛା କରିବା ସମୟରେ କାରଟି ଶଙ୍ଖାମାଳ ନିକଟରେ ପପୁନ ଓ ଅନ୍ତର୍ଯ୍ୟାମୀଙ୍କୁ ଧକ୍କା ଦେଇଥିଲା। ଫଳରେ ସେଠାରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଟାୟାର ଜାଳି ୪ ଘଣ୍ଟା ଧରି ଶଙ୍ଖାମାଳଠାରେ ରାସ୍ତାରୋକ କରିଥିଲେ। ପରେ କିଆକଟା ଥାନା ଘେରଉ କରିଥିଲେ। ସନ୍ଧ୍ୟାରେ କିଆକଟା ଛକରେ ବୌଦ୍ଧ-ରେଢ଼ାଖୋଲ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳରେ ଆଠମଲ୍ଲିକ ଏସଡିପିଓ ଓ ବୌଦ୍ଧ ଏସଡିପିଓ ପହଞ୍ଚି ତନାଘନା ଚଳାଇଛନ୍ତି। କିଆକଟା ଥାନା ପୁଲିସ କାରରେ ଥିବା ଜଣେ ବ୍ୟକ୍ତି ସମେତ ବୌଦ୍ଧ ପୁଲିସ ଭ୍ୟାନରେ ଥିବା କର୍ମଚାରୀଙ୍କୁ କିଆକଟା ଥାନାକୁ ଆଣି ତଦନ୍ତ ଜାରି ରଖିଛି।



## ଅପରାଧିକ ଘଟଣାରେ ପୀଡ଼ିତ ଶିଶୁଙ୍କ କଲ୍ୟାଣ ଓ ସୁରକ୍ଷାକୁ ହାଇକୋର୍ଟଙ୍କ ଗୁରୁତ୍ୱାରୋପ

କଟକ,୧୪।୧(ସମିସ): ଅପରାଧିକ ଘଟଣାର ପୀଡ଼ିତ ଶିଶୁଙ୍କ କଲ୍ୟାଣ, ସୁରକ୍ଷା ଓ ଯତ୍ନ ପ୍ରଦାନ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି। ଏକ ପରିବାର ତରଫରୁ ଅପହୃତା ନାବାଳିକାଙ୍କ ଉଦ୍ଧାର ପ୍ରସଙ୍ଗ ନେଇ ଦାୟର ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ.ଏସ. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହା କହିଛନ୍ତି। ସ୍ୱତନ୍ତ୍ର ଆଇନ ବ୍ୟବସ୍ଥା ଅଧୀନରେ କୌଣସି ଅପରାଧର ଦୋଷୀକୁ ଦଣ୍ଡିତ କରାଯିବା ସହିତ ପୀଡ଼ିତଙ୍କୁ ସୁରକ୍ଷା ପ୍ରଦାନ କରାଯିବା ଉଚିତ। ଏ ପ୍ରସଙ୍ଗରେ ଚୂଡ଼ାନ୍ତ ନିଷ୍ପତ୍ତି ଶିଶୁ ମଙ୍ଗଳ କମିଟି(ସିଡବ୍ଲୁସି) ନେବ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ ୨୦୨୫, ଅଗଷ୍ଟ ୨୯ରେ ଭୁବନେଶ୍ୱରରେ ରହୁଥିବା ୧୬ ବର୍ଷିୟା ନାବାଳିକା ଘର ପାଖ ଦୋକାନକୁ ଯାଇଥିବା ବେଳେ ତାଙ୍କୁ ଅପହରଣ କରାଯାଇଥିଲା। ପରିବାର ତରଫରୁ ଥାନାରେ ଅଭିଯୋଗ କରାଯାଇଥିଲା ବେଳେ ପୁଲିସ ଏହାକୁ ଗ୍ରହଣ କରି ନଥିଲା। ନାବାଳିକାକୁ ଉଦ୍ଧାର କରା ନ ଯିବାରୁ ପରିବାର ତରଫରୁ ହାଇକୋର୍ଟରେ ପିଟିସନ ଦାଖଲ କରାଯାଇଥିଲା। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ପୁଲିସ ଡିସେମ୍ବର ୨୭ରେ ଅଭିଯୁକ୍ତକୁ ଗିରଫ କରିବା ସହିତ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ଡାକ୍ତରୀ ପରୀକ୍ଷା କରାଯିବା ପରେ ସେ ଗର୍ଭବତୀ ଥିବା ଜଣାପଡ଼ିଥିଲା। ଏହାପରେ ପୀଡ଼ିତାଙ୍କ ବୟାନ ମାଜିଷ୍ଟ୍ରେଟଙ୍କ ନିକଟରେ ରେକର୍ଡ କରାଯାଇଥିଲା ଓ ତାଙ୍କୁ ଶିଶୁ ମଙ୍ଗଳ କମିଟି ସମ୍ମୁଖରେ ହାଜର କରାଯାଇଥିଲା। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ରମାକାନ୍ତ ଷଡଙ୍ଗୀ ମାମଲା ପରିଚାଳନା କରୁଥିଲେ।

## ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ସର୍ବକାଳୀନ ରେକର୍ଡ

**୨୦୨୫ରେ ୫.୧୫ ମିଲିୟନ ଯାତ୍ରୀ**

ଭୁବନେଶ୍ୱର,୧୪।୧(ସମିସ): ଭୁବନେଶ୍ୱରର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ଯାତ୍ରୀ ପରିବହନ କ୍ଷେତ୍ରରେ ଏକ ନୂଆ ରେକର୍ଡ କରିଛି। ବିଜୁ ପଟ୍ଟନାୟକ ବିମାନବନ୍ଦରରୁ ଗତ ବର୍ଷ ଅର୍ଥାତ ୨୦୨୫ରେ ସର୍ବକାଳୀନ ୫.୧୫ ମିଲିୟନ ଯାତ୍ରୀ ଯାତାୟାତ କରିଛନ୍ତି। ଭୁବନେଶ୍ୱର ବିମାନବନ୍ଦର କାର୍ଯ୍ୟକ୍ଷମ ହେବାଠାରୁ ୨୦୨୫ରେ ସର୍ବାଧିକ ସଂଖ୍ୟକ ଯାତ୍ରୀଙ୍କୁ ପରିଚାଳନା କରି ଏହି ନୂତନ ରେକର୍ଡ ସୃଷ୍ଟି ହୋଇଛି।

ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନଙ୍କ କହିବା ଅନୁଯାୟୀ ଅନୁଯାୟୀ, ବର୍ଷକ ମଧ୍ୟରେ ମୋଟ ୫.୧୫ ନିୟୁତ ଯାତ୍ରୀ ଏହି ବିମାନବନ୍ଦର ଦେଇ ଯାତ୍ରା କରିଛନ୍ତି। ବିମାନବନ୍ଦର କାର୍ଯ୍ୟକ୍ଷମ ହେବା ପରଠାରୁ କୌଣସି ବର୍ଷ ଏତେ ଯାତ୍ରୀ ଯାତ୍ରା କରି ନ ଥିଲେ। ମାତ୍ର ଗତ ବର୍ଷ ଏହି ସଂଖ୍ୟା ବୃଦ୍ଧି ସହ ଯାତ୍ରୀଙ୍କ ଯାତାୟାତରେ ଦେଶରେ ଭୁବନେଶ୍ୱର ବିମାନବନ୍ଦର ୧୩ ନମ୍ବର ସ୍ଥାନକୁ ଉନ୍ନୀତ ହୋଇଛି। ଏହା ପୂର୍ବ ବର୍ଷଗୁଡ଼ିକ ତୁଳନାରେ ଏକ ଗୁରୁତ୍ୱପୂର୍ଣ୍ଣ ଉନ୍ନତି ବୋଲି କୁହାଯାଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ଅନ୍ୟପଟେ ଯାତ୍ରୀ ପରିବହନରେ ଦିଲ୍ଲୀ ତାଲିକାର ଶୀର୍ଷ ସ୍ଥାନରେ ରହିଛି। ଜାତୀୟ ସ୍ତରରେ ଦିଲ୍ଲୀ ବିମାନବନ୍ଦର ପ୍ରାୟ ୭ କୋଟି ଯାତ୍ରୀ ପରିବହନ କରିବା କ୍ଷେତ୍ରରେ ଆଗରେ ରହିଛି। ବର୍ତ୍ତମାନ ଭୁବନେଶ୍ୱର ବିମାନବନ୍ଦର ମୋଟ ୨୮ ଟି ଗନ୍ତବ୍ୟସ୍ଥଳକୁ ଉଡ଼ାଣ ପରିଚାଳନା କରୁଛି। ବିସ୍ତାରିତ ନେଟୱାର୍କ ଓଡ଼ିଶାରୁ ଯାତ୍ରୀମାନଙ୍କ ପାଇଁ ବିମାନ ଯାତ୍ରାକୁ ଅଧିକ ସୁଗମ କରିଛି ବୋଲି ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି। ପୂର୍ବ ଆର୍ଥିକ ବର୍ଷରେ ବିମାନବନ୍ଦର ଯାତ୍ରୀ ପରିଚାଳନା ସଂଖ୍ୟା ୪.୮ ନିୟୁତ ରହିଥିଲା। ହେଲେ ଗତ ବର୍ଷ ଏହି ସଂଖ୍ୟାରେ ବ୍ୟାପକ ଭାବେ ବୃଦ୍ଧି ହୋଇଛି। ମାସ ଦୃଷ୍ଟିରୁ ମେ’୨୦୨୫ ରେ ସର୍ବାଧିକ ୪୭୨,୭୩୮ ଯାତ୍ରୀ ଯାତ୍ରା କରିଛନ୍ତି। ନଭେମ୍ବର ୨୦୨୫ ରେ ଏହା ୪୪୯,୯୮୩ ଜଣ ଯାତ୍ରୀ ସହ ଅକ୍ଟୋବରର ୪୨୨,୮୮୪ ସଂଖ୍ୟା ରହିଥିଲା। ବର୍ତ୍ତମାନ ଭୁବନେଶ୍ୱର ବିମାନବନ୍ଦରରୁ କୋଚି, ଇନ୍ଦୋର, ଡେରାଡୁନ ଏବଂ ଜୟପୁର ଭଳି ଗନ୍ତବ୍ୟସ୍ଥଳକୁ ବିମାନ ଚଳାଚଳ ସହ ଏହାର ଚାହିଦା ମଧ୍ୟ ବଢ଼ୁଛି। ଏହାସହିତ ଅନ୍ତର୍ଜାତୀୟ ସଂଯୋଗ ମଧ୍ୟ ସଂଖ୍ୟା ବୃଦ୍ଧିର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

## ଜନକଲ୍ୟାଣକାରୀ କାମରେ ସରକାରୀ ଅଧିକାରୀଙ୍କ ଉତ୍ତରଦାୟିତ୍ୱ ରହୁ

**ହାଇକୋର୍ଟଙ୍କ ଗୁରୁତ୍ୱାରୋପ**

କଟକ, ୧୪।୧(ସମିସ): ସରକାରୀ କାର୍ଯ୍ୟରେ ଅଧିକାରୀଙ୍କ ଶିଥିଳତା ଏବଂ ମନ୍ଥର ଅଭିମୁଖ୍ୟକୁ ନେଇ ଓଡ଼ିଶା ହାଇକୋର୍ଟ କ୍ଷୋଭ ପ୍ରକାଶ କରିଛନ୍ତି। “ନିଷ୍କ୍ରିୟ ଏବଂ ମନ୍ଥର’ ମନୋଭାବ ଜନକଲ୍ୟାଣକାରୀ କାର୍ଯ୍ୟକୁ ବ୍ୟାହତ କରୁଛି। ସରକାରୀ କାର୍ଯ୍ୟରେ ଉତ୍ତରଦାୟିତ୍ୱ ଆଣିବା ପାଇଁ ସରକାର ଚିନ୍ତା କରିବା ଉଚିତ ବୋଲି ହାଇକୋର୍ଟ ଏକ ମାମଲାର ଶୁଣାଣି କରି ପରାମର୍ଶ ଦେଇଛନ୍ତି। ଗଦାଧର ସ୍ୱାଇଁଙ୍କ ତରଫରୁ ଦାୟର ଏକ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଏବଂ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଏଥିସହ ସମ୍ପୃକ୍ତ ଖଣି ଅଧିକାରୀଙ୍କୁ କଡ଼ା ଭର୍ତ୍ସନା କରିଛନ୍ତି ଖଣ୍ଡପୀଠ। ମାମଲାରୁ ପ୍ରକାଶ ଯେ ଆବେଦନକାରୀ ଠିକାଦାର ଜଣକ କଟକସ୍ଥିତ କାଠଯୋଡ଼ି ବାମ ପାର୍ଶ୍ୱରେ ଏକ ସରକାରୀ ପ୍ରକଳ୍ପ (ବାଲିସାହି ଘେରି) କାର୍ଯ୍ୟ ପାଇଥିଲେ। ଏହି ସରକାରୀ କାମ ପାଇଁ ଆବଶ୍ୟକ ସାଧାରଣ ମାଟି ଖନନ ପାଇଁ ଅସ୍ଥାୟୀ ଅନୁମତି ଲୋଡ଼ି ଗତ ୨୨ ଅକ୍ଟୋବର ୨୦୨୫ରେ କଟକ ସର୍କଲ ଖଣି ଅଧିକାରୀଙ୍କୁ ଆବେଦନ କରିଥିଲେ। ମାତ୍ର ଦୀର୍ଘ ଦିନ ଧରି ଖଣି ଅଧିକାରୀ କୌଣସି ପଦକ୍ଷେପ ନେଇ ନଥିଲେ। ଫଳରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଅନ୍ୟପଟରେ ଖଣି ଅଧିକାରୀ ଗତ ୮ ଜାନୁଆରୀ ୨୦୨୬ରେ ଏକ ପତ୍ର ଜରିଆରେ ଯେଉଁ କିଛି ସର୍ତ୍ତ ପୂରଣ କରିବାକୁ କହିଛନ୍ତି। ଆବେଦନକାରୀଙ୍କୁ ଏହି ସର୍ତ୍ତଗୁଡ଼ିକ ତୁରନ୍ତ ପୂରଣ କରିବାକୁ ଅଦାଲତ କହିବା ସହ ସମସ୍ତ ସର୍ତ୍ତ ପୂରଣ ହେବାର ଦୁଇ ସପ୍ତାହ ମଧ୍ୟରେ ଆବେଦନର ଚୂଡ଼ାନ୍ତ ନିଷ୍ପତ୍ତି ନେବାକୁ ଖଣି କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇ ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ।

## ‘ଦ ମିଲେଟ୍ ଡାଏରୀ’ର ଟିଜର୍ ରିଲିଜ୍

ଭୁବନେଶ୍ୱର,୧୪।୧(ସମିସ): ଇନଫାଇସନ୍ ଏଣ୍ଟରଟେନମେଣ୍ଟ ବ୍ୟାନରରେ ନିର୍ମିତ ବହୁ ପ୍ରତିକ୍ଷିତ ଫିଲ୍ମ ‘ଦ ମିଲେଟ୍ ଡାଏରୀ’ର ଟିଜର ମୁକ୍ତିଲାଭ କରିଛି। ଟିଜର ରିଲିଜ୍ ଅବସରରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଓଡ଼ିଆ ସିନେ ପ୍ରଯୋଜକ ଅଜିତ ମିଶ୍ର, ସଂସ୍କୃତି ବିଭାଗ ଡେପୁଟି ଡାଇରେକ୍ଟର ସ୍ମିତା ମହାନ୍ତି, ବୁଜୁମ୍ ସ୍କୁଲର ଅଧ୍ୟକ୍ଷା ନଦିଆ ମୁଗବେଲପୁର, ବ୍ରଜରାଜ ମୁଭିଜ୍ ର ଡ଼ାଇରେକ୍ଟର ନିତୁ ନାୟକ, ଫିଲ୍ମର ପ୍ରଯୋଜକ ଜେ.ଆର୍.ଏମ୍, ନିର୍ଦ୍ଦେଶକ ରାଜେନ୍ଦ୍ର ମହାନ୍ତ, ଚିତ୍ରନାଟ୍ୟ ଓ ସଂଳାପ ଦିଲ୍ଲୀପ ବିଷୋୟୀ, ଉତ୍ତମ କୁମାର, ମାର୍କେଟିଂ ଓ ପିଆର ପ୍ରଣୟ ଜେଠୀ, ଅଭିନେତା ସିଦ୍ଧାନ୍ତ ମହାପାତ୍ର, କୁନା ତ୍ରିପାଠୀ, ଶକ୍ତି ବରାଳ, ଅଭିନେତା ଅଭିଷେକ, ଅଭିନେତ୍ରୀ ଶିବାନୀ ସଙ୍ଗୀତା ପ୍ରମୁଖ ଉପସ୍ଥିତ ଥିଲେ।


**AFFIDAVIT**

By virtue of an affidavit sworn before Executive Magistrate, Rayagada, No. 33, dated 13.01.2026, I, Sarad Chandra Ananda, aged about 60 years, S/o - Late Dwitiya Chandra Ananda, permanent resident of Raniguda Farm, Hatipathar Road 6th lane, PO/PS/Dist - Rayagada, 765001, Odisha, declare that I have changed my name from Sharata Chandra Ananda to Sarad Chandra Ananda. Henceforth, I shall be known as Sarad Chandra Ananda for all purposes.

**AFFIDAVIT**

By virtue of an affidavit sworn before Notary public Bhubaneswar on dated 13.01.2026, I Banita Patra resident of At/Po-Gobindapur, Ps-Remuna, Dist- Balashwar, Odisha, Pin-756019 declare that I have changed my name from Banita Sahu to Banita Patra. Henceforth, I shall be known as BANITA PATRA for all purposes.

BANITA PATRA

**AFFIDAVIT**

By virtue of an affidavit sworn before Notary public Bhubaneswar on dated 13.01.2026, I Barsarani Nayak, W/o-Bijay Nayak, resident of Plot no-38, Bapuji Nagar, Ashok Nagar, Near Mangala Mandir, Bhubaneswar, Dist-Khordha, Pin-751009 declare that I have changed my name from Barsarani Samal to Barsarani Nayak. Henceforth, I shall be known as BARSARANI NAYAK for all purposes.

Barsarani Nayak

**AFFIDAVIT**

By virtue of an affidavit sworn before Notary Public Bhubaneswar, on dated 13.01.2026, I Kambhu Naik resident At-Beguniamula, Po-Asaraladesa, Sub- Bologad, Dist-Khordha,Odisha, PIN-752064 declare that I have changed the name of my Daughter from Archita Naik to Laxmi Naik. Henceforth, She shall be known as LAXMI NAIK for all purposes.

Kambhu Naik

**AFFIDAVIT**

By virtue of an affidavit No-113 sworn before the Executive Magistrate, Champua on dtd-12/01/2026. I Jyoshna Naik, W/o- Nitesh Naik, permanent resident of Vill/Po/Ps-Champua, Dist- Keonjhar, Odisha, Pin- 758041, I have changed my minor son's name from **Samit Naik** (old name) to **Sumit Naik** (new name). Henceforth, he shall be known as **SUMIT NAIK** for all future purposes.

**Jyoshna Naik**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଟ୍ରେନ୍ ଉପରେ...

ଘଣ୍ଟାପ୍ରତି ୧୨୦ କିମି ବେଗରେ ଗତି କରୁଥିଲା। ଫଳରେ ଡ୍ରାଇଭରଙ୍କୁ ବ୍ରେକ୍ ଲଗାଇବାକୁ ସୁଯୋଗ ମିଳି ନଥିଲା। ଏହି ଦୁର୍ଘଟଣା ରାଖୋନ ରାଚାସୀମା ରାଜ୍ୟର ଶିଖିଓ ଜିଲ୍ଲାରେ ଘଟିଥିଲା। ଟ୍ରେନ୍‌ଟି ରାଜଧାନୀ ବ୍ୟାଙ୍କକରୁ ଉବୋନ ରାଚାଥାନ ଅଭିମୁଖେ ଯାତ୍ରା କରୁଥିଲା। ଟ୍ରେନ୍ ୩ଟି ବଗି ଉପରେ ହିଁ କ୍ରେନ୍ ଖସି ପଡ଼ିଥିଲା। ଦୁଇଟିରେ ସର୍ବାଧିକ ଯାତ୍ରୀ ଯାତ୍ରା କରୁଥିଲେ ଓ ସର୍ବାଧିକ ମୃତାହତ ହୋଇଥିଲେ। ଧକ୍କା ପରେ କ୍ରେନ୍‌ର ଭଗ୍ନାବଶେଷ କୋଚ୍ ଉପରେ ପଡ଼ିଯାଇଥିଲା। ଫଳରେ ଏକାଧିକ ବଗି ଲାଇନଚ୍ୟୁତ ହୋଇଥିଲା ଓ ନିଆଁ ଲାଗିଯାଇଥିଲା। ଉଦ୍ଧାରକାରୀ ଦଳ ଏପର୍ଯ୍ୟନ୍ତ ୧୨ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଦୁର୍ଘଟଣା କିଛି ମିନିଟ ପରେ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ନିଆଁକୁ ନିୟନ୍ତ୍ରଣ କରାଯାଇଛି ବୋଲି କୁହାଯାଇଛି। ଅନେକ ଯାତ୍ରୀ ଟ୍ରେନ୍ ଭିତରରେ ଫସି ରହିଛନ୍ତି। କଟିଂ ଓ ସ୍ପ୍ରେଡିଂ ଉପକରଣ ବ୍ୟବହାର କରି ସେମାନଙ୍କୁ ଉଦ୍ଧାର କରାଯାଇଥିଲା। ଦୁର୍ଘଟଣାର କାରଣ ନେଇ ପ୍ରଶାସନିକ ଓ ରେଳ ଅଧିକାରୀମାନେ ତଦନ୍ତ କରୁଛନ୍ତି। ଏହି ଦୁଃଖଦ ଘଟଣା ପାଇଁ ସ୍ଥାନୀୟ ଓ ପରିବାର ଲୋକଙ୍କୁ ଝଟ୍‌କା ଲାଗିଛି। ଏହି ଦୁର୍ଘଟଣା ଅତି ଭୟଙ୍କର ଥିଲା ବୋଲି ସ୍ଥାନୀୟ ଲୋକ କହିଛନ୍ତି।

### ୧୪୨ ବର୍ଷରେ...

ନିଃଶ୍ୱାସ ତ୍ୟାଗ କରିଥିଲେ। ନିଜ ଜୀବନକାଳ ମଧ୍ୟରେ ନାସର ସାଉଦି ଆରବର ପ୍ରତିଷ୍ଠାତା ରାଜା ଇବାନ ସାଉଦିଙ୍କଠାରୁ ନେଇ ବର୍ତ୍ତମାନର ଶାସକ ସଲମାନ ବିନ ଅବଦୁଲାଜିଜ ଅଲ ସାଉଦଙ୍କ କାର୍ଯ୍ୟକାଳ ଦେଖିଥିଲେ।

ଶେଖ ନାସରଙ୍କ ପରିବାରରେ ୧୩୪ ସଦସ୍ୟ ଅଛନ୍ତି। ଏମାନଙ୍କ ମଧ୍ୟରେ ନାତିନାତୁଣୀ, ଅଣନାତିନାତୁଣୀ, ପଣନାତିନାତୁଣୀ, ପୁଅ, ବୋହୂ, ଝିଅ ଆଦି ସାମିଲ ଅଛନ୍ତି। ସାଉଦି ସମାଜରେ ତାଙ୍କ ପରିବାରର ବହୁତ ସମ୍ମାନ ରହିଛି। ପିଢି ପର ପିଢିର ସେତୁ ଭାବେ ନାସରଙ୍କୁ ଜଣା ଯାଉଥିଲା। ସେ ଜଣେ ଧାର୍ମିକ ବ୍ୟକ୍ତି ଥିଲେ। ଏହି ନିଷ୍ଠା ପାଇଁ ଏତେ ବର୍ଷ ବଞ୍ଚିପାରିଲେ ବୋଲି ନାସରଙ୍କ ପରିବାର ସଦସ୍ୟ କହିଛନ୍ତି।

### ଇରାନ ସ୍ଥିତି...

ବଡ଼ ଘଟଣା ଘଟିବ ଏବଂ ଦଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଟ୍ରମ୍ପ ଚେତାବନୀ ଦେଇଛନ୍ତି। ଏହାକୁ ନେଇ ଇରାନ ମଧ୍ୟ ଆମେରିକାକୁ ଧମକ ଦେଇଛି। ଇରାନ ରାଷ୍ଟ୍ରୀୟ ସୁରକ୍ଷା ମୁଖ୍ୟ ଅଲି ଲାରିଜାନି କହିଛନ୍ତି ଯେ ଆମେରିକା ଆକ୍ରମଣ କଲେ ଛଡ଼ାଯିବ ନାହିଁ। ପଡ଼ୋଶୀ ଦେଶରେ ଥିବା ଆମେରିକା ସାମରିକ ଘାଟିକୁ ନିଶାଣ କରାଯିବ। ଇରାନ ସ୍ଥିତିକୁ ଦେଖି ଆମେରିକା ମଧ୍ୟ ବଡ଼ ପ୍ରସ୍ତୁତି କରୁଛି। ମଧ୍ୟପ୍ରାଚ୍ୟରେ ଥିବା ସାମରିକ ଘାଟୀରୁ ନିଜ କର୍ମଚାରୀଙ୍କୁ ଆମେରିକା ହଟାଇ ନେଉଛି। ଅନ୍ୟପଟେ ଇରାନରେ ଆକ୍ରମଣ ନ କରିବା ପାଇଁ ଆରବ ଦେଶଗୁଡ଼ିକ ଆମେରିକାକୁ ନିବେଦନ କରିଥିବା ଦାବି ହେଉଛି।

### ଭାଷଣରେ ଓଡ଼ିଆ...

ଦେଇଥିଲେ। ଏ ସଂକ୍ରାନ୍ତରେ ସରକାରଙ୍କ ପକ୍ଷରୁ ବିଭିନ୍ନ ବିଭାଗକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ମାତ୍ର ବାସ୍ତବିକତା ଦେଖିଲେ ଅଧିକାଂଶ ବିଭାଗ ଏହି ନିର୍ଦ୍ଦେଶକୁ କାର୍ଯ୍ୟକାରି କରି ନାହାନ୍ତି। ସରକାରଙ୍କ ନିର୍ଦ୍ଦେଶ କେବଳ ଭାଷଣରେ ରହିଯାଇଛି ଓ ନଥିପତ୍ର ଇଂରାଜୀରେ ଚାଲିଛି। ରାଜ୍ୟର ବାବୁମାନଙ୍କ ଏପରି ଆଭିମୁଖ୍ୟକୁ ନାପସନ୍ଦ କରିଛି ସାଧାରଣ ପ୍ରଶାସନ ବିଭାଗ । ମଙ୍ଗଳବାର ସାଧାରଣ ପ୍ରଶାସନ ବିଭାଗ ରାଜ୍ୟରେ ସମସ୍ତ ପ୍ରଶାସନିକ କାର୍ଯ୍ୟ ଓଡ଼ିଆରେ କରିବା ନିମନ୍ତେ ପୁନର୍ବାର ବିଭିନ୍ନ ବିଭାଗ ସହ ସବୁ ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦେଇଛି ।

ଏହି ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟର ସମସ୍ତ ସରକାରୀ କାର୍ଯ୍ୟାଳୟରେ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟ ସମ୍ପାଦନ କରାଯିବ। ସରକାରୀ କାର୍ଯ୍ୟାଳୟରୁ ପ୍ରକାଶ ପାଉଥିବା ସମସ୍ତ ନୋଟିସ, ବିଜ୍ଞପ୍ତି, ପତ୍ର ବିନିମୟ ଇତ୍ୟାଦି ଓଡ଼ିଆ ବାଷାରେ କରାଯିବ। ଏ ନେଇ ଗତ ଅଗଷ୍ଟ ୨୭ ତାରିଖରେ ସାଧାରଣ ପ୍ରଶାସନ ବିଭାଗ ଜାରି କରିଥିବା ସବିସ୍ତୃତ ନିର୍ଦ୍ଦେଶାବଳୀକୁ ପାଳନ କରାଯିବ। ଯେଉଁ ଅଧିକାରୀ ଏହାର ଖିଲାପ କରିବେ, ତାଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯିବ ବୋଲି ସାଧାରଣ ପ୍ରଶାସନ ବିଭାଗ ନିଜ ନିର୍ଦ୍ଦେଶନାମାରେ ଜାରି କରିଛି। ଅପରପକ୍ଷେ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ନେଇ ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି। ଯେଉଁଠି ପ୍ରଶାସନର ଉଚ୍ଚସ୍ତରର ଅଧିକାରୀମାନେ ଓଡ଼ିଆ କହିପାରୁ ନ ଥିବେ, ବୁଝି ପାରୁ ନ ଥିବେ ବା ଲେଖି ପାରୁ ନ ଥିବେ; ସେମାନେ କିପରି ଓଡ଼ିଆକୁ ଗୁରୁତ୍ୱଦେବେ ବୋଲି ମଧ୍ୟ ପ୍ରଶ୍ନ କରିଛନ୍ତି। ପୁନଶ୍ଚ ସରକାର ସାନି ଜାରି କରିଥିବା ନିର୍ଦ୍ଦେଶନାମାରେ ବାବୁମାନଙ୍କ ପାଇଁ ଦଣ୍ଡ ବ୍ୟବସ୍ଥା ପରିବର୍ତ୍ତେ କେବଳ ତାଗିଦ୍ ବ୍ୟବସ୍ଥା ଓଡ଼ିଆ ଭାଷାକୁ ଉପରକୁ ନେଇ ପାରିବ ନାହିଁ ବୋଲି ସେମାନେ ମତବ୍ୟକ୍ତ କରିଛନ୍ତି । ସରକାରଙ୍କ ବାରମ୍ବାର ତାଗିଦ ସତ୍ତ୍ୱେ ସରକାରୀ ଅଧିକାରୀମାନେ ଓଡ଼ିଆ ଭାଷାରେ କାର୍ଯ୍ୟ କରିବାକୁ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏପରିସ୍ଥଳେ ସେମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପରିବର୍ତ୍ତେ କେବଳ ସାଧାରଣ ପ୍ରଶାସନ ବିଭାଗର ଢ଼ିଲା ମନୋଭାବକୁ ପରିଦର୍ଶିତ କରୁଥିବା ସାଧାରଣରେ ମତପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ ରାଜ୍ୟରେ ବିଜେପି ସରକାର ଗଠନ ହେବା ପରଠାରୁ ଓଡ଼ିଆ ଭାଷାରେ ସରକାରୀ କାର୍ଯ୍ୟର ବ୍ୟବହାର ପାଇଁ ଏକାଧିକ ନିର୍ଦ୍ଦେଶନାମା ଜାରି ହୋଇଛି। ମାତ୍ର ସରକାରଙ୍କ ଅଧିକାଂଶ ବିଭାଗ ଏପରିକି ତୃଣମୂଳ ସ୍ତରର ପ୍ରଶାସନ ଏହାର ଅନୁପାଳନ କରୁନାହାନ୍ତି। ସେହିପରି ଓଡ଼ିଆ ଭଷା କମିସନ ଗଠନ ପାଇଁ ସରକାର ଘୋଷଣା କରିଥିଲେ ହେଁ, ତାହା ଏଯାବତ୍ କାର୍ଯ୍ୟକାରୀ ହୋଇପାରନାହିଁ। ଏପରିସ୍ଥଳେ ସାଧାରଣ ପ୍ରଶାସନ ବିଭାଗର ଏହି ନିର୍ଦ୍ଦେଶନାମା ସତରେ ଶତ ପ୍ରତିଶତ କାର୍ଯ୍ୟନ୍ୱୟନ ହେବ ନା, ପୂର୍ବପରି ଇଂରାଜୀ ରାଜୁତି ଚାଲିବ, ତାହାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

### ମକରରେ ମହାପ୍ରଭୁ...

କେହି ଚିନ୍ତା କରୁନାହାନ୍ତି ବୋଲି ଅନେକ ଶ୍ରଦ୍ଧାଳୁ ମତ ଦେଉଥିବା ଦେଖାଯାଇଛି।

ଗତବର୍ଷ ବି ଏ ନୀତି ହୋଇପାରିନଥିଲା। ଚଳିତବର୍ଷ ଏ ବିବାଦର ସମାଧାନ ପାଇଁ ଟ୍ରଷ୍ଟବୋର୍ଡ ସଭାପତି ତଥା ଜିଲ୍ଲାପାଳ କ୍ଷୀର ଆଉଟିବା ଲାଗି ବ୍ରାହ୍ମଣ ନିଯୋଗ (ପୁଷ୍ପାଳକ ସେବାୟତ) ଓ ଘୃତକମଳ ଲାଗି ବଡୁ ସେବାୟତଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ବଡୁ ନିଯୋଗ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅବୈଧ ଦର୍ଶାଇ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟ ଦିଅଁଙ୍କ ନୀତି ବିବାଦରେ ଜିଲ୍ଲାପାଳଙ୍କ କ୍ଷମତା ନ ଥିବା ଦର୍ଶାଇଥିଲେ। ଏଣେ ବ୍ରାହ୍ମଣ ନିଯୋଗ ସଭାପତି ମକର ଯାତ୍ରା କରାଇବାକୁ ଦେବୋତ୍ତର କମିଶନଙ୍କୁ ସାକ୍ଷାତକରି ଦାବି ଜଣାଇଥିଲେ। ଦେବୋତ୍ତର କମିସନର ପକ୍ଷରୁ ଟ୍ରଷ୍ଟବୋର୍ଡକୁ ଦୁଇ ସେବାୟତ ଗୋଷ୍ଠୀଙ୍କୁ ଡ଼ାକି ଏ ସମ୍ପର୍କରେ ବାବଦରେ ଆଲୋଚନା କରିଥିଲେ ଓ ନୀତିକାନ୍ତି ଶୃଙ୍ଖଳିତ କରିବାକୁ ପରାମର୍ଶ ଦେଇଥିଲେ। ମାତ୍ର ଏହାର କୌଣସି ସୁଫଳ ମିଳିଲା ନାହିଁ। ପ୍ରଶାସନ ପକ୍ଷରୁ ଯଦି ଏହାକୁ ନେଇ କିଛି ହସ୍ତକ୍ଷେପ କରାଯାଇଥାନ୍ତା ତେବେ ଏମିତି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା ବୋଲି କିଛି ସେବାୟତ କହିଛନ୍ତି। ଏପଟେ ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି ନୀତି ବନ୍ଦ କରିଥିବା ସେବାୟତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି। ତେବେ ଏନେଇ ଅନ୍ୟ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ମତାମତ ମିଳିପାରିନାହିଁ।

### ଦୁଇ ଦିନ ପରେ...

ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ର କହିଛି ଯେ ଏହି ସ୍ଥିତି ୧୭ ତାରିଖ ସକାଳ ପର୍ଯ୍ୟନ୍ତ ଲାଗି ରହିବ। ଗୁରୁବାର ରାତିରୁ ଶୁକ୍ରବାର ସକାଳ ପର୍ଯ୍ୟନ୍ତ କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, କନ୍ଧମାଳ, ସୋନପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ ପ୍ରବଳ ଶୀତ ହୋଇପାରେ। ଏହାକୁ ଦୃଷ୍ଟିରେ ଏହି ସବୁ ଜିଲ୍ଲାକୁ ଶୀତ ଲହରୀ ନେଇ ସତର୍କତା ଜାରି କରାଯାଇଛି।

### ଫେବୃଆରୀ ୧୨ରେ...

ଦେଶର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ପରମାଣୁ ଶକ୍ତି ଉତ୍ପାଦନ କ୍ଷେତ୍ରରେ ପ୍ରବେଶ ଅନୁମତି ଦେବ। ଏହା ନିଶ୍ଚିତ ଭାବରେ ଆମ ଦେଶର ପରମାଣୁ ସୁରକ୍ଷା ଏବଂ ସାର୍ବଭୌମତ୍ୱ ଉପରେ ଆକ୍ରମଣ। ଏଥିରେ ଆଉ ଏକ ପ୍ରମୁଖ ଚିନ୍ତା ହେଉଛି ବୀମା କ୍ଷେତ୍ରରେ ଶତ ପ୍ରତିଶତ ପ୍ରତ୍ୟକ୍ଷ ବିଦେଶୀ ନିବେଶ (ଏଫ୍‌ଡିଆଇ)କୁ ଅନୁମତି ନିଷ୍ପତ୍ତି। ସଂଗଠନ କହିଛନ୍ତି ଯେ ଏହି ପଦକ୍ଷେପ ବିଦେଶୀ କମ୍ପାନୀଗୁଡ଼ିକୁ ଘରୋଇ ବୀମା କମ୍ପାନୀଗୁଡ଼ିକୁ ଦଖଲ କରିବାର ଅଧିକାର ଦେବ।

### ଧାନକିଣାରୁ ବଳିଗଲାଣି...

ଅସୁବିଧାର ସମ୍ମୁଖୀନ ହେବେ ତେବେ ନିହାତି ଭାବେ ବାଧ ହୋଇ ବେପାରୀ ହାତକୁ କଷ୍ଟ ଅର୍ଜିତ ଧାନକୁ କମ୍ ଦରରେ ଟେକିଦେବ ବୋଲି ନବ ନିର୍ମାଣ କୃଷକ ସଙ୍ଗଠନ ଜିଲ୍ଲା ସଂଯୋଜକ ହିମାଂଶୁ ସାହୁ ଅଭିଯୋଗ କରିଛନ୍ତି। ଯଦି ସରକାର ଠିକ ଭାବେ ଧାନ କିଣିପାରୁନାହାନ୍ତି ତେବେ ଏତେ ବିଧି ବ୍ୟବସ୍ଥାର କିଛି ମାନେ ରଖୁନାହିଁ। ମାର୍ଚ୍ଚ ପର୍ଯ୍ୟନ୍ତ ଧାନ କିଣାଯିବ ଠିକ କଥା। ଯଦି ଚାଷୀ ମାର୍ଚ୍ଚ ପର୍ଯ୍ୟନ୍ତ ଧାନକିଣା ବ୍ୟବସ୍ଥାରେ ବ୍ୟସ୍ତ ରହିବ ତେବେ ରବିରେ କେମିତି ଚାଷ କରିବ ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷେ ସରକାର ଚାଷୀଙ୍କୁ ଚକ୍ରବ୍ୟୁହରେ ଛାଡିଦେଇ ତଳିତଳାନ୍ତ କରିବାକୁ ଯୋଜନା କରିଥିବା ଚାଷୀନେତା କୃଷ୍ଣ ଚନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି।


O-1996

**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**

Email: rd_bgh@yahoo.co.in
Gmail: rwd.bgh@gmail.com

**e-Procurement Notice No. ONLINE-BGH- 23 OF 2025-26**

| | | | |
|---|---|---|---|
| 1 | Name of the Work | : | Road works during 2025-26 in the district of Bargarh. |
| 2 | EMD | : | @ 1% of the estimated cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-23 OF 2025-26 | 17.01.2026 at 11.00 A.M. | 28.01.2026 upto 5.00 P.M. | 28.01.2026 upto 4.00 PM | 29.01.2026 at 11.00 A.M. |

Further details can be seen from the website www.tendersorissa.gov.in.

Sd/-
Executive Engineer
R.W. Division, Bargarh

OIPR-

ସକାଳ
THE SAKALA



# ଶ୍ରୀହୀନ ହୋଇଗଲା ମନମୁଣ୍ଡା ବୁଦ୍ଧପାର୍କ

ବୌଦ୍ଧ/ମନମୁଣ୍ଡା, ୧୪ ।୧(ସମିସ)



ସରକାର ବିଭିନ୍ନ ଜାଗାର ସୌନ୍ଦର୍ଯ୍ୟକରଣ ନାଁରେ ବିପୁଳ ଟଙ୍କା ଖର୍ଚ୍ଚ କରୁଛନ୍ତି; କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ କେତେକ ସ୍ଥାନରେ ସରକାରଙ୍କ ଯୋଜନା ବିଫଳ ହେଉଛି । କଣ୍ଟାମାଳ ବ୍ଲକ ମନମୁଣ୍ଡାରେ ନିର୍ମିତ ବୌଦ୍ଧ ପାର୍କ ଏହାର ଉଦାହରଣ ।

ବୌଦ୍ଧ ଜିଲ୍ଲାକୁ ସରସ ସୁନ୍ଦର ଏବଂ ସୌନ୍ଦର୍ଯ୍ୟମୟ କରି ଗଢି ତୋଳିବାକୁ ତତ୍କାଳୀନ ଜିଲ୍ଲାପାଳ ଲଲାଟେନ୍ଦୁ ମିଶ୍ର ପଦକ୍ଷେପ ଗ୍ରହଣ କରିଥିଲେ । ଜିଲ୍ଲାର ପ୍ରବେଶ ପଥ ମନମୁଣ୍ଡା ତେଲନଦୀ କୂଳ ଗାନ୍ଧୀ ଛକରେ ପାଖାପାଖି ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ପାର୍କ ନିର୍ମାଣ କରାଯାଇଛି । ଏକ ବୌଦ୍ଧ ମୂର୍ତ୍ତି ମଧ ସ୍ଥାପନ କରାଯାଇଛି; ହେଲେ ବିଡମ୍ବନାର ବିଷୟ ପ୍ଲାଷ୍ଟିକରେ ତିଆରି ଏହି ବୌଦ୍ଧ ମୂର୍ତ୍ତି ସୌନ୍ଦର୍ଯ୍ୟ ବୃଦ୍ଧି କରିବା ବଦଳରେ ସୌନ୍ଦର୍ଯ୍ୟ ହରାଇ ବସିଛି । ଏହି ବୌଦ୍ଧ ମୂର୍ତ୍ତି ଏବଂ ପାର୍କ ଏବେ ଶ୍ରୀହୀନ ହୋଇ ପଡ଼ିଛି । ନିର୍ମାଣ ସମୟରେ କାର୍ଯ୍ୟ ସ୍ଥଳରେ ସୂଚନା ଫଳକ ଲଗାଇବାର ସରକାରୀ ନିୟମ ଥିଲେ ସୁଦ୍ଧା ଗୋଟିଏ ଫଳକକୁ ଛାଡି ଦେଲେ ଅନ୍ୟ କୌଣସି ଫଳକ ଲଗା ଯାଇ ନାହିଁ । ଏପରିକି ଏହି ପାର୍କରେ ଗଛ ଲଗା ଯାଇ ନ ଥିବା ବେଳେ ଲାଗିଥିବା ଅଳ୍ପ କିଛି ହାତ ଗଣତି ଗଛ ପାଣି ଅଭାବରୁ ମରି ଗଲାଣି । ତରବରିଆ ଭାବରେ ଏହି ପାର୍କ ନିର୍ମାଣ ହୋଇଥିଲା । ଲୋକେ ଆଉ ଏହି ପାର୍କ ନିକଟକୁ ଯିବା ପାଇଁ ଆଗ୍ରହ ପ୍ରକାଶ କରୁ ନାହାନ୍ତି । ଅନ୍ୟପଟେ ଏହି ପାର୍କରେ ଏକ ହାଇମାଷ୍ଟ ଲାଇଟ୍ ଲଗା ଯାଇଥିଲା; ହେଲେ ଏହି ଲାଇଟ୍ କିଛି ମାସ ଜଳିବା ପରେ ବର୍ତ୍ତମାନ ଏହା ଅଚଳ ହୋଇ ପଡ଼ି ରହିଛି । ପାର୍କ ଭିତରେ ଥିବା ଅନେକ ଚେୟାର ଭାଙ୍ଗି ଗଲାଣି । ଏବେ ଏହି ପାର୍କ ଅନ୍ଧାରରେ ରହୁଛି । ଲୋକେ ସନ୍ଧ୍ୟାରେ ଏଠାକୁ ଯିବାକୁ ଅମଙ୍ଗ ହେଉଛନ୍ତି । ରାତିରେ ଏହା ଅସାମାଜିକ ଲୋକଙ୍କ ଆଡ୍ଡାସ୍ଥଳ ପାଲଟିଛି ।

## କଣ୍ଟାମାଳରେ ନୂତନ ଥାନା ଅଧିକାରୀଙ୍କ ଯୋଗଦାନ



ବୌଦ୍ଧ/କଣ୍ଟାମାଳ, ୧୪ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଥାନାରେ ନୂତନ ଥାନା ଅଧିକାରୀ ଭାବେ ଇନ୍ସପେକ୍ଟର ବାସୁଦେବ ଭୋଇ କାର୍ଯ୍ୟରେ ଯୋଗ ଦେଇଛନ୍ତି । ଥାନା ଅଧିକାରୀ ରଞ୍ଜିତ ମୁନିଙ୍କଠାରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି । କଣ୍ଟାମାଳ ଥାନାରେ ଥିବା ଥାନା ଅଧିକାରୀ ରଞ୍ଜିତ ମୁନିଙ୍କୁ ବୌଦ୍ଧ ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଥିବା ବେଳେ ବାଉଁଶୁଣି ଥାନାରେ କାର୍ଯ୍ୟରତ ଥିବା ଇନ୍ସପେକ୍ଟର ବାସୁଦେବ ଭୋଇଙ୍କୁ କଣ୍ଟାମାଳ ଥାନାକୁ ବଦଳି କରାଯାଇଛି । ଶ୍ରୀ ଭୋଇ କାର୍ଯ୍ୟରେ ଯୋଗଦାନ କରିବା ପରେ ସମସ୍ତ କର୍ମଚାରୀଙ୍କ ସହ ଜନ ସାଧାରଣଙ୍କ ସହଯୋଗ କାମନା କରିଥିଲେ ।

## ସପ୍ତମ ଖଡଙ୍ଗ ଲୋକ ମହୋତ୍ସବ ଉଦ୍‌ଯାପିତ

କଣ୍ଟାମାଳ, ୧୪ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଖୁଣ୍ଟିଗୋରା ପଞ୍ଚାୟତ ବନ୍ଧଗୋରା ଖଡ଼ଙ୍ଗ ନଦୀ କୂଳରେ ଆୟୋଜିତ ସପ୍ତମ ଖଡ଼ଙ୍ଗ ଲୋକ ମହୋତ୍ସବ ଉଦ୍‌ଯାପିତ ହୋଇଛି ।



ବଲାଙ୍ଗୀର ଜିଲ୍ଲା କୋ-ଅପରେଟିଭ ବ୍ୟାଙ୍କ ପୂର୍ବତନ ସଭାପତି ଲକ୍ଷ୍ମଣ ମେହେର, ଆଇନଜୀବୀ ରାଧାବଲ୍ଲଭ ପ୍ରଧାନ, ରାମଚନ୍ଦ୍ର ପାତ୍ର, ଲଣ୍ଡାଗାଁ ସରପଞ୍ଚ ତୁଳସୀ ଝାଙ୍କର, ଆଦିବାସୀ ନେତା ସାମନ୍ତ ମାଝୀ, ସତ୍ୟନାରାୟଣ ମାଝୀ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ । ସୁଶାନ୍ତ ବାରିକ ଅତିଥି ପରିଚୟ କରିଥିଲେ । ଖଡ଼ଙ୍ଗ ମହୋତ୍ସବ କମିଟି ସଭାପତି ମନୋଜ ଦାଶ ମଞ୍ଚ ପରିଚାଳନା କରିଥିଲେ । ଧିରୋଜ ଭୋଇ, ଭକ୍ତ ସାହୁ, ବ୍ୟବସ୍ଥାପକ ଲମ୍ବୋଦର ବେହେରା, କୋଷାଧ୍ୟକ୍ଷ ଗୋପୀନାଥ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

## ହରିଶଙ୍କର ମନ୍ଦିରରେ ସିନ୍ଧୁ ଜଳସାଇ ଉତ୍ସବ

ବିନିକା, ୧୪ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ସିଂଘିଯୁବା ପଞ୍ଚାୟତ ଖଇରମାଲ ଗ୍ରାମରେ ଥିବା ହରିଶଙ୍କର ବାବାଙ୍କ ମନ୍ଦିରରେ ଆଜି ମକର ସଂକ୍ରାନ୍ତି ଅବସରରେ ୩୦ତମ ସିନ୍ଧୁ ଜଳସାଇ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବ ପାଳନ ନେଇ ଅରେଇଗୁଡ଼ି ଗାଁ ବାସିନ୍ଦା ତଥା ଭାରତୀୟ ପାରା କମାଣ୍ଡୋ ଯବାନ ସରୋଜ କୁମାର ନାୟକ ଜମ୍ମୁକଶ୍ମୀର ସ୍ଥିତ ସିନ୍ଧୁ ନଦୀର ସୋନମାର୍କ ଘାଟରୁ ଜଳ ଆଣିଥିବା ବେଳେ ବାବୁପାଲି ପଞ୍ଚାୟତ ସ୍ଥିତ ତାଲମୁଣ୍ଡା ଗାଁ ଠାରୁ



ଏକ ବିରାଟ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଘଣ୍ଟ ବାଦ୍ୟ ଓ ନାମ ସଂକୀର୍ତ୍ତନ ତାଳେତାଳେ ସହସହ ଶ୍ରଦ୍ଧାଳୁ ମହିଳା ଭକ୍ତ ସାମିଲ ହୋଇଥିଲେ । ଏଥିରେ ଭାରତୀୟ ଯବାନ ସରୋଜ କୁମାର ନାୟକ ଓ ତାଙ୍କ ଧର୍ମ ପତ୍ନୀ ରଶ୍ମୀ ନାୟକ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରି ହରିଶଙ୍କର ବାବା ମନ୍ଦିରରେ ଜଳାଭିଷେକ କରିଥିଲେ । ଏହି ପରିପେକ୍ଷୀରେ ଦର୍ଶକଙ୍କ ପାଇଁ ଭାଗବତ ପଠନ, ମହିଳା ସଂକୀର୍ତ୍ତନ ଦଳର ବୈଠକ କରାଯାଇଥିଲା । ସେହିପରି ବିଶାଳ ପାଲିଠାରେ ମଧ ମକର ଯାତ୍ରା ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି ।

## ବୌଦ୍ଧ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ



ବୌଦ୍ଧ, ୧୪ ।୧(ସମିସ): ସ୍ଥାନୀୟ କଚେରୀ ପଡ଼ିଆରେ ବୌଦ୍ଧ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୭ ତମ ବାର୍ଷିକ ଉତ୍ସବ ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ବୌଦ୍ଧ ବିଧାୟକ ସରୋଜ ପ୍ରଧାନ ଏବଂ ବୌଦ୍ଧ ଜିଲ୍ଲା ପ୍ରମୁଖ କାର୍ତ୍ତିକେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ମଞ୍ଚରେ ଉପସ୍ଥିତ ଥିଲେ । ବିଦ୍ୟାଳୟର ସଭାପତି ଟଙ୍କଧର ସାହୁଙ୍କ ଅଧକ୍ଷତାରେ ଉତ୍ସବ ପରିଚାଳିତ ହୋଇଥିଲା । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶ୍ରୀବତ୍ସ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ସମ୍ପାଦକ ପଦ୍ମନାଭ ସୁବୁଦ୍ଧି ବାର୍ଷିକ ବିବରଣୀ ପଠନ କରିଥିଲେ । ବିଦ୍ୟାଳୟର ଉପ ସଭାପତି ଅଶୋକ ସାହୁ, ସହ ସମ୍ପାଦକ ଖୁଦିରାମ ପ୍ରଧାନ, ସଦସ୍ୟା ପୁଷ୍ପାଞ୍ଜଳି ନାୟକ, ତୃପ୍ତିମୟୀ ପଟ୍ଟନାୟକ, ରାଜ କୁମାର ପ୍ରଧାନ ସହଯୋଗ କରିଥିଲେ ।

## ବିଭିନ୍ନ ସ୍ଥାନରେ ଜାତୀୟ ଯୁବ ଦିବସ

ବିନିକା, ୧୪ ।୧(ସମିସ): ବିନିକା ବ୍ଲକ କୁହିବାହାଲ କଳିଙ୍ଗ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ଼କ୍ରସ ଏବଂ ରେଡ୍ ରିବନ କ୍ଲବ୍ ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି । ଏଥିରେ କଲେଜ ଅଧକ୍ଷ ଭାଗିରଥି ମେହେର ସଭାପତିତ୍ୱ କରିଥିଲେ । କୁହିବାହାଲ ପଞ୍ଚାୟତର ସରପଞ୍ଚ ସୁଦାମ ପଧାନ ମୁଖ୍ୟବକ୍ତା ଭାବେ ଯୋଗଦେଇ ଯୁବ ସମାଜ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏକ ଶକ୍ତି ଏବଂ ସୁସ୍ଥ ସମାଜ ଗଠନରେ ମୁଖ୍ୟ ଭୂମିକା ଗ୍ରହଣକରିବାକୁ ଆହ୍ୱାନ ଦେଇଥିଲେ । ଅର୍ଥନୀତି ବିଭାଗ ଅଧ୍ୟାପକ ସୁମନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଯୁବ ରେଡ଼କ୍ରସ ପରାମର୍ଶଦାତା ଅଧ୍ୟାପକ ପୁସ୍ତମ ମେହେର ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ । ଶେଷରେ ଅଧ୍ୟାପକ ଟଙ୍କଧର ପଧାନ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ କଲେଜର ସମସ୍ତ କର୍ମଚାରୀ ତଥା ଯୁବରେଡ଼କ୍ରସ ସ୍ୱେଚ୍ଛାସେବୀ ଏବଂ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

**ପଲଶାଗୋରା:** ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରା ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ଜାତୀୟ ଯୁବ ଦିବସ ପାଳିତ ହୋଇଛି । ସଭାରେ ଅଧକ୍ଷ ବିଶ୍ୱେଶ୍ୱର ପାଣିଗ୍ରାହୀ ଅଧକ୍ଷତା କରିଥିଲେ । ପ୍ରଜ୍ଞା ପରିମିତା ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନାରାୟଣ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଡୁଙ୍ଗୁରିପାଲିରେ ମକର ମିଳନ ଉତ୍ସବ

ଡୁଙ୍ଗୁରିପାଲି, ୧୪ ।୧(ସମିସ): ସୋନପୁର ଜିଲ୍ଲା ଡୁଙ୍ଗୁରିପାଲି ସାହିତ୍ୟ ସଂସ୍କୃତିକ ସଂସଦ ପକ୍ଷରୁ ଆର୍.ଏମ୍.ସିଠାରେ ମକର ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସୁଭାଷ ଚନ୍ଦ୍ର ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ଶିକ୍ଷକ ଲକ୍ଷ୍ମୀଧର ନାଏକ ଓ ଦୁର୍ଯ୍ୟୋଧନ ବାରିକ ଯୋଗଦେଇ ଦୀପ ପ୍ରଜ୍ୱଳନ କରି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ସସ୍ମିତା ଦାସ ଓ ଶୁଭଲାଲ ସାହୁ ସଭା ସଂଯୋଜନା କରିଥିବା ବେଳେ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ । ଏହି ଅବସରରେ କବିମାନେ ଯୋଗଦେଇ ତାଙ୍କର କବିତା ପଠନ କରିଥିଲେ । ଦ୍ୱିତୀୟ ସୋପାନରେ ଅନୁଷ୍ଠିତ ସାରସ୍ୱତ ସମାରୋହରେ ଅବସରପ୍ରାପ୍ତ ଅଧ୍ୟାପକ ବନବାସ ମେହେର ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥିଭାବେ ଡୁଙ୍ଗୁରିପାଲି ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ସାମନ୍ତ ଚନ୍ଦ୍ର ସାହୁ ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବେରେ କେନ୍ଦୁଝର ମହାବିଦ୍ୟାଳୟର ଅଧ୍ୟାପକ ନରେନ୍ଦ୍ର କୁମାର ପଧାନ ଯୋଗଦେଇଥିଲେ । ସମ୍ପାଦକ ଅମୁଲ୍ୟ ବେହେରା ସଭାରେ ସଂଯୋଜନା କରିଥିବା ବେଳେ ଅତିଥି ପରିଚୟ ଜୟଦେବ ମହାକୁର ଓ ତିଳତମା ପଧାନ ପ୍ରଦାନ କରିଥିଲେ । ଏହି ଅବସରରେ ଲେକୁରୁ




ରାଜହଂସଙ୍କୁ ମାନପତ୍ର ସହ ଉପଢ଼ୌକନ ପ୍ରଦାନ କରି ସମ୍ମାନିତ କରାଯାଇଥିଲା । ପରିଶେଷରେ ପ୍ରୟାସ ପତ୍ରିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଶେଷରେ ଜୟ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା

ଡୁଙ୍ଗୁରିପାଲି, ୧୪।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ମାୟାବର୍ହା କ୍ଲଷ୍ଟର ସାହାଜବାହାଲ୍ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଶିକ୍ଷାବର୍ଷର ବାର୍ଷିକ କ୍ରୀଡ଼ା ଉତ୍ସବ ପ୍ରଧାନ




ଶିକ୍ଷକ ଆର୍ତ୍ତତ୍ରାଣ ପଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି । ଡୁଙ୍ଗୁରିପାଲି ବ୍ଲକ ସହ ଶିକ୍ଷା ଅଧିକାରୀ ଗଂଜଲୁ ମିର୍ଦ୍ଧା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । ମାୟାବର୍ହା ପଞ୍ଚାୟତର ଭାରପ୍ରାପ୍ତ ସରପଞ୍ଚ ସମ୍ପଦ ବାଘ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଖେଳଶିକ୍ଷକ ରସିକ ପଧାନ, ସାରଥୀ ଥପା, ରାମେଶ୍ୱର ମାଝୀ, ଚୈତନ୍ୟ ବାରିକ, ସାନନ୍ଦ ବାରିକ ଯୋଗଦେଇ ଖେଳ ପରିଚାଳନା କରିଥିଲେ । ଶିକ୍ଷୟିତ୍ରୀ ରଶ୍ମିତା ପଧାନ ଅତିଥି ପରିଚୟ କରିଥିବାବେଳେ ସହକାରୀ ଶିକ୍ଷକ ଦୀପକ କୁମାର ସାହୁ, ସୁବଳ ମାଝୀ ଓ ସରୋଜ କୁମାର ବାଗ, ପୁରାତନ ଛାତ୍ରଛାତ୍ରୀ ଓ ସାହାଜବାହାଲ ଗ୍ରାମବାସୀ ସହଯୋଗ କରିଥିଲେ । ଦୌଡ଼, ଲମ୍ବଡିଆ, ସଟ୍ ଫୁଟ୍, ଡିସ୍‌କସ୍ ଥ୍ରୋ ଓ ମ୍ୟୁଜିକ୍ ଚେୟାର ଆଦି ଖେଳରେ ପିଲାମାନେ ଭାଗ ନେଇ ପ୍ରତିଭା ପ୍ରଦର୍ଶନ କରିଥିଲେ । ବରିଷ୍ଠ ଶିକ୍ଷକ ଗୁପ୍ତେଶ୍ୱର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## ମା' ଖମ୍ବେଶ୍ୱରୀ କପ୍ ଫୁଟବଲ ପ୍ରତିଯୋଗିତା
## କନାପଡ଼ା ଚାମ୍ପିଅନ

ବୌଦ୍ଧ, ୧୪ ।୧(ସମିସ): ବୌଦ୍ଧ ବ୍ଲକ ମରୁଷୁଣ୍ଠି ଖେଳପଡ଼ିଆରେ ମା' ଖମ୍ବେଶ୍ୱରୀ ଯୁବକ ସଂଘ ଆନୁକୂଲ୍ୟରେ ୮ ଦିନ ଧରି ଚାଲିଥିବା ଗ୍ରାମାଞ୍ଚଳସ୍ତରୀୟ ଫୁଟବଲ କପ୍ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି । ଏହି ପ୍ରତିଯୋଗିତାର ଫାଇନାଲ ଖେଳ କନାପଡ଼ା ଓ ମନୁପାଲି ମଧ୍ୟରେ ଅନୁଷ୍ଠିତ ହୋଇଥିଲା । କନାପଡ଼ା ଦଳ ୧-୦ ଗୋଲରେ ମନୁପାଲିକୁ ହରାଇ ଚାମ୍ପିଅନ ହୋଇଥିଲା । ପୁରସ୍କାର ବିତରଣ ଉତ୍ସବରେ ବିଜେପିର ବରିଷ୍ଠ ନେତା ସୁଶାନ୍ତ ପ୍ରଧାନ, ଜିଲ୍ଲା ସାମ୍ବାଦିକ ସଂଘର ସଭାପତି ଦେବାଶିଷ ପୁରୋହିତ, ସମ୍ପାଦକ ଶଶାଙ୍କ ଶେଖର ମିଶ୍ର, ବରିଷ୍ଠ ଖେଳାଳି ବ୍ରଜ ପ୍ରଧାନ, ରବୀନ୍ଦ୍ର ରାଉତ, ବଚନ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ମୁରୁଷୁଣ୍ଠି ଗ୍ରାମର ୱାର୍ଡମେମ୍ବର ଲିପୁନ ବାରିକଙ୍କ ନେତୃତ୍ୱରେ ପ୍ରତିଯୋଗିତା ଆୟୋଜିତ ହୋଇଥିଲା ।




## ମୁଖ୍ୟ ଶାସନ ସଚିବଙ୍କ ହରଭଙ୍ଗା ଗସ୍ତ

ହରଭଙ୍ଗା, ୧୪ ।୧(ସମିସ): ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ବୁଧବାର ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଗସ୍ତ କରିଛନ୍ତି । ଏହି ଅବସରରେ ସେ ଏଠାରେ ନିର୍ମାଣାଧୀନ ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଅନୁଧ୍ୟାନ କରିଛନ୍ତି । ତେବେ ବିଳମ୍ବ ନେଇ ସେ ଅସନ୍ତୋଷ ପ୍ରକାଶ କରିଥିଲେ । ନିର୍ଦ୍ଧାରିତ ସମୟ ମଧ୍ୟରେ କାମ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ, ଏସପି ରାହୁଲ୍ ଗୋଏଲ, ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ସନ୍ଦୀପ ଛୁଆଳସିଂ, ଜଳ ସମ୍ପଦ ବିଭାଗ ନିର୍ବାହୀ ଯନ୍ତ୍ରୀ ଇଂଜିନିୟର ନରେଶ ବାରିକ, ପାନୀୟ ଜଳ ବିଭାଗର ନିର୍ବାହୀ ଯନ୍ତ୍ରୀ ଇଂଜିନିୟର ପଲ୍ଲବୀ ସାମଲ ପ୍ରମୁଖ ଉପସ୍ଥିତ ଥିଲେ ।

## ୨୦ରୁ ନାରାୟଣନଗରରେ ମନ୍ଦିର ପ୍ରତିଷ୍ଠା ବାର୍ଷିକ ଉତ୍ସବ

ଜହ୍ନାପଙ୍କ, ୧୪ ।୧(ସମିସ): ବୌଦ୍ଧ ବ୍ଲକ ଲୋକକଳା ଗ୍ରାମ ନାରାୟଣନଗରରେ ନୂତନ ଭାବେ ପ୍ରତିଷ୍ଠା ହୋଇଥିବା ଶ୍ରୀଜଗନ୍ନାଥ ଓ ଶ୍ରୀରାମଙ୍କ ଭବ୍ୟ ଯୁଗ୍ମ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ ଜାନୁଆରୀ ୨୦ରୁ ୨୪ ତାରିଖ ଯାଏ ଅନୁଷ୍ଠିତ ହେବ । ଏଥିନିମନ୍ତେ ବୁଧବାର ୪୦୦ ସ୍ୱେଚ୍ଛାସେବୀଙ୍କୁ ନେଇ ହରିହାଟରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏଥିରେ ମନ୍ଦିର କମିଟି ସଭାପତି ରାଜେନ୍ଦ୍ର ମେହେର ସଭାପତିତ୍ୱ କରିଥିଲେ । ଉତ୍ସବ ସଫଳ ଲାଗି କମିଟି ଉପଦେଷ୍ଟା ଭୋଳାଗିରି ସାହୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ବୈଠକରେ ଜଗନ୍ନାଥ ବେହେରା ସ୍ୱାଗତ ଭାଷଣ ଦେବା ସହ ଧନ୍ୟବାଦ ପ୍ରଦାନ କରିଥିଲେ ।

## ରାମଲୀଳା ଯାତ୍ରା ପାଇଁ ପ୍ରସ୍ତୁତି

ବୌଦ୍ଧ, ୧୪ ।୧(ସମିସ): ବୌଦ୍ଧ ସହର ଶ୍ରୀ ରଘୁନାଥ ମନ୍ଦିରରେ ଶ୍ରୀ ଶ୍ରୀ ରାମଲୀଳା ଯାତ୍ରା-୨୦୨୬ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ରାମଲୀଳା ନାଟ୍ୟ ସଂସଦ ସଭାପତି ତଥା ବୌଦ୍ଧ ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ବରିଷ୍ଠ ସାମ୍ବାଦିକ ରଜନୀକାନ୍ତ ଦାଶ, ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ଦେବାଶିଷ ପୁରୋହିତ, ପୂର୍ବତନ ନଗରପାଳ ନିବାସ ଚନ୍ଦ୍ର ଦାନୀ, ନାଟ୍ୟକାର ହୃଦାନନ୍ଦ ମେହେର, ନାଟ୍ୟ ନିର୍ଦ୍ଦେଶକ ଭବାନୀ ଶଙ୍କର ମହାପାତ୍ର, ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଅକ୍ଷୟ ମହାନ୍ତି, ରାମଲୀଳା ନାଟ୍ୟ ସଂସଦର ସମ୍ପାଦକ ମାନସ ରଞ୍ଜନ ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ । ଶ୍ରୀ ରାମଲୀଳା ଯାତ୍ରାକୁ ବୌଦ୍ଧରେ କିଭଳି ଯାକଜମକରେ ଆୟୋଜନ କରାଯିବ ସେ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା । ବୈଠକରେ ଜିଲ୍ଲାର ବିଭିନ୍ନ ରାମଲୀଳା ନାଟ୍ୟ କମିଟିର କର୍ମକର୍ତ୍ତା, ବୁଦ୍ଧିଜୀବୀ, ଜନସାଧାରଣ ଓ ବୌଦ୍ଧ ଶ୍ରୀ ରାମଲୀଳା ନାଟ୍ୟ ସଂସଦର ସଦସ୍ୟ ଯୋଗ ଦେଇଥିଲେ ।

## ଗ୍ରାମୋଦୟ ଯୋଜନାରେ ୧୦ ଗାଁ ସାମିଲ




କଣ୍ଟାମାଳ, ୧୪ ।୧(ସମିସ): କେନ୍ଦ୍ର ଓ ରାଜ୍ୟ ସରକାର ମାଓବାଦୀ ପ୍ରବଣ ଅଞ୍ଚଳରେ ଗ୍ରାମୋଦୟ ଯୋଜନା ମାଧ୍ୟମରେ ଗ୍ରାମବାସୀଙ୍କ ସମସ୍ୟା ଦୂର କରିବା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି । ପାନୀୟ ସମସ୍ୟା, ଗମନାଗମନ ସମସ୍ୟା ଆଦି ଗ୍ରାମର ବିଭିନ୍ନ ସମସ୍ୟା ସହ ଗ୍ରାମର ବେରୋଜଗାରୀ ଲୋକଙ୍କୁ ଗ୍ରାମୋଦୟ ଯୋଜନା ମାଧ୍ୟମ ରୋଜଗାର ଯୋଗାଇବା ଲକ୍ଷ୍ୟ ରଖାଯାଇଛି । ଏହିକ୍ରମରେ କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତର ୧୦ଟି ଗାଁ ସାମିଲ ହୋଇଛି । କଣ୍ଟାମାଳ ବିଡିଓ ସାମି ଜୟଶ୍ରୀ ରେଡ୍ଡୀ, ଏପିଓ ସଞ୍ଜୀବ ମିଶ୍ର, ପଞ୍ଚାୟତ ଅଧିକାରୀ ଭୁଲେଶ୍ୱର ନାଗ ୱାର୍ଡମେମ୍ବର ଓ ଗ୍ରାମବାସିନ୍ଦାଙ୍କ ସହ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି ।

## ପଲଶାଗୋରା ମକର ଯାତ୍ରା ଆରମ୍ଭ

କଣ୍ଟାମାଳ/ପଲଶାଗୋରା, ୧୪ ।୧(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ପଲଶାଗୋରାର ପ୍ରସିଦ୍ଧ ମକରଯାତ୍ରା ବୁଧବାରଠାରୁ ଆରମ୍ଭ ହୋଇଛି । ବୁଧବାର ସକାଳୁ ଶ୍ରୀ ଶ୍ରୀ କପିଳେଶ୍ୱର ବାବାଙ୍କ ପୀଠରେ ପ୍ରବଳ ଗହଳି ହୋଇଥିଲା । ଭକ୍ତଙ୍କ ଦର୍ଶନ ପରେ ମହାଦେବଙ୍କଠାରେ ମକର ଚାଉଳ ଲାଗି କରି ସେବକମାନେ ସର୍ବସାଧାରଣଙ୍କୁ ବଣ୍ଟନ କରିଥିଲେ । ସେବକ ନିରଞ୍ଜନ ଖମାରି, ସଚ୍ଚିଦାନନ୍ଦ ଖମାରି, ବ୍ରହ୍ମାନନ୍ଦ ଖମାରି, ଅଚ୍ୟୁତ ଖମାରି, ଅଜିତ ଖମାରୀ ପ୍ରମୁଖ ମକର ଚାଉଳ ବଣ୍ଟନ କରିଥିଲେ । ସକାଳ ୯ ରେ ନାମ ଆରମ୍ଭ ହୋଇଥିଲା ।

## ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ



ଜହ୍ନାପଙ୍କ, ୧୪ ।୧(ସମିସ): ବୌଦ୍ଧ ବ୍ଲକ ତେଲିବନ୍ଧ ପଞ୍ଚାୟତ କାଶଲପୁର ଗ୍ରାମର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱନାଥ ନାଏକଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୭ ବର୍ଷ ହୋଇଥିଲା । ସେ କାଶଲପୁର, ଧୁଡୁରୁବାହାଲ ଆଦି ବିଭିନ୍ନ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଭାବେ କାର୍ଯ୍ୟ କରିଥିଲେ । ତାଙ୍କ ବିୟୋଗ ଖବର ପାଇ ବହୁ ଛତ୍ର, ଗ୍ରାମବାସୀ ଶେଷ ଦର୍ଶନ କରିଥିଲେ । ଗ୍ରାମ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର ସମ୍ପାଦନ କରାଯାଇଥିଲା । ଏକ ମାତ୍ର ପୁତ୍ର କ୍ଷୀରୋଦ ବିହାରୀ ନାଏକ ମୁଖାଗ୍ନି ଦେଇଥିଲେ ।

## ମାୟାବର୍ହା ହାଇସ୍କୁଲର ଶିକ୍ଷଣୀୟ ପରିଭ୍ରମଣ

ଡୁଙ୍ଗୁରିପାଲି, ୧୪।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ମାୟାବର୍ହା ହାଇସ୍କୁଲର ପ୍ରଧାନ ଶିକ୍ଷକ ଡ. ରବିଚନ୍ଦ୍ର ପଶୟତଙ୍କ ତତ୍ତ୍ୱାବଧାନରେ ସମ୍ବଲପୁର ଜିଲ୍ଲା ସ୍ଥିତ ଘଣ୍ଟେଶ୍ୱରି ପୀଠ,



ପ୍ଲାନେଟୋରିଅମ୍, ହୀରାକୁଦ ବନ୍ଧ, ନେହେରୁ ମିନାର ଓ ସମଲେଶ୍ୱରୀ ମନ୍ଦିର ଭଳି ବିଭିନ୍ନ ଐତିହାସିକ ସ୍ଥାନକୁ ବାର୍ଷିକ ପରିଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷକ ନନ୍ଦିଘୋଷ ବାରିକ, ମନୋଜ କୁମାର ପୁଝାରୀ, ସମ୍ପଦ ଖମାରୀ, ସ୍ନିଗ୍ଧା ପ୍ରଧାନ, କିରଣ କୁମାର ପଟେଲ, ସଞ୍ଜୀବ ପୂଜାରୀଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନଙ୍କୁ ବିଭିନ୍ନ ଦଳରେ ଭାଗ କରାଯାଇ ପରିଭ୍ରମଣ ସ୍ଥାନ ସମୂହକୁ ପରିଦର୍ଶନ କରାଯାଇଛି । ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଭକ୍ତ ଭୋଇ ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିବା ବେଳେ ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପ୍ରଧାନ ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁରୂପେ ଦିଗ୍‌ଦର୍ଶନ ପ୍ରଦାନ କରିଥିଲେ । ଶିକ୍ଷକ ଚିନ୍ମୟ କୁମାର ଦାସ, ରାଜୁ ମେହେରଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀମାନେ ପରିଭ୍ରମଣ ସ୍ଥାନକୁ ପରିଷ୍କାର ପରିଚ୍ଛନ୍ନ କରିଥିଲେ । ଏକକ ବ୍ୟବହୃତ ପ୍ଲାଷ୍ଟିକକୁ ବର୍ଜନ କରିବା ପାଇଁ ଶପଥ କରିଥିଲେ । ଛାତ୍ରୀ ପ୍ରୀତି ପଧାନ, ଅଭ ସାହୁ, ପୂଜା ରାଣୀ ଦୀପ, ଦୀପ୍ତି ଶିଖା ବାଗ, ଝରଣା ସାହୁ ପ୍ରମୁଖ ଶିକ୍ଷକ କିରଣ ପୁଞ୍ଜ ନେତୃତ୍ୱରେ ପରିଭ୍ରମଣ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ । କାର୍ଯ୍ୟକ୍ରମରେ ମୀନକେତନ ଦାସ, ବିଭୀଷଣ ଖମାରୀ, ସମୀର କାଠର, ସୁରଜ୍ ଖମାରୀ, ଶୋଭାଗିନି ସାହୁ, ପୂର୍ଣ୍ଣଚନ୍ଦ୍ର ପଣ୍ଡା ଓ ସୂର୍ଯ୍ୟକନ୍ତୀ କାଣ୍ଡ ପ୍ରମୁଖ ସହଯୋଗ କରିଥିଲେ ।

## ୩ୟ ଦଧିବାମନ କ୍ରିକେଟ କପ୍
## ସେମିଫାଇନାଲରେ ଟାଙ୍ଗରସାହି

ବୀରମହାରାଜପୁର, ୧୪।୧(ସମିସ)




ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବହଳପଦରରେ ହେଉଥିବା ତୃତୀୟ ଦଧିବାମନ କ୍ରିକେଟ କପ୍‌ର ବୁଧବାର ଥିଲା ଦ୍ୱିତୀୟ ଦିବସ । ବୁଧବାର ତିନୋଟି ମ୍ୟାଚ ହୋଇଥିଲା । ପ୍ରଥମ ମ୍ୟାଚଟି ଲୁତୁରପଙ୍କ ଓ ଚକାମୁଣ୍ଡା ମଧ୍ୟରେ ହୋଇଥିଲା । ଚକାମୁଣ୍ଡା ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୩୯ ରନ କରିଥିଲା । ଜବାବରେ ଲୁତୁରପଙ୍କ ୮ ଓଭରରେ ୪ ଉଇକେଟ ହରାଇ ୧୪୦ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଦ୍ୱିତୀୟ ମ୍ୟାଚଟି ଟାଙ୍ଗରସାହି ଓ ଘଣ୍ଟପାଲି ମଧ୍ୟରେ ହୋଇଥିଲା । ଏଥିରେ ଟାଙ୍ଗରସାହି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ ହରାଇ ୧୪୭ ରନ କରିଥିଲା । ଜବାବରେ ଘଣ୍ଟପାଲି ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୩୦ ରନ କରି ପରାସ୍ତ ହୋଇଥିଲା । ତୃତୀୟ ମ୍ୟାଚଟି ପ୍ରଥମ ମ୍ୟାଚର ବିଜେତା ଲୁତୁରପଙ୍କ ଓ ଦ୍ୱିତୀୟ ମ୍ୟାଚର ବିଜେତା ଟାଙ୍ଗରସାହି ମଧ୍ୟରେ ହୋଇଥିଲା । ଏଥିରେ ଟାଙ୍ଗରସାହି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ରାଜ କୁମାର ସାହୁଙ୍କ ବିସ୍ଫୋରକ ୩୬ ବଲ୍‌ରେ ୧୪୬ ରନ ସହାୟତାରେ ୨୧୦ ରନ କରିଥିଲା । ଜବାବରେ ଲୁତୁରପଙ୍କ ନିର୍ଦ୍ଧାରିତ ୧୦ ଓଭରରେ ୬ ଉଇକେଟ ହରାଇ ୧୧୪ ରନ କରି ପରାସ୍ତ ହୋଇଥିଲା । ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଜିଲ୍ଲା ପରିଷଦ ସଭ୍ୟ ଲବ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଟାଙ୍ଗରସାହିର ରାଜ କୁମାର ସାହୁଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ମ୍ୟାଚ୍ ଗୁଡିକରେ ସରୋଜ ସେଠୀ ଓ ଅଜିତ ପଧାନ ଅମ୍ପାୟାର, ଖିରୋଦ ଦନ୍ତା ସ୍କୋରିଂ, ଜଗା ଦେହୁରୀ ଅନ ଲାଇନ ସ୍କୋରିଂ ଏବଂ ଆକାଶ ପୋଡ଼ ଧାରାବିବରଣୀ ପ୍ରଦାନ କରିଥିଲେ ।

■ ବିଭିନ୍ନ ପୀଠରୁ ପହଞ୍ଚିଲା ମଶାଲ

# ମୁଖ୍ୟ ମଞ୍ଚରେ ସ୍ଥାପନ ପାଇଁ ବିଶାଳ ଶୋଭାଯାତ୍ରା



**ଭବାନୀପାଟଣା, ୧୪।୧(ସମିସ):** କଳାହାଣ୍ଡି ଉତ୍ସବରେ କଳା, ସଂସ୍କୃତି ଓ ଇତିହାସ ନୁହେଁ, ବରଂ ଆଧାତ୍ମିକ ଗୁରୁତ୍ୱ ବହନ କରୁଥିବା ଜିଲ୍ଲାର ବିଭିନ୍ନ ଐତିହାସିକ, ଆଧାତ୍ମିକ ତଥା ସାଂସ୍କୃତିକ ପୀଠସ୍ଥଳୀରୁ ପବିତ୍ର ମଶାଲ ପହଞ୍ଚିବା ପରେ ସହରର ବିଭିନ୍ନ ଛକରେ ଭବ୍ୟ ସ୍ୱାଗତ କରାଯାଇଥିଲା। ସେଠାରୁ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ଉପସ୍ଥିତିରେ ମଶାଲ ଓ ମଶାଲ ଅଭିଯାତ୍ରୀଙ୍କୁ ସ୍ୱାଗତ କରି ଗାନ୍ଧୀ ଛକସ୍ଥିତ ସାମୟିକ ମଶାଲ ରହଣୀସ୍ଥଳକୁ ନିଆଯାଇଥିଲା। ଏହି ଅବସରରେ ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ, ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ, ସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ, ସରକାରୀ ମହିଳା ମହାବିଦ୍ୟାଳୟ, କୃଷି ମହାବିଦ୍ୟାଳୟ, ସାନ୍ଧ୍ୟ ମହାବିଦ୍ୟାଳୟ, ଇଞ୍ଜିନିୟରିଂ ମହାବିଦ୍ୟାଳୟ, ବିକାଶ ସ୍କୁଲ, ପ୍ରଗତି ଶିକ୍ଷାନୁଷ୍ଠାନ ସହିତ ସହରର ବିଭିନ୍ନ ସରକାରୀ ଓ ବେସରକାରୀ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀମାନେ ସାମିଲ ହୋଇଥିଲେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମହାରାଜ ଅନନ୍ତ ପ୍ରତାପ ଦେଓଙ୍କ ଉପସ୍ଥିତିରେ ମାଣିକେଶ୍ୱରୀ ମନ୍ଦିରରୁ ପୂଜାର୍ଚ୍ଚନା ସହିତ ମୁଖ୍ୟ ମଶାଲ ବାହାରିବା ପରେ ସେଠାରୁ ଅନ୍ୟ ମଶାଲ ସହିତ ମିଶି ଏକ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ମୁଖ୍ୟ ମଞ୍ଚ ସହିଦ ରେଣ୍ଡୋ ମାଝୀ ମଞ୍ଚ ପର୍ଯ୍ୟନ୍ତ ଯାଇଥିଲା। କଳାହାଣ୍ଡି ଜିଲ୍ଲାପାଳ ସଚିନ ପାୱାର ପ୍ରକାଶ, ଭବାନୀପାଟଣା ମୁନିସିପାଲିଟି ଅଧ୍ୟକ୍ଷ ବିଷ୍ଣୁ ପ୍ରଧାନ, ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ ପ୍ରମୁଖ ଏହି ମଶାଲ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମଶାଲ କମିଟିର ଅଧ୍ୟକ୍ଷ ଭବାନୀଶଙ୍କର ନିଆଲଙ୍କ ସହିତ ମଶାଲ ଶୋଭାଯାତ୍ରାରେ ନୋଡାଲ ଅଧିକାରୀ ଶ୍ରୀକାନ୍ତ ଦଳେଇ, କମିଟିର ସହ ଅଧ୍ୟକ୍ଷ ତଥା ମୋ ଭାରତ କେନ୍ଦ୍ରର ସଂଯୋଜକ ପ୍ରସନ୍ନ ମେହେର, ଲେଖାପାଳ ଦୂତିଆ ବନଛୋର, ସହ ଅଧ୍ୟକ୍ଷା ସନ୍ତୋଷିନୀ ଦାସ, ଆବାହକ ଯଯାତି କେଶରୀ ନାୟକ, ପ୍ରଦୀପ କୁମାର ଦାସଙ୍କ ସହିତ କମିଟିର ସମସ୍ତ ସଦସ୍ୟ, ସଦସ୍ୟା, ମୋ ଭାରତ କେନ୍ଦ୍ରର ଯୁବ ସ୍ୱେଚ୍ଛାସେବୀମାନେ ସାମିଲ ହୋଇଥିଲେ। ସେହିପରି ସାଂସ୍କୃତିକ କମିଟିର ଉପଦେଷ୍ଟା ଅକ୍ଷୟ କୁମାର ଦାସ, ଅଶୋକ ପଟନାୟକ, ସହ ଅଧ୍ୟକ୍ଷ ଧ୍ୟାନାନନ୍ଦ ପଣ୍ଡାଙ୍କ ନେତୃତ୍ୱରେ ଜିଲ୍ଲା, ରାଜ୍ୟ ତଥା ରାଜ୍ୟ ବାହାରର ସାଂସ୍କୃତିକ ଦଳ ସାମିଲ ଥିଲେ।

# ଲୋକ କଳା, ସଂସ୍କୃତିର ମହାକୁମ୍ଭ କଳାହାଣ୍ଡି ଉତ୍ସବ 'ଘୁମୁରା' ଉଦ୍‌ଘାଟିତ

**ଭବାନୀପାଟଣା, ୧୪।୧(ସମିସ)**

କଳାହାଣ୍ଡିର ପ୍ରାକୃତିକ ସୌନ୍ଦର୍ଯ୍ୟ, ସାଂସ୍କୃତିକ ଓ ପାରମ୍ପରିକ କଳା, ଐତିହ୍ୟ ଅତ୍ୟନ୍ତ ମାଧୁର୍ଯ୍ୟପୂର୍ଣ୍ଣ। କଳାହାଣ୍ଡି ଜିଲ୍ଲାର ଲୋକ ଲୋକ କଳା ଲୋକ ସାହିତ୍ୟ, ଲୋକ ନୃତ୍ୟ ସଙ୍ଗୀତ ମଧ୍ୟ ସମୃଦ୍ଧ। କଳାହାଣ୍ଡି ଉତ୍ସବ 'ଘୁମୁରା' କଳା ସଂସ୍କୃତିକୁ ପୃଷ୍ଠପୋଷକତା ଦେଇ ଆସୁଥିବା କଥା ସମସ୍ତେ ସ୍ୱୀକାର କରୁଛନ୍ତି। ଘୁମୁରା ଲୋକ ଉତ୍ସବର ବ୍ୟାପକତା ଏବଂ ଗ୍ରହଣୀୟତା ବୃଦ୍ଧି ପାଉଛି।କଳାହାଣ୍ଡିର ଲୋକ କଳା, ଲୋକ ସଂସ୍କୃତି ଏବଂ ଲୋକ ନୃତ୍ୟ ହିଁ କଳାହାଣ୍ଡିଆଙ୍କ ଆତ୍ମା। ବୁଧବାର ଠାରୁ ଆରମ୍ଭ ହୋଇଛି କଳାହାଣ୍ଡି ଉତ୍ସବ 'ଘୁମୁରା'-୨୦୨୬। ଘୁମୁରା ଯେମିତି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ କଳାହାଣ୍ଡିଆ ସ୍ୱାଭିମାନ ସର୍ବାଗ୍ରେ ରହିଛି। ଆଜି ଜିଲ୍ଲାର ଏ ଉତ୍ସବ ମହାପର୍ବରେ ପରିଣତ ହୋଇଥିବା ବେଳେ ୨୮ ବର୍ଷରେ ପହଞ୍ଚିଥିବା ଉତ୍ସବ ଅନ୍ୟ ଜିଲ୍ଲାର ଲୋକ ଉତ୍ସବ ଆୟୋଜନ ପାଇଁ ପ୍ରେରଣା ଯୋଗାଇଛି ବୋଲି କଳାହାଣ୍ଡି ଉତ୍ସବ 'ଘୁମୁରା'-୨୦୨୬ ଅବସରରେ ଅତିଥିମାନେ କହିଛନ୍ତି। ଉତ୍ସବରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ସୁଜିତ କୁମାର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟଯୋଶୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ ଯୋଗ ଦେଇଥିଲେ। କଳାହାଣ୍ଡି ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ ସଚିନ ପାୱାର ପ୍ରକାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ଜିଲ୍ଲାପାଳ ସ୍ୱାଗତ ଅଭିଭାଷଣ ଓ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ ଦରଖାନ ଧନ୍ୟବାଦ ଅର୍ପଣ





କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଜିଲ୍ଲାସ୍ତରୀୟ କବି ସମ୍ମିଳନୀର ମୁଖପତ୍ର 'ନିଶାନ' ଓ କବି ବିରଞ୍ଚି ନାରାୟଣ ମୁଣ୍ଡଙ୍କ 'କଳାହାଣ୍ଡିଆ ବର୍ଣ୍ଣବୋଧ' ଉନ୍ମୋଚିତ ହୋଇଥିଲା। ସେହିପରି ଘୁମୁରା ପ୍ରତିଯୋଗିତାରେ ଜଗଜ୍ଜନନୀ ଘୁମୁରା ଦଳ ଜୟପାଟଣା ପ୍ରଥମ, ଗୋଲାମୁଣ୍ଡା ଦ୍ୱିତୀୟ, ଭବାନୀପାଟଣା କାରୁଣ୍ଡ ଘୁମୁରା ଦଳ ତୃତୀୟ ସ୍ଥାନ ଅଧିକାର କରି ଅତିଥିଙ୍କଠାରୁ ପୁରସ୍କୃତ ହୋଇଥିଲେ। ଉମେଶ ଶତପଥି ଓ ସତ୍ୟ ନାରାୟଣ ମହାପାତ୍ର ସଭା ପରିଚାଳନା କରିଥିଲେ। କଳାହାଣ୍ଡି ଲେଖକ କଳା ପରିଷଦ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବାବେଳେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଶ୍ରେଷ୍ଠ ଘୁମୁରା ଦଳ, ଜୁନାଗଡ଼ କଳାବିକାଶ କେନ୍ଦ୍ର ଓ ଭୁବନେଶ୍ୱରସ୍ଥିତ

**କଳାହାଣ୍ଡିଆ ସ୍ୱାଭିମାନ ଯୁଗେ ଯୁଗେ ବଜାୟ ରହିବ**

ଏକାଗ୍ର ଡ୍ୟାନ୍ସ ଏକାଡେମୀ, ବ୍ରହ୍ମପୁର ପ୍ରକୃତି ବୃନ୍ଦାବନ ସାଂସ୍କୃତିକ ଅନୁଷ୍ଠାନ, ନୃତ୍ୟକଳା ଅନୁଷ୍ଠାନର ବଜାଶାଲ, ନୂପୁର ଅନୁଷ୍ଠାନର ସମ୍ବଲପୁରୀ, କୋରାପୁଟର ଢେମସା, ଖୋର୍ଦ୍ଧାର କଳିଙ୍ଗ ପାଇକ ଆଖଡ଼ା, ଗଞ୍ଜାମ ବିଶ୍ୱଜନନୀ କଳା ପରିଷଦର ପଶୁମୁଖା ନୃତ୍ୟ, ହରିୟାଣାର ଘୁମର, ପୁରୁଲିଆର ଛଉ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ଶେଷରେ ଦିପ୍ତୀରେଖା ପାଢ଼ୀ ଓ ସାଥୀଙ୍କ ଦ୍ୱାରା ଷ୍ଟାର ନାଇଟ କାର୍ଯ୍ୟକ୍ରମକୁ ଲକ୍ଷାଧିକ ଦର୍ଶକ ବିଳମ୍ବିତ ରାତିଯାଏଁ ଉପଭୋଗ କରିଥିଲେ। ସେହିପରି ପାରବା ଖୋଲାମଞ୍ଚରେ ଶିଶୁ ବିଚିତ୍ରା କାର୍ଯ୍ୟକ୍ରମ ସହିତ ନୃତ୍ୟରସିକା ଡ୍ୟାନ୍ସ ଗ୍ରୁପ, ଅନୀଷା ଡ୍ୟାନ୍ସ ଗ୍ରୁପ, ଟୁନୀ ଡ୍ୟାନ୍ସ ଗ୍ରୁପ, ଅମ୍ବିକା ବିଶ୍ୱାଳ ଓ ସାଥୀ, ତସୀକା ଓ ସାଥୀ, ବିଜୟ ଡ୍ୟାନ୍ସ ଏକାଡେମୀ, ଆରାଧ୍ୟା ଡ୍ୟାନ୍ସ ଗ୍ରୁପ, ଶାନ୍ ଡ୍ୟାନ୍ସ ଗ୍ରୁପ, ସିଦ୍ଧି ଓ ଆହାନା, ସକ୍ଷମ୍ ନୃତ୍ୟ ଏକାଡେମୀ, ଦିବ୍ୟଜ୍ୟୋତି ପବ୍ଲିକ ସ୍କୁଲ, କେଜିସି ଡ୍ୟାନ୍ସ ଗ୍ରୁପ, ରାଧାମାଧବ କଳା ପରିଷଦ, ଲିମ୍ ଗାଁ, ତଳ ଦର୍ପଣ, ନୃତ୍ୟପ୍ରଭା, ଆହାନା ଖାନ, ଈଗଲ ଡ୍ୟାନ୍ସ ଗ୍ରୁପ, ବିଏସ୍‌ଏମ୍ ସରିଆ ପ୍ରମୁଖ ନୃତ୍ୟ ପ୍ରଦର୍ଶନ କରିଥିଲେ। ସହିଦ ରେଣ୍ଡୋ ମାଝୀ ମଞ୍ଚରେ ସୁଧୀର ନାଏକ, ବିରଞ୍ଚି ନାରାୟଣ ମୁଣ୍ଡ, ସତ୍ୟନାରାୟଣ ମୁଣ୍ଡଛିନା, ଡିଳେଶ୍ୱର ରଣା, ନିହାରୀକା ନାୟକ, ଲୋଚନୀ ବାଗ ମଞ୍ଚ ପରିଚାଳନା କରିଥିଲେ। ସେହିପରି ପାରବା ମଞ୍ଚରେ ପ୍ରତାପ ପଣ୍ଡା, ରିୟାଜ ଖାନଙ୍କ ସହିତ ହେମନ୍ତ ସାହୁ, ଦିପ୍ତିମୟୀ ସିଂହ, ଧନଞ୍ଜୟ ପଣ୍ଡା, ବନଶ୍ରୀ ଦାଶ, ଆଶୁତୋଷ ପୁରୋହିତ, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରାଜେଶ ପ୍ରମୁଖ ମଞ୍ଚ ପରିଚାଳନା କରିଥିଲେ।

ବର୍ଜ୍ୟବସ୍ତୁର ସଠିକ ଉପଯୋଗିତା

# ମଞ୍ଚ ପ୍ରସ୍ତୁତିରେ ଲାଗିଛନ୍ତି ୧୫ କାରିଗର

**ଭବାନୀପାଟଣା, ୧୪।୧ (ସମିସ):** କଳାହାଣ୍ଡି ଉତ୍ସବ ଘୁମୁରା-୨୦୨୬ର ମୁଖ୍ୟ ଆକର୍ଷଣ ହେଉଛି ସହିଦ ରେଣ୍ଡୋ ମାଝୀ ମଞ୍ଚ। ମଞ୍ଚ ପ୍ରସ୍ତୁତି କମିଟିର ତତ୍ୱାବଧାନରେ କଳାହାଣ୍ଡି କଲେଜ ଅଫ ଆର୍ଟ ଆଣ୍ଡ ରିସର୍ଚ୍ଚର ପନ୍ଦର ଜଣ ଛାତ୍ରଛାତ୍ରୀ ପଚିଶ ଦିନ ପରିଶ୍ରମ କରି ମଞ୍ଚ ପ୍ରସ୍ତୁତ କରିଛନ୍ତି। ମଞ୍ଚ ପ୍ରସ୍ତୁତ କମିଟିର ଉପଦେଷ୍ଟା ତଥା ଉପଜିଲ୍ଲାପାଳ ପ୍ରଭାତ କୁମାର ପରିଡ଼ା, କଲେଜ ଅଧ୍ୟକ୍ଷ ତଥା ମଞ୍ଚ ପ୍ରସ୍ତୁତ କମିଟିର ଅଧ୍ୟକ୍ଷ ଚିଣ୍ଟୁ ନାଏକ, ଆବାହକ ରଘୁନାଥ ଠାକୁର, ଥବିର ପ୍ରସାଦ ଯାଦବ, ସସ୍ମିତା ପଟେଲ, ଶୁଭମ ଦାସ, ସଂଗ୍ରାମ ସରାଫ, ଯୋଗେନ୍ଦ୍ର ରାଉତ, ରୁକତା ମାଝୀ, ଶ୍ରୀଧର ରାଉତ, ଶୁଭପ୍ରିୟା ବେଜ, ଲିପିକା ମିର୍ଦ୍ଧା, ବିଜନ

**ଝଲସୁଛି ସହିଦ ରେଣ୍ଡୋ ମାଝୀ ମଞ୍ଚ**

ରେଡ୍ଡୀ ପ୍ରମୁଖଙ୍କ ଉଦ୍ୟମରେ ଏଥର ପ୍ରକୃତି ସୁରକ୍ଷା ଓ ବର୍ଜ୍ୟବସ୍ତୁର ସଠିକ ଉପଯୋଗ କରି ମଞ୍ଚ ପ୍ରସ୍ତୁତ କରାଯାଇଛି। ବିଶେଷ କରି କଳାହାଣ୍ଡିର ଲୋକନୃତ୍ୟ, ଲୋକବାଦ୍ୟ, ଆଦିବାସୀ ଜୀବନ ଚଳଣିକୁ ଦୃଶାୟିତ କରିବାକୁ ଯାଇ ପାଳନଡା, ବାଉଁଶ, ସୁତୁଲି, ଅଖାବସ୍ତାକୁ



ବ୍ୟବହାର କରି ଘୁମୁରା, ନିଶାନ, ଢୋଲ, ମହୁରି, ଢାପ ଆଦି ସ୍ଥାନିତ କରାଯାଇଛି। ମଞ୍ଚରେ ଆରାଧ୍ୟ ଭାବେ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ କଳାହାଣ୍ଡିର ଇଷ୍ଟଦେବୀ ମାଣିକେଶ୍ୱରୀଙ୍କୁ ସ୍ଥାପିତ କରାଯାଇଛି। ବର୍ଜ୍ୟବସ୍ତୁର ଉପଯୋଗିତା, ପରିବେଶ ସନ୍ତୁଳନ ସହିତ ଜିଲ୍ଲାର ବିବିଧ କଳାକୃତୀକୁ ସ୍ଥାନିତ କରିବା ଓ ଗବେଷକଙ୍କ ପାଇଁ ଏ ମଞ୍ଚ ଅନେକ ଖୋରାକ ଯୋଗାଇବ ବୋଲି ଆଲୋଚନା ହେଉଛି।

## ଫିଲ୍ମ ତାରକାଙ୍କ ନାମରେ ମାମଲା

**ଭବାନୀପାଟଣା, ୧୪।୧ (ସମିସ):** ଉପଭକ୍ତା ଅଦାଲତରେ ବିଖ୍ୟାତ ଫିଲ୍ମ ତାରକା ସଲମାନ ଖାନ ଓ ରିତିକ ରୋସନ ବିରୋଧରେ ମାଉଣ୍ଟେନ୍ ଡିଉ ପାନୀୟ ଜଳର ଭୁଲ ବିଜ୍ଞାପନକୁ ନେଇ, ଜନୈକ ଉପଭକ୍ତା କେସ ଦାୟର କରିଅଛନ୍ତି। ଉପଭୋକ୍ତା ତାଙ୍କ ଅଭିଯୋଗରେ ଦର୍ଶାଇ ଅଛନ୍ତି ଯେ ତାଙ୍କ ପୁଅ ମାଉଣ୍ଟେନ୍ ଡିଉ ବିଜ୍ଞାପନ ଦେଖି କିଣିବାକୁ ନିଜ ବାପାକୁ ବାଧ କରିଥିଲା ଓ କହିଥିଲା ଯେ ଏହା ଗ୍ରହଣ କରି ଦୌଡରେ ଭାଗ ନେଲେ ସେ ବିଜୟ ହାସଲ କରିବ ଓ ଦେହରେ ଶକ୍ତି ବଢ଼ିବା, ଯାହା କି ପରେ ଭୁଲ୍ ପ୍ରମାଣିତ ହୋଇଥିବାରୁ ଏହି ଅଭିଯୋଗ ହୋଇଛି। ଅଭିଯୋଗ କର୍ତ୍ତା ଉଭୟ ଫିଲ୍ମ ତାରକା ଓ ପାନୀୟ ଜଳର ନିର୍ମାତା ପେପ୍‌ସି କୋ କାଉନସିଲ ବିରୋଧରେ ଅଭିଯୋଗ କରିବା ସହ ପ୍ରତୀକକୁ ୧ଟଙ୍କା କ୍ଷତିପୂରଣ ଦାବି କରିଅଛନ୍ତି। ସୂଚନା ଥାଉ, ବିଜ୍ଞାପନ ପରିଷଦ ପାଇଁ ଓକିଲ ଅମିତ୍ ଜୈନ, ବିଖ୍ୟାତ ଫିଲ୍ମ ତାରକା ସଲମାନ ଖାନ ପାଇଁ ଅନିଶ ପଟ୍ଟନାୟକ, ବିଖ୍ୟାତ ଫିଲ୍ମ ତାରକା ରିତିକ ରୋସନ ଓ ପାନୀୟ ଜଳର ନିର୍ମାତା ପେପ୍‌ସି କୋ ପାଇଁ ଓକିଲ କୁନାଲ କୁମାର ବେହେରା ଓ ଶଶାଙ୍କ ଶେଖର ନେଗି କେସ ଲଢୁଥିବା ସୂଚନା ମିଳିଛି।

## ଓଲଟିଲା ଧାନ ବୋଝେଇ ଟ୍ରକ୍

**ତରଭା, ୧୪।୧(ସମିସ):** ତରଭା ଚାରଭଟ୍ଟା ରାସ୍ତାର କମସରାରୁ ପ୍ରାୟ ଅଧ କିଲୋମିଟର ଦୂର ମେଟାକାନୀ ବୁଲାଣି ନିକଟରେ ବୁଧବାର ସକାଳୁ ଦୁର୍ଘଟଣା ଘଟିଛି। ବସାଶଙ୍କର ପଟରୁ ଧାନ ବୋଝେଇ କରି ତରଭା ଆଡେ ଆସୁଥିବା ଏକ ଟ୍ରକ୍ (ଓଡି ୩୧ ଏମ ୪୮୦୦) ଭାରସାମ୍ୟ ହରାଇ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଟ୍ରକ୍‌ଟି ଓଲଟି ପଡ଼ିବାରୁ ଧାନବସ୍ତା ଗୁଡିକ ରାସ୍ତାରେ ବିଛେଇ ହୋଇ ପଡ଼ିଥିଲା। ସୌଭାଗ୍ୟ ବଶତଃ ଟ୍ରକ୍ ଚାଳକ ଓ ସେଥିରେ ଥିବା କାହାରି କିଛି ହୋଇନି। ତେବେ ଲୋକଙ୍କ କହିବା ଅନୁସାରେ ଓଭର ଲୋଡ୍ ଯୋଗୁଁ ଟ୍ରକଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

ଜୋରାଡ଼ବରା ପ୍ରାଥମିକ କୃଷି ସମବାୟ ସମିତି

## ଧାନ ଉଠାଇବାରେ ବିଳମ୍ବ ନେଇ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବେ ଚାଷୀ



**କର୍ଲାମୁଣ୍ଡା, ୧୪।୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ମଣ୍ଡିରେ ଚାଷୀଙ୍କ ହଜାର ହଜାର କୁଇଣ୍ଟାଲ ଧାନ ପଡ଼ି ରହିଥିଲେ ହେଁ ପ୍ରଶାସନ ପକ୍ଷରୁ ପଦକ୍ଷେପ ନେବାରେ ବିଫଳ ହେଉଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ରବିବାର ମୁଖ୍ୟମନ୍ତ୍ରୀଙ୍କ କଳାହାଣ୍ଡି ଗସ୍ତ ସମୟରେ ଚାଷୀମାନେ ଭେଟିବେ ବୋଲି ଜୋରାଡ଼ବରା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ଦେବରାଜ ରଣା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଜୋରାଡ଼ବରା ସମବାୟ ସମିତିକୁ ଚଳିତ ବର୍ଷ ୫୦ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ନିର୍ଦ୍ଦେଶ ରହିଛି, ତେବେ ଧାନ ଉଠେଇବା ଦାୟିତ୍ୱରେ ଥିବା କିଛି ମିଲର୍ସଙ୍କ ଅସହଯୋଗ ତଥା ଦିନକୁ ମାତ୍ର ଗୋଟିଏରୁ ଦୁଇଟି ଗାଡି ପଠାଉଥିବା ଥିବାରୁ ୧୨୦ଜଣ ଚାଷୀଙ୍କ ୮ ହଜାର ୫ ଶହ କୁଇଣ୍ଟାଲ ଧାନ ମଣ୍ଡି ଥିବା ସମବାୟ ସମିତିର ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁମନ୍ତ ସାହୁ କହିଛନ୍ତି। ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଚାଷୀମାନେ ଅନୁରୋଧ କରିଛନ୍ତି।

## କୁଶୁର୍ଲାରେ ମକର ମେଳା

**କର୍ଲାମୁଣ୍ଡା, ୧୪।୧(ସମିସ):** କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଯୋରାଡବରା ପଞ୍ଚାୟତ କୁଶୁର୍ଲାଗ୍ରାମସ୍ଥିତ ଶ୍ରୀ ନୀଳକଣ୍ଠେଶ୍ୱର ଶୈବପୀଠ ଠାରେ କର୍ଲାମୁଣ୍ଡା, ନର୍ଲା, କେସିଙ୍ଗା, ମ.ରାମପୁର ଆଦି ବ୍ଲକ ଅଞ୍ଚଳର ୪ ୪ ଖଣ୍ଡ ଗ୍ରାମକୁ ନେଇ ଗଠିତ ହୋଇଥିବା ମିଳିତ ମକରମେଳା ସୋମବାର ଠାରୁ ଆରମ୍ଭ ହୋଇଯାଇଛି।ବୁଧବାର ପ୍ରଭୁ ହରଗୌରୀଙ୍କ ନିତ୍ୟ ପୂଜାର୍ଚ୍ଚନା ସହିତ ମକର ସଂକ୍ରାନ୍ତି ହୋମ ସହ ମକରମେଳା ଚାଉଳ ଭୋଗ ଲାଗିଥିଲା। ଅପରାହ୍ନରେ ହରଗୌରୀଙ୍କୁ ରଥାରୁଢ କରି ନଗର ପରିକ୍ରମା ସହ ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଛି। ମହୋତ୍ସବ କମିଟିର ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିବା ମକରମେଳା ମହୋତ୍ସବ ପାଇଁ ଭକ୍ତମୟ ହୋଇ ପଡ଼ିଛି ଶୈବପୀଠ। ଆସନ୍ତା ୧୮ ତାରିଖ ଚଣ୍ଡିପୂଜା ସହ ବୋଦାବଳୀ ଦେଇ କାର୍ଯ୍ୟକ୍ରମ ଶେଷ ହେବ। କାର୍ଯ୍ୟକ୍ରମରେ କମିଟିର ସଭାପତି ଜଗତରାମ ଭୋଇ, ସମ୍ପାଦକ ସୁଶାନ୍ତ ଜାନୀ, ଉପସଭାପତି ହିରାମଣି ସାହୁ, ଯୁଗ୍ମ ସମ୍ପାଦକ ଦୟା ବାଗ, କୋଷାଧ୍ୟକ୍ଷ ଲକ୍ଷ୍ମୀ ପ୍ରସାଦ ସାହୁଙ୍କ ସହ ଅନ୍ୟାନ୍ୟ ନେତୃ ବୃନ୍ଦ ରହିଥିବା ବେଳେ ପୂଜକ ଭାବେ ନେତ୍ରାନନ୍ଦ ବଡମାଳି ରହିଛନ୍ତି। ମହୋତ୍ସବ ପାଇଁ ବ୍ୟବସାୟୀମାନେ ଦୋକାନ ବଜାର ଲଗାଇ ଥିବାରୁ ଶୈବପୀଠ ଉତ୍ସବ ମୁଖର ହୋଇପଡ଼ିଛି। ପ୍ରତ୍ୟେକ ରାତିରେ ସଂସ୍କୃତିକ କାର୍ଯ୍ୟକ୍ରମମାନ କମିଟି ପକ୍ଷରୁ ଆୟୋଜନ କରିଥିବା ଜଣାପଡ଼ିଛି।



## ପିଏମ୍‌ଶ୍ରୀ ନ୍ୟାସନାଲ ହାଇସ୍କୁଲରେ ଜାତୀୟ ଯୁବ ଦିବସ

**ନୂଆପଡ଼ା, ୧୪।୧ (ସମିସ):** ସ୍ୱାମୀ ବିବୋନନ୍ଦଙ୍କ ଜୟନ୍ତୀ ଉପଲକ୍ଷେ ଜାତୀୟ ଯୁବ ଦିବସ ସ୍ଥାନୀୟ ପିଏମଶ୍ରୀ ନ୍ୟାସନାଲ ଉଚ୍ଚ ବିଦ୍ୟାଳୟରେ ଥିବା ମଣ୍ଡପରେ ପାଳିତ ହୋଇଯାଇଛି।ପ୍ରଥମେ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ପ୍ରଦୀପ ପ୍ରଜ୍ୱଳନ ସହିତ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ୬ଶହରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କ୍ରୀଡାବିତ ଏବଂ କ୍ରୀଡା ସଂଗଠକ ଯୋଗଦେଇଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାମୂହିକ ବନ୍ଦେମାତରଂ ଗାନ କରାଯାଇଥିଲା। ସଭାରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଲାପ ସାହୁ ସଭାପତିତ୍ୱ କରିଥିଲେ ଏବଂ ଜିଲ୍ଲା କ୍ରୀଡା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ବଡ଼ାଇ ମୁଖ୍ୟଅତିଥି ଭାବରେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ଆଦର୍ଶ ଉପରେ ଆଲୋକପାତ କରିଥିଲେ। ଶିକ୍ଷକ ସୁକାନ୍ତ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

ପର୍ଲା ଫୁଟବଲ୍ ଚାମ୍ପିଅନ ଟ୍ରଫି

## କୁଣ୍ଡାମାଲ ଫାଇନାଲରେ ପ୍ରବେଶ

**ଧର୍ମଗଡ଼, ୧୪।୧(ସମିସ):** ଧର୍ମଗଡ଼ ବ୍ଲକ ପର୍ଲା ଖେଳପଡ଼ିଆରେ ଗତ ୧୨ତାରିଖ ଠାରୁ ଫୁଟବଲ ଚାମ୍ପିଅନ ଟ୍ରଫି ପ୍ରତିଯୋଗିତା ଆରମ୍ଭ ହୋଇଛି। ବୁଧବାର ଦିନ ସେମିଫାଇନାଲ ଖେଳ ଅନୁଷ୍ଠିତ ହୋଇଯାଇଛି।କୁଣ୍ଡାମାଲ ଫୁଟବଲ ଦଳ ବଙ୍କାପଳାସ ଟିମ୍‌କୁ ୩-୧ଗୋଲ ଦେଇ ବିଜୟୀ ହୋଇ ସିଧାସଳଖ ଭାବେ ଫାଇନାଲକୁ ପ୍ରବେଶ କରିଛି। ସେମିଫାଇନାଲ ଖେଳକୁ ତାପସ କୁମାର ଦାସ, ଭବେନ୍ଦ୍ର ଗୋପାଳ, ସଞ୍ଜୀବ ଦୁର୍ଗା ଓ ନିଖିଲ ନାଏକ ପରିଚାଳନା କରିଥିବା ବେଳେ ଚାମ୍ପିଅନ ଟ୍ରଫି କମିଟି ସଦସ୍ୟ ମାନେ ସହଯୋଗ କରିଥିଲେ। ସେମିଫାଇନାଲ ଦିବସରେ ମୁଖ୍ୟଅତିଥି ଭାବେ ପ୍ରଧାନ ଶିକ୍ଷକ ଯୁବରାଜ ଜାଲ, ବ୍ୟାଙ୍କ ମ୍ୟାନେଜର କାହ୍ନୁ ଚରଣ ଦାସ, ଶିକ୍ଷକ ଗୋରାଚାନ୍ଦ ଶବର, ଉଦ୍ୟାନ ବିଭାଗ କିରାଣୀ ପ୍ରଭାକର ଜାଲ, ଖେଳ ଶିକ୍ଷକ ଅଭୟ ବାଗ, ଅକ୍ଷୟ କୁମାର ନାଏକ, କ୍ଷୀରୋଦ ଝାଙ୍କର ପ୍ରମୁଖ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।ଚାମ୍ପିଅନ ଟ୍ରଫି ପ୍ରତିଯୋଗିତାରେ ମୋଟ ୮ଟି ଟିମ୍ ଭାଗ ନେଇ ଥିବା ବେଳେ ଆସନ୍ତା ୧୭ତାରିଖ ଦିନ ଫାଇନାଲ ଖେଳ ଅନୁଷ୍ଠିତ ହେବ।

## ସିଲିଂଫ୍ୟାନରେ ଝୁଲିପଡ଼ିଲେ ଯୁବକ

**ତରଭା, ୧୪।୧(ସମିସ):** ତରଭାରୁ ୮ କିଲୋମିଟର ଦୂର ନକଟିକନା ଗ୍ରାମରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତକ ହେଲେ ନକଟିକନାର ସୁଦାମ ଚରଣ ନାଗଙ୍କ ପୁଅ ତ୍ରିଲୋଚନ (୧୯)। ସିଲିଂଫ୍ୟାନରେ ସେ ଏକ ଗାମୁଛା ଲଗାଇ ଆତ୍ମହତ୍ୟା କରିଛନ୍ତି। ଘଟଣାର କିଛି ସମୟ ପରେ ସୁଦାମ ପୁଅର ଏ ଅବସ୍ଥା ଦେଖି ହତବାକ ହୋଇ ପଡ଼ିଥିଲେ। ତୁରନ୍ତ ପରିବାର ଲୋକଙ୍କ ସହାୟତାରେ ତ୍ରିଲୋଚନକୁ ତଳକୁ ଓହ୍ଲାଇ ତରଭା ଡାକ୍ତରଖାନାକୁ ଆଣିଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ସୁଦାମ ଏ ନେଇ ତରଭା ଥାନାରେ ଏତଲା ଦେବା ପରେ ପୁଲିସ ତଦନ୍ତ କରିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଏନେଇ ତରଭା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। କମସରା ଫାଣ୍ଡି ଅଧିକାରୀ ସୁରଞ୍ଜି ସେଠୀ ତଦନ୍ତ ଭାର ନେଇଥିବା ଆଇଆଇସି ଅନିତା କିଡୋ ପ୍ରକାଶ କରିଛନ୍ତି।

## ମଦ କାରବାରରେ ୩ ଗିରଫ

**ତରଭା, ୧୪।୧ (ସମିସ):** ତରଭା ପୁଲିସ ୨ଟି ଭିନ୍ନ ଭିନ୍ନ ଜାଗାରୁ ମଦ କାରବାରରେ ୩ ଜଣକୁ ଗିରଫ କରିଛି। ଏମାନେ ହେଲେ ସୋନପୁର ଜିଲ୍ଲା ବାଲାଡି ଗ୍ରାମର ଦେବେନ୍ଦ୍ର ପାତ୍ର (୨୮), ବଲାଙ୍ଗୀର ଜିଲ୍ଲା ବୈରାଶର ଗ୍ରାମର ସୁନୀଲ ନାଏକ (୨୮) ଏବଂ ବାଲାଡି ଗ୍ରାମର ଜୟ ନାରାୟଣ ସାହୁ। ଏମାନଙ୍କଠାରୁ ଯଥାକ୍ରମେ ୭୦ ଓ ୨୨୦ ଲିଟର ମଦ ଜବତ ହୋଇଛି।

## ଯୁବା କି ଦହାଡ଼ ପକ୍ଷରୁ ଜାତୀୟ ଯୁବ ଦିବସ

**ନୂଆପଡ଼ା, ୧୪।୧(ସମିସ):** ଯୁବା କି ଦହାଡ଼ ସଂଗଠନ ପକ୍ଷରୁ ଜାତୀୟ ଯୁବ ଦିବସ ପାଳନ କରାଯାଇଛି। ଯୁବା କି ଦହାଡ଼ ସଂଗଠନ ଦ୍ୱାରା ମାସିକ ରଜସ୍ୱଳା ସ୍ୱାସ୍ଥ୍ୟ ଓ ଶିକ୍ଷା, ଏବଂ ଜଳବାୟୁ ପରିବର୍ତ୍ତନ ଭଳି ସମସାମୟିକ ସାମାଜିକ ବିଷୟକୁ କେନ୍ଦ୍ର କରି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ଆସିଥିବା ଯୁବକ, ଯୁବତୀମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ନୂଆପଡ଼ା ବିଧାୟକ ଜୟ ଡୋଲକିଆ, ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ମଧୁସୂଦନ ଦାସ, ଜିଲ୍ଲା ପୁଲିସ ଅଧୀକ୍ଷକ ଅମୃତ ସିଂହ ପାଲ ଓ ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଆଲୋଚନା ସଭାରେ ଯୁବ ସ୍ୱେଚ୍ଛାସେବୀ ରବି ବାଗ, ସାମାଜିକ କର୍ମୀ ରଚନା ଅଗରୱାଲ ଓ ସ୍ଥାନୀୟ ସାମ୍ବାଦିକ ସୁରେଶ ଆଚାର୍ଯ୍ୟ ପ୍ୟାନେଲିଷ୍ଟ ଭାବେ ଯୋଗଦେଇ ଯୁବ ନେତୃତ୍ୱ, ସମାଜିକ ଦାୟିତ୍ୱ ଓ ସଚେତନତା ଉପରେ ମତାମତ ରଖିଥିଲେ। ସଂଗଠନର ପ୍ରତିଷ୍ଠାତ୍ରୀ ଦୀପାଞ୍ଜଳି ସାହୁ ଉଦ୍‌ବୋଧନରେ ଯୁବା କି ଦହାଡ଼ର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସହ ଯୁବମାନଙ୍କୁ ସମାଜ ପରିବର୍ତ୍ତନର ମୁଖ୍ୟ ଶକ୍ତି ଭାବେ ଆଗକୁ ଆସିବାକୁ ଆହ୍ୱାନ ଜଣାଇଥିଲେ। କାର୍ଯ୍ୟକ୍ରମରେ ସହପ୍ରତିଷ୍ଠାତ୍ରୀ ଶାଳିନୀ ସାହୁ, ସଭାପତି କୌଶଳ ଚନ୍ଦ୍ରାକାର, ଉପସଭାପତି ମନୋରଞ୍ଜନ ସୋନାରୀ ସହିତ ଗିରିରାଜ ସାହୁ, ଲୋକେଶ ସାହୁ, ଶ୍ରୁତି ଗର୍ଗ, ପିଣ୍ଟୁ ଦାସ, ନାସ୍ରିନ ବାନୋ ଓ କିରଣ ଧନସେନା ଆଦି ସଂଗଠନର ସଦସ୍ୟମାନେ ଉପସ୍ଥିତ ଥିଲେ।

ଆଟଗାଁରେ ଧରମସିଂମାଝୀ ମାନଧାତା ସ୍ମୃତି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ପୁଇଁତଳାକୁ ହରାଇ ସେମିରେ ଦୁହେଲ

**ବଲାଙ୍ଗିର, ୧୪।୧(ସମିସ)**

ବଲାଙ୍ଗୀର ଜିଲ୍ଲା ପୁଇଁତଳା ବ୍ଲକ ଆଟଗାଁ ଖେଳ ପଡ଼ିଆରେ ନ୍ୟୁ ଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ଧରମସିଂମାଝି ମାନ୍‌ଧାତା ସ୍ମୃତି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଆଟଗାଁ ସରପଞ୍ଚ ଶାଳିନୀ ସେଠ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଥମ ମ୍ୟାଚ୍‌କୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଲିଗ୍ ମ୍ୟାଚ୍ ମହାଦେବପାଲି ଓ ଦୁହେଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦୁହେଲ ୧୧୬ ରନ୍ କରିଥିଲା। ମାଦେବପାଲି ୧୧୭ ରନ୍‌ର ଫଲୋ କରି ଅଲ୍ ଆଉ୍ ହୋଇ ମାତ୍ର ୮୬ ରନ୍ କରି ପରାଜିତ ହୋଇଥିଲେ। ଦ୍ୱିତୀୟ ଲିଗ୍ ମ୍ୟାଚ୍ ରୁଗୁଡିପାଲି ଓ ପୁଇଁତଳା ଦଳ



ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିଣି ରୁଗୁଡିପାଲି ନିର୍ଦ୍ଧାରିତ ୮ଓଭରରେ ୬୯ ରନ୍ ସଂଗ୍ରହ କରି ୭୦ ରନ୍‌ର ଟାର୍ଗେଟ ଦେଇଥିଲା। ଏହି ମ୍ୟାଚରେ ପୁଇଁତଳା ନିର୍ଦ୍ଧାରିତ ଓଭରରେ ୭୦ ରନ୍ କରି ୫ ୱିକେଟରେ ବିଜୟୀ ହୋଇଥିଲା। ଦୁହେଲ ଓ ପୁଇଁତଳା ମଧ୍ୟରେ କ୍ୱାର୍ଟର ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଦୁହେଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରତ ୭ ଓଭରରେ ୧୧୧ରନ୍ ସଂଗ୍ରହ କରିଥିଲା। ଏହାକୁ ଫଲୋ କରି ପୁଇଁତଳା ମାତ୍ର ୮୭ ରନ୍ କରି ୩୫ ରନ୍‌ରେ ପରାଜିତ ହୋଇଥିଲା। ଦୁହେଲ ସେମିଫାଇନାଲକୁ ପହଞ୍ଚିଛି। ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବଲାଙ୍ଗୀର ସୂଚନା ଅଧିକାର ଅଭିଯାନର ଆବାହକ ନୀଳମଣି ଯୋଷୀ, ବରିଷ୍ଠ ନାଗରିକ ବିପିନ ବିହାରୀ ଭୋଇ ଓ ଆଟଗାଁ ଧରମ ସିଂମାଝୀ ମାନ୍ଧାତା ସ୍ମୃତି କମିଟିର ଅଧ୍ୟକ୍ଷ କାଳିନ୍ଦ୍ରୀ ମାଝୀ ଅତିଥି ଭାବେ ଯୋଗ ଦେଇଥିଲେ। ନିଖିଲ ପୁଟେଲ ଓ ଶିବ ଦଳେଇ ଅମ୍ପାୟାର ଥଲେ। ସଂଗ୍ରାମ ରଣା କମେଣ୍ଟ୍ରି କରିଥିଲେ। ଶିବ ଦଳେଇ, ବିକ୍ରମ ପଶାୟତ, ଶ୍ରୀତମ ମିସ୍ତ୍ରୀ, ଅନୀତା ଷାଣ୍ଢ, ଆଦର୍ଶ କୁଅଁର, କଲତା ଷାଣ୍ଢ, ପ୍ରତାପ ପୁଟେଲ, ଶିବ ପୁଟେଲ, ବିମଲ ପୁଟେଲ, ସୁମନ୍ତ ମାଝୀ, ସୁରଜ ଧରୁଆ, ଜିତୁ ନାଏକ, ଇରଫାନ ପଶାୟତ, ଆକାଶ ବାଘ, ଅମନ କୁଅଁର, ଚନ୍ଦ୍ର ବାଗ, ବଣ୍ଟି ବାଘ, ଭରତ ବାଘ, ସିପୁନ ବେହେରା, ଆୟୁଷ ଠାକୁର ଓ ପ୍ରଶାନ୍ତ କୁଅଁର ପ୍ରମୁଖ ସହଯୋଗ କରିଥିଲେ। ୧୮ ତାରିଖରେ ଏହାର ଫାଇନାଲ ମ୍ୟାଚ ଖେଳାଯିବ।

## ନୀତି ଆୟୋଗ କେନ୍ଦ୍ରୀୟ ପ୍ରଭାରୀଙ୍କ କୋମନା ବ୍ଲକ୍ ପରିଦର୍ଶନ

**ନୂଆପଡ଼ା, ୧୪।୧(ସମିସ):** ନୀତି ଆୟୋଗର କେନ୍ଦ୍ରୀୟ ପ୍ରଭାରୀ ଅଧିକାରୀ ସମର ନନ୍ଦ ନୂଆପଡ଼ା ଗସ୍ତରେ ଆସି ଶେଷ ଦିନରେ ଆକାଂକ୍ଷି କୋମନା ବ୍ଲକ ପରିଦର୍ଶନ କରିଥଲେ। ଶ୍ରୀ ନନ୍ଦ ପ୍ରଥମେ ଇଚ୍ଛାପୁରସ୍ଥିତ ମାଣ୍ଡିଆ ପ୍ରକ୍ରିୟାକରଣ କେନ୍ଦ୍ର ପରିଦର୍ଶନ କରିଥଲେ ଓ ପରେ ଗେରୁଯୋର ଅଙ୍ଗନୱାଡି, ଛତା ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, କୋମନା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସେଠାରେ ଦିଆଯାଉଥିବା ବିଭିନ୍ନ ସୁବିଧା ପରଖିଥିଲେ। ନୀତି ଆୟୋଗ ଦ୍ୱାରା ଧାର୍ଯ୍ୟ ସୂଚକାଙ୍କର ଅନଲାଇନ ଡାଟା ଏଣ୍ଟ୍ରି ଅବସ୍ଥା ଯାଞ୍ଚ କରିଥିଲେ ଓ ପରେ କୋମନା ଉଚ୍ଚ ବାଳିକା ବିଦ୍ୟାଳୟ ଯାଇ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ।କୋମନା ଛତୁଆ କେନ୍ଦ୍ର, କାନ୍ଦେତରାରେ ଥିବା ଜୈବିକ ଖତକେନ୍ଦ୍ର ଓ ଶୀତଳ ଭଣ୍ଡାର, ମେଣ୍ଟୋଟାଲର ଋତୁକାଳୀନ ହଷ୍ଟେଲ ପରିଦର୍ଶନ କରିଥଲେ। ଜିଲ୍ଲା ଉନ୍ନତି ପାଇଁ ସକାରାତ୍ମକ ପ୍ରତିଯୋଗିତାର ମନୋଭାବ ନେଇ ଆକାଂକ୍ଷି ଜିଲ୍ଲା ଏବଂ ବ୍ଲକ କାର୍ଯ୍ୟକ୍ରମ ଅଧୀନରେ ନିତି ଆୟୋଗ ଦ୍ୱାରା ଧାର୍ଯ୍ୟ ସୁଚକାଙ୍କ ଗୁଡିକର ଉନ୍ନତି କରି ନୂଆପଡ଼ାକୁ ଏକ ବିକଶିତ ଜିଲ୍ଲା ରେ ପରିଣତ କରିବାପାଇଁ ଜିଲ୍ଲା ଏବଂ ବ୍ଲକ ଅଧିକାରୀଙ୍କୁ ଆହ୍ୱାନ ଦେଇଛନ୍ତି ଓ କ୍ଷେତ୍ର ପରିଦର୍ଶନ କାର୍ଯ୍ରକ୍ରମରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ କ୍ଷମାନିଧି ଭୁଏ, ଏବିଏଫ୍ ରାକେଶ କୁମାର ଷଡଙ୍ଗୀ, ଅମିତ ଖମାରୀ, ଜିଲ୍ଲା ପରିଷଦ କର୍ମଚାରୀ ତେଜପାଲ ଡନସେନା ପ୍ରମୁଖ ସହଯୋଗ କରିଥିଲେ।






# ୟୁପିର ୧୯ ସହରର ତାପମାତ୍ରା ସିମ୍ଲାଠୁ ବି କମ୍

■ ଚେନ୍ନାଇରେ ୮ ବିମାନ ବାତିଲ
■ କୁହୁଡି ଯୋଗୁଁ ବସ୍ ଓଲଟି ୩୮ ଯାତ୍ରୀ ଆହତ

ନୂଆଦିଲ୍ଲୀ, ୧୪।୧(ଏଜେନ୍ସି): ସାରା ଉତ୍ତର ଭାରତରେ ଶୀତ ଲହର ଜାରି ରହିଛି। ରାଜ୍ୟରେ ୧୯ଟି ସହରର ତାପମାତ୍ରା ସିମଲାଠାରୁ ବି କମ୍ ରହିଛି। ଏଠାକାର ତାପମାତ୍ରା ୬.୬ ଡିଗ୍ରୀରୁ କମ୍ ରହିଛି। ମୁଜାଫରନଗରରେ ସର୍ବନିମ୍ନ ୨.୧ ଡିଗ୍ରୀ ରେକର୍ଡ କରାଯାଇଥିଲା। ମିରଟ ଓ ସମ୍ବଲ ସମେତ ୨୫ଟି ଜିଲ୍ଲାରେ ଘ ନକୁହୁଡ଼ି ଛାଇ ହୋଇ ରହିଥିଲା। କୁହୁଡ଼ି କାରଣରୁ ଦୃଶ୍ୟମାନ କ୍ଷମତା କମ୍ ହେବାରୁ ବିଜନୌରରେ ଏକ ବସ୍ ଓଲଟି ପଡ଼ିଛି। ଏଥିରେ ୩୮ ଜଣ ଯାତ୍ରୀ ଆହତ ହୋଇଛନ୍ତି। ହରିୟାଣାରେ ପ୍ରବଳ ଶୀତକାରଣରୁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ବାକି ଜିଲ୍ଲାଗୁଡିକରେ ଘନ କୁହୁଡ଼ି ଓ ପ୍ରବଳ ଶୀତ ଅନୁଭୂତ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ହରିୟାଣାର ସର୍ବାଧିକ ତାପମାତ୍ରା ୩.୮ ଡିଗ୍ରୀ ଥିଲା। କର୍ଣ୍ଣଲରେ ତାପମାତ୍ରା ୧୦.୦ ଡିଗ୍ରୀ ରହିଥିଲା।

ରାଜସ୍ଥାନର ୫ଟି ଜିଲ୍ଲାରେ ଶୀତକୁ ନେଇ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିଲା। ପାଣିପାଗ ବିଭାଗ ଅନୁଯାୟୀ, ଶୁକ୍ରବାରଠାରୁ ରାଜ୍ୟର ପାଗ ସଫା ରହିବ ଓ ଶୀତରୁ ମଧ୍ୟ ଆଶ୍ୱସ୍ତି ମିଳିବ। ମଙ୍ଗଳବାର ରାଜ୍ୟର ସର୍ବାଧିକ ତାପମାତ୍ରା ୨୭ ଡିଗ୍ରୀ ରେକର୍ଡ କରାଯାଇଛି। ସେହିପରି ବିହାରର ୧୮ଟି ଜିଲ୍ଲାରେ ତାପମାତ୍ରା ୧୦ ଡିଗ୍ରୀ ତଳେ ଥିଲା। ଭାଗଲପୁର ସବୋରରେ ତାପମାତ୍ରା ୫.୯ ଡିଗ୍ରୀ ଥିଲା। ରାଜଧାନୀ ପାଟନାରେ ପ୍ରଥମଥର ପାଇଁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ କ୍ଲାସ ସକାଳ ୯ଟାରୁ ଆରମ୍ଭ ହେବ ବୋଲି କୁହାଯାଇଛି। ଉତ୍ତରାଖଣ୍ଡରେ ପିଥୋରାଗଡ଼, ଚାମୋଲୀ, ଉତ୍ତରକାଶୀ, ରୁଦ୍ରପ୍ରୟାଗରେ ନଦୀ ଓ ଝରଣା ଜମି ଯାଇଛି ଅର୍ଥାତ ବରଫ ପାଲଟି ଯାଇଛି। ଏହି ସ୍ଥାନଗୁଡ଼ିକରେ ତାପମାତ୍ରା ବିୟୁକ୍ତ ୧୬ ଡିଗ୍ରୀ ରହିଛି। ସେହିପରି ଘନ କୁହୁଡି କାରଣରୁ ଚେନ୍ନାଇ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ୮ଟି ବିମାନକୁ ବାତିଲ କରାଯାଇଛି। ୧୦ଟି ବିମାନ ଉଡାଣ ୧ରୁ ୩ ଘଣ୍ଟା ପର୍ଯ୍ୟନ୍ତ ବିଳମ୍ବ ମଧ୍ୟ ହୋଇଥିଲା। ଗତ ଦୁଇ ଦିନ ହେଲା ପାହାଡ଼ି ରାଜ୍ୟଗୁଡିକରେ ପ୍ରବଳ ତୁଷାରପାତ ଜାରି ରହିଛି।



# ଡାକ୍ତରଙ୍କ ସମେତ ୭ ଜଣଙ୍କ ଜୀବନ ନେଲା ଚୀନ୍ ମାନ୍ଝା ସୂତା

ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି): ମକର ସଂକ୍ରାନ୍ତି ଅବସରରେ ଗୁଡ଼ି ଉଡ଼ାଇବାର ପରମ୍ପରା ରହିଛି। ମାତ୍ର ଏହି ଖୁସିର ପର୍ବକୁ ଗୁଡ଼ିରେ ଲାଗୁଥିବା ଚୀନ୍ ନିର୍ମିତ ଧାରୁଆ ମାନ୍ଝା ସୂତାର ଦୁଃଖ ଆଣିଦେଉଛି। କଟକଣା ସତ୍ତ୍ୱେ ସାରା ଦେଶରେ ବେଧଡ଼କ ଭାବେ ଏହି ମାନ୍ଝା ବିକ୍ରି ହେଉଛି। ପ୍ରାଶାସନିକ ଅବହେଳାରୁ ଦିନକରେ ଏହି ମାନ୍ଝା ସୂତା ଦେଶରେ ୭ ଜଣଙ୍କ ଜୀବନ ନେଇଛି। ଗୁଜରାଟରେ ଏହି ସୂତା ଲାଗି ବେକ କଟିଯିବାରୁ ଦୁଇ ଯୁବକ ପ୍ରାଣ ହରାଇଛନ୍ତି। ସେହିପରି ଉତ୍ତର ପ୍ରଦେଶ ଜୌନପୁରରେ ମାନ୍ଝା ପାଇଁ ଜଣେ ଡାକ୍ତର ଏବଂ ଶିକ୍ଷକଙ୍କ ଜୀବନ ଯାଇଛି। ମଧ୍ୟପ୍ରଦେଶ ଇନ୍ଦୋରର ୪୫ ବର୍ଷୀୟ ରଘୁବୀର ଧକଡ଼ ବାଇକରେ ଯାଉଥିବାବେଳେ ଏହି ମାନ୍ଝା ସୂତା ତାଙ୍କ ବେକରେ ଲାଗି ଯାଇଥିଲା। ଫଳରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଆଉ ଦୁଇ ଜଣ ବାଇକ ଆରୋହୀଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ଗୁରୁତର ରହିଛି। ଏହା ବ୍ୟତୀତ କର୍ଣ୍ଣାଟକ ବିଦରର ବାଇକରେ ଯାଉଥିବାବେଳେ ବେକରେ ମାନଝା ଲାଗି ଯିବାରୁ ସଞ୍ଜୁକୁମାର ହୋସମାନୀ (୪୮) ବାଇକରୁ ଖସି ପଡ଼ିଥିଲେ। ଗୁରୁତର ଅବସ୍ଥାରେ ସେ ନିଜ ଝିଅକୁ ଶେଷ ଫୋନ କରି ପ୍ରାଣ ହରାଇ ଥିଲେ। ସେହିପରି ଦିଲ୍ଲୀର ରାଣୀ ଝାନସୀ ଫ୍ଲାଇଓଭରରେ ସ୍କୁଟରରେ ଯାଉଥିବା ବେଳେ ମାନଝା ଲାଗିଯିବାରୁ ୨୨ ବର୍ଷୀୟ ବ୍ୟବସାୟୀଙ୍କ ମୃତ୍ୟୁ ହୋଇଛି।

# ଟ୍ରମ୍ପ ମୋର ପିତା: ତୁର୍କୀ ମହିଳାଙ୍କ ଦାବି

ଅଙ୍କାରା, ୧୪।୧ (ଏଜେନ୍ସି): ଶୁଳ୍କ ଏବଂ ସଂଘର୍ଷ ପାଇଁ ଚର୍ଚ୍ଚାରେ ଥିବା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଆଉ ଜଣେ ଝିଅ ଅଛନ୍ତି। ସେ ୟୁରୋପ ନୁହେଁ, ବରଂ ତୁର୍କୀ ରାଜଧାନୀ ଅଙ୍କାରାରେ ରହୁଛନ୍ତି। ତାଙ୍କ ନାମ ନେକଲା ଓଜମେନ (୫୫)। ଟ୍ରମ୍ପ ତାଙ୍କର 'ବାୟୋଲୋଜିକାଲ ବାପା' ବୋଲି ନେକଲା ଦାବି କରିଛନ୍ତି। ସେ କହିଛନ୍ତି ଯେ ଟ୍ରମ୍ପଙ୍କ ପରକୀୟାପ୍ରୀତିରୁ ସେ ଜନ୍ମ ହୋଇଥିଲେ। ସେ ପିତୃତ୍ୱ ପରୀକ୍ଷଣ ପାଇଁ ମଧ୍ୟ ଦାବି କରିଛନ୍ତି। ସେ ଏ ସମ୍ବନ୍ଧରେ ଗତ ବର୍ଷ ସେପ୍ଟେମ୍ବରରେ ଏକ ମାମଲା ମଧ୍ୟ ଦାଏର କରିଥିଲେ। ତେବେ ତାଙ୍କ ଆବେଦନକୁ କୋର୍ଟ ଖାରଜ କରିଦେଇଥିଲେ। ଟ୍ରାଏଲ ଚାଲିବା ପାଇଁ ସେ ବିସ୍ତୃତ ପ୍ରମାଣ ଦେଇପାରି ନ ଥିଲେ। ନେକଲା ୧୯୭୦ରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ଅଭିଭାବକଙ୍କ ନାମ ସତୀ ଏବଂ ଦୁର୍ସନ ଓଜମେନ ରହିଛି। ନେକଲା କହିଛନ୍ତି ଯେ ହସ୍ପିଟାଲରେ ସତୀ ଏକ ମୃତ ଶିଶୁକୁ ଜନ୍ମ ଦେଇଥିଲେ। ସେଠାରେ ଥିବା ଆମେରିକୀୟ ମହିଳା ସୋଫିଆ ତାଙ୍କ ନିଜ ଶିଶୁକନ୍ୟା ଦେଇଥିଲେ। ଟ୍ରମ୍ପଙ୍କ ସହ ପରକୀୟାପ୍ରୀତିରୁ ଶିଶୁ ଜନ୍ମ ହୋଇଥିବା ସତୀଙ୍କୁ କହିଥିଲେ। କିନ୍ତୁ ପରେ ଟ୍ରମ୍ପ ଏହି ଶିଶୁକୁ ଗ୍ରହଣ କରିବାକୁ ମନା କରି ଦେଇଥିଲେ। ପରେ ଓଜମେନ ପରିବାର ନେକଲାଙ୍କ ଅଭିଭାବକ ହୋଇଥିଲେ। ହସ୍ତାନ୍ତର ସମୟରେ ନେକଲାଙ୍କ ମାଆଙ୍କୁ ଟ୍ରମ୍ପଙ୍କ ଏକ ଫଟୋ ସୋଫିଆ ଦେଖାଇ ଥିଲେ। ନେକଲା ଏ ନେଇ ଆମେରିକା କୋର୍ଟ ଏବଂ ଦୂତାବାସକୁ ଅନେକ ଥର ଅଭିଯୋଗ କଲେଣି। କିନ୍ତୁ ସେପଟୁ କୌଣସି ଉତ୍ତର ମିଳିନାହିଁ।

# ନିର୍ବାଚନ ପ୍ରତିଶ୍ରୁତି ପାଳନ: ଗାଁରେ ୫୦୦ କୁକୁରଙ୍କୁ ହତ୍ୟା

ହାଇଦରାବାଦ୍, ୧୪।୧(ଏଜେନ୍ସି): ଗ୍ରାମ ପଞ୍ଚାୟତ ନିର୍ବାଚନ ପରେ ତେଲଙ୍ଗାନାର ଏକ ଗାଁରେ ବଡ଼ ଧରଣର ବୁଲା କୁକୁର ହତ୍ୟା ଘଟଣା ସାମ୍ନାକୁ ଆସିଛି। ସପ୍ତାହେ ମଧ୍ୟରେ, ବିଭିନ୍ନ ଜିଲ୍ଲାର ଗାଁ ଗୁଡିକରେ ପ୍ରାୟ ୫୦୦ କୁକୁର ହତ୍ୟା କରାଯିବାର ଅଭିଯୋଗ ହୋଇଛି। ପୁଲିସ କହିବା ଅନୁଯାୟୀ, ଏହି ଘଟଣାରେ ପଞ୍ଚାୟତ ପ୍ରତିନିଧିଙ୍କ ଭୂମିକା ସାମ୍ନାକୁ ଆସିଛି। ସଦ୍ୟତମ ମାମଲା କାମରେଡ୍ଡୀ ଜିଲ୍ଲାରେ ଘଟିଛି। ପାଲଭଞ୍ଚା ମଣ୍ଡଳ, ଭବାନୀପେଟ, ପାଲଭଞ୍ଚା, ଫରିଦପେଟ, ୱାଡି ଓ ବନ୍ଦରାମେଶ୍ୱରପାଲି ଏଭଳି ୫ଟି ଗାଁରେ ଗତ ଦୁଇରୁ ତିନି ଦିନମଧ୍ୟରେ ୨୦୦ ବୁଲା କୁକୁରଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ପୁଲିସ ୫ ଜଣ ସରପଞ୍ଚଙ୍କ ସମେତ ୬ ଜଣଙ୍କ ବରୋଧରେ ମାମଲା ରୁଜୁ କରିଛି। ପୂର୍ବରୁ ହାନମକଣ୍ଡା ଜିଲ୍ଲା ଶ୍ୟାମପେଟ ଓ ଆରେପାଲି ଗାଁରେ ଜାନୁଆରୀ ୬ରୁ ୯ ମଧ୍ୟରେ ପ୍ରାୟ ୩୦୦ ବୁଲା କୁକୁରଙ୍କୁ ହତ୍ୟା କରାଯିବାର ରିପୋର୍ଟ ସାମ୍ନାକୁ ଆସିଥିଲା। ସେତେବେଳେ ପୁଲିସ ଦୁଇ ମହିଳା ସରପଞ୍ଚ ଓ ସେମାନଙ୍କ ସ୍ୱାମୀଙ୍କ ସମେତ ୯ ଜଣଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। କୁକୁରଙ୍କ ମୃତଦେହଗୁଡିକ ଗାଁ ବାହାରେ ପୋତା ଯାଇଥିଲା। କୁକୁର ଓ ମାଙ୍କଡ଼ଙ୍କୁ ହଟାଇବା ପାଇଁ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦିଆଯାଇଥିଲା। କୁକୁରଙ୍କୁ ବିଷ ଦେବାକୁ ସରପଞ୍ଚମାନେ ଜଣେ ଲେଖାଏ ବ୍ୟକ୍ତିଙ୍କୁ ନିଯୁକ୍ତ କରିଥିଲେ ବୋଲି କୁହାଯାଇଥିଲା।

# ଗ୍ରୀନଲାଣ୍ଡରେ ଆଉ କାହାକୁ ବରଦାସ୍ତ କରିବୁନି: ଟ୍ରମ୍ପ

ୱାସିଂଟନ, ୧୪।୧ (ଏଜେନ୍ସି): ଗ୍ରୀନଲାଣ୍ଡକୁ ଆଉ କାହାକୁ ବରଦାସ୍ତ କରାଯିବ ନାହିଁ। ଆମେରିକା ଦଖଲ ବିନା କିଛି ବି ସ୍ୱୀକାର କରିବୁ ନାହିଁ। ଏହି ମାମଲାରେ ସାମରିକ ମେଣ୍ଟ ନାଟୋ ମଧ୍ୟ ସହଯୋଗ କରିବା ଉଚିତ। ଆମେରିକା ଗ୍ରୀନଲାଣ୍ଡକୁ ନିୟନ୍ତ୍ରଣ ନ କଲେ ସେଠାରେ ରୁଷ କିମ୍ବା ଚୀନ୍‌ର ପ୍ରଭାବ ବୃଦ୍ଧି ପାଇପାରେ। କୌଣସି ବି ସ୍ଥିତିରେ ଏହାକୁ ସ୍ୱୀକାର କରାଯିବ ନାହିଁ। ଗ୍ରୀନଲାଣ୍ଡ ଆମେରିକାର ହୋଇଗଲେ ନାଟୋ ପୂର୍ବାପେକ୍ଷା ଅଧିକ ମଜବୁତ ଏବଂ କ୍ଷମତାଶାଳୀ ହୋଇଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ନାଟୋ ଭାଙ୍ଗିବାକୁ ନେଇ ଟ୍ରମ୍ପ କହିଛନ୍ତି ଯେ ଆମେରିକା ଭଳି ବଡ଼ ସାମରିକ ଶକ୍ତି ବିନା ଏହା ଶକ୍ତି ହୀନ। ଅନ୍ୟପଟେ ଗ୍ରୀନଲାଣ୍ଡ ପ୍ରଧାନମନ୍ତ୍ରୀ ଜେନ୍ସ-ଫ୍ରେଡରିକ ନିଲସନ ଟ୍ରମ୍ପଙ୍କୁ ବିରୋଧ କରିଛନ୍ତି। ଯଦି ଆମକୁ ଗୋଟିଏ ଦେଶକୁ ଚୟନ କରିବାକୁ ହେବ ତେବେ ଡେନମାର୍କକୁ ବାଛିବୁ ବୋଲି କହିଛନ୍ତି। ଗ୍ରୀନଲାଣ୍ଡ ନାଟୋର ସଦସ୍ୟ ଅଛି। ତେଣୁ ଆମର ସୁରକ୍ଷା ନାଟୋର ଦାୟିତ୍ୱ। ତେବେ ଟ୍ରମ୍ପ ନିଲସନ କିଏ ଚିହ୍ନି ନ ଥିବା କହିଛନ୍ତି। ତାଙ୍କ ମନ୍ତବ୍ୟକୁ ବିଭ୍ରାନ୍ତିକର କହିଛନ୍ତି। ଏଭଳି ମନ୍ତବ୍ୟ ପ୍ରଧାନମନ୍ତ୍ରୀଙ୍କ ପାଇଁ ବଡ଼ ସମସ୍ୟା ପାଲଟି ପାରେ ବୋଲି ଟ୍ରମ୍ପ ଧମକ ଦେଇଛନ୍ତି।

# କାନାଡ଼ା ପୁଲିସର ସିକ୍ରେଟ ରିପୋର୍ଟକୁ ନେଇ ବିବାଦ

## ଲରେନ୍ସ ଗ୍ୟାଙ୍ଗ୍ ଭାରତ ସରକାରଙ୍କ ପାଇଁ କାମ କରୁଛି


ନୂଆଦିଲ୍ଲୀ, ୧୪।୧(ଏଜେନ୍ସି): କାନାଡ଼ାର ରୟାଲ କାନାଡିଆନ ମାଉଣ୍ଟେଡ ପୁଲିସ (ଆରସିଏମ୍‌ପି) ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇକୁ ନେଇ ଏକ ନୂଆ ଦାବି ଉପସ୍ଥାପନ କରିଛି। ଲରେନ୍ସ ବିଷ୍ଣୋଇର ଗ୍ୟାଙ୍ଗ ଭାରତ ସରକାରଙ୍କ ପାଇଁ କାର୍ଯ୍ୟ କରୁଥିବା ଆରସିଏମ୍‌ପି ଦାବି କରିଛି। ଏ ସଂକ୍ରାନ୍ତରେ କାନାଡ଼ାର ଗ୍ଲୋବାଲ ନ୍ୟୁଜ୍ ଆରସିଏମ୍‌ପି ଗୋପନୀୟ ରିପୋର୍ଟର ୩ଟି ପୃଷ୍ଠା ଜାରିକରିଛି। ଏଥିରେ କେତୋଟି ସ୍ଥାନରେ ଲରେନ୍ସ ଗ୍ୟାଙ୍ଗ ଭାରତ ସରକାରଙ୍କ ପାଇଁ କାର୍ଯ୍ୟ କରୁଛି ବୋଲି ଉଲ୍ଲେଖ କରାଯାଇଛି। ଏହି ରିପୋର୍ଟରେ ଲରେନ୍ସ ଗ୍ୟାଙ୍ଗକୁ ଏକ ହିଂସାତ୍ମକ ଅନ୍ତର୍ଜାତୀୟ ଆପରାଧିକ ସଂଗଠନ ଭାବେ ବର୍ଣ୍ଣନା କରାଯାଇଛି ଓ ଏହି ସଂଗଠନର କାର୍ଯ୍ୟକଳାପ କାନାଡ଼ା ସମେତ ଅନ୍ୟ ଦେଶରେ ମଧ୍ୟ ବୃଦ୍ଧି ପାଇଛି ବୋଲି କୁହାଯାଇଛି। କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ନି ଭାରତ ସହ ବାଣିଜ୍ୟିକ ସମ୍ପର୍କକୁ ମଜଭୂତ କରିବାକୁ ପଦକ୍ଷେପ ନେବାକୁ ଯାଉଥିବା ବେଳେ ଏହି ରିପୋର୍ଟ ସାର୍ବଜନୀନ ହୋଇଛି। ଅଗାମୀ ଦିନରେ କାର୍ନି ଭାରତ ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି। ତଥାପି, କାନାଡ଼ାର ତଥା କଥିତ ଶିଖ ସଂଗଠନ ଗୁଡ଼ିକ ଏହାକୁ ବିରୋଧ କରିଛନ୍ତି। ଲରେନ୍ସ ଗ୍ୟାଙ୍ଗ୍ ପ୍ରସଙ୍ଗକୁ କାନାଡ଼ା ସରକାର ଦବାଇବାକୁ ପ୍ରୟାସ କରୁଛନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। କିନ୍ତୁ ୩ ମାସ ପୂର୍ବେ କାନାଡ଼ା ସରକାର ଲରେନ୍ସ ଗ୍ୟାଙ୍ଗକୁ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଥିଲା।



## ମିଛ କଥା ଛାଡ଼; ଆତଙ୍କବାଦୀଙ୍କୁ ଦମନ କର: ଭାରତ

ଅଟାୱା, ୧୪।୧(ଏଜେନ୍ସି): କାନାଡ଼ାରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଦୀନେଶ ପଟ୍ଟନାୟକ କାନାଡ଼ାକୁ ସମାଲୋଚନା କରିଛନ୍ତି। କାନାଡ଼ା ମାଟିରେ ଗତ ୪୦ ବର୍ଷଧରି ଆତଙ୍କବାଦୀ ତତ୍ତ୍ୱଗୁଡିକ ନିଜର କର୍ଯ୍ୟ ଚଳାଇ ଆସୁଛନ୍ତି। ଏହାସତ୍ତ୍ୱେ କାନାଡ଼ା କର୍ତ୍ତୃପକ୍ଷ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। କାନାଡ଼ାର ଏହି ନିଷ୍କ୍ରିୟତା ଭାରତକୁ ଟାର୍ଗେଟ କରି ଉଗ୍ରବାଦ ତଥା ହିଂସା ସୃଷ୍ଟି କରିବାକୁ ପାଇଁ ଏକ ଅନୁକୂଳ ପରିବେଶ ସୃଷ୍ଟି କରିଛି ବୋଲି ସେ ଅଭିଯୋଗ କରିଛନ୍ତି। କାନାଡ଼ାରେ ଚାଲିଥିବା ଏହି ଆତଙ୍କବାଦୀ କାର୍ଯ୍ୟକଳାପ ନେଇ ବାରମ୍ବାର ଅବଗତ କରାଉଥିଲେ ମଧ୍ୟ ଜାଣିଶୁଣି ଅଣଦେଖା କରାଯାଉଛି। ଏପର୍ଯ୍ୟନ୍ତ କାହାକୁ ଦୋଷୀ ସାବ୍ୟସ୍ତ କରାଯାଇନାହିଁ। ସେ ମଧ୍ୟ ଏ ନେଇ ଏକ ବଡ଼ ଉଦାହରଣ ଦେଇଥିଲେ। ୧୯୮୫ ଜୁନ୍ ୨୩ରେ ଏୟାର ଇଣ୍ଡିଆ ବିମାନ କନିଷ୍କ ବିସ୍ଫୋରଣରେ ୩୨୯ ଜଣ ମୃତ୍ୟୁବରଣ କରିଥିଲେ। ଶିଖ୍ ଆତଙ୍କବାଦୀ ଗୋଷ୍ଠୀ ବାବର ଖାଲସା ଏହି ବିସ୍ଫୋରଣ କରାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ କିଛି ଫଳପ୍ରାପ୍ତ ହୋଇ ନାହିଁ। ପୁଣି କାନାଡ଼ା ଦୋମୁହାଁ ନୀତି ଅବଲମ୍ବନ କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଭାରତ ସଂଦୀଗ୍ଧ ଆତଙ୍କବାଦୀଙ୍କୁ ଚିହ୍ନଟ କଲେ କାନାଡ଼ା ପ୍ରମାଣ ଦାବି କରେ। କିନ୍ତୁ ଭାରତ ବିରୋଧରେ ପ୍ରମାଣିତ ହୋଇ ନ ଥିବା ଅଭିଯୋଗର ଉତ୍ତର ଦାବି କରେ। ତେଣୁ ଭାରତ ବିରୋଧୀ କାର୍ଯ୍ୟକଳାପ ନେଇ କାର୍ଯ୍ୟାନୁଷ୍ଠାନ ଜରୁରୀ ବୋଲି ସେ ଏକ ସାକ୍ଷାତକାର ଦେବା ଅବସରରେ କହିଛନ୍ତି।

# ମୁଖ୍ୟମନ୍ତ୍ରୀ ପଦ ପାଇଁ କର୍ଣ୍ଣାଟକ କଂଗ୍ରେସରେ କଳି



■ ରାହୁଲଙ୍କୁ କହିଲେ ସିଦ୍ଧରମୈୟା ଓ ଡିକେ
■ ତୁରନ୍ତ ସଂଶୟ ଦୂର କରାଯାଉ

ବେଙ୍ଗାଲୁରୁ, ୧୪।୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସ କଳି ଥମିବାର ନା ଧରୁନି। ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ରାଜ୍ୟ ଗସ୍ତ ସମୟରେ ପୁଣିଥରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଟଣାଓଟରା ଆରମ୍ଭ ହୋଇଯାଇଛି। ରାହୁଲ ମଙ୍ଗଳବାର ମହୀଶୂର ବିମାନବନ୍ଦରରେ ପହଞ୍ଚି ଥିଲେ। ଏଠାରେ ତାଙ୍କୁ ସ୍ୱାଗତ କରିବା ପାଇଁ ଉଭୟ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟା ଏବଂ ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାର ପହଞ୍ଚି ଥିଲେ। ରାହୁଲଙ୍କ ସହ ବୈଠକରେ ଉଭୟ ନେତା ମୁଖ୍ୟମନ୍ତ୍ରୀ ପ୍ରସଙ୍ଗ ଉଠାଇ ଥିଲେ। ହାଇକମାଣ୍ଡଙ୍କ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଥିବା ସଂଶୟ ଶୀଘ୍ର ଦୂର କରିବା ପାଇଁ ରାହୁଲଙ୍କୁ କହିଥିଲେ। ଏଠାରେ ଉଭୟେ ଅଲଗା ଅଲଗା ରାହୁଲଙ୍କ ସହ ଆଲୋଚନା କରିଥିଲେ। ସିଦ୍ଧରମୈୟା କହିଥିଲେ ଯେ ସେ କ୍ୟାବିନେଟ ସମ୍ପ୍ରସାରଣ କରିବାକୁ ଚାହୁଁଛନ୍ତି। ମାତ୍ର ମୁଖ୍ୟମନ୍ତ୍ରୀ ପଦକୁ ନେଇ ପ୍ରତ୍ୟେକ ଦିନ ଭ୍ରମର ସ୍ଥିତି ସୃଷ୍ଟି ହେଉଛି। ଏ ନେଇ ସ୍ଥିତି ଶୀଘ୍ର ସ୍ପଷ୍ଟ ହୋଇଯିବା ଉଚିତ। କିନ୍ତୁ ରାହୁଲ ଏହି ପ୍ରସଙ୍ଗର ଆଲୋଚନା ପାଇଁ ମୁଖ୍ୟମନ୍ତ୍ରୀ ଏବଂ ଉପ-ମୁଖ୍ୟମନ୍ତ୍ରୀଙ୍କୁ ଦିଲ୍ଲୀ ଡାକିଥିବା ସୂଚନା ମିଳିଛି। ମାତ୍ର ଏ ନେଇ କୌଣସି ତାରିଖ ଧାର୍ଯ୍ୟ କରାଯାଇ ନାହିଁ।

ଅନ୍ୟପଟେ ରାହୁଲ ମଙ୍ଗଳବାର ବିମାନବନ୍ଦରରେ ଶିବକୁମାରଙ୍କ ସହ ଏକାନ୍ତରେ ଚର୍ଚ୍ଚା କରିଥିଲେ। ଏହାର ଭିଡିଓ ଏବଂ ଫଟୋ ଭାଇରାଲ ହେବାରେ ଲାଗିଛି। ମାତ୍ର ଉଭୟେ କି ଚର୍ଚ୍ଚା କରିଥିଲେ ତାହାର ସୂଚନା ମିଳିନାହିଁ। ଲୋକେ ଖାଲି ଆକଳନ କରି ବିବାଦ ସୃଷ୍ଟି କରୁଥିବା ଡିକେ କହିଥିଲେ। ମାତ୍ର ସେ ଆଜି କରିଥିବା ଟ୍ୱିଟକୁ ନେଇ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ପ୍ରୟାସ ବିଫଳ ହୋଇଗଲେ ବି ପ୍ରାର୍ଥନା ବ୍ୟର୍ଥ ଯାଏ ନାହିଁ ବୋଲି ଡିକେ କହିଥିଲେ। ପୂର୍ବରୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ହାଇକମାଣ୍ଡ ନିଷ୍ପତ୍ତି ନେବେ ବୋଲି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ କହିଥିଲେ। ସୂଚନାଯୋଗ୍ୟ ଯେ କଂଗ୍ରେସ ସରକାରକୁ ଅଢ଼େଇ ବର୍ଷ ପୂରଣ ହେବା ପରେ ମୁଖ୍ୟମନ୍ତ୍ରୀ ବଦଳାଇବା ଦାବି ଜୋର ଧରିଛି। ସରକାର ଗଠନ ସମୟରେ ଅଢ଼େଇ ବର୍ଷରେ ମୁଖ୍ୟମନ୍ତ୍ରୀ ବଦଳାଇବାକୁ ପ୍ରତିଶ୍ରୁତି ଦିଆଯାଇଥିଲା ବୋଲି ଡିକେ ଗୋଷ୍ଠୀର ବିଧାୟକ ଦାବି କରୁଛନ୍ତି।

# ହେନ୍‌ଲି ପାସ୍‌ପୋର୍ଟ ସୂଚକାଙ୍କରେ ୫ଟି ସ୍ଥାନ ଉପରକୁ ଉଠିଲା ଭାରତ

ନୂଆଦିଲ୍ଲୀ, ୧୪।୧(ଏଜେନ୍ସି): ହେନଲି ପାସ୍‌ପୋର୍ଟ ଇଣ୍ଡେକ୍ସ ୨୦୨୬ ବୁଧବାର ପ୍ରକାଶିତ ହୋଇଛି। ଏଥିରେ ଭାରତ ୫ଟି ସ୍ଥାନ ଉପରକୁ ଉଠି ୮୦ତମ ସ୍ଥାନ ଅଧିକାର କରିଛି। ଫଳରେ ଭାରତୀୟ ପାସ୍‌ପୋର୍ଟ ଧାରକଙ୍କ ପାଇଁ ବିଶ୍ୱ ଭ୍ରମଣ କ୍ଷେତ୍ରରେ ଆହୁରି ସୁବିଧାଜନକ ସ୍ଥିତି ସୃଷ୍ଟି କରିଛି। ଏହା ସତ୍ତ୍ୱେ ଏବେ ମଧ୍ୟ ଭାରତ ବିଶ୍ୱର ସବୁଠାରୁ ଶକ୍ତିଶାଳୀ ପାସପୋର୍ଟ ଥିବା ଦେଶଗୁଡିକଠାରୁ ବହୁ ପଛରେ ରହିଛି। ଲଣ୍ଡନ-ଭିତ୍ତିକ ବିଶ୍ୱ ନାଗରିକତା ପରାମର୍ଶଦାତା ସଂସ୍ଥା ତଥା ଗ୍ଲୋବାଲ ସିଟିଜେନ୍‌ସିପ ଆଡଭାଇଜରୀ ହେନଲି ଆଣ୍ଡ ପାଟନର୍ସ ଦ୍ୱାରା ପ୍ରକାଶିତ ସଦ୍ୟତମ ମାନ୍ୟତା ଅନୁଯାୟୀ, ଭାରତୀୟ ପାସ୍‌ପୋର୍ଟ ଧାରକମାନେ ଏବେ ବିନା ଭିସାରେ କିମ୍ବା ଭିସା ଅନ୍ ଆରାଇଭାଲ ଅର୍ଥାତ ଆଗମନ ସମୟରେ ଭିସା ପାଇଁ ୫୫ଟି ଦେଶକୁ ଯାତ୍ରା କରିପାରିବେ। ଭାରତ ଗତବର୍ଷ ତୁଳନାରେ ବିଶ୍ୱ ପାସ୍‌ପୋର୍ଟ ମାନ୍ୟତାରେ ଉନ୍ନତ କରିଛି। ଅନ୍ତର୍ଜାତୀୟ ବିମାନ ପରିବହନ ସଂଘ (ଆଇଏଟିଏ)ରୁ ତଥ୍ୟକୁ ଆଧାର କରି ପ୍ରସ୍ତୁତ କରାଯାଇଥିବା ଏହି ସୂଚକାଙ୍କ ବିଶ୍ୱର ୨୨୭ଟି ଦେଶ ତଥା ସ୍ଥାନ ପାଇଁ ଭିସା ପ୍ରବେଶକୁ ଟ୍ରାକ କରିଥାଏ। ଏଥିରେ ସିଙ୍ଗାପୁର, ଜାପାନ, ଦକ୍ଷିଣ କୋରିଆ, ଡେନମାର୍କ, ଲକ୍ସମବର୍ଗ, ସ୍ପେନ, ସ୍ୱିଡେନ, ସ୍ୱିଜରଲାଣ୍ଡ, ଅଷ୍ଟ୍ରିଆ ଓ ବେଲଜିୟମ ଶ୍ରେଷ୍ଠ ୧୦ ସ୍ଥାନରେ ଅଛନ୍ତି। ବିଶ୍ୱର ସବୁଠାରୁ ସବୁଠାରୁ ଶକ୍ତିଶାଳୀ ଦେଶ ଆମେରିକା ଗତବର୍ଷ ଶ୍ରେଷ୍ଠ ୧୦ରୁ ବାଦ୍ ପଡ଼ିଥିଲା ଓ ଏବେ ଏହି ମାନ୍ୟତାର ୧୦ମ ସ୍ଥାନରେ ରହିଛି। ଅନ୍ୟପଟେ ପାକିସ୍ତାନ ଦୁଇଟି ସ୍ଥାନ ଉପରକୁ ଉଠି ୯୮ତମ ସ୍ଥାନ ଅଧିକାର କରିଛି। ଗତବର୍ଷ ପାକିସ୍ତାନ ୧୦୦ତମ ସ୍ଥାନରେ ଥିଲା।




# ଜୁବିନଙ୍କୁ କେହି ହତ୍ୟା କରିନାହିଁ: ସିଙ୍ଗାପୁର ପୁଲିସ

ନୂଆଦିଲ୍ଲୀ, ୧୪।୧(ଏଜେନ୍ସି): ବଲିଉଡ ତଥା ଆସାମ ଗାୟକ ଜୁବିନ ଗର୍ଗଙ୍କୁ ହତ୍ୟା କରାଯାଇ ନ ଥିଲା। ଏ ନେଇ କୌଣସି ଷଡ଼ଯନ୍ତ୍ର ବି ହୋଇ ନ ଥିଲା। ସେ ପାଣିରେ ବୁଡି ପ୍ରାଣ ହରାଇଥିଲେ ବୋଲି ସିଙ୍ଗାପୁର ପୁଲିସ ବୁଧବାର ସ୍ପଷ୍ଟ କରିଛି। ଫଳରେ ଏହି ବହୁ ଚର୍ଚ୍ଚିତ ହାଇପ୍ରୋଫାଇଲ ମାମଲା ଏବେ ନୂଆ ମୋଡ଼ ନେଇଛି। ଜୁବିନଙ୍କ ମୃତ୍ୟୁର ୫ ମାସ ପରେ ପୁଲିସ କୋର୍ଟରେ ନିଜର ରିପୋର୍ଟ ଉପସ୍ଥାପନା କରିଛି। ଲାଜରସ ଦୀପ ନିକଟରେ ସମୁଦ୍ରରେ ବୁଡ଼ିବା କାରଣରୁ ହିଁ ସେ ମୃତ୍ୟୁବରଣ କରିଥିଲେ। ସେ ଅତ୍ୟଧିକ ନିଶା ସେବନ କରିଥିଲେ ଓ ଲାଇଫ୍ ଜ୍ୟାକେଟ୍ ପିନ୍ଧିବାକୁ ମନା କରିଦେଇଥିଲେ। ସିଙ୍ଗାପୁରରେ ୩୫ ଜଣ ଲୋକଙ୍କ ସାକ୍ଷ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି। ସେ ପାଣିକୁ ଡେଇଁବାର କିଛି ସମୟ ପରେ ନୌକାକୁ ଫେରିବାକୁ ଚେଷ୍ଟା କରିଥିଲେ ଓ ପହଁରିବାକୁ ପ୍ରୟାସ କରିଥିଲେ। କିନ୍ତୁ ଏତିକିବେଳେ ସେ ଚେତା ହରାଇ ଥିଲେ। ଫଳରେ ପାଣିରେ ବୁଡ଼ି ଯାଉଥିବାର ଦେଖାଯାଇଥିଲା ବୋଲି ସାକ୍ଷୀମାନେ କହିଛନ୍ତି। ସେ ଉଚ୍ଚ ରକ୍ତଚାପ ଓ ସ୍ନାୟବିକ ରୋଗ ଏପିଲେପସି ରୋଗରେ ପୀଡିତ ଥିଲେ ବୋଲି କୁହାଯାଇଛି।

୫୨ ବର୍ଷୀୟ ଜୁବିନ ୨୦୨୫ ସେପ୍ଟେମ୍ବର ୧୯ରେ ସିଙ୍ଗାପୁରରେ ସ୍କୁବା ଡାଇଭିଂ କରିବା ଅବସରରେ ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିଲେ। ସେ ସିଙ୍ଗାପୁରରେ ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ଯୋଗ ଦେବାକୁ ଯାଇଥିଲେ। ଅନ୍ୟପଟେ ଏହି ମାମଲାରେ ଆସାମ ପୁଲିସ ଏପର୍ଯ୍ୟନ୍ତ ମୋଟ୍ ଉପରେ ୭ ଜଣଙ୍କୁ ଗିରଫ କରିଛି। ଗିରଫଙ୍କ ମଧ୍ୟରେ ମହୋତ୍ସବ ଆୟୋଜକ, ଜୁବିନଙ୍କ ସେକ୍ରେଟାରୀ, ତାଙ୍କ ବ୍ୟାଣ୍ଡର ସଦସ୍ୟ, ତାଙ୍କ ଦାଦାପୁଅ ଭାଇ ଓ ନିଜ ସୁରକ୍ଷା ଅଧିକାରୀ ସାମିଲ ଥିଲେ। ଡିସେମ୍ବର ୧୨ରେ ଆସାମ ପୁଲିସର ସ୍ୱତନ୍ତ୍ର ତଦନ୍ତକାରୀ ଦଳ (ଏସ୍‌ଆଇଟି) କୋର୍ଟରେ ଏହି ମାମଲା ନେଇ ୧୨, ୦୦୦ ପୃଷ୍ଠାର ଆରୋପପତ୍ର ଦାଖଲ କରିଥିଲା। ଏଥିରେ ୪ ଜଣଙ୍କ ବିରୋଧରେ ହତ୍ୟା ଅଭିଯୋଗ ଲଗାଯାଇଥିଲା। ଏହା ଏକ ଷଡ଼ଯନ୍ତ୍ର ଥିଲା ବୋଲି ଆସାମ ସରକାର ସେତେବେଳେ କହିଥିଲେ। ସୂଚନାଯୋଗ୍ୟ ଯେ ଜୁବିନ ୪୦ଟି ଭାଷାରେ ୩୮ ହଜାର ଗୀତ ଗାଇଥିଲେ।



### ପଶ୍ଚିମବଙ୍ଗ ନିର୍ବାଚନରେ ନୀତୀଶଙ୍କ ଏଣ୍ଟ୍ରି

# ମେଣ୍ଟ ନ ହେଲେ ୨୫-୩୦ ପ୍ରାର୍ଥୀ ଦେବ ଜେଡିୟୁ

ନୂଆଦିଲ୍ଲୀ, ୧୪।୧(ଏଜେନ୍ସି): ଚଳିତବର୍ଷ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା ବେଳେ ଏବେ ଏଥିରେ ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପାର୍ଟି ଜେଡିୟୁର ପ୍ରବେଶ ହୋଇଛି। ଯଦି ବିଜେପି ନେତୃତ୍ୱାଧୀନ ଏନ୍‌ଡିଏ ସହ ଆସନ ବୁଝାମଣା ନହୁଏ, ତେବେ ଜେଡିୟୁ ୨୫ରୁ ୩୦ଟି ଆସନରେ ପ୍ରାର୍ଥୀ ଦେବ ବୋଲି ବୁଧବାର ପାଟନାରେ ଆୟୋଜିତ ବୈଠକରେ ଜେଡିୟୁ ମହାସଚିବ ସୁଭାସ ସିଂ କହିଛନ୍ତି। ଜେଡିୟୁର ଜାତୀୟ କାର୍ଯ୍ୟକାରୀ ଅଧ୍ୟକ୍ଷ ସଞ୍ଜୟ ଝା ପଶ୍ଚିମବଙ୍ଗରେ ଜିତିବା ସମ୍ଭାବନା ଥିବା ଆସନ ଓ ସେଠାରେ ପ୍ରାର୍ଥୀ ପ୍ରସ୍ତୁତି ଚୂଡାନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ପଶ୍ଚିମବଙ୍ଗ ନିର୍ବାଚନର ରଣନୀତି ନେଇ ଚର୍ଚ୍ଚା ହୋଇଥିଲା। ଫେବୃଆରୀରେ କୋଲକାତାରେ କର୍ମୀଙ୍କୁ ନେଇ ଏକ ସମ୍ମିଳନୀ ଆୟୋଜନ ହେବ। ଏଥିରେ ସଞ୍ଜୟ ଝା ମୁଖ୍ୟବକ୍ତା ଭାବେ ଯୋଗ ଦେବେ। ବିହାର ନିର୍ବାଚନରେ ଅସାଧାରଣ ସଫଳତା ପାଇବାପରେ ଜେଡିୟୁ ପଶ୍ଚିମବଙ୍ଗରେ ଭଲ ପ୍ରଦର୍ଶନ କରିବ ବୋଲି ଆଶା ବାନ୍ଧିଛି। ତେବେ ବିହାରରେ ଜେଡିୟୁ ଓ ବିଜେପି ସାଥି ହୋଇ ସରକାର ଚଳାଉଛନ୍ତି।

## ଆଇ-ପ୍ୟାକ୍ କାର୍ଯ୍ୟାଳୟରେ ଚଢ଼ଉ ମାମଲା: କିଛି ଜବତ କରାଯାଇ ନାହିଁ କହିଲା ଇଡି


# ଟିଏମ୍‌ସି ଆବେଦନ ଖାରଜ କଲେ ହାଇକୋର୍ଟ, ଏବେ ସୁପ୍ରିମକୋର୍ଟକୁ ଅପେକ୍ଷା

କୋଲକାତା, ୧୪।୧ (ଏଜେନ୍ସି): ଟିଏମସିର ନିର୍ବାଚନ ରଣନୀତି ପ୍ରସ୍ତୁତ କରୁଥିବା 'ଆଇ-ପ୍ୟାକ୍' ଅଫିସରେ ଚଢ଼ଉକୁ ନେଇ ଦାଖଲ ଯେସାକୁ ତେସା ଆବେଦନ ଉପରେ କଲକତା ହାଇକୋର୍ଟ ବୁଧବାର ଶୁଣାଣି କରିଛନ୍ତି। ପଶ୍ଚିମବଙ୍ଗର କ୍ଷମତାସୀନ ଦଳ ଦାଏର କରିଥିବା ଏହି ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଗୁରୁବାର ସୁପ୍ରିମକୋର୍ଟରେ ଏହି ବିବାଦର ଶୁଣାଣି ହେବ। ଗତ ୮ ତାରିଖରେ ଆଇପାକ୍ ତଥା ଟିଏମସିର ଆଇଟି ମୁଖ୍ୟଙ୍କ ଅଫିସରେ ଚଢ଼ଉ କରି ଇଡି କାଗଜପତ୍ର ନେଇଥିବା ଅଭିଯୋଗ ହୋଇଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏହି ଚଢ଼ଉରେ ସମସ୍ୟା ସୃଷ୍ଟି କରିଥିଲେ। ସେ ଜୋର ଜବରଦସ୍ତି ପଶି ଫାଇଲ ଏବଂ ଲ୍ୟାପ୍‌ଟପ ଆଦି ନେଇ ଯାଇଥିଲେ। ଏହାକୁ ନେଇ ଇଡି ହାଇକୋର୍ଟରେ ମାମଲା ଦାଏର କରିଥିଲା। ଏହାର ଜବାବରେ ଇଡି ଦଳୀୟ ରଣନୀତି ସମ୍ବନ୍ଧିତ କାଗଜପତ୍ର ଜବତ କରିଥିବା ନେଇ ଟିଏମସି ଆବେଦନ ଦାଏର କରିଥିଲା।



ହାଇକୋର୍ଟରେ ଶୁଣାଣି ସମୟରେ ଆଜି ଇଡି ପକ୍ଷରୁ ଅତିରିକ୍ତ ସଲିସିଟର ଜେନେରାଲ (ଏଏସଜି) ରାଜୁ କହିଥିଲେ ଯେ ଦଳୀୟ କାର୍ଯ୍ୟାଳୟରୁ କିଛି ବି ଜବତ କରାଯାଇ ନାହିଁ। ଯଦି କିଛି ରେକର୍ଡ ଜବତ ହୋଇଛି ତେବେ ତାହା ମୁଖ୍ୟମନ୍ତ୍ରୀ କରିଛନ୍ତି। ସେ ବେଆଇନ ଭାବେ ଫାଇଲ ନେଇ ଯାଇଥିଲେ। ସେହିପରି ଟିଏମସି ଓକିଲ କହିଥିଲେ ଯେ ଦଳର ରାଜନୈତିକ ଡାଟା ସୁରକ୍ଷିତ ରଖିବା ପାଇଁ ଏହି ଆବେଦନ ଦାଏର କରାଯାଇଛି। କୌଣସି ରାଜନୈତିକ ଦଳକୁ ଭୟଭୀତ କରିବା ଉଚିତ ନୁହେଁ। ରାଜନୈତିକ ପରାମର୍ଶଦାତାଙ୍କ ଅଫିସରେ ଚଢ଼ଉ ସନ୍ଦେହ ସୃଷ୍ଟି କରୁଛି। ଯଦି ଇଡି କିଛି ଜବତ କରିନି ତେବେ ଏହାକୁ ରେକର୍ଡ କରାଯାଉ। ଏହି ଆଧାରରେ ଆବେଦନର ଫଇସଲା ହେଉ। ଏହାକୁ ନେଇ ହାଇକୋର୍ଟ କହିଥିଲେ ଯେ ଇଡି କିଛି ଜବତ କରାଯାଇ ନ ଥିବା କହୁଛି। ଏବେ ମାମଲାରେ ଶୁଣାଣି ପାଇଁ ଆଉ କିଛି ନାହିଁ। ତେଣୁ ଆବେଦନକୁ ଖାରଜ କରାଯାଉଛି। ସେହିପରି ଇଡି ଦାଏର କରିଥିବା ଆବେଦନର ଶୁଣାଣିକୁ ହାଇକୋର୍ଟ ସ୍ଥଗିତ ରଖିଦେଇଛନ୍ତି। କୋର୍ଟ କହିଥିଲେ ଯେ ସୁପ୍ରିମକୋର୍ଟରେ ଏହି ମାମଲାର ଆବେଦନ ଦାଏର କରାଯାଇଛି। ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଆସିବା ପରେ ଶୁଣାଣି ହେବ।

# ସର୍ବକନିଷ୍ଠ କମର୍ସିଆଲ୍ ପାଇଲଟ୍




**ସଫଳତାର ମାପକାଠି ନୁହେଁ ବୟସ, ଯାହାକୁ ପ୍ରମାଣିତ କରିଛନ୍ତି, କର୍ଣ୍ଣାଟକର ସମାୟରା । ଯେଉଁ ବୟସରେ ମହିଳାମାନେ କଲେଜ ଯାଆନ୍ତି, ସେ ବୟସରେ ସେ ଆକାଶରେ ଉଡ଼ିବାର ସ୍ୱପ୍ନକୁ ପୁରା କରିଛନ୍ତି । ଭାରତର ସର୍ବକନିଷ୍ଠ ପାଇଲଟ୍ ହେବାର ସେ ସୌଭାଗ୍ୟ ଅର୍ଜନ କରିଛନ୍ତି । ଯାହାକୁ ପାଇବା ପାଇଁ ଲୋକେ ଦିନରାତି ସଂଘର୍ଷ କରନ୍ତି, ତାହାକୁ ଅଳ୍ପ ବୟସରେ କରି ଦେଖାଇଛନ୍ତି, ବିଜୟପୁରାର ସମାୟରା ହୁଲ୍ଲୁର । ମାତ୍ର ୧୮ ବର୍ଷ ବୟସରେ ସେ କମର୍ସିଆଲ୍ ପାଇଲଟ୍ ହେବାର ଲାଇସେନ୍ସ ପ୍ରାପ୍ତ କରିଛନ୍ତି । ଏବେ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ।**

କର୍ଣ୍ଣାଟକ ବିଜୟପୁରାରେ ରହୁଥିବା ସମାୟରାଙ୍କ ପିଲାବେଳୁ ଦୁଃସାହସିକ କାର୍ଯ୍ୟ ଏବଂ ଖେଳ ପ୍ରତି ଆଗ୍ରହ ଥିଲା । ତାଙ୍କ ପିତା ଜଣେ ବ୍ୟବସାୟୀ ଥିବାବେଳେ, ମାଆ ପବ୍ଲିକ୍ ସ୍କୁଲ୍ ବିଜାପୁରର କୋର୍ଡିନେଟର୍ ଥିଲେ ; କିନ୍ତୁ ସମାୟରା ପିଲାବେଳୁ କିଛି ଭିନ୍ନ କରିବାକୁ ଚାହୁଁଥିଲେ । ପଞ୍ଚମଶ୍ରେଣୀରେ ପଢୁଥିବାବେଳେ ସେ ବିଜାପୁରର ନବରାସପୁର୍ ଉତ୍ସବରେ ହେଲିକ୍ୟାପ୍ଟର୍‌ରେ ବସିଥିଲେ । ତାଙ୍କ ମାଆ ମଧ କକ୍‌ପିଟ୍‌ରେ ବସିଥିଲେ । ତାଙ୍କ ମାଆ ପାଇଲଟ୍ ବର୍ଦ୍ଦି ଦେଖି ଖୁବ୍ ପ୍ରଭାବିତ ହୋଇଥିଲେ । ଏବଂ ଝିଅକୁ ଭବିଷ୍ୟତରେ ପାଇଲଟ୍ ହେବା ପାଇଁ କହିଥିଲେ । ସେବେଠୁ ସମାୟରା ପାଇଲଟ୍ ହେବାକୁ ଭାବିଥିଲେ । ଏଥିପାଇଁ ୯ ବର୍ଷର ଥିବାବେଳେ ଡେସ୍କ ଜବ୍ ନ କରି ପାଇଲଟ୍ ହେବାକୁ ମନସ୍ଥ କଲେ । ଧୀରେ ଧୀରେ ଏ ସମ୍ବନ୍ଧୀୟ ଜ୍ଞାନ ବଢ଼ାଇଲେ । ୧୭ ବର୍ଷ ବୟସରେ ଯୁକ୍ତ ଦୁଇ ଶିକ୍ଷା ସମାପ୍ତ ପରେ ସେ ଦିଲ୍ଲୀର ଆଭିଏସନ୍ ଏକାଡେମୀରେ ପାଠ ପଢ଼ିଲେ । ଏଥିରେ ତାଙ୍କୁ ଏୟାର୍ ରେଗୁଲେସନ୍, ଆଭିଏସନ୍ ମେଟ୍ରୋଲୋଜି, ଏୟାର୍ ନେଭିଗେସନ୍ ଭଳି ଛଅଟି ପେପର୍ ପାସ କରିବାର ଥିଲା । ପ୍ରତି ପେପର୍‌ରେ ୭୦ ମାର୍କ ରଖିବା ବାଧତାମୂଳକ ଥିଲା । ସେ ପ୍ରଥମ ପ୍ରୟାସରେ ହିଁ ପାଞ୍ଚଟି ପେପର୍ କ୍ଲିୟର୍ କରିଥିଲେ । ଏହାପରେ ଅନ୍ୟ ପେପର୍ କ୍ଲିୟର୍ କରିଥିଲେ । ଡିଜିସିଏ ଦ୍ୱାରା ମାନ୍ୟତା ପ୍ରାପ୍ତ ଏୟାର୍ ରେଗୁଲେସନ୍, ନାଭିଗେସନ୍ ଏବଂ ମେଟ୍ରୋଲୋଜି ପରୀକ୍ଷା ପାସ୍ କଲେ । ୨୦୨୪ ମସିହାରେ ସମାୟରା ପୁନେର ବାରାମତୀ କାର୍ଵର ଆଭିଏସନରେ ଭର୍ତ୍ତି ହୋଇଥିଲେ । ସେଠାରେ ଦୁଇଶହ ଘଣ୍ଟା ବିମାନ ଟ୍ରେନିଂ କରିବା ପରେ ତାଙ୍କୁ ଲାଇସେନ୍ସ ମିଳିଥିଲା । ଫଳରେ ସେ ଭାରତର ସର୍ବକନିଷ୍ଠ କମର୍ସିଆଲ୍ ପାଇଲଟ୍ ତାଲିକାରେ ନିଜକୁ ସାମିଲ୍ କରିଥିଲେ ।

# ମିସ୍‌ମ୍ୟାଚ୍ ଇୟରିଙ୍ଗ୍



**ସମୟାନୁସାରେ ଅନେକ ଫେଶନ ଟ୍ରେଣ୍ଡ ଦେଖିବାକୁ ମିଳିଥାଏ । କାନଫୁଲ, ପାଉଁଜି ଆଦି ମହିଳାମାନେ ମ୍ୟାଚ୍ କରି ପିନ୍ଧନ୍ତି । କିନ୍ତୁ ବଦଳୁଥିବା ସମୟ ଅନୁସାରେ ଚିନ୍ତାଧାରାରେ ମଧ ପରିବର୍ତ୍ତନ ପରିଲକ୍ଷିତ ହେଉଛି । ଏହାର ଏକ ଉଦାହରଣ ହେଉଛି ମିସ୍‌ମ୍ୟାଚ୍ ଇୟରିଙ୍ଗ୍‌ସ । ଯାହା ସିମ୍ପଲ ଲୁକ୍‌କୁ ମଧ ସୁନ୍ଦର ଏବଂ ଆକର୍ଷଣୀୟ କରିଥାଏ । ଏହାଦ୍ୱାରା ଆତ୍ମବିଶ୍ୱାସ ବୃଦ୍ଧି ହୋଇଥାଏ ।**


## ମିସ୍‌ମ୍ୟାଚ୍ ଇୟରିଙ୍ଗ୍‌ସ କ'ଣ ?

ସାଧାରଣତଃ ମହିଳାମାନେ ଦୁଇକାନରେ ସମାନ ଡିଜାଇନର କାନଫୁଲ ପିନ୍ଧିଥାନ୍ତି; କିନ୍ତୁ ମିସ୍‌ମ୍ୟାଚ୍ ଇୟରିଙ୍ଗ୍‌ରେ କାନଫୁଲ ଡିଜାଇନ ଅସମାନ ଥାଏ । ଭିନ୍ନ ଡିଜାଇନ୍ ଆକାର ସତ୍ତ୍ୱେ, ଏହାକୁ ପିନ୍ଧିଲେ ଏଥିରୁ ଖୁବ୍ ସୁନ୍ଦର ଲୁକ୍ ମିଳିଥାଏ । ତେଣୁ ଏହା ଫେଶନ ଟ୍ରେଣ୍ଡରେ ଖୁବ୍ ଲୋକପ୍ରିୟ ରହିଛି ।

ସେହିପରି ଏହି କାନଫୁଲ ସବୁ ଆଉଟ୍‌ଫିଟ୍ ଏବଂ ସବୁ ବୟସର ଲୋକଙ୍କୁ ଭଲ ମାନିଥାଏ । ଏହାକୁ କଲେଜ ପଢୁଆ ଯୁବତୀ ଜିନ୍ସ ଏବଂ ଟପ୍‌ସ ସହ ପିନ୍ଧିପାରିବେ । ସେହିପରି ଶାଢ଼ି ଏବଂ କୁର୍ତ୍ତା ସହ ପିନ୍ଧିଲେ ମଧ ଏଥିରୁ ଆଧୁନିକ ସହ ଏକ ପାରମ୍ପରିକ ଲୁକ୍ ମିଳିଥାଏ । ବର୍ତ୍ତମାନ ସମୟରେ ଏ ପ୍ରକାର ଡିଜାଇନ୍ ଲୋକପ୍ରିୟ ରହିଛି । ଏହା ଏକ ଆକର୍ଷଣୀୟ ଲୁକ୍ ଦେଇଥାଏ । ଏହା ଜେନ୍‌ଜେଡ୍‌ଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ରହିଛି ।



# କାକର ଟୋପାରେ ଚମକିବ ତ୍ୱଚା



**ମହିଳାମାନେ ସୁନ୍ଦର ତ୍ୱଚା ପାଇଁ ବହୁ ଦାମୀ ପ୍ରସାଧନ ଲଗାଇଥାନ୍ତି । ହେଲେ ଅନେକ ସମୟରେ ତ୍ୱଚାରେ ଏହାର ନକାରାତ୍ମକ ପ୍ରଭାବ ପଡ଼ିଥାଏ । ଏପରି ସ୍ଥଳେ ପ୍ରାକୃତିକ ଉପାୟରେ ତ୍ୱଚାର ଯତ୍ନ ନେବାପାଇଁ କାକର ଟୋପାକୁ ଲଗାଇପାରିବେ । ଏହା ତ୍ୱଚାରେ ଚମକ ଆଣିଥାଏ ।**

## ଆର୍ଦ୍ରତା

କାକରରେ କୌଣସି ରାସାୟନିକ ପଦାର୍ଥ ନ ଥାଏ । ତେଣୁ ଏହାକୁ ତ୍ୱଚାରେ ଲଗାଇଲେ ଏହା ଗଭୀରରୁ ସଫା କରିଥାଏ । ବିଶେଷ କରି ଶୁଷ୍କ ତ୍ୱଚା ପାଇଁ ଅତି ଲାଭଦାୟକ ହୋଇଥାଏ । ଏହାକୁ ଦୈନିକ ବ୍ୟବହାର କଲେ ତ୍ୱଚା ଉଜ୍ଜ୍ୱଳ, କୋମଳ ଏବଂ ନରମ ରହିଥାଏ । ସେହିପରି ଏହା ତ୍ୱଚାରେ ଆର୍ଦ୍ରତା ବଜାୟ ରଖିଥାଏ ।

## ଦାଗ, ବ୍ରଣରୁ ମୁକ୍ତି

କାକର ଟୋପା ତ୍ୱଚାକୁ ଥଣ୍ଡା ରଖିଥାଏ । ଏଥିସହ ଏହା ଦାଗସମସ୍ୟା ଦୂର କରିବାରେ ମଧ ସହାୟକ ହୋଇଥାଏ । ଦୈନିକ ଏହା ଲଗାଇଲେ ଏହା ତ୍ୱଚାକୁ ଉଜ୍ଜ୍ୱଳ ଏବଂ ପରିଷ୍କାର କରିଥାଏ ।

## ଚର୍ମକୁଞ୍ଚନ ଦୂର

ସକାଳ କାକର ତ୍ୱଚାକୁ ସତେଜ କରିଥାଏ । ଏହାକୁ ବ୍ୟବହାର କଲେ ତ୍ୱଚାରେ ଫାଇନ୍ ଲାଇନ୍, ଚର୍ମକୁଞ୍ଚନ ସମସ୍ୟା ଦୂର ହୋଇଥାଏ ।

# ସ୍ୱଚ୍ଛତା ପାଇଁ ପର୍ସରେ ରଖନ୍ତୁ...

**ବ୍ୟସ୍ତ ଜୀବନଶୈଳୀରେ ସ୍ୱଚ୍ଛତା ବଜାୟ ରଖିବା ଖୁବ୍ ଜରୁରୀ । ଅଫିସ୍, କଲେଜ, ହେଉ ଅବା ସୁଟିଂ ସବୁ ସମୟରେ ନିଜକୁ ସତେଜ ରଖିବା ଆବଶ୍ୟକ । କିନ୍ତୁ ଅନେକେ ସମୟାଭାବ ଏବଂ ନିର୍ଦ୍ଦିଷ୍ଟ ଜିନିଷ ନ ଥିବାରୁ ସ୍ୱଚ୍ଛତା ରଖିପାରନ୍ତି ନାହିଁ । ତେଣୁ ବାହାରକୁ ଯାଉଥିଲେ ବ୍ୟାଗ୍‌ରେ ବ୍ୟକ୍ତିଗତ ସ୍ୱଚ୍ଛତା ପାଇଁ କିଛି ଜରୁରୀ ଜିନିଷ ରଖିବା ଆବଶ୍ୟକ ।**



## ଦୁର୍ଗନ୍ଧ ଦୂର ପାଇଁ ପର୍‌ଫ୍ୟୁମ୍

ଉଭୟ ଖରା ଏବଂ ଶୀତଦିନେ ମଧ କାଖରୁ ଦୁର୍ଗନ୍ଧ ବାହାରିଥାଏ । ତେଣୁ ବାହାରକୁ ଯାଉଥିଲେ ବ୍ୟାଗ୍‌ରେ ଗୋଟିଏ ଛୋଟ ଟି – ଟ୍ରି ଅଏଲ୍ ରଖିବା ଆବଶ୍ୟକ । ଏହାର କିଛି ବୁନ୍ଦା କାଖରେ ଲଗାଇଲେ ଏହା ଦୁର୍ଗନ୍ଧ ଦୂର କରିବାରେ ସହାୟକ ହୋଇଥାଏ । ସେହିପରି ଚାହିଁଲେ କୌଣସି ରୋଲ୍‌ଅନ୍ ମଧ ଲଗାଇପାରିବେ ।





## ସାନିଟାଇଜର୍

ହାତରେ ଅଧିକ ଜୀବାଣୁ ଥାଆନ୍ତି । ବାହାରକୁ ଯିବାମାତ୍ରେ ଅଧିକାଂଶ ଲୋକେ ସବୁ ଜିନିଷକୁ ସ୍ପର୍ଶ କରନ୍ତି । ଏପରିସ୍ଥଳେ ହାତକୁ ବାରମ୍ବାର ଧୋଇବା ସହଜ ନୁହେଁ । ତେଣୁ ଏଥିରୁ ସୁରକ୍ଷା ପାଇଁ ହ୍ୟାଣ୍ଡ ସାନିଟାଇଜର୍ ବ୍ୟବହାର କରିପାରିବେ ।

## ବ୍ୟାଗ୍‌ରେ ରଖନ୍ତୁ ଲବଙ୍ଗ

ବାହାରେ ପିଆଜ ରସୁଣ ଯୁକ୍ତ ଖାଦ୍ୟ ଖାଇଲେ ପାଟିରୁ ଦୁର୍ଗନ୍ଧ ବାହାରିଥାଏ । ଫଳରେ କଥା କହିବା ସମୟରେ ଲଜ୍ଜା ଅନୁଭବ ହୋଇଥାଏ । ଏଥିରୁ ବର୍ତ୍ତିବା ପାଇଁ ସର୍ବଦା ବ୍ୟାଗ୍‌ରେ ଲବଙ୍ଗ ରଖିବା ଜରୁରୀ ।

ମୋ ହାଣ୍ଡିଶାଳରୁ...

# ଗାଜର ରସମଲାଇ

## ଆବଶ୍ୟକ ସାମଗ୍ରୀ

ଗାଜର୍ – ୩୦୦ ଗ୍ରାମ୍, ଡ୍ରାଏଫ୍ରୁଟ୍ସ – ଅଧା କପ୍, ଦୁଗ୍ଧ – ଏକ ଲିଟର, ମିଲ୍‌କ ପାଉଡର୍ – ଏକ ଚାମଚ, ସୁଜି – ୧୫୦ ଗ୍ରାମ୍, କେଶର – ଏକ ଚାମଚ, ଅଳେଇଚ ପାଉଡର – ଅଧା ଚାମଚ, ଚିନି ସ୍ୱାଦ ଅନୁସାରେ, ଘିଅ ଆବଶ୍ୟକତା ଅନୁସାରେ ।

## ପ୍ରସ୍ତୁତି ପ୍ରଣାଳି

ପ୍ରଥମେ ଗାଜରକୁ ଧୋଇ ଚୋପା ଛଡ଼ାଇ ଛୋଟ ଖଣ୍ଡ କରି କାଟନ୍ତୁ । ଏହାକୁ ଗ୍ରାଇଣ୍ଡିଂ ଜାର୍‌ରେ ଦେଇ ପେଷ୍ଟ କରନ୍ତୁ । କଡ଼େଇ ବସାଇ ସେଥିରେ ଏକ ଚାମଚ ଘିଅ ଦିଅନ୍ତୁ । ଏହାପରେ ଗାଜରପେଷ୍ଟ ଦେଇ ଧିମା ଆଞ୍ଚରେ ବସାଇ ଗୋଳାନ୍ତୁ । ଗାଜରରୁ ପାଣି ବାହାରିବା ଗଲେ ଏଥିରେ ଚିନି ଦିଅନ୍ତୁ । ଏହା ତରଳି ଯିବାପରେ ଏଥିରେ ଦୁଇ କପ୍ ଫୁଟା କ୍ଷୀର ଦେଇ ଦୁଇକପ୍ ସୁଜି ଦିଅନ୍ତୁ । ଏହାକୁ ଧୀମା ଆଞ୍ଚରେ ବସାଇ ଗୋଳାନ୍ତୁ । ଏହାପରେ ଗ୍ୟାସ୍ ବନ୍ଦକରି ଢାଙ୍କୁଣି ଘୋଡ଼ାଇ ୧୫ମିନିଟ୍ ଛାଡ଼ନ୍ତୁ । ରସମଲାଇ ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଗୋଟିଏ କଡ଼େଇରେ ଏକ ଲିଟର କ୍ଷୀର ନିଅନ୍ତୁ । ଏହାକୁ ହାଇଫ୍ଲେମ୍‌ରେ ଫୁଟାନ୍ତୁ । ଏଥିରେ ମିଲ୍‌କ ପାଉଡର୍, କେଶର, ଡ୍ରାଏଫ୍ରୁଟସ୍ ସମେତ ଚିନି ମିଶାନ୍ତୁ । କ୍ଷୀରକୁ ବହଳିଆ ହେବା ଯାଏ ଗୋଳାନ୍ତୁ । ବହଳିଆ ହୋଇଆସିଲେ ଥଣ୍ଡା ହେବା ପାଇଁ ରଖନ୍ତୁ । ଏହାପରେ ପ୍ରସ୍ତୁତ କରି ରଖିଥିବା ଗାଜର୍‌ରୁ ଛୋଟ ଗୁଳା କରନ୍ତୁ । ଏହାକୁ କଡ଼େଇରେ ପାତ୍ର ରଖି ବାମ୍ଫ ଦିଅନ୍ତୁ । ପରେ ଏହାକୁ ପ୍ରସ୍ତୁତ କରିଥିବା ରସମଲେଇରେ ଦିଅନ୍ତୁ । ଏହା ଉପରେ ଥଣ୍ଡା ରାବିଡ଼ି ପକାଇ ସେଟ୍ ହେବା ପାଇଁ ଫ୍ରିଜ୍‌ରେ ଅଧ ଘଣ୍ଟା ରଖନ୍ତୁ । ଏହାପରେ ପ୍ଲେଟ୍‌କୁ କାଢ଼ି ପରଷନ୍ତୁ ସ୍ୱାଦିଷ୍ଟ 'ଗାଜର ରସମଲାଇ' ।



# ଫାର୍ସି ସାଲ୍‌ୱାର୍



**ସାଧାରଣତଃ ବିବାହ ଉତ୍ସବରେ ମହିଳାମାନେ ସ୍ୱତନ୍ତ୍ର ଡିଜାଇନର ପୋଷାକ ପିନ୍ଧିବାକୁ ପସନ୍ଦ କରନ୍ତି । ସେହିପରି କିଛି ମହିଳା ଆଧୁନିକ ସହ ପାରମ୍ପରିକ ପୋଷାକ ପିନ୍ଧିବାକୁ ଚାହାଁନ୍ତି । ଏପରି ସ୍ଥଳେ ଫାର୍ସି ସଲ୍‌ୱାର୍ ସୁଟ୍ ପିନ୍ଧିପାରିବେ । ଏହା ସୁନ୍ଦର ଦିଶିବା ସହ ଏଥିରୁ ଏକ ରାଜକୀୟ ଲୁକ୍ ମିଳିଥାଏ । ଏହି ପୋଷାକ ମୋଗଲ କାଳ ସହ ଜଡ଼ିତ । ସେ ସମୟରେ ଏହାର ଖୁବ୍ ଚାହିଦା ଥିଲା ।**

## ଶୀତ ପାଇଁ ଭଲ ବିକଳ୍ପ

ବିଶେଷ କରି ଶୀତଦିନେ ଏହାର ଖୁବ୍ ଚାହିଦା ଥାଏ । ଏହା ମଲ୍‌ମଲ୍, ଉଲ୍ ଏବଂ ସୂତାରେ ପ୍ରସ୍ତୁତ ହୋଇଥାଏ । ଏହା ଶରୀରକୁ ଶୀତରୁ ସୁରକ୍ଷା ଦେବା ସହ ଏକ ରାଜକୀୟ ଲୁକ୍ ପ୍ରଦାନ କରିଥାଏ । ସନ୍ଧ୍ୟା ମହୋତ୍ସବ, ବିବାହ, ଉତ୍ସବ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ଭଲ ହୋଇଥାଏ ।

## ଆଧୁନିକ ଷ୍ଟାଇଲ୍‌ରେ ନିୟନ୍ତ୍ରଣ

ବର୍ତ୍ତମାନ ସମୟରେ ଏହି ଫର୍ସି ସୁଟ୍ ପିନ୍ଧିବାବେଳେ ଷ୍ଟାଇଲ୍‌କୁ ବେଶୀ ଗୁରୁତ୍ୱ ଦିଆଯାଉଛି । ଛୋଟ, ସର୍ଟ କୁର୍ତ୍ତୀ ଏହାକୁ ବେଶୀ ଭଲ ମାନିଥାଏ । ସେହିପରି ସାମାନ୍ୟ ଏମ୍ବ୍ରୋଡୋରୀ କାମ ଏହାକୁ ସୁନ୍ଦର କରିଥାଏ । ଶୀତଦିନେ ଫୀରନ୍ ଏବଂ କାଶ୍ମୀର୍ ଷ୍ଟାଇଲ୍ କୁର୍ତ୍ତୀ ଏହାକୁ ଭଲ ମାନିଥାଏ । ସେହିପରି ଏଥିରେ ଓନି ପକାଇଲେ ଏହା ଲୁକ୍‌କୁ ଆକର୍ଷଣୀୟ କରିଥାଏ ।

## ଆସେସରିଜ୍‌ରୁ ରାଜକୀୟ ଲୁକ୍

ଏଥିସହ ଆସେସରିଜ୍ ଲଗାଇଲେ ଏହା ସୁନ୍ଦରତାକୁ ଦ୍ୱିଗୁଣ କରିଥାଏ । ସେହିପରି ପାରମ୍ପରିକ ଜୋତା ଏଥିରେ ରାଜକୀୟ ଲୁକ୍ ଦେଇଥାଏ ।

# ଫେସିଆଲ୍ ଷ୍ଟିମିଂ


**ମହିଳାମାନେ ତ୍ୱଚାକୁ ନେଇ ଅଧିକ ଯତ୍ନବାନ ଥାନ୍ତି । ଏଥିପାଇଁ ଅନେକ ଦାମୀ ପ୍ରସାଧନ ସାମଗ୍ରୀ ବ୍ୟବହାର କରିଥାନ୍ତି । କିନ୍ତୁ ତ୍ୱଚାକୁ ଅଧିକ ସୁନ୍ଦର ଓ ଆକର୍ଷଣୀୟ କରିବାକୁ ଚାହୁଁଥିଲେ, ଷ୍ଟିମ୍ ଉତ୍ତମ ବିକଳ୍ପ । ଦୁଇଟି ଉପାୟରେ ଏହି ଫେସିଆଲ୍ ଷ୍ଟିମିଙ୍ଗ୍ ଆପଣାଇ ମୁହଁକୁ ଉଜ୍ଜ୍ୱଳ କରିପାରିବେ । ତେବେ ଷ୍ଟିମିଂର ଉପକାରିତା କ'ଣ, ଜାଣି ରଖନ୍ତୁ ।**

## ତ୍ୱଚା ସୁସ୍ଥ ରହେ

ତ୍ୱଚାକୁ ପରିଷ୍କାର ରଖିବାରେ ଏହା ଖୁବ୍ ସହାୟକ ହୋଇଥାଏ । ମୁହଁରେ ଗରମ ବାମ୍ଫ ଦେବା ପରେ ମୁହଁରୁ ସବୁ ମୃତକୋଷ ସଫା ହୋଇଯାଏ । ଫଳରେ ମୁହଁ ଉଜ୍ଜ୍ୱଳ ଦିଶେ । ସପ୍ତାହକୁ ଦୁଇଥର ଏପରି କରିବା ଦ୍ୱାରା ତ୍ୱଚା ସୁସ୍ଥ ରହିଥାଏ ।

## ବ୍ଲାକ୍‌ହେଡ୍ସ ଦୂର

ଶୀତଦିନେ ମୁହଁରେ ବ୍ଲାକ୍ ହେଡ୍ସ ଓ ହ୍ୱାଇଟ୍ ହେଡ୍ସ ସମସ୍ୟା ଅଧିକ ଦେଖିବାକୁ ମିଳିଥାଏ । ତେଣୁ ମୁହଁରେ ୫-୧୦ ମିନିଟ୍ ବାମ୍ଫ ଦିଅନ୍ତୁ । ଏହାପରେ ମୁହଁକୁ ସ୍କ୍ରବ୍ କରିବା ଦ୍ୱାରା ବ୍ଲାକହେଡ୍ସ ତ୍ୱଚାରୁ ବାହାରିଯାଏ । ଷ୍ଟିମ୍ ଦ୍ୱାରା ତ୍ୱଚା କୋମଳ ରହିଥାଏ ।



# ଭାରତକୁ ୭ ୱିକେଟରେ ହରାଇଲା ନ୍ୟୁଜିଲାଣ୍ଡ

## ଡାରିଲ ମିଚେଲଙ୍କ ଆଗରେ ଫିକା ପଡ଼ିଲା ଲୋକେଶ ରାହୁଲଙ୍କ ଶତକ

ରାଜକୋଟ,୧୪।୧(ଏଜେନ୍ସି):

ବରିଷ୍ଠ ଖେଳାଳି ଲୋକେଶ ରାହୁଲ (୧୧୨)ଙ୍କ ଅପରାଜିତ ଶତକ ଏବଂ ଅଧିନାୟକ ଶୁବମନ ଗିଲ୍ (୫୬)ଙ୍କ କ୍ରମାଗତ ଅର୍ଦ୍ଧଶତକ ବେକାର ହୋଇଛି। ଏଠାରେ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଭାରତକୁ ୭ ୱିକେଟରେ ପରାସ୍ତ କରି ନ୍ୟୁଜିଲାଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍‌କୁ ୧-୧ ସମାନସ୍ତରକୁ ଆଣିଛି। ଇନ୍ଦୋରରେ ଆସନ୍ତା ୧୮ ତାରିଖ ରବିବାର ତୃତୀୟ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୭ ୱିକେଟ ହରାଇ ୨୮୪ ରନ୍ କରିଥିଲା। ଦଳ ପକ୍ଷରୁ ରାହୁଲ ଶେଷଯାଏ ଆଉଟ ନ ହୋଇ ୧୧୨ ଓ ଗିଲ୍ ୫୬ ରନ୍ କରିଥିଲେ। ଜବାବରେ ଡାରିଲ ମିଚେଲଙ୍କ ଅପରାଜିତ ଶତକ ଓ ତୃତୀୟ ୱିକେଟ ଯୋଡିରେ ୱିଲ ୟଙ୍ଗ୍‌ଙ୍କ ସହ ୧୬୨ ରନ୍ ସଂଗ୍ରହ କରିବା ଫଳରେ ଦଳ ୯ଟି ବଲ ବାକିଥାଇ ମ୍ୟାଚ୍ ଜିତିନେଇଥିଲା। ମିଚେଲ ୧୧୭ ବଲ୍‌ରୁ ୧୧ ଚୌକା ଓ ୨ଛକା ସହ ୧୩୧* ଏବଂ ୟଙ୍ଗ୍ ୯୮ ବଲ୍‌ରୁ ୭ ଚୌକା ସହ ୮୭ ରନ୍ କରିଥିଲେ। ୟଙ୍ଗ୍‌ଙ୍କ ଆଉଟ ପରେ ମିଚେଲ ଓ ଗ୍ଲେନ୍ ଫିଲିପ୍ସ (୩୨*) ୫୭ ବଲ୍‌ରୁ ୭୮ ରନ୍ ଉଠାଇ ଦଳକୁ ସହଜରେ ବିଜୟୀ କରାଇଥିଲେ।



ଡାରିଲ୍ ମିଚେଲ୍ ୧୩୧*

ଲୋକେଶ ରାହୁଲ ୧୧୨*

### ରୋହିତ,କୋହଲି ଓ ଆୟର ଫେଲ୍

ଟସ୍ ହାରି ପ୍ରଥମେ ବ୍ୟାଟିଂ କରିବା ପରେ ଭାରତକୁ ଦ୍ରୁତ ରନ୍ ସଂଗ୍ରହ କରିବା କଷ୍ଟକର ହୋଇଥିଲା। ଏପରିକି ରୋହିତ ଶର୍ମା ୩୮ଟି ବଲ ଖେଳି ୪ଟି ଚୌକା ବଳରେ ୨୪ ଓ ବିରାଟ କୋହଲି ୨୯ ବଲ୍‌ରୁ ୨୩ ରନ୍ କରି ଆଉଟ ହୋଇଥିଲେ। ଉପଅଧିନାୟକ ଶ୍ରେୟସ ଆୟର ମଧ୍ୟ ୮ ରନ୍‌ରେ ଆଉଟ ହୋଇଥିଲେ। ଗୋଟିଏ ପଟେ ଦମ୍‌ର ସହ ଖେଳୁଥିବା ଶୁବମନ ଗିଲ୍ କ୍ରମାଗତ ଅର୍ଦ୍ଧଶତକ ହାସଲ କରିଥିଲେ ମଧ୍ୟ ବେଶି ସମୟ ତିଷ୍ଠି ନ ଥିଲେ। ଏହା ଫଳରେ ୨୪ ଓଭରରେ ଦଳ ୧୧୮ ରନ୍‌ରେ ଏହି ୪ଜଣ ଖେଳାଳି ପାଭିଲିୟନ ଫେରିଯାଇଥିଲେ। ଏହି ସମୟରେ ଲୋକେଶ ରାହୁଲ ଭାରତର ଏକମାତ୍ର ଭରଷା ଥିଲେ। ତାଙ୍କ ସହ ରବୀନ୍ଦ୍ର ଜାଡେଜା ୫ମ ୱିକେଟରୁ ୭୩, ନୀତୀଶ ରେଡ୍ଡୀ ଷଷ୍ଠ ୱିକେଟରୁ ୫୭ ରନ୍ ଉଠାଇ ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ଜାଡେଜା ୪୪ ବଲ୍ ଖେଳି ମାତ୍ର ୨୭ ଓ ରେଡ୍ଡୀ ୨୧ ବଲ୍‌ରୁ ୨୦ ରନ୍ କରିଥିଲେ। ହର୍ଷିତ ରାଣା ମଧ୍ୟ ୨ ରନ୍‌ର ଯୋଗଦାନ ଦେଇଥିଲେ। ରାହୁଲ ୮୭ ବଲ୍‌ରେ ଶତକ ପୂରଣ କରିଥିଲାବେଳେ ୯୨ ବଲ୍‌ରୁ ୧୧ ଚୌକା ଓ ୧ ଛକା ସହ ୧୧୨ ରନ୍‌ରେ ଶେଷଯାଏ ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ଦୁଇ ସ୍ପିନର ଯଥା ଅଧିନାୟକ ଡଗ୍ ବ୍ରେସ୍‌ୱେଲ ଓ ଡେବ୍ୟୁଟାଣ୍ଟ ଜେଡେନ ଲେନକ୍ସ ମିଳିତଭାବେ ୨୦ ଓଭର ବୋଲିଂ କରି ୭୬ ରନ୍‌ରେ ୨ଟି ୱିକେଟ ନେଇ ଭାରତର ରନ୍ ସଂଗ୍ରହକୁ ଅଟକାଇଥିଲେ। ପ୍ରଥମ ମ୍ୟାଚ୍‌ରେ ଡେବ୍ୟୁ କରିଥିବା କ୍ରିଷ୍ଟିଆନ୍ କ୍ଲାର୍କ ସର୍ବାଧିକ ୩ଟି ୱିକେଟ ପାଇଥିଲେ। ପ୍ରଥମ ମ୍ୟାଚ୍‌ରେ ୪ଟି ୱିକେଟ ନେଇଥିବା କାଏଲ ଜାମିସନ ୧୦ ଓଭରରେ ୨ଟି ମେଡେନ ସହ ୭୦ ରନ୍ ଦେଇ ଗୋଟିଏ ୱିକେଟ ନେବା ସହ ବ୍ୟୟବହୁଳ ସାବ୍ୟସ୍ତ ହୋଇଥିଲେ। ଜାକାରୀ ଫୋକ୍ସ ମଧ୍ୟ ୯ ଓଭରରେ ୬୭ ରନ୍ ଦେଇଥିଲେ।

## କୋହଲିଙ୍କ ପାଇଁ ୧୫ ଲକ୍ଷ ଟଙ୍କାର ସୁନାର ଆଇ-ଫୋନ କଭର

ରାଜକୋଟ, ୧୪।୧ (ଏଜେନ୍ସି): ସାରା ବିଶ୍ୱରେ ବିରାଟ କୋହଲିଙ୍କ ଲକ୍ଷ ଲକ୍ଷ ପ୍ରଶଂସକ ରହିଛନ୍ତି। କୋହଲିଙ୍କ ଝଲକ ଟିକେ ପାଇବାକୁ ତାଙ୍କ ପ୍ରଶଂସକ ପାଗଳ। ରାଜକୋଟରେ ବୁଧବାର ଅନୁଷ୍ଠିତ ନ୍ୟୁଜିଲାଣ୍ଡ ବିପକ୍ଷ ଦ୍ୱିତୀୟ ଦିନିକିଆ ମ୍ୟାଚରେ ଏଭଳି ଜଣେ କୋହଲି ପ୍ରେମୀ ପ୍ରଶଂସକଙ୍କୁ ଦେଖିବାକୁ ମିଳିଥିଲା। ସେ ହେଲେ ସୁରଟର ଅଙ୍କିତ ପଟେଲ। ଅଙ୍କିତଙ୍କୁ ଏକ ସ୍ୱତନ୍ତ୍ର ଆଇଫୋନ କଭର ସହିତ ଦେଖିବାକୁ ମିଳିଥିଲା। ଏହି ଆଇଫୋନ କଭରଟି ସୁନାରେ ତିଆରି ହୋଇଛି। ଏଥିରେ କୋହଲିଙ୍କ ଛବି ଖୋଦିତ ହୋଇଥିଲା। ସୁନାରେ ନିର୍ମିତ ଏହି ଆଇଫୋନ କଭରର ମୂଲ୍ୟ ୧୫ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଉଛି। ଅଙ୍କିତ ଏହି କଭରଟି କୋହଲିଙ୍କୁ ଉପହାର ଦେବାକୁ ଆଣିଥିବା କହିଛନ୍ତି। ସୁନାରେ ତିଆରି ହୋଇଥିବା ଏହି ଆଇ-ଫୋନ୍ କଭର ସହ ଅଙ୍କିତଙ୍କ ଭିଡିଓ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହୋଇଛି। ତେବେ କୋହଲିଙ୍କୁ ଭେଟି ଅଙ୍କିତ ଏହି ଉପହାର ତାଙ୍କୁ ପ୍ରଦାନ କରିଛନ୍ତି କି ନାହିଁ ସେ ନେଇ କୌଣସି ରିପୋର୍ଟ ପ୍ରକାଶ ପାଇନାହିଁ। ପୂର୍ବରୁ ମଧ୍ୟ କୋହଲିଙ୍କୁ ତାଙ୍କ ପ୍ରଶଂସକ ବ୍ରେସଲେଟ୍ ଭଳି ଦାମୀ ଉପହାର ଦେଇଥିବାର ନଜର ରହିଛି।




■ ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗ


## ୫୩ ମାସ ପରେ ରୋହିତଙ୍କୁ ହଟାଇ ଶୀର୍ଷରେ ବିରାଟ

ଦୁବାଇ, ୧୪।୧ (ଏଜେନ୍ସି): ବ୍ୟାଟିଂ ସୁପରଷ୍ଟାର୍ ବିରାଟ କୋହଲି ଦୀର୍ଘ ୫୩ ମାସ ପରେ ଆଇସିସି ଦିନିକିଆ ର୍‍ୟାଙ୍କିଙ୍ଗର ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ଆଇସିସି ପକ୍ଷରୁ ସଦ୍ୟ ପ୍ରକାଶିତ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ କୋହଲି ୨ଟି ସ୍ଥାନ ଉପରକୁ ଉଠି ଏକ ନମ୍ବରରେ ରହିଛନ୍ତି। ଏହିକ୍ରମରେ ସାଥୀ ଖେଳାଳି ରୋହିତ୍ ଶର୍ମାଙ୍କୁ ପଛରେ ପକାଇ ଦେଇଛନ୍ତି କୋହଲି। ରୋହିତ ୨ଟି ସ୍ଥାନ ହରାଇ ଶୀର୍ଷରୁ ୩ୟକୁ ଖସିଯାଇଛନ୍ତି।

କୋହଲି ଶେଷଥର ଲାଗି ୨୦୨୧ ଜୁଲାଇରେ ଦିନିକିଆ ବ୍ୟାଟିଂ ତାଲିକାର ଏକ ନମ୍ବର ସ୍ଥାନରେ ରହିଥିଲେ। ଟେଷ୍ଟ ଓ ଟି-୨୦ରୁ ଅବସର ନେଇସାରିଥିବା କୋହଲି ଶେଷ ୬ଟି ଦିନିକିଆ ମ୍ୟାଚରେ ଯଥାକ୍ରମେ ୭୪*, ୧୩୫, ୧୦୨, ୬୫*, ୯୩ ଓ ୨୩ ରନ ସଂଗ୍ରହ କରିଛନ୍ତି। ଏହି ଦମ୍‌ଦାର ପ୍ରଦର୍ଶନ ଆଧାରରେ କୋହଲି ୨୦୨୧ ପରେ ପ୍ରଥମଥର ଲାଗି ଶୀର୍ଷ ସ୍ଥାନକୁ ଫେରିଛନ୍ତି। ଦୀର୍ଘ ୧୬ ବର୍ଷର ଦିନିକିଆ କ୍ୟାରିୟରରେ କୋହଲି ଏହାକୁ ମିଶାଇ ୧୧ଥର ଲାଗି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି। ୨୦୧୩ରେ ପ୍ରଥମଥର ପାଇଁ ସେ ଶୀର୍ଷ ସ୍ଥାନ ଲାଭ କରିଥିଲେ। ସଦ୍ୟ ର୍‍ୟାଙ୍କିଙ୍ଗ୍‌ରେ କୋହଲିଙ୍କ ପଛକୁ ଡାରୀଲ ମିଚେଲ ୨ୟ, ରୋହିତ୍ ୩ୟ, ଇବ୍ରାହିମ ଜର୍ଦାନ ୪ର୍ଥ ଓ ଶୁବମାନ ଗିଲ୍ ୫ମ ସ୍ଥାନରେ ରହିଛନ୍ତି। ଶ୍ରେୟସ ଆୟର ଓ ଲୋକେଶ ରାହୁଲ ଯଥାକ୍ରମେ ତାଲିକାର ୧୦ମ ଓ ୧୧ତମ ସ୍ଥାନ ହାସଲ କରିଛନ୍ତି।

## ଦିଲ୍ଲୀର ବାୟୁ ବିପଦପୂର୍ଣ୍ଣ | ଇଣ୍ଡିଆ ଓପନରୁ ଓହରିଲେ ଡେନମାର୍କର ସଟଲର୍

ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି): ଦିଲ୍ଲୀର ଚିନ୍ତାଜନକ ବାୟୁ ପ୍ରଦୂଷଣରସ୍ତର ଅର୍ନ୍ତଜାତୀୟ କ୍ରୀଡ଼ାକୁ ପ୍ରଭାବିତ କରିଛି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଏରେନାରେ ଚାଲିଥିବା ଇଣ୍ଡିଆ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରୁ ବୁଧବାର ଡେନମାର୍କର ଖେଳାଳି ଆନ୍ଦ୍ରେସ ଆଣ୍ଟୋନସେନ ଓହରିଯାଇଛନ୍ତି। ଦିଲ୍ଲୀର ବାୟୁ ଗୁଣବତ୍ତା ଅତ୍ୟନ୍ତ ବିପଦପୂର୍ଣ୍ଣ। ଏହି ସମୟରେ ଦିଲ୍ଲୀ ବ୍ୟାଡ୍‌ମିଣ୍ଟନ ଆୟୋଜନ ଲାଗି ଉତ୍ତମ ସ୍ଥାନ ନୁହେଁ। ଖେଳାଳିମାନେ ଶ୍ୱାସକ୍ରିୟା ନେବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆୟୋଜକଙ୍କୁ ଏଭଳି କଡ଼ା ଭାଷାରେ ଟିପ୍ପଣୀ ଦେଇ ୨୮ ବର୍ଷୀୟ ଆଣ୍ଟୋନସେନ ଇଣ୍ଡିଆ ଓପନ୍‌ରୁ ଓହରିଯାଇଛନ୍ତି। ଏହି ଡେନମାର୍କ ଖେଳାଳି କ୍ରମାଗତ ୩ୟ ବର୍ଷ ଲାଗି ସମାନ କାରଣ ଦର୍ଶାଇ ଟୁର୍ଣ୍ଣାମେଣ୍ଟ ନ ଖେଳିବାକୁ ନିଷ୍ପତ୍ତି ନେଇଛନ୍ତି। ସାମାଜିକ ଗଣମାଧ୍ୟମରେ ସେ ଦିଲ୍ଲୀର ଏକ୍ୟୁଆଇର ସ୍କ୍ରିନ ସଟ୍ ସେୟାର କରି ଭେନ୍ୟୁକୁ ନେଇ ସମାଲୋଚନା କରିବାକୁ ପଛାଇ ନ ଥିଲେ। ଗତ ସପ୍ତାହରେ ଅନୁଷ୍ଠିତ ମାଲେସିଆ ଓପନରେ ସେ ସେମିଫାଇନାଲକୁ ଉନ୍ନିତ ହୋଇଥିଲେ। ଆଣ୍ଟୋନସେନଙ୍କ ଏଭଳି ଅଭିଯୋଗ ଏବେ ବିଶ୍ୱ କ୍ରୀଡ଼ାରେ ଭାରତକୁ ଲଜ୍ଜିତ କରିଛି ଓ ବଡ଼ ବିତର୍କ ସୃଷ୍ଟି କରିଛି। ଗତକାଲି ଡେନମାର୍କର ଅନ୍ୟଜଣେ ମହିଳା ବ୍ୟାଡ୍‌ମିଣ୍ଟନ ଖେଳାଳି ମିଆ ବ୍ଲିଚଫେଲ୍ଡ୍‌ଟ ସ୍ୱଚ୍ଛତାକୁ ନେଇ ମଧ୍ୟ ପ୍ରଶ୍ନ ଉଠାଇଥିଲେ।



## ଟି-୨୦ ବିଶ୍ୱକପ୍: ଦୀଲପ୍ରୀତ୍ କାନାଡା ଅଧିନାୟକ

ଟରଣ୍ଟୋ,୧୪।୧(ଏଜେନ୍ସି): ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି କାନାଡା କ୍ରିକେଟ ଦଳ ଘୋଷଣା କରାଯାଇଛି। ଆଫଗାନିସ୍ତାନ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା ଓ ୟୁଏଇ ସହ ସ୍ଥାନ ପାଇଥିବା କାନାଡାର ନେତୃତ୍ୱ ନେବେ ଦୀଲପ୍ରୀତ୍ ବାଜ୍‌ୱା। ଦଳ କେବଳ ଆୟର୍ଲାଣ୍ଡକୁ ହରାଇଥିଲା। ଫେବୃଆରୀ ୯ରେ ଦକ୍ଷିଣ ଆଫ୍ରିକା ସହ ଖେଳି କାନାଡା ଅଭିଯାନ ଆରମ୍ଭ କରିବ। ୧୩ରେ ୟୁଏଇ, ୧୭ରେ ନ୍ୟୁଜିଲାଣ୍ଡ ଓ ୧୯ରେ ଆଫଗାନିସ୍ତାନ ସହ କାନାଡାର ମୁକାବିଲା ହେବ।

**ଘୋଷିତ ଦଳ:** ଦୀଲପ୍ରୀତ୍ ବାଜ୍‌ୱା (ଅଧିନାୟକ), ଅଜୟବୀର ହୁଣ୍ଡାଲ, ଅଂଶ ପଟେଲ, ଡିଲନ ହେଲୀଗର, ହର୍ଷ ଠାକର, ଜସକରନଦୀପ ଭୁଟର, କଲୀମ ସନା, କନୱରପାଲ ତଥାଗର, ନଭନିତ ଧାଲିୱାଲ, ନିକୋଲାସ କିର୍ଟନ, ରବିନ୍ଦରପାଲ ସିଂହ, ସାଦ୍ ବିନ୍ ଜାଫର, ଶିବମ ଶର୍ମା, ଶ୍ରେୟସ ମୋଭା, ଯୁବରାଜ ଶର୍ମା।

## ଡବ୍ଲ୍ୟୁପିଏଲ୍: କ୍ୟାପିଟାଲ୍ସର ପ୍ରଥମ ଜିତ୍

ନଭି ମୁମ୍ବଇ, ୧୪।୧ (ଏଜେନ୍ସି): ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚଳିତ ସଂସ୍କରଣରେ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମ ବିଜୟ ହାସଲ କରିଛି। ବୁଧବାର ଅନୁଷ୍ଠିତ ଏକ ମ୍ୟାଚରେ ଜେମିମା ରୋଡ୍ରିଗ୍ସେଜଙ୍କ ନେତୃତ୍ୱାଧୀନ କ୍ୟାପିଟାଲ୍ସ ୭ ୱିକେଟ୍‌ରେ ୟୁପି ୱାରିୟର୍ଜକୁ ପରାସ୍ତ କରିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ୱାରିୟର୍ଜ ୨୦ ଓଭରରେ ୮ ୱିକେଟ ହରାଇ ୧୫୪ ରନ ସଂଗ୍ରହ କରିଛି। ଦଳ ପକ୍ଷରୁ ଅଧିନାୟିକା ମେଗ୍ ଲାନ୍ନିଂ ୩୮ ବଲରୁ ୫୪ ରନର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହର୍ଲିନ ଦେଓଲ ୪୭ ରନରେ ରିଟାୟର୍ଡ ଆଉଟ୍ ହୋଇଥିଲେ। ବୋଲିଂରେ ଶେଫାଳି ବର୍ମା ଓ ମାରିଜନ କାପ୍ପଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ଜବାବରେ କ୍ୟାପିଟାଲ୍ସ ଓପନର୍ ଲିଜେଲି ଲି’ଙ୍କ ଅର୍ଦ୍ଧଶତକ ସହାୟତାରେ ଇନିଂସର ଶେଷ ବଲ୍‌ରେ ୩ ୱିକେଟ୍ ହରାଇ ବିଜୟ ଲାଭ କରିଥିଲା। ଦକ୍ଷିଣ ଆଫ୍ରିକୀୟ ବ୍ୟାଟର୍ ଲି କ୍ରମାଗତ ୨ୟ ଅର୍ଦ୍ଧଶତକୀୟ ପାଳି ଖେଳି ୪୪ ବଲରେ ୬୭ ରନ କରିଥିଲେ। ଓପନର୍ ଶେଫାଳି ବର୍ମା ୩୨, ଅଧିନାୟିକା ରୋଡ୍ରିଗ୍ସେଜ ୨୧, ଲୌରା ୱଲଭାର୍ଡଟ ୨୫ ରନ କରିଥିଲେ। ତୃତୀୟ ମୁକାବିଲାରୁ ଦିଲ୍ଲୀର ଏହା ପ୍ରଥମ ବିଜୟ ଥିଲା। ଗୁରୁବାର ୟୁପି ୱାରିୟର୍ଜ ଓ ମୁମ୍ବାଇ ମଧ୍ୟରେ ପରବର୍ତ୍ତୀ ମ୍ୟାଚ୍ ଖେଳାଯିବ।

## କିଟ୍‌ରେ ଅନ୍ତର୍ଜାତୀୟ ଚେସ୍ କର୍ମଶାଳା

ଭୁବନେଶ୍ୱର,୧୪।୧ (ସମିସ): ବିଶ୍ୱରେ ଚେସ୍ ଖେଳକୁ ଲୋକପ୍ରିୟ କରାଇବା ଓ ଘରେ ଘରେ ପହଞ୍ଚାଇବା ଲାଗି ଅଣ୍ଟା ଭିଡିଛି ଅନ୍ତର୍ଜାତୀୟ ଚେସ୍ ମହାସଂଘ (ଫିଡେ)। ସାମାଜିକ ଓ ଶିକ୍ଷାରେ ଚେସ୍ ସମ୍ପର୍କିତ ଅନ୍ତର୍ଜାତୀୟ କର୍ମଶାଳାରୁ ଫିଡେର ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଫିଡେ, ସର୍ବଭାରତୀୟ ଚେସ ସଂଘ ଓ କିଟ୍ ୟୁନିଭର୍ସିଟିର ମିଳିତ ସହଯୋଗରେ ଏପରି ଏକ କର୍ମଶାଳା ଆଜି ଏକ ଘରୋଇ ହୋଟେଲରେ ଚେସ୍ କିଂବଦନ୍ତି ବିଶ୍ୱନାଥନ ଆନନ୍ଦ ଆନୁଷ୍ଠାନିକ ଉଦ୍‌ଘାଟନ କରିଛନ୍ତି। ଫିଡେ ସଭାପତି ଆର୍କାଡି ଡିଭୋର୍କେଭିଚ୍, ଉପସଭାପତି ମିସ୍ ଡାନା ରେଇଜନିସ୍, ଏଆଇସିଏଫ ସଭାପତି ନୀତୀନ ନାରଙ୍ଗ, ସମ୍ପାଦକ ଦେବ ପଟେଲ ଓ କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ। ଶିକ୍ଷା ଓ ସାମାଜିକ ବିଧି ବ୍ୟବସ୍ଥାରେ ଚେସ୍‌କୁ କିପରି ପ୍ରୟୋଗ କରାଯାଇପାରିବ ସେ ସମ୍ପର୍କରେ ବିସ୍ତୃତ ସୂଚନା ଦିଆଯାଇଥିଲା। ଭାରତ ଏବେ ଚେସ ଖେଳରେ ଏକ ଶକ୍ତିଭାବେ ଉଭା ହୋଇଛି ଓ ଓଡ଼ିଶାର ରାଜଧାନୀ ଭୁବନେଶ୍ୱର କ୍ରୀଡ଼ାରେ ଆନୁଷଙ୍ଗିକ ସୁବିଧା ସୁଯୋଗ ଯୋଗାଇଦେବାରେ ବିଶ୍ୱରେ ନାମ କରିଛି। ଏହା ଫଳରେ ଭୁବନେଶ୍ୱର ବିଶ୍ୱର ପ୍ରଥମ ସ୍ଥାନ ଓ କିଟ୍ ପ୍ରଥମ ଆୟୋଜକ ଭାବେ ଏହି କର୍ମଶାଳାକୁ ଆୟୋଜନ କରିଛି। ଚେସ୍‌କୁ ଶିକ୍ଷାରେ ପ୍ରୟୋଗ କରିବାକୁ ଫିଡେ ଯେଉଁ ଲକ୍ଷ୍ୟ ରଖିଛି ତାହା ଏହି କର୍ମଶାଳା ପରେ ନିଶ୍ଚୟ କିଛିମାତ୍ରାରେ ସଫଳ ହେବ।




## ଇଣ୍ଡିଆ ଓପନ୍ | ପ୍ରଥମ ରାଉଣ୍ଡରୁ ସିନ୍ଧୁ ବିଦା; ପଣ୍ଡା ଭଉଣୀ ମଧ୍ୟ ନିରାଶ

ନୂଆଦିଲ୍ଲୀ, ୧୪।୧ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଇଣ୍ଡିଆ ଓପନ୍ ସୁପର୍-୭୫୦ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରୁ ବିଦାୟ ନେଇଛନ୍ତି। ସ୍ଥାନୀୟ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡ ମ୍ୟାଚରେ ସିନ୍ଧୁ ୨୨-୨୦, ୧୨-୨୧, ୧୫-୨୧ ଗେମ୍‌ରେ ଭିଏତ୍‌ନାମର ଥୁୟ ଲିନ ଗୁୟେନଙ୍କଠାରୁ ପରାସ୍ତ ହୋଇଛନ୍ତି। ଏକ ଘଣ୍ଟା ୮ ମିନିଟ୍ ଧରି ଲଢ଼େଇ କରିଥିଲେ ମଧ୍ୟ ସିନ୍ଧୁ ଶେଷରେ ନିରାଶ ହୋଇଥିଲେ। ମହିଳା ବିଭାଗର ଅନ୍ୟ ଏକ ମ୍ୟାଚରେ ମାଳବିକା ବଂଶୋଦ ୨୧-୧୮, ୨୧-୧୯ ସିଧାସଳଖ ଗେମରେ ଚାଇନିଜ ତାଇପେଇର ପାଇ ୟୁ ପୋ’ଙ୍କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ପୂର୍ବତନ ଏକ ନମ୍ବର ଖେଳାଳି କିଦାମ୍ବି ଶ୍ରୀକାନ୍ତ ୧୫-୨୧, ୨୧-୬, ୨୧-୧୯ରେ ନିଜ ଦେଶର ତରୁଣ ମାନ୍ନେପାଲ୍ଲିଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପହଞ୍ଚିଛନ୍ତି। ତେବେ ମହିଳା ଡବଲ୍ସରେ ଓଡ଼ିଶାର ପଣ୍ଡା ଭଗିନୀ ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ମଧ୍ୟ ପ୍ରଥମ ରାଉଣ୍ଡରେ ହାରି ବିଦାୟ ନେଇଛନ୍ତି। ଋତୁପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଯୋଡ଼ି ୮-୨୧, ୧୮-୨୧ ସିଧାସଳଖ ଗେମରେ ଜାପାନ ଯୋଡ଼ିଙ୍କ ନିକଟରୁ ହାରିଯାଇଥିଲେ।

▶ ଆଜିଠାରୁ ୧୯ ବର୍ଷରୁ କମ୍ ବିଶ୍ୱକପ୍ କ୍ରିକେଟ

## ଭାରତ-ଆମେରିକା ପ୍ରଥମ ମୁକାବିଲା

ବୁଲାୱାୟୋ,ହରାରେ,ୱିଣ୍ଡୋହକ୍,୧୪।୧ (ଏଜେନ୍ସି): ଜିମ୍ବାୱେ ଓ ନାମିବ୍ୟାରେ ଆସନ୍ତାକାଲିଠାରୁ ୧୯ ବର୍ଷରୁ କମ୍ କ୍ରିକେଟ ବିଶ୍ୱକପ୍‌ର ୧୬ତମ ସଂସ୍କରଣ ଖେଳାଯିବ। ଏଥର ୧୬ଟି ଦଳ ୫୦ ଓଭର ବିଶିଷ୍ଟ ଏହି ଦିନିକିଆ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରୁଛନ୍ତି। ଏଗୁଡିକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ୩ଟି ପର୍ଯ୍ୟାୟରେ ଜିମ୍ବାୱେ ଓ ନାମିବ୍ୟାରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ଅଂଶଗ୍ରହଣକାରୀ ଦଳକୁ ୪ଟି ଗ୍ରୁପ୍‌ରେ ଭାଗକରାଯାଇଛି। ଉଭୟ ଦେଶରେ ୧୨ଟି ଲେଖାଏଁ ମ୍ୟାଚ୍ ଲିଗ୍ ପର୍ଯ୍ୟାୟରେ ଖେଳାଯିବ। ଏହା ପରେ ପ୍ରତ୍ୟେକ ଗ୍ରୁପ୍‌ର ଦୁଇ ଦଳ ସୁପର ସିକ୍ସକୁ ଉନ୍ନୀତ ହେବେ। ଏଥିରେ ମଧ୍ୟ ମ୍ୟାଚ୍ ଗୁଡିକ ଉଭୟ ଦେଶରେ ଅନୁଷ୍ଠିତ ହେବ। ଜିମ୍ବାୱେରେ ସମସ୍ତ ନକ୍‌ଆଉଟ ମ୍ୟାଚ୍ ଖେଳାଯିବ। ଫେବୃଆରୀ ୩ ଓ ୪ରେ ସେମିଫାଇନାଲ, ୬ରେ ଫାଇନାଲ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ମ୍ୟାଚ୍ ଗୁଡିକ ଭାରତୀୟ ସମୟ ଅପରାହ୍ଣ ୧ଟାରୁ ଆରମ୍ଭ ହେବ। ଜିମ୍ବାୱେର ହରାରେ ଓ ବୁଲାୱାୟୋ, ନାମିବ୍ୟାର ୱିଣ୍ଡୋହକ୍‌ରେ ସମସ୍ତ ମ୍ୟାଚ୍ ଖେଳାଯିବ। ଅଂଶଗ୍ରହଣକାରୀ ଦଳଗୁଡିକ ମଧ୍ୟରେ ୫ଥରର ଚାମ୍ପିଅନ ଭାରତ, ଗତଥରସହ ୪ଟି ଟାଇଟ୍ ଜିତିଥିବା ଅଷ୍ଟ୍ରେଲିଆ, ୨ଥରର ଚାମ୍ପିଅନ ପାକିସ୍ତାନ, ଇଂଲଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ବାଂଲାଦେଶ ଥରେ ଲେଖାଏଁ ଏହି ଟୁର୍ଣ୍ଣାମେଣ୍ଟରେ ଟାଇଟଲ ବିଜୟୀ ହୋଇଛନ୍ତି। ଏମାନଙ୍କ ସହ ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ଆୟର୍ଲାଣ୍ଡ ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ଜିମ୍ବାୱେକୁ ସିଧାସଳଖ ଯୋଗ୍ୟତା ମିଳିଛି, କିନ୍ତୁ ଟୁର୍ଣ୍ଣାମେଣ୍ଟ ଆୟୋଜକ ହୋଇଥିଲେ ମଧ୍ୟ ନାମିବ୍ୟା ଏଠାରେ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇନାହିଁ। ଏମାନଙ୍କ ବ୍ୟତୀତ ଆଫଗାନିସ୍ତାନ, ଜାପାନ, ଆମେରିକା, ସ୍କଟଲାଣ୍ଡ ଓ ଆଶ୍ଚର୍ଯ୍ୟଜନକ ଭାବେ ତାଞ୍ଜାନିଆ ଯୋଗ୍ୟତା ଅର୍ଜନ କରିଛି।

ଆସନ୍ତାକାଲି ଭାରତ ଓ ଆମେରିକା ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଖେଳାଯିବ। ଏହି ମ୍ୟାଚ୍‌ଟି ବୁଲାୱାୟୋରେ ଅନୁଷ୍ଠିତ ହେବ। ଆସନ୍ତାକାଲି ଏକା ସଙ୍ଗେ ହରାରେରେ ଜିମ୍ବାୱେ ବନାମ ସ୍କଟ୍‌ଲାଣ୍ଡ ଓ ୱିଣ୍ଡୋହକ୍‌ରେ ତାଜାନିଆ ଓ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଖେଳାଯିବ। ଭାରତ ତାହାର ଅନ୍ୟ ଦୁଇଟି ମ୍ୟାଚ୍ ବାଂଲାଦେଶ ସହ ୧୭ରେ ଓ ନ୍ୟୁଜିଲାଣ୍ଡ ସହ ୨୪ରେ ଖେଳିବ।

**ଭାରତୀୟ ଦଳ:** ଆୟୁଷ ମାହତ୍ରେ, ବୈଭବ ସୂର୍ଯ୍ୟବଂଶୀ, ଆରନ ଜର୍ଜ, ବିହାନ ମାଲହୋତ୍ରା, ବେଦାନ୍ତ ତ୍ରିବେଦୀ, ଅଭିଜ୍ଞାନ କୁଣ୍ଡୁ (ୱିକେଟରକ୍ଷକ), କନିସ୍କ ଚୋହାନ, ଖୀଲନ ପଟେଲ, ଦୀପେଶ ଦେବେନ୍ଦ୍ରନ, କିଶନ କୁମାର ସିଂ, ହେନିଲ ପଟେଲ୍, ଉଧବ ମୋହନ, ଆର୍‌ଏସ୍ ଅମ୍ବରୀଶ, ମହମ୍ମଦ୍ ଏନାନ, ହରବଂଶ ପାଙ୍ଗାଲିଆ।




### ପୁରୁଷ ହକି ଇଣ୍ଡିଆ ଲିଗ୍

## ଚତୁର୍ଥ ବିଜୟ ସହ ଶୀର୍ଷରେ କଳିଙ୍ଗ ଲାନ୍ସର୍ସ

ରାଞ୍ଚି,୧୪।୧(ଏଜେନ୍ସି):

ହାଇଦ୍ରାବାଦ୍ ତୁଫାନ୍ସକୁ ୧-୦ ଗୋଲରେ ପରାସ୍ତ କରି ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଟିମ୍ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ପୁରୁଷ ହକି ଇଣ୍ଡିଆ ଲିଗ୍‌ର ପଏଣ୍ଟ ଟେବଲର ଶୀର୍ଷସ୍ଥାନ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ସମ ଦକ୍ଷତା ସମ୍ପନ୍ନ ଦଳ ମଧ୍ୟରେ ଅନୁଷ୍ଠିତ ଏହି ମୁକାବିଲାଟି ବେଶ ପ୍ରତିଦ୍ୱନ୍ଦ୍ୱିତାମୂଳକ ହୋଇଥିଲା। ଏହି ବିଜୟ ଫଳରେ କଳିଙ୍ଗ ତାହାର ପ୍ରଥମ ୪ଟି ମୁକାବିଲାରେ ୪ଟିରେ ବିଜୟୀ ହୋଇଛି। ଏଯାଏ ଅପରାଜେୟ ରହିଥିବା କଳିଙ୍ଗ ଲାନ୍ସର୍ସ ଟିମ୍ ଏଠାରେ ତାହାର ଲିଗ୍ ପର୍ଯ୍ୟାୟ ଶେଷ କରିଛି। ୭ଟି ଲିଗ୍ ମୁକାବିଲାରୁ ଦଳ ୪ଟି ଖେଳିସାରିଛି। ଅବଶିଷ୍ଟ ୩ଟି ମ୍ୟାଚ୍ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳିବ। ଏହା ମଧ୍ୟରୁ ଜାନୁଆରୀ ୧୭ରେ ଏସ୍‌ଜି ପାଇପର୍ସ, ୧୮ରେ ତାମିଲନାଡୁ ଡ୍ରାଗନ୍ସ ଓ ୧୯ରେ ସୁରମା ହକି କ୍ଲବ୍ ସହ ମୁକାବିଲା କରିବ।

ଆଜିର ମୁକାବିଲାରେ ଉଭୟ ଦଳ ଜୋରଦାର ମୁକାବିଲା କରିଥିଲେ। ଉଭୟ ଦଳ ସମାନ ସୁଯୋଗ ସୃଷ୍ଟି କରିଥିଲେ। କିନ୍ତୁ ତୁଫାନ୍ସର ଗୋଲରକ୍ଷକ ଜିନ୍-ପଲ ଡାନେବର୍ଗ ଚମତ୍କାର ଗୋଲ ରକ୍ଷା କରି ମ୍ୟାଚ୍‌କୁ ଆକର୍ଷଣୀୟ କରିଥିଲେ। ଏହି ଦଳ ମଧ୍ୟ କଳିଙ୍ଗ ଅପେକ୍ଷା ଅଧିକ ସମୟ ବଲ ନିୟନ୍ତ୍ରଣରେ ରଖିଥିଲା। ଖେଳର ୪୦ତମ ମିନିଟ୍‌ରେ କଳିଙ୍ଗ ଲାନ୍ସର୍ସକୁ ପେନାଲ୍ଟି କର୍ଣ୍ଣର ମିଳିଥିଲା। ଏଥିରେ ଦଳର ତାରକା ଖେଳାଳି ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସ ଗୋଲ ଦେଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ଗୋଲ ଦେବା ପରେ କଳିଙ୍ଗର ଆକ୍ରମଣ ବୃଦ୍ଧି ପାଇଥିଲା ଓ ଅଧିକ ସମୟ ବଲ ନିୟନ୍ତ୍ରଣରେ ରଖିଥିଲା। କିନ୍ତୁ ତୁଫାନ୍ସର ରକ୍ଷଣଭାଗ ମଧ୍ୟ ଦୃଢ଼ ଥିଲା। ଖେଳାଳିଙ୍କର ସମସ୍ତ ଚେଷ୍ଟା ସତ୍ତ୍ୱେ ଚତୁର୍ଥ କ୍ୱାର୍ଟର ଗୋଲ୍ ଶୂନ୍ୟ ରହିଥିଲା।



### ହ୍ୟାଟ୍ରିକ୍ ସହ ବୁନ୍‌ଙ୍କ ୫ ଗୋଲ

ଆଜି ଖେଳାଯାଇଥିବା ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ ରାଞ୍ଚି ରୟାଲ୍ସ ୬-୨ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରି ପୂରା ପଏଣ୍ଟ ହାସଲ କରିଛି। ରାଞ୍ଚି ପକ୍ଷରୁ ଟମ୍ ବୁନ୍ ହ୍ୟାଟ୍ରିକ ସହ ଏକାକୀ ୫ଟି ଗୋଲ ସ୍କୋର କରିଛନ୍ତି। ମନଦୀପ ସିଂ ପ୍ରଥମ ଗୋଲଟି ଦେଇଥିଲେ। ଥୋମାସ ଡୋମେନ ଓ ଗାରେଥ ଫର୍ଲଙ୍ଗ ଗୋଟିଏ ଲେଖାଏଁ ଗୋଲ ଶୁଝାଇଥିଲେ।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS